# ଧରିତ୍ରୀ
DHARITRI
50 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୩୧/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, July 31/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 247 | ମୂଲ୍ୟ₹୭/-





**ବ୍ରିଟେନ୍ ବ୍ୟବସାୟୀଙ୍କୁ ଡେଟ୍ କରୁଛନ୍ତି କ୍ରିତି**
ବ୍ରିଟେନ୍‌ର କୋଟିପତି ବ୍ୟବସାୟୀ କବୀର ବହିଆଙ୍କ ସହ ଅଭିନେତ୍ରୀ କ୍ରିତି ସାନନ୍ ଡେଟ୍ କରୁଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। **୦୨**

**୧୬** **ପ୍ରି-କ୍ୱାର୍ଟରରେ ଭଜନ କୌର**
ପ୍ୟାରିସ ଅଲିମ୍ପିକ୍ସ ମହିଳା ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ତୀରନ୍ଦାଜ ଭଜନ କୌର।




# ୱାୟନାଡ୍‌ରେ ଭୂସ୍ଖଳନ: ୧୨୩ ମୃତ

**ଥିରୁଭାନନ୍ତପୁରମ୍,୩୦।୭**

କେରଳର ୱାୟନାଡ୍ ଜିଲାରେ ଭୟାବହ ଭୂସ୍ଖଳନରେ ଅନ୍ୟୂନ ୧୨୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨୮ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୋମବାର ରାତି ୨ଟା ଏବଂ ଭୋର ୪ଟା ୩୦ ମିନିଟ୍ ସମୟରେ ଭୂସ୍ଖଳନ ହେବାରୁ ବହୁ ଘର ଓ ଶତାଧିକ ପରିବାର ଭାସିଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାଟି ଅତଡ଼ା ତଳେ ବହୁ ଲୋକ ପୋତିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନଦୀଗୁଡ଼ିକରେ ବନ୍ୟା ଆସିବା ସହ ଗଛ ଉପୁଡ଼ିପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଉଦ୍ଧାର କାର୍ଯ୍ୟରେ ପୋଲିସ, ଅଗ୍ନିଶମ କର୍ମଚାରୀ, ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ୨୨୫ ଜଣ ସେନା ଯବାନ ମୁତୟନ ହୋଇଥିବାବେଳେ ସହାୟତା ପାଇଁ ବାୟୁସେନାର ୨ଟି ହେଲିକପ୍ଟର ନିୟୋଜିତ ହୋଇଛି। ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ କାଲିକଟ୍‌ଠାରେ ଏକ କଣ୍ଟ୍ରୋଲ ସେଣ୍ଟର ଖୋଲାଯାଇଛି। ଉଦ୍ଧାର କାର୍ଯ୍ୟରେ ନୌସେନାର ଏକ ଟିମ୍ ମଧ୍ୟ ସହାୟତା କରୁଥିବା କେରଳ ମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି।

ଭୂସ୍ଖଳନ ଯୋଗୁ ମୁଣ୍ଡାକାଇ, ଚୂରାଲମାଲା, ଆତ୍ତାମାଲା ଏବଂ ନୂଲପୁଝା ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହେବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ମାଟି ଅତଡ଼ା ଖସିବା ପରେ କାଦୁଅ ପାଣି ମାଡ଼ିଆସିବାରୁ ମୁଣ୍ଡାକାଇ ସହର ସମ୍ପୂର୍ଣ୍ଣ ଭାସିଯାଇଛି। ଭୂସ୍ଖଳନ ଯୋଗୁ କେତେକ ଜଳଉତ୍ସର ଗତିପଥ ପରିବର୍ତ୍ତନ ହୋଇ ଜନବସତିକୁ ମାଡ଼ିଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାହାଡ଼ରୁ ବଡ଼ ବଡ଼ ପଥର ଖସି ରାସ୍ତା ବନ୍ଦ ହୋଇଯାଇଥିବାରୁ ଉଦ୍ଧାରକାରୀ ଟିମ୍ ପାଇଁ ପ୍ରତିବନ୍ଧକ ସାଜିଛି। ଜଳସ୍ରୋତରେ ଭାସିଯାଇଥିବା ୧୭ ମୃତଦେହକୁ ବହୁ କିଲୋମିଟର ଦୂର ଚାଲିୟାର ନଦୀରୁ ଜବତ କରାଯାଇଛି। ମୃତଦେହଗୁଡ଼ିକୁ ବିଭିନ୍ନ ହସ୍ପିଟାଲର ଶବାଗାରକୁ ନିଆଯାଇ ପରିଚୟ ଚିହ୍ନଟ ଓ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ କହିବା ଅନୁଯାୟୀ ୩୪ ମୃତଦେହ ଚିହ୍ନଟ ହୋଇଥିବାବେଳେ ୧୮ଟିକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ପରିଚୟ ଜାଣିବା ପାଇଁ ଡିଏନ୍‌ଏ ପରୀକ୍ଷା କରାଯାଉଛି। ଉଦ୍ଧାର ହୋଇଥିବା ୧୨୮ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। କେରଳ ସରକାର ମୃତକମାନଙ୍କ ପାଇଁ ମଙ୍ଗଳବାରଠାରୁ ୨ ଦିନିଆ ଶୋକଦିବସ ଘୋଷଣା କରିଥିବାରୁ ସମସ୍ତ ସରକାରୀ ଉତ୍ସବ ସ୍ଥଗିତ ରହିଛି।

ଭୂସ୍ଖଳନ ଯୋଗୁ ବାସହରା ହୋଇଥିବା ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୱାୟନାଡ୍‌ରେ ୪୫ଟି ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲାଯାଇଥିବା ବିଜୟନ କହିଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଓ ପ୍ରଭାବିତ ଅଞ୍ଚଳର ପୁନଃନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିକୁ ଦାନ କରିବା ନିମନ୍ତେ ବିଜୟନ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି। କାରାମନ୍ଥୋଡ୍ଡୁ ନଦୀର ବାଣସୁରା ସାଗର ଡ୍ୟାମ୍ ଶଟର ଖୋଲାଯାଇଥିବାରୁ ନଦୀ ତଳମୁଣ୍ଡ ଏବଂ ଖାଲୁଆ ଅଞ୍ଚଳରେ ରହିଥିବା ଲୋକମାନଙ୍କୁ ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସମସ୍ତ ସରକାରୀ ସଂସ୍ଥା ନିୟୋଜିତ ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଦ୍ଧାର କାର୍ଯ୍ୟର ତଦାରଖ ପାଇଁ ୫ ଜଣ ମନ୍ତ୍ରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। କେରଳରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ୱାୟନାଡ୍ ସମେତ କୋଝିକୋଡ୍ ଜିଲାର ବିଲାଙ୍ଗଡ୍ଡୁ ଏବଂ ମାଲାୟଙ୍ଗଡ୍ଡୁ ଅଞ୍ଚଳରେ ମଧ୍ୟ ଭୂସ୍ଖଳନ ହୋଇଛି। ଏଥିରେ ଜଣେ ନିଖୋଜ ହେବା ସହ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। ଭୂସ୍ଖଳନ ଯୋଗୁ ବ୍ରିଜ୍ ଓ ରାସ୍ତା ଭାସିଯାଇଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳ ମୁଖ୍ୟମନ୍ତ୍ରୀ ବିଜୟନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ରାଜ୍ୟର ଏଭଳି ସଙ୍କଟ ସମୟରେ କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭୂସ୍ଖଳନରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ସହାୟତା ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବୁଧବାର ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୱାୟନାଡ୍ ଗସ୍ତ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।



କେରଳର ୱାୟନାଡରେ ମଙ୍ଗଳବାର ଭୂସ୍ଖଳନ ଯୋଗୁ ଘରଦ୍ୱାର ଭାସିଯାଇଛି। (ଫଟୋ-ପି.ଟି.)

## କେରଳରେ ଓଡ଼ିଆ ଡାକ୍ତର ନିଖୋଜ

**ଚୌଦ୍ୱାର,୩୦।୭ (ଆଶୁତୋଷ ଦାସ)**



ସ୍ତ୍ରୀ ପ୍ରିୟଦର୍ଶିନୀଙ୍କ ସହ ଡା. ବିଷ୍ଣୁ ପ୍ରସାଦ ଚିନାରା

କେରଳ ବୁଲିବାକୁ ଯାଇଥିଲେ ୨ ଓଡ଼ିଆ ଡାକ୍ତର ଓ ସେମାନଙ୍କ ସ୍ତ୍ରୀ। ହେଲେ ସେଠାରେ ଘଟିଥିବା ଭୂସ୍ଖଳନରେ ଡାକ୍ତର ଦ୍ୱୟ ନିଖୋଜ ହୋଇଯାଇଥିବାବେଳେ ସେମାନଙ୍କ ସ୍ତ୍ରୀ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନିଖୋଜ ଡାକ୍ତରଙ୍କୁ ଉଦ୍ଧାର କରିବା ପାଇଁ ପରିବାର ଲୋକେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ଚୌଦ୍ୱାରସ୍ଥିତ ହାଉସିଂ ବୋର୍ଡ ଅଞ୍ଚଳରେ ରହୁଥିବା ହାଇଟେକ୍ ମେଡିକାଲର ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରା, ସ୍ତ୍ରୀ ତଥା ଡ୍ରିମ୍ସ କଲେଜ ଅଧ୍ୟାପିକା ପ୍ରିୟଦର୍ଶିନୀ, ଡା.ସ୍ୱାଧୀନ ପଣ୍ଡା ଓ ତାଙ୍କ ସ୍ତ୍ରୀ ସ୍ୱୀକୃତି ମହାପାତ୍ର ଗତ ୨୬ ତାରିଖରେ ବେଙ୍ଗାଲୁରୁ ଏବଂ କେରଳ ବୁଲିବାକୁ ଯାଇଥିଲେ। କେରଳର ୱାୟନାଡର ଲିନରା ଭିଲ୍ଲାରେ ରାତ୍ରିଯାପନ କରିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପଣ୍ଡିତଙ୍କ କାରନାମା




## ଆଇପିଏସ୍ ଅଫିସର ରାଜେଶ ପଣ୍ଡିତ ନିଲମ୍ବିତ



ପଣ୍ଡିତ ରାଜେଶ ଉତ୍ତମରାଓ

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

ଜଣେ ବିବାହିତ ମହିଳା ଇନ୍ସପେକ୍ଟରଙ୍କୁ ପ୍ରେମ ନିବେଦନ କରିବାକୁ ରାତିରେ ତାଙ୍କ ସରକାରୀ ବାସଭବନରେ ପଶିବା ସହ ତାଙ୍କ ସ୍ୱାମୀଙ୍କୁ ମାରଧର କରିବା ଅଗ୍ନିଶମ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କୁ ମହଙ୍ଗା ପଡ଼ିଛି। ୨୦୦୭ ବ୍ୟାଚ୍ ବରିଷ୍ଠ ଆଇପିଏସ୍ ଅଧିକାରୀ ☞ପୃଷ୍ଠା-୪

## ୧୮ ବଗି ଲାଇନଚ୍ୟୁତ: ରାଉରକେଲାର ୨ ମୃତ

**ଜାମଶେଦପୁର/ରାଞ୍ଚି,୩୦।୭ (ପି.ଟି.)**

ବର୍ଷକ ତଳେ ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଟ୍ରେନ ଦୁର୍ଘଟଣାରେ ୨୯୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଗତ ୬ ସପ୍ତାହ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଘଟିଥିବା ଅନେକ ଟ୍ରେନ୍ ଦୁର୍ଘଟଣାରେ ୧୭ ଜଣଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ମଙ୍ଗଳବାର ଝାଡ଼ଖଣ୍ଡର ବାରାବାମ୍ବୋ ନିକଟରେ ହାଓଡା-ମୁମ୍ବାଇ ମେଲ୍‌ର ୧୮ ବଗି ଲାଇନଚ୍ୟୁତ ହେବାରୁ ୨ ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବାରମ୍ବାର ଟ୍ରେନ ଦୁର୍ଘଟଣା ଘଟି ଚାଲିଥିବାରୁ ପାର୍ଲାମେଣ୍ଟରେ ବିରୋଧୀ ଦଳଗୁଡ଼ିକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଝାଡ଼ଖଣ୍ଡର ଷଢ଼େଇକଳା-ଖରସୁଆଁ ଜିଲାରେ ମଙ୍ଗଳବାର ଭୋର ସମୟରେ ହାଓଡ଼ା-ମୁମ୍ବାଇ ମେଲ୍‌ର ଅନ୍ୟୂନ ୧୮ଟି ବଗି ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାଉରକେଲା ମାଲଗୋଦାମ ଅଞ୍ଚଳର ଅଜିତ ସାମଲ ଓ ରେଳବାଇ କଲୋନୀର ପି.ବିକାଶ ରାଓ। ଜାମଶେଦପୁରଠାରୁ ୮୦ ☞ପୃଷ୍ଠା-୪



ଝାଡ଼ଖଣ୍ଡର ବାରାବାମ୍ବୋ ନିକଟରେ ମଙ୍ଗଳବାର ହାଓଡ଼ା-ମୁମ୍ବାଇ ମେଲ୍‌ର ୧୮ ବଗି ଲାଇନଚ୍ୟୁତ ହୋଇଛି।




**ପ୍ୟାରିସ୍ ଅଲିମ୍ପିକ୍ସ**

## ଇତିହାସ ରଚିଲେ ଭାକର

**ଚାଟାରକ୍ସ (ଫ୍ରାନ୍ସ), ୩୦।୭ (ପି.ଟି.)**

ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ୍‌ଭାବେ ଗୋଟିଏ ଅଲିମ୍ପିକ୍ସରେ ୨ଟି ପଦକ ଜିତି ଇତିହାସ ରଚିଛନ୍ତି ମନୁ ଭାକର। ପ୍ୟାରିସ ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାକର ଓ ସରବଜୋତ୍ ସିଂ ଯୋଡ଼ି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାକର-ସରବଜୋତ୍ ବ୍ରୋଞ୍ଜ ମୁକାବିଲାରେ ଦକ୍ଷିଣ କୋରିଆର ଲୀ ୱନହୋ ଓ ୟେହ ଜିନ୍‌ଙ୍କୁ ୧୬-୧୦ ପଏଣ୍ଟରେ ପରାସ୍ତ କରିଛନ୍ତି। ୨୨ ବର୍ଷୀୟ ଭାକର ଗତ ରବିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତାଙ୍କ ପୂର୍ବରୁ କୋଲକାତାରେ ଜନ୍ମିତ ବ୍ରିଟିଶ୍-ଇଣ୍ଡିଆନ ଆଥ୍‌ଲେଟ ନର୍ମାନ ପ୍ରିଚାର୍ଡ ୧୯୦୦ ଅଲିମ୍ପିକ୍ସରେ ୨ଟି ପଦକ ଜିତିଥିଲେ। ସେ ୨୦୦ ମିଟର ରେସ୍ ଏବଂ ୨୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ପାଇଥିଲେ। ମାତ୍ର ସେତେବେଳେ ଭାରତ ବ୍ରିଟିଶ୍ ଶାସନାଧୀନ ଥିଲା। ଏହା ପର ୧୨୪ ବର୍ଷର ଇତିହାସରେ ପ୍ରଥମଥର ପାଇଁ ବିରଳ କୃତିତ୍ୱ ହାସଲ କରି ଭାକର ଭାରତୀୟ କ୍ରୀଡ଼ାକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଆସନ୍ତା ଅଗଷ୍ଟ ୨ରେ ସେ ୨୫ ମିଟର ମହିଳା ପିସ୍ତଲ କ୍ୱାଲିଫିକେଶନ ଇଭେଣ୍ଟରେ ଭାଗନେବେ। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ଏବଂ ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ସେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଗୋଟିଏ ଅଲିମ୍ପିକ୍ସରେ ୩ଟି ପଦକ ଜିତି ବିରଳ ରେକର୍ଡ ପ୍ରତିଷ୍ଠା କରିବାର ସୁଯୋଗ ଭାକରଙ୍କ ନିକଟରେ ରହିଛି। ମନୁ ୨ଟି ପଦକ ଜିତି ଭାରତୀୟ ଅଲିମ୍ପିକ୍ସ ଇତିହାସର ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଭାରତ ସ୍ୱାଧୀନ ☞ପୃଷ୍ଠା-୪

■ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତକୁ ବ୍ରୋଞ୍ଜ



ମନୁ ଭାକର | ସରବଜୋତ୍ ସିଂ

# ଆରବ ସାଗରର ଉତ୍ତାପରୁ ଭୂସ୍ଖଳନ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଆରବ ସାଗରର ଉତ୍ତାପ ବୃଦ୍ଧି ଯୋଗୁ ଘନ ବାଦଲ ସୃଷ୍ଟି ହୋଇ କେରଳରେ ଖୁବ୍ କମ୍ ସମୟ ମଧ୍ୟରେ ଅତି ପ୍ରବଳ ବର୍ଷା ହେଲା। ଏହା ଭୂସ୍ଖଳନ ସମ୍ଭାବନାକୁ ବଢ଼ାଇଲା ବୋଲି ଜଣେ ବରିଷ୍ଠ ଜଳବାୟୁ ବିଜ୍ଞାନୀ ମଙ୍ଗଳବାର କହିଛନ୍ତି। ଅତ୍ୟଧିକ ବର୍ଷା ଲାଗିରହିବାରୁ କେରଳର ୱାୟନାଡ୍ ଜିଲା ପାର୍ବତ୍ୟାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକାଧିକ ଭୂସ୍ଖଳନ ଘଟି ଶତାଧିକଙ୍କ ଜୀବନ ଯାଇଛି। କୋଚିନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ୟୁନିଭର୍ସିଟିର ଆଡଭାନ୍ସଡ୍ ସେଣ୍ଟର ଫର୍ ଆଟ୍‌ମୋସ୍ଫିୟରିକ୍ ରାଡାର ରିସର୍ଚ୍ଚର ନିର୍ଦ୍ଦେଶକ ଏସ୍. ଅଭିଲାଷ କହିଛନ୍ତି, ଉପକୂଳରେ ମୌସୁମୀ ସକ୍ରିୟ ରହିବାରୁ କସରଗଡ, କନ୍ନୁର, ୱାୟନାଡ୍, କାଲିକଟ୍ ଏବଂ ମାଲାପୁରମ୍ ଜିଲାରେ ଅତି ପ୍ରବଳ ବର୍ଷା ହୋଇଛି। ଫଳରେ ୨ ସପ୍ତାହ ହେଲା ସମଗ୍ର କୋଙ୍କଣ ଅଞ୍ଚଳ ପ୍ରଭାବିତ ହୋଇଛି। ଦୁଇ ସପ୍ତାହର ବର୍ଷା ଯୋଗୁ ମାଟି ସମ୍ପୂର୍ଣ୍ଣ ବତୁରି ରହିଥିଲା। ସୋମବାର ଆରବସାଗର ଉପକୂଳରେ ଘନ ବାଦଲ ଆସ୍ତରଣ ସୃଷ୍ଟି ହୋଇଥିଲା। ଯାହାଫଳରେ ଉପରୋକ୍ତ ଜିଲାଗୁଡ଼ିକରେ ଅତି ପ୍ରବଳ ବର୍ଷା ହୋଇ ଭୂସ୍ଖଳନ ହେଲା। ୨୦୧୯ରେ ମଧ୍ୟ ଅନୁରୂପ କାରଣରୁ କେରଳରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା।

ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି, ଦକ୍ଷିଣପୂର୍ବ ଆରବସାଗର ଅଧିକ ଉତ୍ତପ୍ତ ହେଉଛି। ଫଳରେ କେରଳ ସମେତ ଉକ୍ତ ଅଞ୍ଚଳର ବାୟୁମଣ୍ଡଳ ଥର୍ମୋଡାଇନାମିକ୍ ଭାବେ ଅସ୍ଥିର ରହୁଥିବା ଅଭିଲାଷ କହିଛନ୍ତି। ବାୟୁମଣ୍ଡଳରେ ଅସ୍ଥିରତା ଘନ ବାଦଲ ସୃଷ୍ଟି କରାଉଛି, ଯାହା ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ। ଉତ୍ତର କୋଙ୍କଣ ଅଞ୍ଚଳ ଏବଂ ମାଙ୍ଗାଲୋରର ଦକ୍ଷିଣ ଭାଗରେ ପୂର୍ବରୁ ଏଭଳି ବର୍ଷା ସାଧାରଣ ଘଟଣାରେ ପରିଣତ ହୋଇଛି। ଅଭିଲାଷ ଓ ଅନ୍ୟ ବୈଜ୍ଞାନିକମାନଙ୍କ ଏହି ଗବେଷଣା ୨୦୨୨ରେ ଏନ୍‌ପିଜେ କ୍ଲାଇମେଟ୍ ଆଣ୍ଡ ଆଟ୍‌ମୋସ୍ଫିୟରିକ୍ ସାଇନ୍ସ ପତ୍ରିକାରେ ପ୍ରକାଶ ପାଇଥିଲା। କୋଙ୍କଣ ଅଞ୍ଚଳର ୧୪ ଡିଗ୍ରୀ ଉତ୍ତରରୁ ୧୬ ଡିଗ୍ରୀ ଉତ୍ତର ମଧ୍ୟରେ ପ୍ରବଳ ବର୍ଷାର ହଟ୍‌ସ୍ପଟ୍ ଦକ୍ଷିଣ ଆଡ଼କୁ ସ୍ଥାନାନ୍ତର ହେଉଥିବା ଭୟଙ୍କର ପରିଣାମ ଆଣିପାରେ ବୋଲି ପୂର୍ବରୁ ବୈଜ୍ଞାନିକମାନେ ସତର୍କ କରାଇଥିଲେ।

ଭୂସ୍ଖଳନ ଭୟ ଥିବା ଅଞ୍ଚଳଗୁଡ଼ିକରେ ଏହାର ପୂର୍ବାନୁମାନ ପାଇଁ ବ୍ୟବସ୍ଥା କରିବା ସହ ସୁରକ୍ଷିତ ନିର୍ମାଣ ଲାଗି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ରାଜୀବନ କହିଛନ୍ତି, ଅତ୍ୟଧିକ ବୃଷ୍ଟିପାତ ସମ୍ପର୍କରେ ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ କରିପାରିବେ। କିନ୍ତୁ ତାହା ଭୂସ୍ଖଳନ ଘଟାଇବ କି ନାହିଁ, ସେମାନେ ନିଶ୍ଚିତ ଭାବେ କହିପାରିବେ ନାହିଁ। ପ୍ରବଳ ବର୍ଷା ସବୁବେଳେ ଭୂସ୍ଖଳନ ଘଟାଇ ନ ଥାଏ। ତେଣୁ ଭୂସ୍ଖଳନର ପୂର୍ବାନୁମାନ କରିବାକୁ ହେଲେ ଆମକୁ ସ୍ୱତନ୍ତ୍ର ମେକାନିଜମ୍ ଆପଣାଇବାକୁ ହେବ। ଏହା କଷ୍ଟସାଧ୍ୟ ହେଲେ ମଧ୍ୟ କରାଯାଇପାରିବ ବୋଲି ରାଜୀବନ କହିଛନ୍ତି। ମୁଖ୍ୟତଃ ମାଟିର ଗଠନ ଡାଞ୍ଚା, ଆର୍ଦ୍ରତା ଏବଂ ଗଡ଼ାଣିଆ ଅଞ୍ଚଳ ଯୋଗୁ ଭୂସ୍ଖଳନ ହୋଇଥାଏ। ଏସବୁକୁ ବିଚାରକୁ ନେଇ ଭୂସ୍ଖଳନର ପୂର୍ବାନୁମାନ କରିବାକୁ ହେବ ବୋଲି ରାଜୀବନ କହିଛନ୍ତି।


ୱାୟନାଡ୍‌ର ଭୂସ୍ଖଳନ କ୍ଷତିଗ୍ରସ୍ତ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଚଳାଇଛି।

## କେରଳକୁ ସହାୟତା ପାଇଁ ରାହୁଲଙ୍କ ଦାବି

ପ୍ରଳୟଙ୍କରୀ ଭୂସ୍ଖଳନରେ କ୍ଷତିଗ୍ରସ୍ତ କେରଳକୁ କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଲୋକ ସଭାରେ ଦାବି କରିଛନ୍ତି। ଶୂନ୍ୟକାଳରେ କେରଳ ଭୂସ୍ଖଳନ ପ୍ରସଙ୍ଗ ଉଠାଇ ରାହୁଲ କହିଥିଲେ, ପ୍ରାଣ ହରାଇଥିବା ଲୋକମାନଙ୍କ ପରିବାରକୁ ସହାୟତା ରାଶି ବଢ଼ାଯାଉ। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ପରିବହନ ଓ ଯୋଗାଯୋଗ ସଂଯୋଗ ପୁନଃସ୍ଥାପନ ପାଇଁ ସେ ଦାବି କରିଥିଲେ। କଂଗ୍ରେସ ସଦସ୍ୟମାନେ ଏହା ଉପରେ ସରକାରଙ୍କୁ ଜବାବ ମାଗିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସହ କଥା ହୋଇଛନ୍ତି ଏବଂ ରିଲିଫ କାର୍ଯ୍ୟରେ ସମନ୍ୱୟ ପାଇଁ ସେଠାକୁ ଜଣେ ରାଷ୍ଟ୍ରମନ୍ତ୍ରୀଙ୍କୁ ପଠାଯାଇଛି।



ୱାୟନାଡ୍ ଏମ୍‌ପି ରାହୁଲ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ କେରଳ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ସେ ଓ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ସକାଳେ ଭୂସ୍ଖଳନ କ୍ଷତିଗ୍ରସ୍ତ ୱାୟନାଡ୍ ଯିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଭୂସ୍ଖଳନ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସମସ୍ତ ସହାୟତା ଯୋଗାଇଦେବା ଲାଗି ସେମାନେ ୟୁଡିଏଫ୍ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ଉଦ୍ଧାର କାର୍ଯ୍ୟରେ କର୍ନାଟକର ସହାୟତା

ବେଙ୍ଗାଲୁରୁ,୩୦।୭

କେରଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ କର୍ନାଟକ ସରକାର ସମସ୍ତ ସହାୟତା ଯୋଗାଇ ଦେଇଥିବା ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ରଖିବା ପାଇଁ କର୍ନାଟକ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ କେରଳ ପଠାଇଛି। ବେଙ୍ଗାଲୁରୁରେ ଥିବା ଏନ୍‌ଡିଆର୍‌ଏଫ୍ ଟିମ୍, ମାଡ୍ରାସ ଇଞ୍ଜିନିୟରିଂ ଗ୍ରୁପ୍‌ର ଟିମ୍ ଓ ସେନା ଯବାନଙ୍କୁ ୱାୟନାଡ୍ ପଠାଯାଇଛି।

### ସଂକ୍ଷେପରେ

## ଲଭ୍ ଜିହାଦ୍ ପାଇଁ ଆଜୀବନ କାରାଦଣ୍ଡ

**ୟୁପି ବିଧାନସଭାରେ ବିଲ୍ ପାରିତ**

ଲକ୍ଷ୍ନୌ ୩୦।୭

ଉତ୍ତରପ୍ରଦେଶ ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବେଆଇନ ଧାର୍ମିକ ରୂପାନ୍ତରଣ (ସଂଶୋଧନ) ବିଲ୍, ୨୦୨୪କୁ ପାରିତ କରାଯାଇଛି। ମଙ୍ଗଳବାର ପାରିତ ହୋଇଥିବା ଏହି ସଂଶୋଧିତ ବିଲ୍‌ରେ ଧର୍ମାନ୍ତରଣ ଉଦ୍ଦେଶ୍ୟରେ କୌଣସି ମହିଳାଙ୍କୁ ପ୍ରତାରଣା କରିବା ସହ ବେଆଇନ୍ ଭାବେ ତାଙ୍କୁ ବିବାହ କରି ହଇରାଣ କରୁଥିବା ଦୋଷୀଙ୍କୁ ସର୍ବାଧିକ ଆଜୀବନ କାରାଦଣ୍ଡ କିମ୍ବା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ମାମଲାରେ ସର୍ବାଧିକ ୧୦ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ଥିଲା। ତେବେ ଏହି ବିଲ୍‌କୁ କେନ୍ଦ୍ରକରି ସମାଜବାଦୀ ପାର୍ଟି(ଏସ୍‌ପି) ଯୋଗୀ ଆଦିତ୍ୟନାଥ ସରକାରକୁ ସମାଲୋଚନା କରିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଏହା ଭାଜପାର ଘୃଣା ଓ ନକାରାତ୍ମକ ରାଜନୀତିକୁ ଦର୍ଶାଉଛି ବୋଲି ଏସ୍‌ପି କହିଛି।

## ନୂଆ ଆପରାଧିକ ଆଇନର ସମୀକ୍ଷା ହେଉ: ଏଡିଟର୍ସ ଗିଲ୍ଡ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଚଳିତ ଜୁଲାଇ ମାସରୁ କାର୍ଯ୍ୟକାରୀ ହୋଇଥିବା ନୂଆ ଆପରାଧିକ ଆଇନର ସମୀକ୍ଷା ପାଇଁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦାବି କରିଛି। ଏହି ଆଇନର ବ୍ୟବସ୍ଥା ସାମ୍ବାଦିକମାନଙ୍କ ବିରୋଧରେ ବ୍ୟବହାର କରାଯିବାର ସମ୍ଭାବନା ରହିଥିବା ଗିଲ୍ଡ ଆଶଙ୍କା କରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଗିଲ୍ଡ କହିଛି, ବହୁବର୍ଷ ଧରି ବିଭିନ୍ନ ସରକାରଙ୍କ ସମୟରେ ଆପରାଧିକ ଆଇନର ବିଭିନ୍ନ ବ୍ୟବସ୍ଥା ଯଥା ଆଇପିସିର ତଥାକଥିତ ଘୃଣା ସୃଷ୍ଟିକାରୀ ଭାଷଣ ସହ ଜଡ଼ିତ ଆଇନର ଧାରା ୧୫୩ଏ, ୧୫୩ବି, ୨୯୫ଏ, ୨୯୮, ୫୦୨ ଏବଂ ୫୦୫ର ଦୁରୁପଯୋଗ ହେଉଛି। ସରକାରଙ୍କ ବିରୋଧରେ ରିପୋର୍ଟିଂ କରୁଥିବା ଖବରଦାତାମାନଙ୍କ ବିରୋଧରେ ଉପରୋକ୍ତ ଧାରାରେ ଏତଲା ଦାଏର ହେଉଛି। ଦଳମତ ନିର୍ବିଶେଷରେ ବିଭିନ୍ନ ରାଜ୍ୟରେ ମଧ୍ୟ ତାହା ଘଟୁଛି। ଖବରଦାତଙ୍କ ବିରୋଧରେ ଆପରାଧିକ ଏତଲା ଦାଏର ପୂର୍ବରୁ ଅଧିକ ସମୀକ୍ଷା ପାଇଁ ଗିଲ୍ଡ ପ୍ରସ୍ତାବ ଦେଇଛି।

## ଅଗ୍ନିପଥ: ଅଖିଳେଶ-ଅନୁରାଗ ମୁହାଁମୁହିଁ

ନୂଆଦିଲ୍ଲୀ,୩୦।୭(ପି.ଟି.)

ଲୋକ ସଭାରେ ମଙ୍ଗଳବାର ଅଗ୍ନିପଥ ଯୋଜନାକୁ ନେଇ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଭାଜପା ଏମ୍‌ପି ଅନୁରାଗ ଠାକୁରଙ୍କ ମଧ୍ୟରେ କଥା କଟାକଟି ହୋଇଛି। କେନ୍ଦ୍ର ବଜେଟ ଆଲୋଚନାରେ ଭାଗ ନେଇ ଅଖିଳେଶ କହିଥିଲେ, ଅଗ୍ନିପଥ ଯୋଜନାର ପ୍ରଚାରରେ ବୃହତ ଶିଳ୍ପସଂସ୍ଥାଗୁଡ଼ିକୁ ସରକାର ନିୟୋଜିତ କରିଛନ୍ତି। ଏହା ସବୁଠୁ ଭଲ ଯୋଜନା ବୋଲି ସେମାନେ ଟୁଇଟ୍ କରିବାକୁ କୁହାଯାଇଥିଲା।



ଅଗ୍ନିବୀରମାନଙ୍କ ୪ ବର୍ଷର କାର୍ଯ୍ୟକାଳ ଶେଷ ହେବା ପରେ ଶିଳ୍ପସଂସ୍ଥାଗୁଡ଼ିକ ସେମାନଙ୍କୁ ନିଯୁକ୍ତି ସୁଯୋଗ ଦେବେ ବୋଲି କହିଥିଲେ। ଯୋଜନା ଠିକ୍ ନୁହେଁ ବୋଲି କେନ୍ଦ୍ର ସ୍ୱୀକାର କରିଥିବାରୁ ରାଜ୍ୟଗୁଡ଼ିକୁ କୋଟା ଦେବା ପାଇଁ କହିଛି। ଅଗ୍ନିପଥ ଯୋଜନା ସପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଥିଲେ, ଏହି ଯୋଜନା ଶତ ପ୍ରତିଶତ ନିଯୁକ୍ତି ଗ୍ୟାରେଣ୍ଟି ଦେଉଛି। ଯଦି ଯୋଜନା ଏତେ ଲାଭଦାୟକ, ତେବେ ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟ ସରକାରମାନେ ଅଗ୍ନିବୀରଙ୍କ ପାଇଁ ନିଯୁକ୍ତିରେ ୧୦% ସଂରକ୍ଷଣ ଯୋଗାଇଦେବାକୁ କାହିଁକି ଆବଶ୍ୟକ ମଣିଲେ ବୋଲି ଅଖିଳେଶ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା।

## ନବାବ ମଲିକଙ୍କୁ ଜାମିନ

ନୂଆଦିଲ୍ଲୀ, ୩୦।୭

ଏକ ଅର୍ଥ ହେରଫେର ମାମଲାରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ନବାବ ମଲିକଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ନବାବଙ୍କ ଅସୁସ୍ଥତାକୁ ଆଧାର କରି ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଜାମିନ ପ୍ରଦାନ କରିଛନ୍ତି। କିଡ୍‌ନୀଜନିତ ରୋଗ ସହ ବିଭିନ୍ନ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ଦର୍ଶାଇ ଜାମିନ ପ୍ରଦାନ କରିବାକୁ ମଲିକ ଗତ ୧୩ରେ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଏହି ମାମଲାରେ ପୂର୍ବରୁ ବମ୍ବେ ଉଚ୍ଚ ନ୍ୟାୟାଳୟ ନବାବଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କୁ ବିଶେଷ ଚିକିତ୍ସା ସେବା ଯୋଗାଇ ଦିଆଯାଉଥିବା ସହ ତାଙ୍କ ସ୍ୱାସ୍ଥ୍ୟ ଅଧିକାର ସହିତ କୌଣସି ପ୍ରକାରର ଉଲ୍ଲଂଘନ କରାଯାଇ ନ ଥିବା ବମ୍ବେ ଉଚ୍ଚ ନ୍ୟାୟାଳୟ କହିଥିଲେ।

## ଭେନେଜୁଏଲା ରାଷ୍ଟ୍ରପତିଙ୍କ ବିରୋଧରେ ଜୋର୍‌ଦାର ବିକ୍ଷୋଭ

କାରାକାସ୍,୩୦।୭

ଭେନେଜୁଏଲା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସମର୍ଥକ ଏବଂ ବିରୋଧୀମାନେ ମଙ୍ଗଳବାର ରାଲି ବାହାର କରିଥିଲେ। ବିରୋଧୀ ନିର୍ବାଚନରେ ବିଜୟୀ ହୋଇଥିବା ଦାବି କରୁଥିବାବେଳେ ଫଳାଫଳ ଶାସକ ସୋସିଆଲିଷ୍ଟ ପାର୍ଟି ସପକ୍ଷରେ ଯାଇଥିବାରୁ ଏହାକୁ ନେଇ ବିକ୍ଷୋଭ ଓ ସଂଘର୍ଷ ଜାରି ରହିଛି। ରାଷ୍ଟ୍ରପତି ମାଦୁରୋ ଭୋଟ ଚୋରି କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ମାଦୁରୋଙ୍କ ପୁନଃ ନିର୍ବାଚନ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଆମେରିକା କହିବା ସହ ଅଧିକ କଟକଣା ଜାରି କରିବାକୁ ବିଚାର କରୁଥିବା କହିଛି। ଅନ୍ୟପକ୍ଷରେ ଚାଇନା ଓ ରୁଷିଆ ମାଦୁରୋଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମାଦୁରୋ ୫୧ ପ୍ରତିଶତ ଭୋଟ ପାଇ ପୁନଃ ନିର୍ବାଚିତ ହୋଇଥିବା ଇଲେକ୍ସନ ବୋର୍ଡ ସୋମବାର ଘୋଷଣା କରିବା ପରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ନିର୍ବାଚନ କମିଶନ ଏକଚ୍ଛତ୍ରବାଦୀ ସରକାରଙ୍କ ପକେଟରେ ରହିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ମାଦୁରୋଙ୍କଠାରୁ ବିରୋଧୀ ରାଷ୍ଟ୍ରପତି ପ୍ରାର୍ଥୀ ଏଡ୍‌ମୁଣ୍ଡୋ ଗୋଞ୍ଜାଲେଜ୍ ଦୁଇଗୁଣାରୁ ଅଧିକ ଭୋଟ ପାଇଥିବା ସେମାନେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିବା ସହ ନିଆଁ ଜାଳି ପେଟ୍ରୋଲ ବୋମା ଫିଙ୍ଗି ପ୍ରତିବାଦ କରୁଛନ୍ତି। କାରାକାସ୍‌ର ରାଷ୍ଟ୍ରପତି ଭବନ ମିରାଫ୍ଲୋର୍ ନିକଟରେ ମଧ୍ୟ ବିକ୍ଷୋଭ ହୋଇଛି। ଲୋକେ ମାଦୁରୋ ସରକାରଙ୍କ ଉପରେ ଅତିଷ୍ଠ ହୋଇପଡ଼ିଲେଣି। ସେମାନେ ପରିବର୍ତ୍ତନ ଚାହାନ୍ତି ଓ ଭେନେଜୁଏଲାର ମୁକ୍ତି ଚାହାନ୍ତି ବୋଲି ଦାବି କରିଛନ୍ତି।

**ଭୋଟ ଚୋରି କରିଛନ୍ତି ନିକୋଲାସ୍**


ନିକୋଲାସ୍ ମାଦୁରୋ

## ଟେଲିଗ୍ରାମ ସିଇଓଙ୍କ ଶତାଧିକ 'ଜୈବିକ ପିଲା'

ଦୁବାଇ, ୩୦।୭

ସୋସିଆଲ ମିଡିଆ ମେସେଜିଂ ପ୍ଲାଟ୍‌ଫର୍ମ 'ଟେଲିଗ୍ରାମ'ର ପ୍ରତିଷ୍ଠାତା ତଥା ସିଇଓ ପାବେଲ୍ ଡ୍ୟୁରୋଭ୍(୩୯)ଙ୍କ ୧୦୦ରୁ ଅଧିକ ଜୈବିକ ପିଲା ରହିଛନ୍ତି। ଦୁବାଇର ଏହି ପ୍ରଭାବଶାଳୀ ଉଦ୍ୟୋଗୀ ଟେଲିଗ୍ରାମରେ ନିଜ ୫.୭ ମିଲିୟନ ସବ୍‌ସ୍କ୍ରାଇବରଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି। ପାବେଲ୍ କହିଛନ୍ତି, ଆଜିକୁ ୧୫ ବର୍ଷ ତଳେ ଜଣେ ବନ୍ଧୁ ଏକ ଅଜବ ଅନୁରୋଧ ନେଇ ତାଙ୍କ ନିକଟକୁ ଆସିଥିଲେ। ପ୍ରଜନନ ଜନିତ କିଛି ସମସ୍ୟା ଯୋଗୁ ଉକ୍ତ ବନ୍ଧୁ ଓ ତାଙ୍କ ସ୍ତ୍ରୀ ପିଲା ଜନ୍ମ କରିବାକୁ ସକ୍ଷମ ହେଉ ନ ଥିଲେ। ତେଣୁ ସନ୍ତାନ ଜନ୍ମ ପାଇଁ ଶୁକ୍ରାଣୁ ଦାନ କରିବାକୁ ସେ ପାବେଲ୍‌ଙ୍କୁ ଅନୁରୋଧ କରିଥିଲେ। ଏନେଇ ଅଧିକ ତଥ୍ୟ ହାସଲ କରିବାକୁ ସେ ନିକଟସ୍ଥ ଆଇବିଏଫ୍ (ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍) କ୍ଲିନିକ୍‌କୁ ଯାଇଥିଲେ। ଉକ୍ତ କ୍ଲିନିକ୍‌ର ମୁଖ୍ୟ ଡାକ୍ତର କହିଥିଲେ, ଏପରି ବହୁ ଦମ୍ପତି ରହିଛନ୍ତି, ଯେଉଁମାନେ ବିଭିନ୍ନ ଶାରୀରିକ ସମସ୍ୟା ଯୋଗୁ ସନ୍ତାନ ଜନ୍ମର ସୌଭାଗ୍ୟ ପାଉନାହାନ୍ତି। ଶୁକ୍ରାଣୁ ଦାନ ହିଁ ଏହାର ଏକମାତ୍ର ସମାଧାନ। ଶାରୀରିକ ଭାବେ ସୁସ୍ଥ ଥିବାରୁ ଡାକ୍ତର ତାଙ୍କୁ ଶୁକ୍ରାଣୁ ଦାନ କରିବାକୁ ପରାମର୍ଶ ଦେଇଥିଲେ। ପରେ ପାବେଲ୍ ଉକ୍ତ ଆଇବିଏଫ୍ କ୍ଲିନିକ୍ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ନିଜର ଶୁକ୍ରାଣୁ ଦାନ କରିଥିଲେ। ଏବେ ତାଙ୍କ ଦ୍ୱାରା ଦାନ କରାଯାଇଥିବା ଶୁକ୍ରାଣୁ ସାହାଯ୍ୟରେ ୧୨ ଦେଶରେ ୧୦୦ରୁ ଅଧିକ ଜୈବିକ ପିଲା ଜନ୍ମ ହୋଇଛନ୍ତି। ତେବେ ବର୍ତ୍ତମାନ ସେ ଶୁକ୍ରାଣୁ ଦାନ କରିବା ବନ୍ଦ କରିସାରିଥିଲେ ମଧ୍ୟ ଗୋଟିଏ କ୍ଲିନିକ୍‌ରେ ତାଙ୍କ ସ୍ପର୍ମ ଗଚ୍ଛିତ ହୋଇରହିଛି, ଯାହା ମାଧ୍ୟମରେ ଅନ୍ୟ କେତେକ ଦମ୍ପତି ମଧ୍ୟ ସନ୍ତାନ ଲାଭ କରିପାରିବେ। ନିଜ ଜୈବିକ ପିଲାଙ୍କୁ ନେଇ ଭବିଷ୍ୟତରେ ରହିଥିବା ଯୋଜନାକୁ ମଧ୍ୟ ପାବେଲ୍ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସେ ତାଙ୍କ ଡିଏନ୍‌ଏକୁ ଓପନ ସୋର୍ସ କରିବାକୁ ଯୋଜନା କରୁଛନ୍ତି। ଏହା ଦ୍ୱାରା ତାଙ୍କ ଜୈବିକ ସନ୍ତାନସନ୍ତତି ପରସ୍ପରକୁ ଖୋଜି ପାଇପାରିବେ। ତେବେ ଶୁକ୍ରାଣୁ ଦାନ କରୁଥିବାରୁ ଅନେକ ବ୍ୟକ୍ତି ତାଙ୍କ ଉପରେ ପ୍ରଶ୍ନ ଉଠାନ୍ତି ବୋଲି ଏହି ପୋଷ୍ଟରେ ଟେଲିଗ୍ରାମ ସିଇଓ କହିଛନ୍ତି। ସନ୍ତାନହୀନତା ସମସ୍ୟା ସହ ଜୁଝୁଥିବା ଲୋକଙ୍କ ଜୀବନରେ ଖୁସି ଆଣିବା ପାଇଁ ସେ ଏହି କାର୍ଯ୍ୟ କରିଛନ୍ତି, ଏଥିରେ ଲଜ୍ଜିତ ହେବାର ନାହିଁ ବୋଲି ପାବେଲ୍ କହିଛନ୍ତି।


ପାବେଲ୍ ଡ୍ୟୁରୋଭ୍

### ଫୁର୍‌ସତ୍

## ଆଇଫୋନ୍ ନୁହେଁ ବିବାହ ନିମନ୍ତ୍ରଣ କାର୍ଡ

ବିଶାଖାପାଟଣା

ସମ୍ପ୍ରତି ବିବାହ ପାଇଁ ଫ୍ୟାନ୍ସି ଏବଂ କଷ୍ଟୋମାଇଜ୍‌ଡ୍ ନିମନ୍ତ୍ରଣ କାର୍ଡର ବେଶ୍ ଚାହିଦା ରହିଛି। ଏହି ଧାରାକୁ ଅନୁସରଣ କରି ବିଶାଖାପାଟଣାର ଏକ ପ୍ରେମୀ ଯୁଗଳ ନିଜ ବିବାହ କାର୍ଡକୁ ଏକ ସ୍ୱତନ୍ତ୍ର ଉପାୟରେ ପ୍ରସ୍ତୁତ କରିଛନ୍ତି। ଏକ ନିଆରା ଆଇଫୋନ୍ ଥିମ୍ ସହ ଏହି ଯୋଡ଼ି ସେମାନଙ୍କ ବିବାହ ନିମନ୍ତ୍ରଣ କାର୍ଡ ତିଆରି କରିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲକ୍ଷ୍ମଣ ୱେଡ଼ିଂ କାର୍ଡ୍‌ସ ପକ୍ଷରୁ ଏହାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ୩ଟି ପୃଷ୍ଠାକୁ ନେଇ ଏକ ବୁକ୍‌ଲେଟ୍ ଷ୍ଟାଇଲ୍ ଲେ-ଆଉଟ୍ ସହ ଉକ୍ତ କାର୍ଡର ଡିଜାଇନ୍ କରାଯାଇଛି। ବିବାହ ହେବାକୁ ଥିବା ଯୋଡ଼ିଙ୍କ ଫଟୋ କଭର ପୃଷ୍ଠାର ବ୍ୟାକ୍‌ଗ୍ରାଉଣ୍ଡ ଭାବରେ ଦେଖିବାକୁ ମିଳିଛି। ଏହାକୁ ଏପରି ଭାବେ ଡିଜାଇନ୍ କରାଯାଇଛି, ଯେପରି ଏକ ଆଇଫୋନ୍‌ର ୱାଲ୍‌ପେପର୍‌ରେ କନ୍ୟା ଓ ବରଙ୍କ ଫଟୋ ରହିଛି। ଉକ୍ତ ନିମନ୍ତ୍ରଣ କାର୍ଡର ଭିତର ପୃଷ୍ଠାରେ ହ୍ୱାଟ୍ସଆପ୍ ଚାଟ୍ ବ୍ୟାକ୍‌ଗ୍ରାଉଣ୍ଡ ସହ ଭେନ୍ୟୁ ବିବରଣୀକୁ ଅତି ସୁନ୍ଦର ଓ କୌତୂହଳପୂର୍ଣ୍ଣ ଭାବରେ ସ୍ଥାନିତ କରାଯାଇଛି। ସେହିପରି ଏହି ନିମନ୍ତ୍ରଣ କାର୍ଡର 'ବ୍ୟାକ୍ କଭର୍'ରେ ଏକ ଚମତ୍କାର କ୍ୟାମେରା ଡିଜାଇନ ସହ ୩-ଡି ଇଫେକ୍ଟ ମଧ୍ୟ ରହିଛି।




## ବିବାହର ୩ ମିନିଟ୍ ମଧ୍ୟରେ ଛାଡ଼ପତ୍ର

କୁଏଟ୍ ସିଟି

ସମ୍ପ୍ରତି ଏକ ନବ ବିବାହିତ ଯୋଡ଼ି ବିବାହର ମାତ୍ର ୩ ମିନିଟ୍ ମଧ୍ୟରେ ପରସ୍ପରକୁ ଛାଡ଼ପତ୍ର ଦେଇଛନ୍ତି। ରିପୋର୍ଟ ଅନୁଯାୟୀ କୁଏଟ୍‌ରେ ଏହି ନବ ବିବାହିତ ଯୋଡ଼ି କୋର୍ଟ ମ୍ୟାରେଜ୍ କରିଥିଲେ। ବିବାହର ଆନୁଷ୍ଠାନିକ ପ୍ରକ୍ରିୟା ଶେଷ ହେବା ପରେ ଯେତେବେଳେ ଉକ୍ତ ଦମ୍ପତି କୋର୍ଟରୁ ବାହାରିଥିଲେ, ସେତେବେଳେ କନ୍ୟାଜଣକ ଝୁଣ୍ଟି ପଡ଼ିଥିଲେ। ଏତିକିବେଳେ ନବ ବିବାହିତ ବର ତାଙ୍କୁ ମୂର୍ଖ ବୋଲି କହିଥିଲେ। ସ୍ୱାମୀଙ୍କ ଏହି ବିବୃତିରେ କନ୍ୟାଜଣକ କ୍ରୋଧିତ ହୋଇ ପୁନଶ୍ଚ କୋର୍ଟରେ ପହଞ୍ଚି ସେମାନଙ୍କ ବିବାହକୁ ରଦ୍ଦ କରିବାକୁ ବିଚାରପତିଙ୍କୁ ଅନୁରୋଧ କରିଥିଲେ। କନ୍ୟାଙ୍କ ଅଭିଯୋଗ ଶୁଣି ଜଜ୍ ଉକ୍ତ ବିବାହକୁ ରଦ୍ଦ କରିଥିଲେ।

## ବ୍ରିଟେନ୍ ବ୍ୟବସାୟୀଙ୍କୁ ଡେଟ୍ କରୁଛନ୍ତି କ୍ରିତି

**ଲଣ୍ଡନ:** ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ନିଜ ଦମ୍‌ଦାର ଅଭିନୟ ସହ ପ୍ରଶଂସକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ତେବେ ସର୍ବଦା ନିଜ ବୃତ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହୁଥିବା କ୍ରିତି ଏବେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। କ୍ରିତିଙ୍କର କେତେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ବ୍ରିଟେନ୍‌ର କୋଟିପତି ବ୍ୟବସାୟୀ କବୀର ବହିଆଙ୍କ ସହ ଛୁଟି ଉପଭୋଗ କରୁଥିବା ଦେଖିବାକୁ ମିଳିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଗ୍ରୀସ୍‌ରେ କ୍ରିତି ଗତ ୨୭ ତାରିଖରେ କବୀରଙ୍କ ସହ ମିଶି ନିଜ ଜନ୍ମଦିନ ପାଳନ କରିଥିଲେ। ଅଭିନେତ୍ରୀ ଜଣକ ପ୍ରଥମେ ନିଜ ଜନ୍ମଦିନ ଫଟୋ ଶେୟାର କରିବାର କିଛି ସମୟ ପରେ କବୀର ମଧ୍ୟ ସମାନ ସ୍ଥାନରୁ ନିଜ ଫଟୋକୁ ଶେୟାର କରିଥିଲେ। ଏହାପରଠାରୁ ଉଭୟ କ୍ରିତି ଓ କବୀରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି ଓ ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ଅନୁମାନ କରାଯାଉଛି। କବୀର ହେଉଛନ୍ତି ବ୍ରିଟେନ୍‌ର ପ୍ରସିଦ୍ଧ ବ୍ୟବସାୟୀ ତଥା 'ସାଉଥ୍‌ୱାଲ୍ ଟ୍ରାଭେଲ'ର ପ୍ରତିଷ୍ଠାତା କୁଲ୍‌ଜିନ୍ଦର ବହିଆଙ୍କ ପୁଅ। ଲଣ୍ଡନର ସବୁଠାରୁ ଧନୀ ପରିବାର ମଧ୍ୟରେ କବୀରଙ୍କ ପରିବାରକୁ ଗଣନା କରାଯାଇଥାଏ। କବୀରଙ୍କ ମୋଟ ମୋଟ୍ ସମ୍ପତ୍ତି ପ୍ରାୟ ସାଢ଼େ ୩ ହଜାର କୋଟି ଟଙ୍କା ରହିଛି। ପ୍ରକାଶ ଯେ କ୍ରିତିଙ୍କୁ ଶେଷ ଥର ପାଇଁ ଚଳିତ ବର୍ଷ ରିଲିଜ୍ ହୋଇଥିବା 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିଆ' ଫିଲ୍ମରେ ଦେଖିବାକୁ ମିଳିଥିଲା।






# ସ୍କୁଲରେ ଛାତ୍ରୀଛାତ୍ରଙ୍କୁ କରାଯିବ କାଉନ୍ସେଲିଂ

ଭୁବନେଶ୍ୱର, ୩୦।୭
(ଅସମାପିକା ସାହୁ)

■ ନିଯୁକ୍ତି ପାଇବେ ମନସ୍ତତ୍ତ୍ୱବିତ୍
■ ପିଲାଙ୍କୁ ପଢ଼ାଇବା ସହ ଆଚରଣ ଶିଖାଇବେ



ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ଯୋଗୁ ରେଜଲ୍ଟ ଖରାପ ହୋଇଥାଏ। କିଏ ପାଠପଢ଼ା ଅଧାରୁ ଛାଡ଼ିଥାଏ ତ' ଆଉ କିଏ ଖରାପ ଦିଗରେ ଯାଇଥାଏ। ଯେପରିକି ତମାଖୁ କିମ୍ବା ଅନ୍ୟକିଛି ନିଶାଦ୍ରବ୍ୟ ସେବନ କରିଥାନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସମସ୍ୟା ଲାଗି କିଏ ଅଭିଭାବକଙ୍କ ଠିକ ପରାମର୍ଶ ନ ଥିବା କୁହେ ତ' ଆଉ କିଏ ଖରାପ ପିଲାଙ୍କ ମେଳି ଦାୟୀ ବୋଲି କହିଥାନ୍ତି। ଅନ୍ୟପଟେ ସ୍କୁଲରେ ପିଲାଙ୍କୁ ମାଡ଼ ମାରିବା କିମ୍ବା ଆକଟ କରିବା ପ୍ରଥା ଉପରେ ଅଙ୍କୁଶ ଲାଗିଥିବାରୁ ଶିକ୍ଷକମାନେ ମଧ୍ୟ ପିଲାଙ୍କ ଆଚରଣକୁ ଅଣଦେଖା କରୁଛନ୍ତି। ଫଳରେ ଏପରି ସମସ୍ୟା ଲାଗି ପିଲାଙ୍କ ଭବିଷ୍ୟତ ନଷ୍ଟ ହେବା ସହ ରେଜଲ୍ଟ ମଧ୍ୟ ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ପିଲାଙ୍କୁ ଅଷ୍ଟମ ଶ୍ରେଣୀରୁ କିପରି ଠିକ୍ ଭାବେ ଯତ୍ନ ନିଆଯିବ ଏବଂ ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ କରାଯାଇପାରିବ, ସେଥିଲାଗି ସରକାର ଛାତ୍ରୀଛାତ୍ରଙ୍କୁ କାଉନ୍ସେଲିଂ କରିବା ପାଇଁ ଯୋଜନା କରିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂଚନାନୁସାରେ, ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ କାଉନ୍ସେଲିଂ କରାଯିବ। ପିଲାଙ୍କ ସମସ୍ୟାର ସମାଧାନ ସହ ସେମାନଙ୍କ ପାଠପଢ଼ା ଓ ବ୍ୟବହାର ଆଚରଣକୁ ମନସ୍ତତ୍ତ୍ୱବିତ୍‌ମାନେ ଯାଞ୍ଚ କରିବେ। ଏଥିପାଇଁ ସ୍କୁଲରେ ମନସ୍ତତ୍ତ୍ୱବିତ୍ ନିଯୁକ୍ତ ହେବେ। ଅନେକ ସ୍କୁଲରେ ଉଭୟ ଛାତ୍ରୀଛାତ୍ର ପଢୁଥିବାରୁ ଜଣେ ଲେଖାଏ ମହିଳା ଓ ପୁରୁଷ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତି ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଜଣେ ଲେଖାଏ ମନସ୍ତତ୍ତ୍ୱବିତ୍ ନିଯୁକ୍ତ ହେବେ। ବାଳିକା ବିଦ୍ୟାଳୟଗୁଡ଼ିକରେ କେବଳ ମହିଳା ମନସ୍ତତ୍ତ୍ୱବିତ୍ ନିଯୁକ୍ତି ପାଇବେ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଅଧିକାଂଶ ଛାତ୍ରୀଛାତ୍ରଙ୍କ ବ୍ୟବହାରରେ ତ୍ରୁଟି ରହୁଥିବା ବେଳେ କେତେକ ପିଲା ପାଠପଢ଼ା ପ୍ରତି ଗୁରୁତ୍ୱ ଦେଇ ନ ଥାନ୍ତି। ରାଜ୍ୟରେ ଥିବା ବିଭିନ୍ନ ସରକାରୀ ସ୍କୁଲରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସଂଖ୍ୟା ପ୍ରାୟ ୮ଲକ୍ଷ ୩୦ହଜାର ରହିଛି। ଗଣଶିକ୍ଷା ବିଭାଗ ରିପୋର୍ଟ ଅନୁଯାୟୀ, ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ପ୍ରାୟ ୫% ପିଲା ନିଶାଦ୍ରବ୍ୟ ସେବନ କରୁଥିବା ବେଳେ ନବମ ଶ୍ରେଣୀରେ ପ୍ରାୟ ୮% ଏବଂ ଦଶମ ଶ୍ରେଣୀରେ ୧୫ରୁ ୧୭% ପିଲା ତମାଖୁ ସେବନ କରିଥାନ୍ତି। ସେହିପରି ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରାୟ ୩% ପିଲା ଅଧାରୁ ପାଠ ଛାଡୁଥିବାବେଳେ ନବମରେ ଯେତିକି ପିଲା ନାମ ଲେଖାଇଥାନ୍ତି, ସେମାନଙ୍କ ମଧ୍ୟରୁ ୨୨% ପିଲା ନିୟମିତ ସ୍କୁଲ ଯାଇ ନ ଥାନ୍ତି। ଦଶମରେ ମଧ୍ୟ ୩୫% ପିଲା ସ୍କୁଲରେ ନିୟମିତ ଅନୁପସ୍ଥିତ ରହିଥାନ୍ତି। ଉଭୟ ଅଷ୍ଟମ ଓ ନବମ ଶ୍ରେଣୀରେ ପଢୁଥିବା ପିଲାଙ୍କ ମଧ୍ୟରୁ ୧୩% ପିଲା ଜିଦ୍‌ଖୋର ଥିବାବେଳେ ୨୭% ପିଲା ଠିକ୍ ଭାବେ ଆଚରଣ ପ୍ରଦର୍ଶନ କରିପାରି ନ ଥାନ୍ତି। ଦଶମରେ ପଢୁଥିବା ପିଲାଙ୍କ ମଧ୍ୟରୁ ପ୍ରାୟ ୨୬% ଛାତ୍ର ସ୍କୁଲ ନାଁ କହି ବାହାରେ ବୁଲାବୁଲି କରୁଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮% ପିଲା ଅଧାରୁ ପାଠପଢ଼ା ଛାଡ଼ିଥାନ୍ତି। ଏସବୁ ସମସ୍ୟାର ସମାଧାନ ଲାଗି କାଉନ୍ସେଲିଂ କରିବା ଭଳି ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏନେଇ ଚୁକ୍ତିଭିତ୍ତିକ ଭାବେ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତ କରାଯିବ। ଯେଉଁମାନଙ୍କୁ ନିଯୁକ୍ତ କରାଯିବ, ସେମାନେ ବର୍ଷକୁ କେତେ ପିଲାଙ୍କୁ ସୁଧାର ଆଣିବାରେ ସହାୟକ ହୋଇଛନ୍ତି ତା'ର ରିପୋର୍ଟ ସ୍କୁଲର ପ୍ରଧାନଶିକ୍ଷକମାନେ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ଏହାବ୍ୟତୀତ ସ୍କୁଲରେ ପାଠପଢ଼ାରେ ମନସ୍ତତ୍ତ୍ୱବିତ୍‌ମାନେ ସାହାଯ୍ୟ କରିବେ। ଆବଶ୍ୟକ ସ୍ଥଳେ ସେମାନେ ସାମାଜିକ ବିଜ୍ଞାନ, ଇଂଲିଶ ଏବଂ ସାହିତ୍ୟ ବିଷୟ ପିଲାଙ୍କୁ ପଢ଼ାଇବେ। ସ୍କୁଲର ବିଭିନ୍ନ କାର୍ଯ୍ୟରେ ମଧ୍ୟ ସହଯୋଗ କରିବେ। ଦୈନିକ ଖେଳଛୁଟି ପରେ ଏକ କମନ କ୍ଲାସ ହେବ। ଯେଉଁଥିରେ ସବୁ ପିଲାଙ୍କୁ ସମୂହ ଭାବେ ଏହି ମନସ୍ତତ୍ତ୍ୱବିତ୍‌ମାନେ ପାଠପଢ଼ା ଶୈଳୀ ଏବଂ ଆଚରଣ ସମ୍ପର୍କରେ ବୁଝାଇବେ। ସରକାରୀ ସ୍କୁଲରେ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ। ମନସ୍ତତ୍ତ୍ୱବିତ୍ ନିଯୁକ୍ତି ପ୍ରକ୍ରିୟା ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯିବ ବୋଲି ଜଣାପଡ଼ିଛି।

# ମା' ହେଲା ମୌସୁମୀ

ବାରଙ୍ଗ,୩୦।୭
(ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୮ ବର୍ଷୀୟା ଧଳା ବାଘୁଣୀ ମୌସୁମୀ ପ୍ରଥମ ଥର ପାଇଁ ମା' ହୋଇଛି। ମୌସୁମୀ ପର୍ଯ୍ୟାୟକ୍ରମେ ୩ଟି ଛୁଆକୁ ଜନ୍ମ ଦେଇଛି। ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ସୋମବାର ରାତି ୮ଟା ୫୧ ମିନିଟ୍‌ରେ ଗୋଟିଏ, ମଙ୍ଗଳବାର ସକାଳେ ଗୋଟିଏ ଓ ରାତିରେ ଆଉ ଏକ ଛୁଆକୁ ସେ ଜନ୍ମ ଦେଇଛି। ଜନ୍ମିତ ୩ ଛୁଆଙ୍କ ମଧ୍ୟରୁ ଗୋଟିଏ ଛୁଆ ଜୀବିତ ରହିଛି। ସେହି ସାଧାରଣ ରଙ୍ଗର ଛୁଆକୁ ମା'ଠାରୁ ଅଲଗା କରି କର୍ତ୍ତୃପକ୍ଷ ଲାଳନପାଳନ କେନ୍ଦ୍ରକୁ ଆଣିଥିବା ଜଣାପଡ଼ିଛି। ମହାବଳ ବାଘ ରାଜେଶ ସହ ମିଳନରେ ମୌସୁମୀ ମା' ହେବାର ସୌଭାଗ୍ୟ ଅର୍ଜନ କରିଛି। ଗତ ଜୁନ ୨୭ରୁ ୨୯ ମଧ୍ୟରେ ରାଜେଶ ସହ ମୌସୁମୀର ମିଳନ ହୋଇଥିବାବେଳେ ଜୁଲାଇ ୧ରେ ଅଲଟ୍ରା ସୋନୋଗ୍ରାଫି ମାଧ୍ୟମରେ ଏଠାକାର ଡାକ୍ତର ମୌସୁମି ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ମା' ହେବାକୁ ଯାଉଥିବା ଧଳା ବାଘୁଣୀ ଗର୍ଭଧାରଣ କରିଥିବା ଜଣାପଡ଼ିବା ପରେ ସିସି କ୍ୟାମେରା ଲଗାଯାଇ ତାର ଗତିବିଧି ଉପରେ କର୍ତ୍ତୃପକ୍ଷ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଏଠାକାର ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇଥିଲା। ମଙ୍ଗଳବାର ସକାଳେ ଦାୟିତ୍ୱରେ ଥିବା କର୍ମଚାରୀ ସିସି କ୍ୟାମେରା ଯାଞ୍ଚ କରିବାରୁ ମୌସୁମୀ ଛୁଆ ଦେଇଥିବା ଜଣାପଡ଼ିଥିଲା। ତେବେ ଡାକ୍ତରଙ୍କ ଆକଳନ ଅନୁସାରେ ମୌସୁମୀ ୫ ଦିନ ଆଗରୁ ଛୁଆକୁ ଜନ୍ମ ଦେଇଛି। ନବଜାତକର ଲିଙ୍ଗ ନିରୂପଣ ହୋଇ ନ ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ମନିଷ ଓ ସ୍ନେହା ଗର୍ଭରୁ ୨୦୧୬ ମସିହାରେ ମୌସୁମୀ ଜନ୍ମଗ୍ରହଣ କରିଥିଲା। ମୌସୁମୀର ଶାବକ ଜନ୍ମ ପରେ ନନ୍ଦନକାନନରେ ବାଘ ସଂଖ୍ୟା ବୃଦ୍ଧି ପାଇ ୨୬ରେ ପହଞ୍ଚିଛି। ସେଥିମଧ୍ୟରେ ୫ଟି ଧଳା ବାଘ (୩ ଅଣ୍ଡିରା, ୨ମାଈ), ୪ଟି କଳା ଲୋମଯୁକ୍ତ ବାଘ (୩ ଅଣ୍ଡିରା, ୧ମାଈ), ୧୬ଟି ସାଧାରଣ ନାଲି ବାଘ(୮ ଅଣ୍ଡିରା, ୮ ମାଈ) ରହିଛନ୍ତି।

# ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

କଣିହାଁ, ୩୦।୭
(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ପଳଶାବାହାଲି ଗ୍ରାମ ସ୍କୁଲରେ ପଢୁଥିବା ଅଷ୍ଟମ ଶ୍ରେଣୀର ଛାତ୍ର ରାଜେଶ କୁମାର ପାତ୍ର (୧୪)ଙ୍କ ସାପ କାମୁଡ଼ାରେ ମଙ୍ଗଳବାର ମୃତ୍ୟୁ ହୋଇଛି। ସମ୍ପୃକ୍ତ ଛାତ୍ରଙ୍କ ଘର ଦେବଗଡ଼ ଜିଲା ରିଆମାଳ ବ୍ଲକ ଝରଡ଼ାବେରଣୀ ଗ୍ରାମରେ ହୋଇଥିବା ବେଳେ ସେ ପଳଶାବାହାଲି ଗାଁରେ ଥିବା ମାମୁ ଘରେ ରହି ପଢୁଥିଲେ। ଏହି ଖବର ଜଣାପଡ଼ିବା ପରେ କଣିହାଁ ଓ ରିଆମାଳ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୋମବାର ରାତିରେ ରାଜେଶ ମାମୁଘରେ ଶୋଇଥିବାବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଏହା ଜଣାପଡିବା ପରେ ତାଙ୍କୁ ଚିକିତ୍ସା ପାଇଁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୋରମ ଗାଡ଼ିଆରେ ବୁଡ଼ି ୩ ଶିଶୁ ମୃତ

ହାଟଡିହୀ(ଶୁଭକାନ୍ତ ନାୟକ)/
ବଉଳା(ଦୁର୍ଗାପ୍ରସାଦ ଆୟଚ)/
ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/
ଆଗରପଡ଼ା (ସୁଶାନ୍ତ ଦାଶ), ୩୦।୭

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ତଦନ୍ତକାରୀ ଅଧିକାରୀ

ଖେଳୁଥିବା ବେଳେ ଏକ ମୋରମ ଗାଡ଼ିଆରେ ବୁଡ଼ି ୩ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ପଢ଼ିଆରୀପଲ୍ଲୀ ପଞ୍ଚାୟତର ଆତୁରିକଣା ଗ୍ରାମ ଡାହିସାହିରେ। ମୃତ ୩ ଶିଶୁ ହେଲେ ଗ୍ରାମର ଦୀନବନ୍ଧୁ ପାତ୍ରଙ୍କ ଝିଅ ଭାରତୀ(୪), ଗୌରାଙ୍ଗ ପାତ୍ରଙ୍କ ଝିଅ ପାୟଲ(୩ ବର୍ଷ ୫ ମାସ), କୋଦଣ୍ଡ ପାତ୍ରଙ୍କ ଝିଅ ଲିପ୍ସା (୩ ବର୍ଷ ୭ ମାସ)।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ୩ ଶିଶୁ ନିଜ ଘର ପାଖରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରେ ଚାଲିଥିବା 'ଆମ କଳିକା କେନ୍ଦ୍ର' ଆଡ଼େ ଯାଇଥିଲେ। ଉକ୍ତ କେନ୍ଦ୍ର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ମୋରମ ଗାଡ଼ିଆ ଅଛି। ଉକ୍ତ ବ୍ୟକ୍ତିଙ୍କ ଜମିରୁ ପୂର୍ବରୁ ମୋରମ ଖୋଳା ଯାଇଥିବାରୁ ଖାଲ ସୃଷ୍ଟି ହୋଇଥିଲା। ସେଥିରେ ପାଣି ଜମି ରହିଥିଲା। ନିକଟରେ ଖେଳୁଥିବା ବେଳେ ୩ ଶିଶୁକନ୍ୟା ଗାଡ଼ିଆ ଭିତରକୁ ଖସିପଡ଼ି ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଥିବା ଲୋକେ ଜାଣିବା ପରେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଭଦ୍ରକ ଜିଲାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ୩ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ସୋସୋ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୋଲିସ ୩ଟି ଅପମୃତ୍ୟୁ ମାମଲା (ନଂ.୧୭/୨୪, ୧୮/୨୪ ଓ ୧୯/୨୪) ରୁଜୁ କରିଛି। ମୋରମ ଖୋଳିଥିବା ବ୍ୟକ୍ତି ଏବଂ ଖୋଳା ଯାଇଥିବା ଜମି ବାବଦରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ନରସିଂହ ତନ୍ତୀ କହିଛନ୍ତି।

ହାଟଡିହୀ ତହସିଲଦାର ହାବିଲ ଖାଖା, ଚାଇଲ୍ଡ ଲାଇନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ ପରେ ବ୍ଲକ କର୍ମଚାରୀ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତହସିଲଦାର କହିଛନ୍ତି, ୩ ଶିଶୁଙ୍କ ମଧ୍ୟରୁ ଦୁଇଜଣ ନିୟମ ଅନୁସାରେ ୩ ବର୍ଷ ପରେ 'କଳିକା କେନ୍ଦ୍ର'ରୁ ପଳାଇଛନ୍ତି। ଜଣେ ବ୍ୟକ୍ତିଙ୍କ ପଟ୍ଟାଭୁକ୍ତ ଜମିରେ ଉକ୍ତ ମୋରମ ଗାଡ଼ିଆ। ମୋରମ ଖୋଳିଥିବା ଜମି ମାଲିକଙ୍କ ବିରୋଧରେ ଖଣି ବିଭାଗ ଯାହା ପଦକ୍ଷେପ ନେବ। ଖୁବ୍‌ଶୀଘ୍ର ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସ୍ଥାନୀୟ ସରପଞ୍ଚ ଅଜିତ ରାଉତ କହିଛନ୍ତି ଯେ, ମୋରମ ଖୋଳାଯିବା ଯୋଗୁ ବଡ଼ ଗାଡ଼ିଆ ସୃଷ୍ଟି ହୋଇ ପାଣି ଜମି ରହିଥିଲା। ଫଳରେ ସେଥିରେ ବୁଡ଼ି ୩ ଶିଶୁଙ୍କ ଜୀବନ ଚାଲିଗଲା। ଏଠାକାର ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ମୋରମ ଖୋଳାଯାଇ ଚୋରା ଚାଲାଣ ହେଉଥିବା ବେଳେ ବହୁ ସଂଖ୍ୟାରେ ବଡ଼ ବଡ଼ ଗାଡ଼ିଆ ସୃଷ୍ଟି ହୋଇଛି। ଫଳରେ ଅଘଟଣ ଘଟୁଛି। ଏ ଦିଗରେ ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ।

# ହଷ୍ଟେଲ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

ଟିକିରି,୩୦।୭
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କୁଚେଇପଦର ପଞ୍ଚାୟତ ଅନ୍ତର୍ଗତ ମାଳାମ୍ବ ଗ୍ରାମର ଧନେଶ୍ୱର ଖୋଡିଆଙ୍କ ପୁଅ ଅଶୋକ ଖୋଡିଆ (୧୦)। ଚିକିତ୍ସା ଅବହେଳାରୁ ଅଶୋକଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ଧନେଶ୍ୱର ଅଭିଯୋଗ କରିଛନ୍ତି। ମଙ୍ଗଳବାର ବ୍ଲକ୍ ଶିକ୍ଷାଧିକାରୀ ଦୀପ୍ତିମୟୀ ସିଂ ଓ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ ସାହୁ ହଷ୍ଟେଲରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

ଅଶୋକ କୁଚେଇପଦର ହଷ୍ଟେଲରେ ରହି ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲେ। ଗତ ଶନିବାର ହଠାତ୍ ତାଙ୍କ ଦେହ ଅସୁସ୍ଥ ହେବାରୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମାଝୀ ତାଙ୍କୁ କୁଚେଇପଦର ମେଡିକାଲକୁ ନେଇଥିଲେ। କିନ୍ତୁ ମେଡିକାଲରେ ତାଲା ପଡିଥିବାରୁ ପୁଣି ତାଙ୍କୁ ହଷ୍ଟେଲକୁ ନେଇ ଆସିଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ଅସୁସ୍ଥ ଛାତ୍ରଙ୍କୁ ଅନ୍ୟ ମେଡିକାଲକୁ ନ ନେଇ ତାଙ୍କ ଘରେ ଛାଡ଼ି ଦେଇଥିବା ମୃତକଙ୍କ ବାପା ଧନେଶ୍ୱର ଅଭିଯୋଗ କରିଛନ୍ତି। ପରିବାର ଲୋକେ ରବିବାର ଅଶୋକଙ୍କୁ ଦେଶୀ ଚେରମୂଳି ଚିକିତ୍ସା କରାଇଥିଲେ। ସୋମବାର ରାତିରେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି। ଛାତ୍ରାବାସରେ ରହି ପଢୁଥିବା ସେହି ଗ୍ରାମର ଅନ୍ୟ ଜଣେ ଛାତ୍ର ରାମନାଥ ଖୋଡିଆଙ୍କ ପୁଅ ଦର୍ଶନ ଖୋଡିଆ ମଧ୍ୟ ଅସୁସ୍ଥ ହୋଇ ଗାଁରେ ରହିଛନ୍ତି। ଏକ ମେଡିକାଲ ଟିମ୍ ଗାଁକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମାଝିଙ୍କୁ ପଚାରିବାରୁ ଛାତ୍ରଙ୍କ ବେକ ପାଖ ଫୁଲିଲା ଭଳି ଦେଖାଯିବାରୁ ମୁଁ ତାଙ୍କୁ ମେଡିକାଲ ନେଇଥିଲି। ସେଠାରେ କେହି ଡାକ୍ତର କିମ୍ବା କର୍ମଚାରୀ ନ ଥିବାରୁ ତାଲା ପଡିଥିଲା। ଫଳରେ ମୁଁ ଛାତ୍ରଙ୍କୁ ଧରି ଫେରି ଆସିଥିଲି। ଛାତ୍ର ଜଣକ କନ୍ଦାକଟା କରିବାରୁ ତାଙ୍କୁ ତାଙ୍କ ଘରେ ଛାଡି ଦେଇଥିବା ସେ କହିଛନ୍ତି।

# ଝାଡ଼ାବାନ୍ତିରେ ଚାଲିଗଲେ ଦମ୍ପତି

କୋରାପୁଟ/ଲମତାପୁଟ,
୩୦।୭(ଅମିତାଭ ବେହେରା/
ଭକ୍ତରାମ ବାଙ୍କିଆ)

## ଲମତାପୁଟ ବ୍ଲକ ମେଦିପୁଟରେ ବ୍ୟାପୁଛି ଝାଡ଼ାବାନ୍ତି

■ ସୋମବାର ସ୍ତ୍ରୀ ଓ ମଙ୍ଗଳବାର ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ସୂଚନା
■ ଆକ୍ରାନ୍ତଙ୍କ ସଂଖ୍ୟା ୧୮କୁ ବୃଦ୍ଧି

ଝାଡ଼ାବାନ୍ତିରେ କୋରାପୁଟ ଜିଲା ଲମତାପୁଟ ବ୍ଲକର ମେଦିପୁଟ ଗ୍ରାମର ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗାଁର ରାମ ଜାନି (୬୨) ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରମା (୬୧)। କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଚନ୍ଦ୍ରମା ଓ ମଙ୍ଗଳବାର ସ୍ୱାମୀ ରାମଙ୍କ ମୃତ୍ୟୁ ହୋଇଛି। ମେଦିପୁଟ ଗ୍ରାମର ୧୮ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଡାକ୍ତର ମୁକ୍ତିକାନ୍ତ ଖଟୁଆ ସୂଚନା ଦେଇଛନ୍ତି। ଗାଁରେ ଡାକ୍ତରୀ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛି।

ମିଳିଥିବା ସୂଚନାନୁଯାୟୀ, ଲମତାପୁଟ ବ୍ଲକର ଉମ୍ବେଲ ପଞ୍ଚାୟତ ମେଦିପୁଟ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିଲା। ଗ୍ରାମରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ରବିବାର ଗାଁର ୯ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚନ୍ଦ୍ରମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ସନ୍ଧ୍ୟାରେ କୋରାପୁଟ ମେଡିକାଲରେ ୭ ଜଣ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାମଙ୍କ ମୃତ୍ୟୁ ହୋଇଛି। କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣଙ୍କ ଚିକିତ୍ସା ଚାଲିଛି। ଜଣେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ମେଡିକାଲ ପକ୍ଷରୁ ଜଣାଯାଇଛି। ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ମେଦିପୁଟ ଗ୍ରାମରେ ୧୨ ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଥିବା ଡାକ୍ତର ମୁକ୍ତିକାନ୍ତ ଖଟୁଆ ପ୍ରକାଶ କରିଛନ୍ତି। କୋରାପୁଟ ମେଡିକାଲରେ ଆକ୍ରାନ୍ତଙ୍କ ଚିକିତ୍ସା ଭଲଭାବେ କରାଯାଉ ନ ଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ଅଧୀକ୍ଷକ ପ୍ରଫେସର ସୁଶାନ୍ତ ସାହୁ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ମଲ ମିଡିୟମ୍ ନ୍ୟୁଜ ପେପର ଏଡିଟର ଆସୋସିଏଶନ ପକ୍ଷରୁ ଜନସମ୍ପର୍କ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ଶ୍ରୀ ୟୁନିଭର୍ସିଟି ପକ୍ଷରୁ ସଂଯୁକ୍ତା ପାଣିଗ୍ରାହୀ ଆୱାର୍ଡ ଅଫ୍ ଏକ୍ସିଲେନ୍ସ ୨୦୨୪, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## କଟକ

- ବସ୍ତିବାସିନ୍ଦା ଏକତା ମଞ୍ଚ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଭୂମି ପ୍ରମାଣପତ୍ର ଦାବିରେ ଗଣବିକ୍ଷୋଭ ଓ ସଭା, ସ୍ଥାନ: ସିଏମ୍‌ସି ଅଫିସ ସମ୍ମୁଖ, ଚୌଧୁରୀ ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭାଷ ସଙ୍ଗଠନ ପକ୍ଷରୁ ଧାରଣା, ସ୍ଥାନ: ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା
- ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଜ୍ୟେଷ୍ଠପୁତ୍ର ସତ୍ୟବ୍ରତ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସେଣ୍ଟ ଜାଭିୟର୍ସ ସ୍କୁଲ ପଡ଼ିଆ, ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଗ୍ରାମ୍ୟପ୍ରଭା ପକ୍ଷରୁ ଶିଶୁ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ପେଣ୍ଠକଟା ବାତ୍ୟା ଆଶ୍ରୟସ୍ଥଳୀ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ପ୍ରଥମ ଷ୍ଟାଣ୍ଡିଂ କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ଭାଗସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପନୀ ଦିବସ, ସ୍ଥାନ: ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ଅପରାହ୍ନ ୧ଟା।

## ବାଲେଶ୍ୱର

- ୟୁଥ୍‌ଙ୍କ ନିମନ୍ତେ କାପାସିଟି ବିଲ୍ଡିଂ ଟ୍ରେନିଂ ପ୍ରୋଗ୍ରାମ୍, ସ୍ଥାନ– ପିଜି କାଉନସିଲ କନଫରେନ୍ସ ହଲ୍, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୮ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।
- ଜଳ ଜନିତ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଭିଏମ୍‌ଡିସି ବୈଠକ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଡାକ୍ତରଖାନାରେ ପୋଷଣଯୁକ୍ତ ଖାଦ୍ୟର ବ୍ୟବହାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଟ୍ରମାକେୟାର ସଭାଗୃହ, ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ଚୁନିଦା କ୍ଷେତ୍ରବାସୀ ସରକାରୀ ବିଦ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ପୂର୍ବତନ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଭଦ୍ରକ କଲେଜ ସଭାଗୃହ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ରକ୍ତଦାନ ଶିବିର,ସ୍ଥାନ: କନିଷି ହାଟ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଚାରା ରୋପଣ ଅଭିଯାନ,ସ୍ଥାନ:ଦାରିଙ୍ଗବାଡିର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ, ସମୟ: ସକାଳ ୭ ଟାରୁ ଆରମ୍ଭ ।

## ରାୟଗଡ଼ା

- ବ୍ଲକସ୍ତରୀୟ ଦିବ୍ୟାଙ୍ଗ ମେଳା ଓ କୃତ୍ରିମ ଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କମ୍ୟୁନିଟି ହଲ, ମୁନିଗୁଡା , ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର

- କର୍କଟ ରୋଗ ସୁରକ୍ଷା ଶିବିର, ସ୍ଥାନ: ନବରଙ୍ଗପୁର ଚଉଁରିଆଗୁଡ଼ା, ସମୟ: ପୂର୍ବାହ୍ନ ୯ଟା ୩୦।
- ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସମୀକ୍ଷା ବୈଠକ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଡିଏଫଏମ୍ ଟ୍ରଷ୍ଟ ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ରେଡ୍ ରିବନ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏସି କଲେଜ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ରାଷ୍ଟ୍ରଦୀପ ପ୍ରସାର ସମିତିର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମାଉସୀ ମା ମନ୍ଦିର, ନାଲକୋ ଟାଉନଶିପ ଦାମନଯୋଡ଼ି, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଉପନିର୍ଦ୍ଦେଶକ ଖଣି ବିଭାଗର କାର୍ଯ୍ୟାଳୟ ପରିଦର୍ଶନ ବାର୍ଷିକ ରିପୋର୍ଟ ଅନୁଧ୍ୟାନ, ସ୍ଥାନ: ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ କୋରାପୁଟ, ସମୟ : ଅପରାହ୍ନ ୪ ଟା।

## ମାଲକାନଗିରି

- କୌଶଳ ରଥ ଅଭିଯାନ, ସ୍ଥାନ:ସରକାରୀ ପଲିଟେକ୍‌ନିକ୍, ମାଲକାନଗିରି, ସମୟ:ସକାଳ ୮ଟା।

## ସମ୍ବଲପୁର

- ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର

- ଡିଜିଟାଲ କ୍ରପ ସର୍ଭେ ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସେବା ନିବୃତ୍ତ ସମ୍ବର୍ଦ୍ଧନା, ସ୍ଥାନ: ୟୁନିୟନ ବ୍ୟାଙ୍କ, ସମୟ: ଅପରାହ୍ନ ୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ଟୁଙ୍ଗି ରେ ଭାଗବତ ପାଠ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼

- ଆଚାର୍ଯ୍ୟ ବିକାଶ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ସକାଳ ୬ଟା ୩୦।
- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୯ଟା।
- ବିଜେଡି ପକ୍ଷରୁ ବ୍ଲକ ଅଫିସ ଘେରାଉ, ସ୍ଥାନ: ଅତାବିରା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ କୋଠରି ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠି ସାଧନ କେନ୍ଦ୍ର, ବିଜେପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେପୁର ବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ: ଅପରାହ୍ନ ୫ଟା।
- ଗଙ୍ଗାଧର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର କ୍ଲବ, ବରପାଲି, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଜଳସେଚନ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ଡେଙ୍ଗୁ ସଚେତନତା ଶିବିର, ସ୍ଥାନ: ଆମ୍ବେଦକର ବସ୍ତି, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ଆଦିବାସୀ କଲ୍ୟାଣ ସଂଘ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାସନ ପକ୍ଷରୁ ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି, ସମୟ: ଅପରାହ୍ନ ୧ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ଗ୍ରାମ ଦେବୀଙ୍କ ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଭାଗୀପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ଉତ୍ସବ ପାଇଁ ଶେଷ ବୈଠକ, ସହରସ୍ଥିତ ସତସଙ୍ଗ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ପୂଜା ସହ ମହାଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ନେଇ ସଚେତନତା ବୈଠକ, ସ୍ଥାନ:ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ

- ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସିନିୟର ଚେସ୍ ପ୍ରତିଯୋଗିତା ଉଦ୍‌ଯାପନ ଉତ୍ସବ, ସ୍ଥାନ: ଢେଙ୍କାନାଳସ୍ଥିତ ହୋଟେଲ ନିରୁପମା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପେଟ୍ରୋକେମିକାଲ ପ୍ରକଳ୍ପ ନିମନ୍ତେ ଜନଶୁଣାଣି, ସ୍ଥାନ: ଗୌରଚଣ୍ଡି ଠାକୁରାଣୀ ପ୍ରାଙ୍ଗଣ, ଜାଲପଦା, ବାଲିତୁଠ, ସମୟ: ପୂର୍ବାହ୍ନ ୧୧ଟା।
- ଏରସମା ବ୍ଲକରେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ, ସ୍ଥାନ: ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ୧୧ଟା।

## ନୟାଗଡ଼

- ଓସେପା ଓ ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ଜିଲାସ୍ତରୀୟ ସାଧନ କର୍ମୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଦେପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମ ଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜଙ୍ଗଲ ଅଧିକାର ଆଇନ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଯାଜପୁର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶିଳ୍ପ, ବ୍ୟବସାୟ ତଥା ପ୍ରତିଯୋଗିତା ପାଇଁ ଅନୁକୂଳ ପ୍ରଭାବ ହେତୁ ଶୁଭଫଳ ପାଇବେ। କୌଣସି ଅପୂରଣୀୟ ଇଚ୍ଛା ମନକୁ ବିଚଳିତ କରିବ। ନୂତନ ସ୍ଥାନ ବୁଲିଯିବା ସୁଯୋଗ ମିଳିବ ଓ ବନ୍ଧୁଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଅଶ୍ୱିନୀ ନକ୍ଷତ୍ରର ବିବାଦ ପରିପ୍ରେକ୍ଷୀରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ** ପଛରେ ଅନେକ କଥା କହୁଥିବା ବ୍ୟକ୍ତି ମୁହଁ ସାମ୍ନାରେ ନିଜର ଭଳି ଆଚରଣ କରିବେ। ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। ଅର୍ଥ କିମ୍ବା ଦରକାରୀ ଜିନିଷ ପାଇବାକୁ ନେଇ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି। ଶିଳ୍ପ, କାରିଗରି, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଆଜି ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହିବ। କୌଣସି ମୂଲ୍ୟବାନ ଜିନିଷ କ୍ରୟ ସକାଶେ ଆର୍ଥିକ ଅନଟନ ମୁଖ୍ୟ ସମସ୍ୟା ହେବ। ଯାହା କିଛି କହିବେ ଭାବିଚିନ୍ତି କହନ୍ତୁ, ନଚେତ୍ ଭଲ ବଦଳରେ ମନ୍ଦ ଫଳ ଭୋଗିବାକୁ ପଡ଼ିପାରେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ନ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** କାର୍ଯ୍ୟବ୍ୟସ୍ତତା ହେତୁ ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଅର୍ଥର ଅଭାବ ନ ଥିଲେ ମଧ୍ୟ ଖର୍ଚ୍ଚ ପ୍ରତି ସଜାଗ ରହିବା ଭଲ। ନିଜ ଲୋକଙ୍କୁ ଭୁଲ୍ ବୁଝି ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ମହିଳାମାନେ ସୁଫଳ ପାଇବେ।

**ସିଂହ** ଆଜି ଆକସ୍ମିକ ଯାତ୍ରା କରିବା ସହିତ ପରିବାରର ଆବଶ୍ୟକତା ପୂରଣ ଦିଗରେ ଖର୍ଚ୍ଚାନ୍ତ ହେବେ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଅସମର୍ଥ ହୋଇପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ୱାସ୍ଥ୍ୟ ବ୍ୟାହତ ଆଶଙ୍କା ଉପୁଜିପାରେ। ହଠାତ୍ ଜଣେ ବନ୍ଧୁ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** ବିଭିନ୍ନ ଦିଗରୁ ଅର୍ଥାଗମ ସହ ପାର୍ଟିରେ ବନ୍ଧୁମିଳନ ଓ ସୁସ୍ୱାଦୁ ଭୋଜନର ଯୋଗ ରହିଛି। ସ୍ଥଗିତ କାମକୁ ତ୍ୱରିତ ପଦକ୍ଷେପ ନେଇ ସମ୍ପନ୍ନ କରିବେ। ଲାଗି ରହିଥିବା ଘରୋଇ ସମସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ଦିନଟିରେ କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ହଠାତ୍ ଜଣେ ବନ୍ଧୁଙ୍କ କାମରେ ଯୋଗଦେବା ପାଇଁ ମନ ଛଟପଟ ହେବ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନରେ କିଛିଟା ବ୍ୟତିକ୍ରମଜନିତ ଅଶାନ୍ତି ସୃଷ୍ଟି କରିବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କିମ୍ବା ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ଆଜି ସମସ୍ୟା ମଧ୍ୟରେ ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହୋଇ କୃତକାର୍ଯ୍ୟ ହେବେ। ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅବହେଳା କରିପାରିବେ ନାହିଁ। ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ଆଜି ଅନ୍ୟମନସ୍କ କିମ୍ବା ସତର୍କତା ଅଭାବରୁ ଧନହାନି ଘଟିପାରେ। କୌଣସି ବିବାଦୀୟ ମନ୍ତବ୍ୟ ଦେଇ ବନ୍ଧୁମାନଙ୍କ ଅପ୍ରିୟଭାଜନ ହୋଇପାରନ୍ତି। ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବ। ଭଲ ସମ୍ପର୍କ ରଖିଥିବା ନିଜ ଲୋକମାନେ ସ୍ୱାର୍ଥହାନି ଆଶଙ୍କାରେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେବା ହେତୁ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ପଡ଼ୋଶୀ ସାଧାରଣ କଥାକୁ ଅତିରଞ୍ଜିତ କରି କଳହ କରିପାରନ୍ତି । କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ଲକ୍ଷ୍ୟ କରି ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଶା କରୁଥିବା ଜିନିଷ ନ ପାଇବା କାରଣରୁ ମନରେ ଅସନ୍ତୋଷ ଭରି ରହିପାରେ।

**ମୀନ** ସମସ୍ୟାର ସମାଧାନ କରି ନ ପାରିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହେବ। ନିକଟ ଅତୀତରେ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ଆବଶ୍ୟକତା ପୂରଣ ସକାଶେ ଧାର କରିବାକୁ ପଡ଼ିପାରେ। କାମର ଚାପ ବଢ଼ିବା କାରଣରୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଘରୋଇ ବାଦବିବାଦ କିମ୍ବା ଜମିଜମା ବିଷୟ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ।

ଆଜି ଜୁଲାଇ ୩୧ ତାରିଖ, ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ ଚକ୍ରବୁଲା ଏକାଦଶୀ ବୁଧବାର, ରାଶିନକ୍ଷତ୍ର–ଦିବା ଘ.୧୦.୧୩ମି. ଗତେ, ମୃଗଶିରା/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୨୫ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## କେରଳରେ ଓଡ଼ିଆ ...

ସୋମବାର ରାତି ପ୍ରାୟ ୨ଟାରେ ଭୂସ୍ଖଳନ ସହ ମାଟି ମିଶା ପାଣି ଜନବସତି ଅଞ୍ଚଳକୁ ମାଡ଼ି ଆସିଥିଲା। ଏନେଇ ବିଷ୍ଣୁଙ୍କ ବାପା ତଥା ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପ୍ରମୋଦ କୁମାର ଚିନାରା କହିଛନ୍ତି, ରାତି ପ୍ରାୟ ୨ଟାରେ ବନ୍ୟାପାଣି ମାଡ଼ି ଆସିଲା। ଏହାପରଠାରୁ ବିଷ୍ଣୁଙ୍କ ପତ୍ତା ମିଳୁନି। ପ୍ରିୟଦର୍ଶିନୀଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳ ୬ଟାରେ ଫୋନ୍ ଯୋଗେ ଏ ସମ୍ପର୍କରେ ପ୍ରିୟଦର୍ଶିନୀ ମୋତେ ଜଣାଇଥିଲେ। ପରେ ମୁଁ ଏନେଇ ହାଇଟେକ୍ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲି। ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ବିଷ୍ଣୁଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନିକ ସ୍ତରରେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ, ଡା. ଚିନାରା ୨ ବର୍ଷ ତଳେ ପ୍ରିୟଦର୍ଶିନୀଙ୍କୁ ବିବାହ କରିଥିଲେ।

## ଆଇପିଏସ୍ ଅଫିସର...

ପଣ୍ଡିତଙ୍କୁ ରାଜ୍ୟ ସରକାର ମଙ୍ଗଳବାର ଚାକିରିରୁ ନିଲମ୍ବନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ନୀତି ଆୟୋଗ ବୈଠକ ଶେଷ କରି ଫେରିବା ପରେ ପଣ୍ଡିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି ପଣ୍ଡିତଙ୍କ ବିରୋଧରେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ଦେଇଥିବା ଗୋପନୀୟ ରିପୋର୍ଟ ଆଧାରରେ ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗତ ୨୭ ତାରିଖରେ କ୍ୟାପିଟାଲ ଥାନା ଅଧୀନରେ ଆସୁଥିବା ଅଞ୍ଚଳରେ ରାଜେଶ ପଣ୍ଡିତ ଘଟାଇଥିବା ଘଟଣାକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଣେ ଆଇପିଏସ୍ ଅଫିସର ଭାବେ ପଣ୍ଡିତ ରାଜେଶ ଘଟାଇଥିବା ଘଟଣା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସର୍ବଭାରତୀୟ ସେବା, ୧୯୬୯ ନିୟମ ଅନୁଯାୟୀ ରାଜେଶଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରିବେ। ପୋଲିସ ଡିଜିଙ୍କ ବିନା ଅନୁମତିରେ ସେ ପୋଲିସ ମୁଖ୍ୟାଳୟ ଛାଡ଼ି କୁଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଯଦି କୌଣସି ବ୍ୟବସାୟ ବା ଆଉ କେଉଁଠାରେ ଚାକିରି ନ କରିବେ ତେବେ ରାଜେଶଙ୍କୁ ଆଲାଉନ୍ସ ଆକାରରେ ସରକାର ଡିଡିଓ ମାଧ୍ୟମରେ ଅର୍ଥ ପ୍ରଦାନ କରିବେ। ସେ ତାହା ପୋଲିସ ମୁଖ୍ୟାଳୟରୁ ଗ୍ରହଣ କରିବେ ବୋଲି ଉଲ୍ଲେଖ କରାଯାଇଛି।

## ୧୮ ବଗି ଲାଇନଚ୍ୟୁତ: ରାଉରକେଲାର ...

କି.ମି. ଦୂର ବାରାବାମ୍ବୋ ନିକଟରେ ଭୋର ୩ଟା ୪୫ ମିନିଟ୍ ସମୟରେ ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ସେଠାରେ ଏକ ମାଲବାହୀ ଟ୍ରେନ୍ ମଧ୍ୟ ଲାଇନଚ୍ୟୁତ ହୋଇଥିବା ସାଉଥଇଷ୍ଟର୍ନ ରେଲୱେ ମୁଖପାତ୍ର ଓମ୍‌ପ୍ରକାଶ ଚରଣ କହିଛନ୍ତି। ତେବେ ଦୁଇଟିଯାକ ଦୁର୍ଘଟଣା ଏକସଙ୍ଗେ ଘଟିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ରେଲୱେ ପକ୍ଷରୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରେଲୱେ ନିରାପତ୍ତା କମିଶନଙ୍କ ନେତୃତ୍ୱରେ ଏକ ଟିମ୍ ଦୁର୍ଘଟଣାର ତଦନ୍ତ କରିବ। ପଶ୍ଚିମ ସିଂହଭୂମ ଡେପୁଟି କମିଶନର କୁଳଦୀପ ଚୌଧରୀଙ୍କ ସୂଚନା ଅନୁଯାୟୀ ହାଓଡା–ମୁମ୍ବାଇ ଟ୍ରେନ୍ ସେଠାରେ ଛିଡ଼ାହୋଇଥିବା ମାଲ୍‌ବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ଲାଇନଚ୍ୟୁତ ହୋଇଥିବା ୧୮ ବଗି ମଧ୍ୟରୁ ୧୬ଟି ପାସେଞ୍ଜର ବଗି ହୋଇଥିବାବେଳେ ଗୋଟିଏ ପାୱାର କାର୍ ଏବଂ ଅନ୍ୟଟି ପାନ୍ଟ୍ରି କାର୍ ବୋଲି ମୁଖପାତ୍ର ସୂଚନା ଦେଇଛନ୍ତି। ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଆହତମାନଙ୍କୁ ସହାୟତା ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ବାରାବାମ୍ବୋରେ ଚିକିତ୍ସା ଯୋଗାଇ ଦିଆଯାଉଛି। ରେଲୱେ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କ ପାଇଁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଥିବାବେଳେ ସାମାନ୍ୟ ଆହତଙ୍କୁ ଲକ୍ଷେ ଟଙ୍କା ଲେଖାଏ ମିଳିବ। ୮୦ ପ୍ରତିଶତ ଯାତ୍ରୀଙ୍କୁ ଚକ୍ରଧରପୁର ରେଳଷ୍ଟେଶନ ପଠାଇଦିଆଯାଇଥିବାବେଳେ ଅବଶିଷ୍ଟ ୨୦ ପ୍ରତିଶତଙ୍କୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପଠାଯାଇଥିବା ରେଲ୍‌ୱେର ମୁଖ୍ୟ ଜନସମ୍ପର୍କ ଅଧିକାରୀ କହିଛନ୍ତି।

ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଲାଗିରହିଥିବାରୁ ଇଣ୍ଡିଆ ବ୍ଲକ୍‌ର ନେତାମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଗତ କିଛି ମାସ ମଧ୍ୟରେ ଟ୍ରେନ୍ ଦୁର୍ଘଟଣାରେ ଅନେକ ଜୀବନ ଗଲାଣି। ମଙ୍ଗଳବାର ଝାଡ଼ଖଣ୍ଡରେ ଘଟିଥିବା ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ସରକାରଙ୍କୁ ନିନ୍ଦା କରିଛି। ଟ୍ରେନ୍‌ଗୁଡ଼ିକରେ ମୌଳିକ ନିରାପତ୍ତାକୁ ଅଣଦେଖା କରାଯାଉଥିବାରୁ ପ୍ରତିଦିନ ଲୋକେ ଅସୁବିଧାରେ ପଡୁଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ଅମଳରେ ଟ୍ରେନ୍ ଦୁର୍ଘଟଣା ସାଧାରଣ ଘଟଣାରେ ପରିଣତ ହୋଇଥିବାବେଳେ କେନ୍ଦ୍ର ସରକାର ଏବଂ ରେଳ ମନ୍ତ୍ରଣାଳୟ ନିଜକୁ ଦାୟୀ କରୁ ନ ଥିବା ଟିଏମ୍‌ସି କହିଛି।

## ଟ୍ରେନ୍ ଦୁର୍ଘଟଣାରେ ୨ ମୃତକ ରାଉରକେଲାର


ଅଜିତ ସାମଲ


ପି.ବିକାଶ ରାଓ

ରାଉରକେଲା,୩୦।୭ (ସଙ୍ଗୀତା ଜେନା)

ହାୱଡ଼ାରୁ ମୁମ୍ବାଇ ଛତ୍ରପତି ଶିବାଜୀ ଟର୍ମିନାସ୍‌କୁ ଯାଉଥିବା ମୁମ୍ବାଇ ମେଲ୍ ଦୁର୍ଘଟଣାରେ ୨ମୃତକ ହେଉଛନ୍ତି ରାଉରକେଲାର ଯୁବକ। ସେମାନେ ହେଉଛନ୍ତି ମାଲଗୋଦାମ ଅଞ୍ଚଳର ଅଜିତ ସାମଲ ଓ ରେଳବାଇ କଲୋନୀର ପି.ବିକାଶ ରାଓ। ଅଜିତ ବିବାହିତ ଓ ୨ ସନ୍ତାନର ଜନକ। ସେ ଟାଟାନଗରରେ ଜଣେ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ, ଅଜିତ ସୋମବାର ସକାଳେ ପନିପରିବା କିଣି ଘରକୁ ଦେବା ପରେ ଟାଟାଯାଇଥିଲେ। ଏହି ଟ୍ରେନ୍‌ରେ ରାତିରେ ରାଉରକେଲା ଫେରୁଥିଲେ। ସେହିପରି ପି.ବିକାଶ ରାଓ ଅବିବାହିତ। ରେଳବାଇ କଲୋନୀରେ ମା' ଓ ଭାଇଙ୍କ ସହ ରହୁଥିଲେ। ସେ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିଲେ। ଦୁହେଁ, ଜେନେରାଲ ବଗିରେ ଯାତ୍ରା କରୁଥିଲେ ବୋଲି ସୂଚନା ମିଳିଛି। ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ରହିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କୁହାଯାଇଛି। ରାଉରକେଲାରେ ଦୁଇ ଯୁବକଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ୮ ଟ୍ରେନର ମାର୍ଗ ପରିବର୍ତ୍ତନ, ୩ ବାତିଲ

ଭୁବନେଶ୍ୱର, ୩୦।୭(ଅନୁରାଧା ମହାରଣା)

ଝାଡ଼ଖଣ୍ଡ ଚକ୍ରଧରପୁର ଡିଭିଜନରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା କାରଣରୁ ରେଳ ଚଳାଚଳ ପ୍ରଭାବିତ ହୋଇଛି। ଏହି କ୍ରମରେ ୮ଟ ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଥିବାବେଳେ ୩ଟି ଟ୍ରେନ୍ ବାତିଲ ହୋଇଛି। ବାତିଲ ହୋଇଥିବା ଟ୍ରେନ୍ ମଧ୍ୟରେ ହାୱଡ଼ା–କଣ୍ଟାବାଞ୍ଜି ଏକ୍ସପ୍ରେସ୍, ଖଡ଼ଗପୁର–ଧାନବାଦ ଏକ୍ସପ୍ରେସ୍ ଓ ହାୱଡ଼ା–ବଡ଼ବିଲ ଏକ୍ସପ୍ରେସ୍ ରହିଛି। ତେବେ ଯାତ୍ରୀଙ୍କୁ ଟ୍ରେନ୍ ସମ୍ପର୍କିତ ସୂଚନା ପ୍ରଦାନ ତଥା ସହାୟତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ଚକ୍ରଧରପୁର, ଟାଟାନଗର , ହାୱଡ଼ା, ମୁମ୍ବାଇର ଦାଦର, କଲ୍ୟାଣ ଓ ଠାଣେ ସମେତ ରାଉରକେଲା ଓ ସମ୍ବଲପୁର ଷ୍ଟେଶନର ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି।

## ଇତିହାସ ରଚିଲେ ...

ହେବାପରେ ତାଙ୍କ ପୂର୍ବରୁ କେବଳ ସୁଶୀଲ କୁମାର (କୁସ୍ତି) ଓ ପି.ଭି. ସିନ୍ଧୁ (ବ୍ୟାଡ୍‌ମିଣ୍ଟନ) ଭିନ୍ନଭିନ୍ନ ଅଲିମ୍ପିକ୍ସରେ ୨ଟି ପଦକ ଜିତି ଏହି କ୍ଲବର ସଦସ୍ୟ ଅଛନ୍ତି। ଭାକରଙ୍କ ଏହି ସଫଳତା ଦେଶରେ ମହିଳା କ୍ରୀଡ଼ାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି। ''ମୁଁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛି ଏବଂ ସମସ୍ତଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ମଧ୍ୟ ଜ୍ଞାପନ କରୁଛି'' ବୋଲି ନିଜ ପ୍ରଥମ ପ୍ରତିକ୍ରିୟାରେ ଭାକର ପ୍ରକାଶ କରିଛନ୍ତି। ୩ ବର୍ଷ ପୂର୍ବେ ଟୋକିଓ ଅଲିମ୍ପିକ୍ସରେ ବନ୍ଧୁକ ଖରାପ ହୋଇଯିବାରୁ ସେ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇପାରି ନ ଥିଲେ। ସେହିପରି ସୌରଭ ଚକ୍ରବର୍ତ୍ତୀଙ୍କ ପାର୍ଟନର କରି ମିକ୍ସଡ ଟିମ୍ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ୭ମ ସ୍ଥାନରେ ରହିଥିଲେ।

ଏଠାରେ ବ୍ରୋଞ୍ଜ ପଦକ ବିଜୟ ଅମ୍ବାଲା ଶୁଟର ସରବଜୋତ୍ ସିଂଙ୍କୁ ନୂଆ ପରିଚୟ ଦେଇଛି। ଶନିବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଫାଇନାଲରେ ସେ ୫୭୭ ପଏଣ୍ଟ ସ୍କୋର କରି ୯ମ ସ୍ଥାନରେ ରହିଥିଲେ। ଏହି ବିଫଳତାକୁ ପଛରେ ପକାଇ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ''ମୁଁ ବହୁତ ଖୁସି ଅନୁଭବ କରୁଛି। ଗେମ୍ ବହୁତ କଷ୍ଟସାଧ୍ୟ ଥିଲା ଏବଂ ସେଠାରେ ଅନେକ ଚାପ ମଧ୍ୟ ରହିଥିଲା। ଫଳାଫଳରେ ମୁଁ ପ୍ରକୃତରେ ଆନନ୍ଦିତ'' ବୋଲି ୨୨ ବର୍ଷୀୟ ସରବଜୋତ୍ କହିଛନ୍ତି। ମିକ୍ସଡ ଇଭେଣ୍ଟରେ ଭାରତର ଆରମ୍ଭ ନୈରାଶ୍ୟଜନକ ରହିଥିଲା। ସରବଜୋତ୍‌ଙ୍କ ଓପନିଂ ଶୁଟ୍ ମାତ୍ର ୮.୬ ରହିଥିଲା। ଭାକର ୧୦.୨ ଶୁଟ୍ କରିବାରୁ ଏଗ୍ରିଗେଟ୍ ୧୮.୮ରେ ପହଞ୍ଚିଥିଲା। ସେ ତୁଳନାରେ କୋରିଆ ଯୋଡ଼ି ୨୦.୫ ପଏଣ୍ଟ ହାସଲ କରି ଆଗରେ ରହିଥିଲେ। ୦–୨ରେ ପଛୁଆ ରହିବା ପରେ ଭାରତୀୟ ଯୋଡ଼ି ଚାପ ପରିସ୍ଥିତି ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାକରଙ୍କ ସ୍ଥିର ପ୍ରଦର୍ଶନ ଉପାଦେୟ ରହିଥିଲା। ଭାକର ଓ ସରବଜୋତ୍ ପରବର୍ତ୍ତୀ ୪ ରାଉଣ୍ଡ ଜିତି ୮–୨ରେ ପହଞ୍ଚିବାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ୧୩ ରାଉଣ୍ଡ ବିଶିଷ୍ଟ ମୁକାବିଲାରେ ଭାକର କେବଳ ୩ ଥର ୧୦ ପଏଣ୍ଟ ତଳକୁ ସ୍କୋର କରିଥିଲେ। ପ୍ରକାଶଯୋଗ୍ୟ, ସରବଜୋତ୍ ମଧ୍ୟ ଜଣେ ବିଶ୍ୱ ଚାମ୍ପିୟନଶିପ୍, ବିଶ୍ୱକପ୍ ଏବଂ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ।

# ଜଳଭଣ୍ଡାର, ନଦୀ ଜଳ ପ୍ରବାହ ସ୍ଥିତି ସମୀକ୍ଷା

## ଜିଲାପାଳଙ୍କୁ ସତର୍କ ରହିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)

ଲଗାଣ ବର୍ଷା ଯୋଗୁ ହୀରାକୁଦ ସମେତ ବିଭିନ୍ନ ନଦୀ ଅବବାହିକାରେ ଥିବା ଜଳଭଣ୍ଡାରଗୁଡ଼ିକର ଜଳସ୍ତର, ନଦୀରେ ଜଳପ୍ରବାହ ସ୍ଥିତି ନେଇ ଜଳ ସମ୍ପଦ ବିଭାଗ ଏବଂ ଜିଲାପାଳମାନଙ୍କ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଲୋକ ସେବା ଭବନଠାରେ ଆୟୋଜିତ ବୈଠକରେ ହୀରାକୁଦ ଓ ରେଙ୍ଗାଲି ସମେତ ଅନ୍ୟ ବୃହତ୍ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ଏବଂ ବର୍ତ୍ତମାନର ଜଳସ୍ତର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଛି। ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ବର୍ଷାଋତୁରେ ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଲେ ବିଭାଗ ଦ୍ୱାରା ଅନୁସରଣ କରାଯାଉଥିବା ରୁଲ୍ କର୍ଭ, ବିଭିନ୍ନ ନଦୀ ଅବବାହିକାର ଉପରମୁଣ୍ଡରେ ଜଳ ପ୍ରବେଶର ସୂଚନା ଏବଂ ବିଭିନ୍ନ ନଦୀରେ ଜଳ ପ୍ରବାହର କ୍ଷମତା ଆଧାରରେ ନଦୀରେ ଜଳ ଛଡ଼ାଯାଇଥାଏ। ହୀରାକୁଦ ଜଳଭଣ୍ଡାରରେ ୯୮ଟି ଗେଟ୍ ମଧ୍ୟରୁ ୨୦ଟି ଗେଟ୍ ଖୋଲାଅଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ସ୍ଥିତି, ନଦୀରେ ଜଳ ପ୍ରବାହ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଜଳକା ନଦୀ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିବା ସେ କହିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି, ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ କରାଯାଇଛି। ଏଥିପାଇଁ ମାନକ ସଞ୍ଚାଳନ ପଦ୍ଧତି(ଏସ୍‌ଓପି) ରହିଛି। ଏହାକୁ ଆଧାରକରି ରାଜ୍ୟ ତଥା ଜିଲାସ୍ତରରେ ସମ୍ଭାବ୍ୟ ବନ୍ୟା, ବାତ୍ୟା, ମରୁଡ଼ି ଆଦିର ପରିଚାଳନା କରାଯାଉଛି। ଲଗାଣ ବର୍ଷାଜନିତ ପ୍ରଭାବର ମୁକାବିଲା ସ୍ଥିତିରେ ଜିଲାଗୁଡ଼ିକର ଅଧିକାରୀ ଓ କର୍ମଚାରୀଙ୍କୁ ଛୁଟି ନ ନେବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ପୂର୍ବରୁ ରହିଥିବା ଏସ୍‌ଓପି ଆଧାରରେ ପୁନରୁଦ୍ଧାର ବ୍ୟବସ୍ଥା, ପ୍ରଶିକ୍ଷଣ,ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଯେଉଁ ଏସ୍‌ଓପି ରହିଛି, ଲଗାଣ ବର୍ଷାଜନିତ ପ୍ରଭାବ ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ତାହାକୁ ଅଧିକ କ୍ରିୟାଶୀଳ କରାଯାଇ ବିଭିନ୍ନ ବିଭାଗ ଓ ଜିଲାସ୍ତରରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

# ଏନ୍‌ଜିଟି ମାଗିଲେ ଡଙ୍କାରୀ ରିପୋର୍ଟ

## ପାହାଡ଼ ଧସି ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା

### ୪ ସପ୍ତାହରେ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ଯାଜପୁର/ଧର୍ମଶାଳା, ୩୦।୭(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା)

ଗତ ୭ ବର୍ଷ ମଧ୍ୟରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବିଭିନ୍ନ କଳାପଥର ଖାଦାନ ଓ କ୍ରଶରରେ ୪୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇସାରିଛି। ସେଥିମଧ୍ୟରୁ ୧୫।୫।୨୦୨୪ରେ ଡଙ୍କାରୀ ପାହାଡ଼ ଧସି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ୟୁଥ ୟୁନାଇଟେଡ ଫର୍ ସଷ୍ଟେନେବୁଲ ଆନର୍ଭାମେଣ୍ଟ ଟ୍ରଷ୍ଟ ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଗଠିତ ଖଣ୍ଡପୀଠ ଜଷ୍ଟିସ ବି. ଅମିତ ଷ୍ଟାଲେକର ଓ ଏକ୍ସପର୍ଟ ମେମ୍ବର ଅରୁଣ କୁମାର ବର୍ମା ୨୯।୭।୨୦୨୪ରେ ଶୁଣାଣି କରି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଧର୍ମଶାଳା ତହସିଲ ଅଞ୍ଚଳର କଳାପଥର ଖାଦାନଗୁଡ଼ିକରେ ୨୦୧୭ରେ ୧୦ ଜଣ, ୨୦୧୮ରେ ୧୪ ଜଣ ଓ ୨୦୨୩-୨୪ରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତେବେ ଡଙ୍କାରୀ ପାହାଡ଼ ଧସି ଶ୍ରମିକଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଚହଳ ପକାଇଥିଲା। ଡଙ୍କାରୀ ପାହାଡ଼ର ଖାତା ନମ୍ବର ୪୬୫ରେ ପ୍ଲଟ୍ ନମ୍ବର ୧୨୮(ପି) ଓ ୪୫(ପି)ର ୪ ଏକର ଜମିରେ କଳାପଥର ଉତ୍ତୋଳନ ପାଇଁ ଲିଜ୍‌ଧାରୀ ନାରାୟଣ ରାଉତଙ୍କୁ ଅନୁମତି ମିଳିଥିଲା। ଏହାବାଦ୍ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ଉପଯୁକ୍ତ ଭାବେ ନିରୀକ୍ଷଣ ନ କରି ୧୮।୪।୨୦୨୪ରେ କନ୍‌ସେଣ୍ଟ ଟୁ ଅପରେଟ(ସିଟିଓ) ପ୍ରଦାନ କରାଯାଇଥିଲା। ଲିଜ୍‌ଧାରୀ ଅନୁମତିଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ କରିବା ସହ ବ୍ଲାଷ୍ଟିଂ, ଓଭରଲୋଡ ଗାଡ଼ି ପରିବହନ ଯୋଗୁ ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଅତ୍ୟଧିକ ବାୟୁ ପ୍ରଦୂଷଣ ସୃଷ୍ଟି ହେଉଥିଲା। ଏହାବାଦ୍ ଏହି ଖାଦାନ ନିକଟରେ ଥିବା ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏଥିଯୋଗୁ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ମର୍ମରେ କ୍ଷୁଦ୍ରଜଳସେଚନ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ୩୧।୮।୨୦୧୮ରେ ଧର୍ମଶାଳା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହି କଳାପଥର ଖାଦାନରେ ମାଇନିଂ ପ୍ଲାନ ଏବଂ ଏସ୍‌ପିସିବିର ନିବନ୍ଧନ(ଟର୍ମ ଏଣ୍ଡ କଣ୍ଡିଶନ) ପାଳନ ହୋଇନାହିଁ। ଏହାସହ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି (ଡିଜିଏମ୍‌ଏସ୍)ର ଗାଇଡ୍ ଲାଇନ ଏଠାରେ କାର୍ଯ୍ୟକାରୀ ହେଉନାହିଁ। କଳାପଥର ପରିବହନ ଯୋଗୁ ରାସ୍ତା କ୍ଷତିଗ୍ରସ୍ତ ହେଉଥିଲେ ହେଁ ପୂର୍ତ୍ତ ବିଭାଗ ଆଖି ବୁଜି ଦେଇଛି। ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଲକ୍ଷ୍ୟ ରହୁଥିବାରୁ ସରକାରଙ୍କ ଉପରୋକ୍ତ ଆଇନକାନୁନ ସବୁ ଫସର ଫାଟୁଛି। ଫଳରେ କଳାପଥର ଉତ୍ତୋଳନ ସମୟରେ ଅଘଟଣ ଘଟି ବର୍ଷକୁ ପ୍ରାୟ ୫ ରୁ ୧୦ ଜଣ ଶ୍ରମିକଙ୍କ ଜୀବନ ଯାଉଛି। ଏନେଇ ସଂପୃକ୍ତ ପ୍ରଶାସନିକ ଅଧିକାରୀ ପ୍ରଭାବୀ ଢଙ୍ଗରେ ପଦକ୍ଷେପ ନେଇ ପାରୁ ନ ଥିବାରୁ ଦୁର୍ଘଟଣାଗୁଡ଼ିକ ନିୟନ୍ତ୍ରଣ ହେବା ସ୍ଥଳେ ଆହୁରି ବଢ଼ିବାରେ ଲାଗିଛି, ଯାହାର ଏକ ବଡ଼ ଉଦାହରଣ ଡଙ୍କାରୀ ପାହାଡ଼ରେ ଦେଖିବାକୁ ମିଳିଛି।

ଏନେଇ ଅଭିଯୋଗକାରୀ ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସମେତ ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏସ୍‌ପିସିବିର ସଦସ୍ୟ ସଚିବ, ଷ୍ଟେଟ ଆନର୍ଭାମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟିର ସଦସ୍ୟ ସଚିବ, ପାଣିକୋଇଲି ଆର୍ ଏଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଯାଜପୁର ରୋଡ଼ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ, ଯାଜପୁର ଏସ୍‌ପି, କ୍ଷୁଦ୍ର ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି, ଜଙ୍ଗଲ ବିଭାଗର ଡେପୁଟି ଡାଇରେକ୍ଟର ଓ ଲିଜ୍‌ଧାରୀ ନାରାୟଣ ରାଉତଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହି ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରୁଥିବାବେଳେ ୧୩।୯।୨୦୨୪ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ ହୋଇଛି।



ଡଙ୍କାରୀ ପାହାଡ଼

# ସଚିବ ଶାଶ୍ୱତ ମିଶ୍ରଙ୍କୁ ରାଜଭବନରେ ବିଦାୟ ସମ୍ବର୍ଦ୍ଧନା



ସଚିବ ଶାଶ୍ୱତ ମିଶ୍ରଙ୍କୁ ରାଜ୍ୟପାଳ ରଘୁବର ଦାସ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି।

ଭୁବନେଶ୍ୱର, ୩୦।୭ (ଅସମାପିକା ସାହୁ)

ରାଜଭବନଠାରେ ମଙ୍ଗଳବାର ବିଦାୟୀ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସହିତ ନବନିଯୁକ୍ତ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜଭବନର ଅଭିଷେକ ହଲ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି ନୂଆ ଦାୟିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅର୍ଥ ଓ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ମିଶ୍ର ରାଜ୍ୟ ପ୍ରଗତିରେ ଉଲ୍ଲେଖନୀୟ ଭୂମିକା ନିଭାଇବେ ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି। ରାଜ୍ୟପାଳ ନବନିଯୁକ୍ତ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇବା ସହିତ ରାଜଭବନର ଗରିମା ବଢ଼ାଇବାରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତା ଉପଯୋଗ କରିବେ ବୋଲି କହିଥିଲେ।

# ବଦଳିଲା ଜଳକାର ଜଳସ୍ତର ସଙ୍କେତ ମାପଦଣ୍ଡ

- ସ୍ଥିତି ଅନୁଧ୍ୟାନ କଲେ ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ
- ବିପଦ ସଂକେତ ତଳେ ଜଳକାର ଜଳସ୍ତର

ରୂପସା, ୩୦।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ସଂକେତ ମାପଦଣ୍ଡ ମଙ୍ଗଳବାର ସଂଶୋଧନ ହୋଇଛି। ମଥାନୀଠାରେ ପୂର୍ବରୁ ଏହାର ବିପଦସଂକେତ ୫.୫୦ ମିଟର ରହିଥିଲା। ସ୍ପେଶିଆଲ ରିଲିଫ କମିଶନରଙ୍କ ପୂର୍ବାନୁମାନ ରିପୋର୍ଟକୁ ତର୍ଜମା ପୂର୍ବକ ଜଳସମ୍ପଦ ବିଭାଗ ପକ୍ଷରୁ ଜଳସ୍ତର ସଂକେତ ମାପଦଣ୍ଡକୁ ପରିବର୍ତ୍ତନ କରାଯାଇଛି। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ କୁମାର ପ୍ରଧାନ ମଙ୍ଗଳବାର ବସ୍ତା ଗସ୍ତ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସଂଶୋଧନ ମୁତାବକ ମଥାନୀଠାରେ ସତର୍କ ସଂକେତ ୬ମିଟର ରହିଥିବା ବେଳେ ବିପଦ ସଂକେତ ୬.୫୦ ମିଟର ବୋଲି ଯନ୍ତ୍ରୀ ପ୍ରଧାନ କହିଥିଲେ। ବିଭାଗୀୟ ଜେଇ ମହେଶ୍ୱର ସିଂ ଉପସ୍ଥିତ ଥିଲେ।



ଜଳକା ନଦୀର ବିପଦସଙ୍କେତ ସ୍ତର।

ଲଘୁଚାପଜନିତ ବର୍ଷା କାରଣରୁ ୩ଦିନ ଧରି ବାଲେଶ୍ୱର ସମେତ ଜଳକା ନଦୀର ଉପରମୁଣ୍ଡ ରାସଗୋବିନ୍ଦପୁର, ଶୁଳିଆପଦା, ମୋରଡ଼ା, ଚିତ୍ରଡ଼ା ଆଦି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଜଳକାର ଜଳସ୍ତର ବୃଦ୍ଧି ପାଇଥିଲା। ମଙ୍ଗଳବାର ସକାଳ ୮ଟାରେ ଜଳସ୍ତର ବୃଦ୍ଧି ହୋଇ ୬.୩୦ ମିଟରରେ ପ୍ରବାହିତ ହେଉଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୬.୩୧ ମିଟରରେ ପ୍ରବାହିତ ହେଉଛି। ଜଳକା ଜଳସ୍ତର ବିପଦସଂକେତ ତଳେ ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି ଯନ୍ତ୍ରୀ ସିଂ କହିଛନ୍ତି। ବିପଦ ସଂକେତ ଟପି ୬.୭୨ ମିଟରକୁ ଜଳସ୍ତର ବୃଦ୍ଧି ହେଲେ ବନ୍ୟା ହେବାର ସମ୍ଭାବନା ରହିଛି। ପୁଣି ଯଦି ପ୍ରବଳ ବର୍ଷା ହୁଏ ତେବେ ବସ୍ତା ଓ ସଦର ବ୍ଲକର ୧୦ଟି ପଞ୍ଚାୟତ ପ୍ରଭାବିତ ହୋଇ ଧାନ ଚାଷରେ ବ୍ୟାପକ କ୍ଷତି ହେବା ସୁନିଶ୍ଚିତ ବୋଲି ଚାଷୀକୁଳ କହିଛନ୍ତି। ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଥିଲେ ହେଁ ବନ୍ୟା ପରିସ୍ଥିତି ଓ ଦୁର୍ବଳ ନଦୀବନ୍ଧ ମରାମତି ପ୍ରତି ପ୍ରଶାସନ ସଜାଗ ଥିବା ଇଂ. ପ୍ରଧାନ କହିଛନ୍ତି।

## ବିଧାନସଭା ସମାଚାର

# ବିରୋଧୀ ଉଠାଇଲେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ



- ସରକାରଙ୍କୁ ବିରୋଧୀଙ୍କ ପ୍ରଶ୍ନ
- ନୀତି ଆୟୋଗ ବୈଠକରେ କ'ଣ ମାଗିଲେ
- ସ୍ୱତନ୍ତ୍ର ରାଜ୍ୟପାହ୍ୟା, ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ନା ସ୍ୱତନ୍ତ୍ର ପ୍ୟାକେଜ

ଭୁବନେଶ୍ୱର,୩୦।୭(ଅନିଲ ଦାସ)

ସ୍ୱତନ୍ତ୍ର ରାଜ୍ୟପାହ୍ୟା, ସ୍ୱତନ୍ତ୍ର ଫୋକସ ଷ୍ଟେଟ୍ ନା ସ୍ୱତନ୍ତ୍ର ଆବଣ୍ଟନ, ନୀତି ଆୟୋଗ ବୈଠକରେ ରାଜ୍ୟ ସରକାର କ'ଣ ଦାବି ରଖିଛନ୍ତି। ସେ ବିଷୟରେ ସରକାର ଗୃହକୁ ଅବଗତ କରାନ୍ତୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗ ବୈଠକରେ ଯୋଗଦେଇ ଫେରିବା ପରେ ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇ ବିବୃତି ଦାବି କରିଛନ୍ତି।

ଶୂନ୍ୟକାଳରେ ବିଜେଡି ସଭ୍ୟ ଅରୁଣ ସାହୁ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ବିଧାନସଭାର ବଜେଟ ସେସନ ଚାଲିଛି। ଇତିମଧ୍ୟରେ ନୂଆଦିଲ୍ଲୀରେ ନୀତି ଆୟୋଗ ବୈଠକ ଶେଷ ହୋଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ ଫେରିଛନ୍ତି। ନୀତି ଆୟୋଗ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ରାଜ୍ୟ ପାଇଁ କ'ଣ ଦାବି କରିଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା, ସ୍ୱତନ୍ତ୍ର ଫୋକସ ଷ୍ଟେଟ୍ ନା ସ୍ୱତନ୍ତ୍ର ଆବଣ୍ଟନ, କ'ଣ ଦାବି ରଖିଲେ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଭାଜପାର ୨୦୧୪ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଥିଲା। ପରବର୍ତ୍ତୀ ସମୟରେ ଦଳ ଏହାକୁ ହଟାଇ ଦେଇଥିଲା। ଏବେ ନୂଆ ସ୍ୱତନ୍ତ୍ର ଆବଣ୍ଟନର ଯୁଗ ଆସିଛି। ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଇଛି। ଓଡ଼ିଶାର ଭୋଟ ପାଇ କେନ୍ଦ୍ରରେ ଭାଜପା ସରକାର କରିଛନ୍ତି। ୨୧ ଏମ୍‌ପିରୁ ୨୦ ଏମ୍‌ପି ନେଇଛନ୍ତି। ଏପରି ସ୍ଥିତିରେ ଓଡ଼ିଶା ପାଇଁ ନୀତି ଆୟୋଗ ବୈଠକରେ ସ୍ୱତନ୍ତ୍ର ରାଜ୍ୟପାହ୍ୟା ନା ସ୍ୱତନ୍ତ୍ର ଫୋକସ ଷ୍ଟେଟ ନା ସ୍ୱତନ୍ତ୍ର ଆବଣ୍ଟନ ମଗାଯାଇଛି ତାହା ଗୃହରେ ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିଜେଡି ସହିତ କଂଗ୍ରେସ ମଧ୍ୟ ତାଳ ଦେଇଛି। କଂଗ୍ରେସ ମଧ୍ୟ ସମାନ ପ୍ରଶ୍ନ କରିଛି। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟ ମାନ୍ୟତା ଡବଲ ଇଞ୍ଜିନ ସରକାର ଦେବେ ବୋଲି ଆମେ ଆଶା କରୁଛୁ। ସ୍ୱତନ୍ତ୍ର ରାଜ୍ୟପାହ୍ୟା ନା ସ୍ୱତନ୍ତ୍ର ଫୋକସ ନା ସ୍ୱତନ୍ତ୍ର ପ୍ୟାକେଜ ଦାବି ହୋଇଛି ସେ ବିଷୟରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି। ଓଡ଼ିଶା ଏକ ଆଦିବାସୀ ଓ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଆନ୍ଧ୍ର ଓ ବିହାରକୁ ସ୍ୱତନ୍ତ୍ର ପ୍ୟାକେଜ ମିଳିଛି। ଓଡ଼ିଶାକୁ ଅଣଦେଖା କରାଯାଇଛି। ଭାଜପା ୨୦୧୪ ଦଳୀୟ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟପାହ୍ୟା କଥା କହିଥିଲା। ଏବେ କ'ଣ ଦାବି ରଖିଛନ୍ତି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଛନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆନ୍ଧ୍ରକୁ ପଇସା ଦେଇଛନ୍ତି। ଏହି ଡ୍ୟାମର ଉଚ୍ଚତା ଧୀରେ ଧୀରେ ବଢାଯାଉଛି। ଏହାଦ୍ୱାରା କୋରାପୁଟ ଓ ମାଲକାନଗିରିର ବହୁ ଆଦିବାସୀ ଗାଁ ବୁଡି ଯିବାର ସମ୍ଭାବନା ରହିଛି। ପୋଲାଭରମ ପ୍ରସଙ୍ଗରେ କ'ଣ କରିଛନ୍ତି ତାହା ମୁଖ୍ୟମନ୍ତ୍ରୀ ଗୃହରେ ପ୍ରକାଶ କରିବାକୁ କାଡାମ ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ସି.ଏସ. ରାଜନ ଏକ୍କା ମଧ୍ୟ ନୀତି ଆୟୋଗ ବୈଠକରେ ସରକାର କି ପ୍ରସ୍ତାବ ରଖିଛନ୍ତି ତାହା ଗୃହରେ ପ୍ରକାଶ କରିବାକୁ ଦାବି କରିଛନ୍ତି।

# ପାନୀୟ ଜଳ ଯୋଗାଣକୁ ନେଇ ବିଧାନସଭାରେ ଉଦ୍‌ବେଗ

## ୨୦୨୫ ଶେଷ ସୁଦ୍ଧା ସବୁ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବ: ମନ୍ତ୍ରୀ ରବି ନାଏକ

ପିଇବା ପାଣି ଯୋଗାଣକୁ ନେଇ ବିଧାନଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ନିଜ ନିଜ ଅଞ୍ଚଳରେ ପିଇବା ପାଣିର ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଧାନସଭାରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଟିର୍କିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁରଳ, ସୁମାଣ୍ଡି ଓ ସୋନପୁର ପଞ୍ଚାୟତ ସମୁଦ୍ରକୂଳିଆ ହୋଇଥିବାରୁ ସେଠାରେ ପିଇବା ପାଣି ସମସ୍ୟା ରହିଛି। ସେହି ପଞ୍ଚାୟତଗୁଡ଼ିକୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଛନ୍ତି, ସୁରଳ, ସୁମାଣ୍ଡି ଏବଂ ସୋନପୁର ପଞ୍ଚାୟତରେ ୧୦୮ଟି ନଳକୂପ କାର୍ଯ୍ୟକ୍ଷମ ଅଛି। ସେଥିରୁ ୩୦ଟି ଲୁଣି ପ୍ରଭାବିତ ହୋଇଥିବାରୁ ସେ ଅଞ୍ଚଳର ଲୋକଙ୍କୁ ୧୦ଟି ଗ୍ରାମକୁ ପାଇପ ଯୋଗେ ଏବଂ ୭୧ଟି ନଳକୂପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହାଛଡ଼ା ଉକ୍ତ ୩ଟି ପଞ୍ଚାୟତ ସହିତ ଟିର୍କିଟି ବ୍ଲକର ୧୬ଟି ପଞ୍ଚାୟତ ଓ ପାତ୍ରପୁର ବ୍ଲକର ୧୪ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ୨୬୩ କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ ନେଇଛନ୍ତି। ଏହା ଆସନ୍ତା ୨୦୨୫ ଡିସେମ୍ବର ୩୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ବିଜେଡି ସଭ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାଜପା ସଭ୍ୟ ସିଦ୍ଧାନ୍ତ ମହାପାତ୍ର, ଦୁର୍ଗା ପ୍ରସନ୍ନ ନାୟକ. ଭାଜପା ସଭ୍ୟ ଭାସ୍କର ମଢ଼େଇ, ଲକ୍ଷ୍ମଣ ବାଗ, ପୂର୍ଣ୍ଣଚନ୍ଦ୍ର ସେଠି, କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ନଳିନୀ କାନ୍ତ ପ୍ରଧାନ, କଂଗ୍ରେସ ସଭ୍ୟ ଦାଶରଥି ଗମାଙ୍ଗ ପ୍ରମୁଖ ଗ୍ରାମାଞ୍ଚଳରେ ପାନୀୟ ଜଳ ମିଳୁ ନ ଥିବା ଅଭିଯୋଗ କରିଥିଲେ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାଇପର ମାନ ନିର୍ଦ୍ଧାରଣ ହେଉନି। ଅତି କମ୍‌ରେ ୩ ଫୁଟ ତଳେ ପାଇପ ଯିବା କଥା। ମାତ୍ର ଫୁଟେ କିମ୍ବା ୬ ଇଞ୍ଚ ତଳେ ନିଆଯାଉଛି। କେତେକ ଜାଗାରେ ମାଟି ଉପରେ ମଧ୍ୟ ନିଆଯାଉଛି। ସେସବୁ ପାଇପ ଫାଟି ପାଣି ନଷ୍ଟ ହେଉଛି। ଦୂଷିତ ପାଣି ପିଇ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅବିଭକ୍ତ କୋରାପୁଟ ଜିଲାର କାଶିପୁରରେ ଲୋକମାନେ ଦୂଷିତ ପାଣି ପିଇ ଝାଡ଼ାବାନ୍ତିରେ ମରୁଛନ୍ତି। ବୋରିଗୁମାଠାରେ ଏକ ପାନୀୟ ଜଳ ପ୍ରକଳ୍ପ ୮ ବର୍ଷ ହେବ ନିର୍ମାଣ ହେଉଛି। ତାହା ସରିବା ନାଁ ଧରୁନି। ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। ଏକ ଗୃହ କମିଟି କରି ସରକାର ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଅବସ୍ଥା ଅନୁଧ୍ୟାନ କରନ୍ତୁ ବୋଲି ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଦାବି କରିଛନ୍ତି। ସଦସ୍ୟମାନଙ୍କର ଉଦ୍‌ବେଗକୁ ଦେଖି ପାନୀୟ ଜଳ ପ୍ରକଳ୍ପଗୁଡ଼ିକ କିପରି ଶୀଘ୍ର ଶେଷ ହେବ ସେ ନେଇ ଏକ କମିଟି ଗଠନ କରି ନିୟମିତ ସମୀକ୍ଷା କରିବାକୁ ବାଚସ୍ପତି ସୁରମା ପାଢ଼ୀ ପାନୀୟ ଜଳ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୨୫ ଡିସେମ୍ବର ସୁଦ୍ଧା ସମସ୍ତ ଘରକୁ ପିଇବା ପାଣି ଯୋଗାଇ ଦିଆଯିବ। ୪୧ଟି ଓଭରହେଡ ଟାଙ୍କି ନିର୍ମାଣ ହେବ। ସେଥିରୁ ଗୋଟିଏ ନିର୍ମାଣ ସରିଛି। ବିଭିନ୍ନ ଅଞ୍ଚଳରେ କିପରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ସେ ନେଇ ସରକାର ଉଦ୍ୟମ ଚଳାଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ପୂର୍ବତନ ବିଧାୟକଙ୍କ ବିରୋଧରେ ଲଢୁଥିଲି ବୋଲି ମୋ ଘରକୁ ପାଣି ପାଇପ୍ ଯାଇନି

ମୋ ଘରଠାରୁ ୨ କି.ମି. ଦୂରରେ ପିଇବା ପାଣି ପାଇପ ଅଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମୋ ଘରକୁ ପାଣି ଯାଇପାରିଲା ନାହିଁ। ମୁଁ ପୂର୍ବତନ ବିଧାୟକଙ୍କ ବିରୋଧରେ ଲଢୁଥିଲି ବୋଲି ମୋ ଘରକୁ ପିଇବା ପାଣି ପାଇପ ଯାଇନି। କେବଳ ମୋ ଘରକୁ ନୁହେଁ, ମୋତେ ଭୋଟ ଦେଇଥିବା ଲୋକଙ୍କ ଘରକୁ ମଧ୍ୟ ପିଇବା ପାଣି ଯାଇନି। ବିଜେଡି ନେତାଙ୍କ ଘରପାଖରେ ଲଙ୍କି କରି ଦିଆଯାଉଛି। ଆମକୁ ଟିକେ ପିଇବା ପାଣି ମିଳୁ ନାହିଁ। ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରସନ୍ନ ପ୍ରଧାନ ଏଭଳି ଢଙ୍ଗରେ ପିଇବା ପାଣିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି, ଆମ ନିର୍ବାଚନମଣ୍ଡଳୀରେ ପୂର୍ବରୁ ଯିଏ ବିଧାୟକ ଥିଲେ ସେ ପଞ୍ଚାୟତିରାଜ ମନ୍ତ୍ରୀ ଥିଲେ। ଆମ ନିର୍ବାଚନମଣ୍ଡଳୀର ୩ ଲକ୍ଷ ୪୦ ହଜାର ଲୋକ ପିଇବା ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ମୋ ଘରକୁ ବହୁ ବିଧାୟକ ଯାଇଛନ୍ତି, ସେମାନେ ଦେଖିଛନ୍ତି ପିଇବା ପାଣି ଅବସ୍ଥା। ପାଣିରେ ଡାଲି ସିଝୁନି। ମୁଁ ସମସ୍ତ ବିଧାୟକଙ୍କୁ ମୋ ଘରକୁ ଡାକି ଖାଇବାକୁ ଦେବି। ସେମାନେ ଯାଇ ଦେଖି ଆସିବେ ବାସ୍ତବ ଚିତ୍ର। ଏହା କହିବା ବେଳେ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ମନ୍ତ୍ରୀ କହିଥିଲେ, ମହାନଦୀର ଦୁଇ ପାର୍ଶ୍ୱରେ ଥିବା ବହୁ ଗ୍ରାମକୁ ପିଇବା ପାଣି ଆଜି ପର୍ଯ୍ୟନ୍ତ ଯାଇପାରିନି। ୨୦୨୪ ଡିସେମ୍ବର ସୁଦ୍ଧା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସମସ୍ତ ଘରକୁ ସରକାର ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିବେ।



# କୋଟିପତି ଅବକାରୀ ଯୁଗ୍ମ କମିଶନର ଗିରଫ

## ଆୟଠାରୁ ୧୭୨% ଅଧିକ ସମ୍ପତ୍ତି ଠୁଳ କରିଥିଲେ ରାମଚନ୍ଦ୍ର ମିଶ୍ର

ଭୁବନେଶ୍ୱର,୩୦।୭(ସତ୍ୟଜିତ୍ ରାଉତ)

ଭିଜିଲାନ୍ସ ଯାଞ୍ଚ ପରେ ଭୁବନେଶ୍ୱର ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ରଙ୍କ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଠାବ ହୋଇଥିବା ମୋଟ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୧୭୨ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ରାମଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ତେଣୁ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମଙ୍ଗଳବାର ରାମଚନ୍ଦ୍ରଙ୍କ ନାମରେ ଏକ ମାମଲା (ନଂ.୧୫/୨୦୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ରାମଚନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମଧ୍ୟ


ରାମଚନ୍ଦ୍ର ମିଶ୍ର

ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ରାମଚନ୍ଦ୍ରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତ ରାମଚନ୍ଦ୍ର ୧୯୮୮ ଜୁନ ୧୦ରେ ଅବକାରୀ ବିଭାଗରେ ସବ୍‌ଇନ୍‌ସ୍ପେକ୍ଟର ଭାବେ ସରକାରୀ ସେବାରେ ଯୋଗଦେଇଥିଲେ। ପ୍ରଶିକ୍ଷଣ ପରେ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ କାମ କରିଥିଲେ। ପରେ ରାମଚନ୍ଦ୍ର ୨୦୦୯ରେ ଇନ୍ସପେକ୍ଟର, ୨୦୧୮ରେ ଏସ୍‌ପି ଏବଂ ୨୦୨୧ରେ ଡେପୁଟି କମିଶନର ଭାବେ ପଦୋନ୍ନତି ପାଇଥିଲେ। ଚଳିତବର୍ଷ ଜାନୁଆରୀରେ ପୁଣି ତାଙ୍କର ପଦୋନ୍ନତି ହୋଇଥିଲା। ସେ ଯୁଗ୍ମ କମିଶନର ଭାବେ କାର୍ଯ୍ୟରତ ଥିଲେ।

ସୋମବାର ଭିଜିଲାନ୍ସ ପକ୍ଷରୁ ରାମଚନ୍ଦ୍ରଙ୍କ ଘର ଓ କାର୍ଯ୍ୟାଳୟ ସମେତ ଭୁବନେଶ୍ୱର, ବଲାଙ୍ଗୀର, ସୋନପୁର ଆଦି ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରରେ ୫୨ଟି ପ୍ଲଟ୍, ଭୁବନେଶ୍ୱର ଆଇଗିଣିଆରେ ଗୋଟିଏ ଡୁପ୍ଲେକ୍ସ, ଖାରବେଳନଗର ଚନ୍ଦ୍ରମା କମ୍ପ୍ଲେକ୍ସରେ ଗୋଟିଏ ଟୁ ବିଏଚ୍‌କେ ଫ୍ଲାଟ୍, ବଡ଼ଗଡ ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ଗୋଟିଏ ଟୁ ବିଏଚ୍‌କେ ଫ୍ଲାଟ୍, ବଲାଙ୍ଗୀର ଟିକରପଡ଼ାରେ ଗୋଟିଏ ୩ମହଲା କୋଠା, ଗୋଟିଏ ଏକମହଲା ବିଶିଷ୍ଟ କୋଠା, ସମ୍ବଲପୁର ବୁର୍ଲାରେ ଗୋଟିଏ ଦୁଇମହଲା କୋଠା, ସୁବର୍ଣ୍ଣପୁରରେ ଗୋଟିଏ ଏକ ମହଲା କୋଠା, ତରଭାରେ ଗୋଟିଏ ରାଇସ୍ ମିଲ୍, ସୁବର୍ଣ୍ଣପୁରରେ ଗୋଟିଏ ଫାର୍ମ ହାଉସ ଠାବ ହୋଇଥିଲା। ଏଥିସହ ବ୍ୟାଙ୍କ ଓ ଜୀବନବୀମା ଜମା ୪୩.୧୨ ଲକ୍ଷ, ୨୩୦ ଗ୍ରାମ୍ ସୁନା ଅଳଙ୍କାର, ୩୧୭ ଗ୍ରାମ୍ ରୁପା ଅଳଙ୍କାର, ୧୧.୨୫ ଲକ୍ଷ ଟଙ୍କାର ୩ଟି ଦୁଇଚକିଆ ଯାନ, ଘରୋଇ ସାମଗ୍ରୀ ଓ ନଗଦ ଟଙ୍କା ଠାବ କରାଯାଇଥିଲା।

# ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଫେରାର

ରାୟଗଡ଼ା,୩୦।୭(ଆଶିଷ ରଞ୍ଜନ ପଣ୍ଡା)

ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଫେରାର। ରାୟଗଡ଼ା ସହରର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ସୋମବାର ବିଳମ୍ବିତ ରାତିରେ ସ୍ତ୍ରୀ ପି. ଗୌରିଶ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଗୌରୀ ପାଲାକା ଫେରାର ହୋଇଯାଇଛନ୍ତି। ପାରିବାରିକ କଳହରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ନେଇ ସୂଚନା ମିଳିଛି।

ଗୌରିଶ୍ରୀଙ୍କ ବଡ଼ ଝିଅ ଲକ୍ଷ୍ମୀଙ୍କ କହିବାନୁଯାୟୀ, ରାତିରେ ତାଙ୍କ ବାପା ଓ ମା'ଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ପାଟିତୁଣ୍ଡ ହୋଇଥିଲା। ଖାଇବା ପରେ ଉଭୟେ ଶୋଇବା ପାଇଁ ନିଜ କୋଠରିକୁ ଚାଲିଯାଇଥିଲେ। ଏହାପରେ ଝିଅମାନେ ପାଖ କୋଠରିରେ ଶୋଇପଡ଼ିଥିଲେ। ତେବେ ରାତି ସାଢ଼େ ୧୨ଟା ବେଳେ ବାପା ଗୌରୀ ଝିଅମାନଙ୍କୁ ଉଠାଇ


ମୃତା ଗୌରିଶ୍ରୀ।

ତୁମ ମା' ଘର ଭିତରେ ମରିକି ପଡ଼ିଛି, ଯାଇ ଦେଖିନିଅ ବୋଲି କହି ଘରୁ ବାହାରି ପଳାଇଥିଲେ। ଗୌରିଶ୍ରୀ ତଳେ ପଡ଼ିଥିବା ଦେଖି ଝିଅମାନେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡ଼ିକାଲ କର୍ତ୍ତୃପକ୍ଷ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ରାୟଗଡ଼ା ଟାଉନ ଥାନା ଏସ୍‌ଆଇ କ୍ଷୀରସିନ୍ଧୁ ସାହୁ ରାତି ପ୍ରାୟ ୨ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପଡୋଶୀଙ୍କ କହିବାନୁଯାୟୀ, ଉଭୟେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସର୍ବଦା କଳହ ଲାଗୁଥିଲା। ଶ୍ୱଶୁର ଗୌରୀ ପାଲାକା ମଦ୍ୟପାନକରି ସବୁବେଳେ ଶାଶୁଙ୍କ ସହ ଝଗଡ଼ା କରୁଥିବା ନେଇ ଗୌରିଶ୍ରୀଙ୍କ ଜ୍ୱାଇଁ କହିଛନ୍ତି। ଏ ନେଇ ଟାଉନ ଥାନା ଆଇଆଇସି କେକେବିକେ କହଁର କହିଛନ୍ତି, ଥାନାରେ କେସ୍ ନଂ. ୨୫୨ରେ ମାମଲା ରୁଜୁକରି ତଦନ୍ତ ଚାଲିଛି ଏବଂ ଅଭିଯୁକ୍ତ ଗୌରୀଙ୍କୁ ଖୋଜା ଚାଲିଛି। ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ମୃତ ଗୌରିଶ୍ରୀଙ୍କ ୩ ଝିଅଙ୍କ ମଧ୍ୟରୁ ବଡ଼ ଝିଅଙ୍କ ବିବାହ ହୋଇସାରିଛି। ଜଣେ ଯୁକ୍ତ ୩ ଓ ଅନ୍ୟ ଜଣେ ଯୁକ୍ତ ୨ରେ ପଢୁଥିବା ଜଣାପଡ଼ିଛି।

# ୨୭ ଜୁଲାଇ ରାତି

ଭୁବନେଶ୍ୱର, ୩୦।୭(ସତ୍ୟଜିତ୍ ରାଉତ)

ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଅଗ୍ନିଶମ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କ ବିରୋଧରେ ରାଜ୍ୟ ସରକାର ନେଇଥିବା ନିଲମ୍ବନ କାର୍ଯ୍ୟାନୁଷ୍ଠାନ ଏବେ ସାରା ରାଜ୍ୟରେ ଆଲୋଚନାରେ କେନ୍ଦ୍ରବିନ୍ଦୁ ପାଲଟିଛି। ପଣ୍ଡିତ ଜଣେ ମହିଳା ଇନ୍ସପେକ୍ଟରଙ୍କ କ୍ୱାର୍ଟର୍ସରେ ରାତିରେ ପଶି ତାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ ପାଇଁ ବାଧ୍ୟ କରିଥିବା କୁହାଯାଉଛି। ଏହି ଘଟଣାରେ ପୀଡ଼ିତା ମହିଳା ଇନ୍ସପେକ୍ଟର କିମ୍ବା ତାଙ୍କ ସ୍ୱାମୀଙ୍କ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ଘଟଣା କିନ୍ତୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରେ ପହଞ୍ଚିଲାଣି।

ଏନ୍‌ଏଚ୍‌ଆର୍‌ସିରେ ମାନବାଧିକାର କର୍ମୀ ଜୟନ୍ତ ଦାସ ଗତ ରବିବାର କରିଥିବା ଅଭିଯୋଗ ଅନୁସାରେ ଗତ ୨୭ତାରିଖ ଶନିବାର ରାତି ପ୍ରାୟ ୧୦ଟାରେ ମହିଳା ଇନ୍ସପେକ୍ଟରଙ୍କ କ୍ୱାର୍ଟର୍ସକୁ ଆଇପିଏସ୍ ଅଧିକାରୀ ପଣ୍ଡିତ ଯାଇଥିଲେ। ସେଠାରେ ଉକ୍ତ ମହିଳା ଅଧିକାରୀଙ୍କୁ ପଣ୍ଡିତ ପ୍ରଥମେ ପ୍ରେମ ନିବେଦନ କରିଥିଲେ। ଏପରି କି ବିବାହ କରିବାକୁ ଜିଦ୍ ଧରିଥିଲେ। ଏହି ସମୟରେ ମହିଳା ଇନ୍ସପେକ୍ଟରଙ୍କ ସ୍ୱାମୀ ପଳାଇଆସିଥିଲେ। ଏତେ ରାତିରେ ପଣ୍ଡିତଙ୍କୁ ଘରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘରକୁ ଆସିବାର କାରଣ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପଣ୍ଡିତ ଉତ୍କ୍ଷିପ୍ତ ହୋଇ ଇନ୍ସପେକ୍ଟରଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ଖବର ପାଇ କ୍ୟାପିଟାଲ ଥାନାର ଏକ ପିସିଆର୍ ଭ୍ୟାନ୍ ସେଠାରେ ପହଞ୍ଚିଥିଲା। ଏପରିକି କ୍ୟାପିଟାଲ ଥାନାଧିକାରୀ ଓ ଜୋନ୍ ଏସିପି ମଧ୍ୟ ସେଠାକୁ ଯାଇଥିଲେ। ଅନ୍ୟପକ୍ଷରେ ହୋହାଲ୍ଲା ଶୁଣି ଆଖପାଖ ଅଞ୍ଚଳର ଲୋକ ମଧ୍ୟ ରୁଣ୍ଡ ହୋଇଯାଇଥିଲେ। ପ୍ରଥମେ ମହିଳାଙ୍କ ସ୍ୱାମୀଙ୍କୁ ପୋଲିସ ପକ୍ଷରୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ପୋଲିସର ବୁଝାଶୁଝା ପରେ ଘଟଣାସ୍ଥଳରୁ ପଣ୍ଡିତ ଚାଲିଯାଇଥିଲେ ବୋଲି ଏନ୍‌ଏଚ୍‌ଆର୍‌ସିରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହିତ କମିଶନ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉ।କ୍ୟାପିଟାଲ ଥାନା ପୋଲିସର ଆଇଆଇସି, ଜୋନ ଏସିପି, ଭୁବନେଶ୍ୱର ଡିସିପି ଓ ଅଭିଯୁକ୍ତ ଆଇପିଏସ୍ ଅଫିସରଙ୍କ ସିଡିଆର୍ ଜବତ କରାଯାଉ। ଇନ୍‌ସ୍ପେକ୍ଟରଙ୍କ ବାସଭବନ, ତାଙ୍କ ସ୍ୱାମୀ ଚିକିତ୍ସିତ ହୋଇଥିବା ଘରୋଇ ହସ୍ପିଟାଲ ଓ କ୍ୟାପିଟାଲ ପୋଲିସ ଷ୍ଟେସନର ସିସିଟିଭି ଜବତ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରାଯାଇଛି।ଏସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଘଟଣା ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଉଲ୍ଲେଖ କରାଯାଇପାରେ ଯେ, ସମ୍ପୃକ୍ତ ମହିଳା ପୋଲିସ ଅଫିସର କିମ୍ବା ଆକ୍ରମଣର ଶିକାର ହୋଇଥିବା ତାଙ୍କ ସ୍ୱାମୀ ଉଭୟେ କେହିବି ଏପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ଦେଇନାହାନ୍ତି। ଭବିଷ୍ୟତରେ ଯଦି ଉଭୟେ କହିବେ ଯେ, ଏଭଳି କୌଣସି ଘଟଣା ଘଟି ନାହିଁ, ତେବେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଲମ୍ବନ ପଦକ୍ଷେପ ତ୍ରୁଟିପୂର୍ଣ୍ଣ ପ୍ରମାଣିତ ହେବ। ପ୍ରଥମେ ଗୋଟିଏ ଖବର କାଗଜରେ ଘଟଣା ସମ୍ପର୍କରେ ଖବର ବାହାରି ଥିଲା। ସେଥିରେ କାହାରି ନାମ ଉଲ୍ଲେଖ ନ ଥିଲା। ତେଣୁ ଯେତେ ଚାଞ୍ଚଲ୍ୟକର ଇସ୍ୟୁ ଥିବା ସତ୍ତ୍ୱେ ଏହି ଘଟଣାର ସତ୍ୟାସତ୍ୟ ପ୍ରମାଣ କରିବା ଏକ ପ୍ରକାର ଅସମ୍ଭବ। ଘଟଣା ସମ୍ପର୍କରେ ବରିଷ୍ଠ ଆଇପିଏସ୍ ଅଧିକାରୀ ପଣ୍ଡିତଙ୍କ ମତାମତ ଆଣିବାକୁ ତାଙ୍କ ମୋବାଇଲ୍ ଫୋନ୍ ୯୭୭୭୨୮୮୮୯ରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଫୋନ୍ ସୁଇଚ୍ ଅଫ୍ ଥିବାରୁ କୌଣସି ଉତ୍ତର ମିଳିପାରି ନାହିଁ। ଏନେଇ ଜଣେ ଅବସରପ୍ରାପ୍ତ ପୋଲିସ ଡିଜି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଜଣେ ଅଧିକାରୀଙ୍କୁ ନିଲମ୍ବନ କରିବା ପୂର୍ବରୁ ଭାବିଚିନ୍ତି କରିବା କଥା। ସେ ଆଇପିଏସ୍ ଅଧିକାରୀ ଜଣଙ୍କ ଉକ୍ତ ମହିଳା ଅଧିକାରୀଙ୍କ କ୍ୱାର୍ଟର୍ସକୁ କାହିଁକି ଯାଇଥିଲେ, ସେଠାରେ କ'ଣ ହୋଇଥିଲା, କିଏ ଏହି ଘଟଣା ଦେଖିଛି ଏସବୁ ବୁଝାଶୁଝା କରି କାର୍ଯ୍ୟାନୁଷ୍ଠାନ ନେବା କଥା। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ କ'ଣ ପ୍ରମାଣ ଥିଲା, ଯାହା ଫଳରେ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କଲେ ତାହା ସେ ଜାଣିଥିବେ। ଏହି ଘଟଣାରେ ତଦନ୍ତ କଲେ ସତ ଘଟଣା ଜଣାପଡ଼ିବ। ତେବେ ଯଦି ଏହି ଘଟଣା ସତ ହୋଇଥିବ ତାହା ନିହାତି ଖରାପ ଓ ଅତି ନିନ୍ଦନୀୟ ବୋଲି ପୂର୍ବତନ ପୋଲିସ ଡିଜି କହିଛନ୍ତି।

# ଠକିଦେଲା ପୁଅ: ବିଷ ପିଇଲେ ମା'ବାପା

## ଚାକିରି କରାଇଦେବାକୁ କହି କୋଟିଏ ଟଙ୍କା ନେଇ ପୁଅ ଫେରାର

- ମା' ମୃତ, ବାପା ଗୁରୁତର
- ଶ୍ମଶାନରୁ ଅଧାପୋଡ଼ା ମୃତଦେହ ଜବତ

ଦିଗପହଣ୍ଡି,୩୦।୭(ଅଶେଷ ନାଥ ମିଶ୍ର)

ପୁଅର ଅପକର୍ମ ପାଇଁ ବିଷ ପିଇଦେଲେ ମା' ବାପା। ଏଥିରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଡାକ୍ତରଖାନାରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଅନ୍ୟପକ୍ଷରେ ବନ୍ଧୁବାନ୍ଧବ ଓ ସାହିପଡ଼ିଶା ଗାଁ ଶ୍ମଶାନରେ ମୃତଦେହ ସଂସ୍କାର କରୁଥିବା ବେଳେ ପୋଲିସ ପହଞ୍ଚି ଦରପୋଡ଼ା ମୃତଦେହ ଜବତ କରିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମରେ।

ଗୌତମୀ ଗ୍ରାମ ଗୋଲାସାହିର ଅବସରପ୍ରାପ୍ତ ଅମିନ ଏସ.ମୁକୁନ୍ଦ ଦୋରା ଓ ଏସ.ଦମୟନ୍ତୀ ଦୋରାଙ୍କ ସାନପୁଅ ଏସ.ଲୁଲୁ କୁମାର ଚାକିରି କରାଇଦେବାକୁ କହି ଆଖପାଖ ଗ୍ରାମର ବହୁ ଯୁବକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଗଲେ। ଠକେଇର ଶିକାର ହୋଇଥିବା ଯୁବକ ଏବଂ ତାଙ୍କ ସମ୍ପର୍କୀୟମାନେ ମୁକୁନ୍ଦଙ୍କ ଘରକୁ ଆସି ବାରମ୍ବାର ଟଙ୍କା ମାଗିବା ସହ ଧମକଚମକ ଦିଅନ୍ତି। ତେଣୁ ପୁଅର ଏଭଳି ଅପକର୍ମରେ ବ୍ୟତିବ୍ୟସ୍ତ ହୋଇ ଲୋକଙ୍କ ଅପମାନସହିନପାରିମୁକୁନ୍ଦଏବଂସ୍ତ୍ରୀଦମୟନ୍ତୀସୋମବାର ରାତିରେ କୀଟନାଶକ ପିଇ ଦେଇଥିଲେ। ମଙ୍ଗଳବାର ସକାଳେ ଘର କବାଟ ନ ଖୋଲିବାରୁ ପଡୋଶୀ ଲୋକେ ସନ୍ଦେହ କରି କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଘରେ ଦମୟନ୍ତୀ ମୃତ ଅବସ୍ଥାରେ ପଡ଼ିଥିବା ବେଳେ ମୁକୁନ୍ଦ ଛଟପଟ ହେଉଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ମୁକୁନ୍ଦଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ସମ୍ପର୍କୀୟ ଲୋକେ ଦମୟନ୍ତୀଙ୍କ ମୃତଦେହକୁ ଗାଁ ଶ୍ମଶାନରେ ଦାହ କରି ସଂସ୍କାର କରୁଥିବା ବେଳେ ବ୍ରହ୍ମପୁର ସଦର ଥାନା ପୋଲିସ ଶ୍ମଶାନରେ ପହଞ୍ଚି ଦରପୋଡ଼ା ମୃତଦେହକୁ ଜବତ କରିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ୩ ଦୁର୍ବୃତ୍ତ

ନୀଳଗିରି, ୩୦।୭(ପ୍ରଶାନ୍ତ ବିଶ୍ୱାଳ)-ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ କଳା ପଲସର ଆତଙ୍କ ଦେଖାଦେଇଛି। ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ ଲୁଟିନେଇଛନ୍ତି ଦୁର୍ବୃତ୍ତ। କାଳିଝାଟି ୟୁଜିୟୁପି ବିଦ୍ୟାଳୟ ଶିକ୍ଷୟିତ୍ରୀ ବନିତାରାଣୀ ବାଗ ମଙ୍ଗଳବାର ସଜନାଗଡ଼ସ୍ଥିତ ଘରୁ ସ୍କୁଟିରେ ଯାଉଥିବାବେଳେ ବଡ଼ପୋଲ ନିକଟରେ ୩ଜଣ ଯୁବକ ଏକ କଳା ପଲସର ଯୋଗେ ଆସି ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ପରେ ନୀଳଗିରି ପୋଲିସ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

# ଯୁବକଙ୍କୁ ହାଣି ହତ୍ୟା

କୁଆଁରମୁଣ୍ଡା, ୩୦।୭ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୁତ୍ରିଖମନ ପଞ୍ଚାୟତ ଦୁଙ୍ଗାବନ୍ଧ ନିକଟରେ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ହାତୀବାରି ଥାନା ଅନ୍ତର୍ଗତ କୁସୁମଟୋଲି ଅଞ୍ଚଳର ବସନ୍ତ ବଡ଼ାଇକ (୪୦)। ମୃତଦେହକୁ ରାସ୍ତାପାର୍ଶ୍ୱରେ ଫିଙ୍ଗି ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ବସନ୍ତଙ୍କ ବଡ଼ବାପା କୃଷ୍ଣଚନ୍ଦ୍ର ବଡ଼ାଇକ ମଙ୍ଗଳବାର ବୀରମିତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଙ୍ଗାବନ୍ଧର ଏକ କଲଭର୍ଟ ନିକଟରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

କୃଷ୍ଣଚନ୍ଦ୍ର ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ, ତାଙ୍କ ପୁତୁରା ବସନ୍ତଙ୍କୁ ବ୍ୟବସାୟିକ ସହଯୋଗୀ ହାତୀବାରି ଓଲାହାଣିର ରାମ ସାହୁ ଓ ତାଙ୍କ ବନ୍ଧୁମାନେ ହତ୍ୟା କରିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
SECURITY GUARD REQUIRED
ଭୁବନେଶ୍ୱର ପାଇଁ।
ରହିବା, ଖାଇବା ସୁବିଧା ଅଛି।
Contact: 8917662664
7008723791

ଅଫିସ୍ କାମ କରିବା ପାଇଁ
ମହିଳା କର୍ମଚାରୀ ଆବଶ୍ୟକ।
ଦରମା: ୧୦,୦୦୦/- ଏବଂ
ରହିବା ଓ ଖାଇବା ମାଗଣା।
ଯୋଗାଯୋଗ: 7809525452

See Career Appointment on every Wednesday & Saturday

ସ୍ପାରେ କାମ କରିବା ପାଇଁ
ଝିଅ ଓ ସ୍ତ୍ରୀଲୋକ ଆବଶ୍ୟକ
ରହିବା, ଖାଇବାର ସୁବିଧା ଅଛି।
ଦରମା- ୧୫,୦୦୦/-।
ଯୋଗାଯୋଗ:
7077262523
8598937906

WALK-IN-INTERVIEW
We are hiring Technicians and Riggers for Telecom Tower Operation under Technocon Services
Dated: - 27th July to 3rd Aug 2024
❖at Reliance Jio Centre Gandhi chowk, *Jeypore, Koraput
❖at Reliance Jio office Angan Complex, Khaliguda, *Rayagada.
Qualification for Technician:- ITI/ Diploma with min. 2yrs. of experience/ Freshers may applied.
For Rigger: - 10+2/ ITI
Salary: - As per company standards and Negotiable
Contacts:- 7381020291 / 6289500133


## IN THE COURT OF THE SR. CIVIL JUDGE - CUM - P.O., COMMERCIAL COURT CUTTACK

Civil Suit No.94 of 2020 III.

**Andhra Bank (Now Union Bank of India)**
Mangalabag Branch, Cuttack ...Plaintiff

- Versus -

**D. Pawan Kumar & another** ...Defendants

**Def. - 2: D. Nageswar Rao,** S/o Late D.C. Rao, resident of Plot No.: 184/2239, Sikharpur, P.S.: Madhupatna, Town/Dist.: Cuttack - 753003, 9437251111 (M),

**SUMMON BY PAPER PUBLICATION**

**(Under Order -5, Rule-20 (1-A) of the Code of Civil Procedure).**

Take notice that, the plaintiff has instituted the above suit before the Hon'ble Court, for a decree of **Rs.6,30,389/-** with interest against the defendants along with other relief. The above mentioned defendants are therefore, directed to appear before this Hon'ble Court, in person or through Counsel or duly authorized agent, in support of your defense to show cause within 30 days from the publication or on **20.08.2024 at 10.00 a.m.**, as to why reliefs prayed for, should not be granted.

Take notice that in case of default, the suit will be heard and determined in your absence.

Given under my hand Seal of this Hon'ble Court on this **01.07.2024.**

Sd/- JUDGE
SR. CIVIL JUDGE (COMMERCIAL COURT)
CUTTACK

## IN THE COURT OF THE SR. CIVIL JUDGE - CUM - P.O., COMMERCIAL COURT CUTTACK

Civil Suit No.93 of 2020 III.

**Andhra Bank (Now Union Bank of India)**
Mangalabag Branch, Cuttack ...Plaintiff

- Versus -

**M/s. Graphics Mantras & another** ...Defendants

**Def. 1: M/s. Graphics Mantras, Prop.: Mr. Sushruta Mohapatra,** At: Sarala Market Complex, Shop No.: 6 & 7, Near ABM Tower, Kalyaninagar, P.O./P.S.: Madhupatna, Town/Dist.: Cuttack-753013.
**Def. 2: Mr. Sushruta Mohapatra,** S/o.: Late Giridhari Rana, resident of Nayachouk, P.O./P.S.: Madhupatna, Town/Dist.: Cuttack - 753010

**SUMMON BY PAPER PUBLICATION**

**(Under Order -5, Rule-20 (1-A) of the Code of Civil Procedure)**

Take notice that, the plaintiff has instituted the above suit before the Hon'ble Court, for a decree of **Rs.15,54,727/-** with interest against the defendants along with other relief. The above mentioned defendants are therefore, directed to appear before this Hon'ble Court, in person or through Counsel or duly authorized agent, in support of your defense to show cause within 30 days from the publication or on **21.08.2024 at 10.00 a.m.**, as to why reliefs prayed for, should not be granted.

Take notice that in case of default, the suit will be heard and determined in your absence.

Given under my hand Seal of this Hon'ble Court on this **04.07.2024.**

Sd/- JUDGE
SR. CIVIL JUDGE (COMMERCIAL COURT)
CUTTACK

## ମହାନଦୀ କୋଲଫିଲ୍ଡସ ଲିମିଟେଡ୍

MCL
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

### ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5215

## ଡାକ ବିଭାଗ (ସିଭିଲ ୱିଙ୍ଗ୍)

### ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୩/ସିଡିବି/୨୦୨୪-୨୫ (ଦ୍ୱିତୀୟ କଲ୍)। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ଶ୍ରେଣୀଗୃହ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ। ଅଟକଳ ମୂଲ୍ୟ: ଟ.୫୯,୯୭,୬୧୭.୦୦। ଅମାନତ ରାଶି: ଟ.୧,୧୯,୯୫୨.୦୦। ସମାପ୍ତି ଅବଧି: ୧୯୫ (ଏକଶହ ପଞ୍ଚାନବେ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୨।୦୮।୨୦୨୪ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://eprocure.gov.in/eprocure/appରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## IN THE COURT OF THE SR. CIVIL JUDGE - CUM - P.O., COMMERCIAL COURT CUTTACK

Civil Suit No.95 of 2020 III.

**Andhra Bank (Now Union Bank of India)**
Mangalabag Branch, Cuttack ...Plaintiff

- Versus -

**M/s. Suresh Pharma & another** ...Defendants

**Def. 1: M/s. Suresh Pharma, Prop.: Mr. Tophan Badhei,** At: Plot No.: 1308, Holding No. 139, Ward No.22, Bania Sahi, P.O.- Buxi Bazar, P.S.- Mangalabag, Town/Dist.: Cuttack-753001
**Def. 2: Mr. Tophan Badhei,** S/o.: Suresh Badhei, At: Machhua Bazar, P.O.: Buxi Bazar, P.S.: Mangalabag, Town/Dist.: Cuttack- 753001.

**SUMMON BY PAPER PUBLICATION**

**(Under Order -5, Rule-20 (1-A) of the Code of Civil Procedure)**

Take notice that, the plaintiff has instituted the above suit before the Hon'ble Court, for a decree of **Rs.6,21,053/-** with interest against the defendants along with other relief. The above mentioned defendants are therefore, directed to appear before this Hon'ble Court, in person or through Counsel or duly authorized agent, in support of your defense to show cause within 30 days from the publication or on **16.08.2024 at 10.00 a.m.**, as to why reliefs prayed for, should not be granted.

Take notice that in case of default, the suit will be heard and determined in your absence.

Given under my hand Seal of this Hon'ble Court on this **01.07.2024.**

Sd/- JUDGE
SR. CIVIL JUDGE (COMMERCIAL COURT)
CUTTACK

## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)

(MINISTRY OF SOCIAL JUSTICE & EMPOWERMENT, DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN), GOVT. OF INDIA)
Olatpur, P.O: Bairoi, Dist- Cuttack-754010 (Odisha)
Tel. 0671-2805347, Mob: 9438568953, 9040365694, 9937755426, Website: https://svnirtar.nic.in
E-Mail : dislisvnirtar@gmail.com

### ADMISSION NOTICE

**Applications are invited from the eligible candidates in the prescribed form for admission into:**
**"Diploma in Indian Sign Language Interpretation" (D.I.S.L.I.)-2024-25**

**ELIGIBILITY**

**For admission: A Candidate should have:**

(a) Senior Secondary (10+2) or equivalent with minimum 50% marks
(b) Functional hands (c) Fluency in at least one language
(d) Hearing in the normal range

*(The reservation and relaxation for SC/ST/OBC/PWD and other categories shall be as per the rules of the Central Government/ State Government, whichever is applicable)*

**Mode of Admission**

Through Entrance Examination

**DURATION OF THE COURSE: 02 Years**

**Date of available of Application Form in website : 31.07.2024**
**Closing date of Receipt of Application form : 20.08.2024 (05.00 PM)**

- The Course fee will be waived off for UDID card holder PwD students and parents or sibling of persons with disability.
- Each Student will be paid stipend of Rs 2000/- PM for 10 months per year, for duration of 2 years.

For more details log on to **https://svnirtar.nic.in.**

Sd/-
DIRECTOR

## TP SOUTHERN ODISHA DISTRIBUTION LIMITED

(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 31.07.2024

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | PO for SITC of Network Link Load Balancer for DC and DR with 07 Years Warranty and Support | TPSODL/OT/ 2024-25/026 | 2,00,000 | 5,000 | 10.08.2024; 18:00 Hrs. |
| 2 | Rate contract for installation of Metering units, DP-structure & it's associated works for feeder metering at TPSODL. | TPSODL/OT/ 2024-25/028 | 2,00,000 | 5,000 | 10.08.2024; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

# ମାଗଣା ଶିକ୍ଷା ପ୍ରହସନ, ଶୋଷଣ ଅଭିଯୋଗ

- ଖବରଦାତା ସମ୍ମିଳନୀରେ ଅସନ୍ତୋଷ ଜାହିର କଲେ ଅଭିଭାବକ
- ପାଠ୍ୟପୁସ୍ତକ, ୟୁନିଫର୍ମ କିଣାରେ ହେଉଛନ୍ତି ଢ଼େର ଖର୍ଚ୍ଚାନ୍ତ

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**


ଜିଲା ଅଭିଭାବକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯାଉଛି।

ଅନ୍ୱେଷା ସ୍କିମ୍ ଓ ଶିକ୍ଷା ଅଧିକାର ଆଇନରେ ବେସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମାଗଣା ଓ ଗୁଣାତ୍ମକ ଶିକ୍ଷା ନାଁରେ କିଭଳି ଶୋଷଣର ଶିକାର ହେଉଛନ୍ତି ସେନେଇ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି। ସୋମବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜିଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର ଓ କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ କୁମାର ମୁଗ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଅନ୍ୱେଷା ସ୍କିମ୍‌ରେ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ମାଗଣା ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା କରିଛନ୍ତି। ଏହି ସ୍କିମ୍‌ରେ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ସହ ମଧ୍ୟାହ୍ନ ଭୋଜନ, ପାଠ୍ୟପୁସ୍ତକ, ୟୁନିଫର୍ମ, ସ୍କୁଲ ବ୍ୟାଗ୍ ଓ ଜୋତା ମାଗଣାରେ ଦିଆଯିବା କଥା। ମାତ୍ର ଛାତ୍ରୀଛାତ୍ରଙ୍କୁ କେବଳ ମାଗଣାରେ ଶିକ୍ଷାଦାନ କରାଯିବା ସହ ଅନ୍ୟ କୌଣସି ସୁବିଧା ଯୋଗାଇ ଦିଆଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ସ୍କୁଲଗୁଡିକ ଏଭଳି ବ୍ୟତିକ୍ରମ କରିବା ପଛରେ ସ୍କୁଲଗୁଡିକର ଯେତିକି ଭୁଲ ନାହିଁ ତା'ଠୁ ଅଧିକ ସରକାରଙ୍କ ନୀତିଗତ ନିଷ୍ପତ୍ତିରେ ରହିଛି ବୋଲି ଅଭିଭାବକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ରାଜ୍ୟ ସରକାର ୨୦୨୩ ମସିହାରେ ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁ ବିଦ୍ୟାଳୟଗୁଡିକ ମାଗଣା ଶିକ୍ଷା ଓ ମଧ୍ୟାହ୍ନ ଭୋଜନ ସହିତ ସମସ୍ତ ଉପକରଣ ପ୍ରଦାନ କରୁଥିବେ ସେମାନଙ୍କୁ ରାଜ୍ୟ ସରକାର ଛାତ୍ର ପିଛା ବାର୍ଷିକ ୨୫ ହଜାର ୨୭୨ ଟଙ୍କା ପ୍ରଦାନ କରିବେ। ଯେଉଁ ସ୍କୁଲରେ କେବଳ ମାଗଣା ଶିକ୍ଷା ଦେଉଥିବେ ସେହି ବିଦ୍ୟାଳୟକୁ ୨୨ ହଜାର ୩୯୧ ଟଙ୍କା ଦିଆଯିବ। ରାଜ୍ୟ ସରକାରଙ୍କ ଏହି ଦୁଇଟି ଆର୍ଥିକ ସହାୟତା ବ୍ୟବସ୍ଥା ଏବେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପାଇଁ ମୁଣ୍ଡବ୍ୟାଥାର କାରଣ ପାଲଟିଛି। ସରକାରଙ୍କ ଏହି ବ୍ୟବସ୍ଥାକୁ ଆଧାର କରି ଅନେକ ସ୍କୁଲ କେବଳ ମାଗଣା ଶିକ୍ଷା ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସ୍କୁଲଗୁଡିକ ଛାତ୍ରୀଛାତ୍ରଙ୍କୁ କୌଣସି ପ୍ରକାର ଉପକରଣ ପ୍ରଦାନ କରିବେ ନାହିଁ ବୋଲି ରୋକ୍‌ଠୋକ୍ କରୁଛନ୍ତି। ଫଳରେ ଛାତ୍ରୀଛାତ୍ର ପାଠପଢ଼ାରେ ଘୋର ଅସୁବିଧା ସୃଷ୍ଟି ହେଉଛି। କେବଳ ପାଠପଢ଼ାକୁ ମାଗଣା କଲାବେଳେ ପାଠ୍ୟ ଉପକରଣ, ୟୁନିଫର୍ମ, ଜୋତା ଓ ମଧ୍ୟାହ୍ନ ଭୋଜନ ବାବଦକୁ ଅଭିଭାବକଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଭଲ ଇଂରାଜୀ ମିଡିୟମ ସ୍କୁଲରେ ପୁଅଝିଅ ମାଗଣାରେ ଗୁଣାତ୍ମକ ଶିକ୍ଷା ପାଇବ ବୋଲି ଆଶା ବାନ୍ଧିଥିବା ଅଭିଭାବକମାନେ ଏବେ ଅସୁବିଧାର ପଡୁଛନ୍ତି। ସେମାନେ ସ୍କୁଲ ସିଲାବସ ଅନୁଯାୟୀ ଚଢ଼ା ଦରରେ ପାଠ୍ୟପୁସ୍ତକ, ୟୁନିଫର୍ମ ଓ ଜୋତା କିଣିବାକୁ ବାଧ ହେଉଥିବା ଅଭିଯୋଗ କରିଛନ୍ତି। ସରକାରଙ୍କ ଏଭଳି ନିୟମ ଏବଂ ଇଂରାଜୀ ମିଡିୟମ ସ୍କୁଲ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଉପରେ କୁପ୍ରଭାବ ପଡୁଛି। ଅନେକ ଛାତ୍ରୀଛାତ୍ର ସ୍କୁଲ ଛାଡିବାକୁ ବାଧ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଜିଲା ଅଭିଭାବକ ସଂଘ ବାରମ୍ବାର ଏହି ସମସ୍ୟା ନେଇ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର ଦେଇ ଆଲୋଚନା କରିଥିଲେ ମଧ୍ୟ କୌଣସି ବ୍ୟବସ୍ଥା ହୋଇପାରିନାହିଁ। ଏଣୁ ଆସନ୍ତା ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଭିଭାବକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସମ୍ମିଳନୀରେ ଉପସଭାପତି ବିଘ୍ନେଶ୍ୱର ସୁନା, ସମ୍ପାଦକ ବିଶ୍ୱାମିତ୍ର କୁମ୍ଭାର, ସହସମ୍ପାଦକ ନଳିନୀ ରଞ୍ଜନ ଦୀପ, କୋଷାଧ୍ୟକ୍ଷା ରଞ୍ଜିତା ଛତ୍ରିଆ, ଉପଦେଷ୍ଟା ବସୁଦେବ ମୁଗ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କୁ ବିଭିନ୍ନ ଦାବି ଜଣାଇଲେ ଲୋଇସିଂହାବାସୀ

**ଲୋଇସିଂହା,୩୦।୭(ସୁଶାନ୍ତ ବାରିକ)**

ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଳରେ ରାଜ୍ୟରେ ଭାଜପା ପ୍ରଥମ ଥର ସରକାର ଗଠନ କରିବାରେ ସକ୍ଷମ ହୋଇଛି । ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀରୁ ଲଗାତାର ଦ୍ୱିତୀୟ ଥର ବିଜୟୀ ହୋଇଥିବା ଭାଜପା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ମନ୍ତ୍ରୀ ମହାଲିଙ୍ଗଙ୍କ ନେତୃତ୍ୱରେ ଲୋଇସିଂହା ନିର୍ବାଚନମଣ୍ଡଳୀ ତଥା ଲୋଇସିଂହାର ବିକାଶ ହୋଇପାରିବ ବୋଲି ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଶା କରାଯାଉଛି । ଏହି କ୍ରମରେ ଲୋଇସିଂହାବାସୀଙ୍କ ତରଫରୁ ନିକଟରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ମହାଲିଙ୍ଗଙ୍କୁ ୨୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହିସବୁ ଦାବି ଖୁବଶୀଘ୍ର ପୂରଣ ହେବ ବୋଲି ଅଞ୍ଚଳବାସୀ ଆଶାବାଦୀ ଅଛନ୍ତି ।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଲୋଇସିଂହା, ଆଗଲପୁର ବ୍ଲକ ସମେତ ପଡୋଶୀ ବରଗଡ ଓ ସୁବର୍ଣ୍ଣପୁର ଜିଲାର ଅଧିକାଂଶ ଅଞ୍ଚଳର ଜନସାଧାରଣ ନିର୍ଭର କରିଥାନ୍ତି । ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି ହୋଇଛି । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଏଏନଏମ ତାଲିମ କେନ୍ଦ୍ର ରହିଥିଲା । ତାହା ବନ୍ଦ ହୋଇଯାଇଛି । ଏହାର ତଦନ୍ତ କରି ତାକୁ ପୁନଃ ଚାଲୁ କରିବା ସହ ଏଠାରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏହାବ୍ୟତୀତ ଲୋଇସିଂହାକୁ ରାଜସ୍ୱ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ, ଲୋଇସିଂହା ଜେଏମଏଫସି କୋର୍ଟକୁ ଏସ୍‌ଡିଜେଏମ ଓ ଅତିରିକ୍ତ କ୍ରିମିନାଲ କୋର୍ଟ କରାଯିବାକୁ ଦାବି ହୋଇଛି। ଲୋଇସିଂହା ରେଲୱେ ଷ୍ଟେଶନକୁ କେନ୍ଦ୍ର ସରକାରଙ୍କ ଘୋଷଣା ମୁତାବକ ଅମୃତ ମହୋତ୍ସବ ଷ୍ଟେଶନରେ ପରିଣତ କରିବା ସହ ସମଲେଶ୍ୱରୀ,ନାନ୍ଦେଡ୍ ଓ କୋରାପୁଟ ଏକ୍ସପ୍ରେସର ସ୍ଥାୟୀ ରହଣି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ଚାଷୀଙ୍କ ସୁବିଧା ପାଇଁ ଲୋଇସିଂହା ବ୍ଲକର ଉପରବାହାଲ ଓ ଭାଲିଆମୁଣ୍ଡାରେ ଶୀତଳଭଣ୍ଡାର ପ୍ରତିଷ୍ଠା, ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ର, ମହିଳା ମହାବିଦ୍ୟାଳୟ, ଏକଲବ୍ୟ ସ୍କୁଲ(କ୍ରୀଡାନୁଷ୍ଠାନ) ପ୍ରତିଷ୍ଠା, ଲୋଇସିଂହାରେ ପ୍ରସ୍ତାବିତ ସବ୍‌ଜେଲ ପ୍ରତିଷ୍ଠା ସହ ଇଣ୍ଡଷ୍ଟ୍ରିୟାଲ ପାର୍କ ଖୋଲିବାକୁ ଦାବି ହୋଇଛି। ଏହାଛଡା ସ୍ଥାନୀୟ ନାରାୟଣ ସାଗରର ଉନ୍ନତୀକରଣ ସାଙ୍ଗକୁ ଇକୋ ଟୁରିଜିମ ଘୋଷଣା କରିବାକୁ ଦାବି ହୋଇଛି।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଟିଟିଲାଗଡ,୩୦।୭(ଶରତ ମିଶ୍ର)**

ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଟିଟିଲାଗଡ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଟିଟିଲାଗଡ ଉପଜିଲାପାଳ ରେହାନ ଖତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡିଛି ଯେ, ଅଗଷ୍ଟ ୧୫ ତାରିଖ ଦିନ ଭୋର ୪ଟା ୩୦ ମିନିଟରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୁନ ପରିବେଷଣ କରାଯିବ। ସକାଳ ୭ଟା ୩୦ମିନିଟ ସମୟରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବା ନିମିତ୍ତ ସ୍ଥିର କରାଯାଇଥିଲା। ୯ଟା୧୫ ମିନିଟରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ ଉପଜିଲାପାଳ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏହି ଅବସରରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ସାଧାରଣ ଜ୍ଞାନ, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିସହିତ ସ୍ୱାଧୀନତା ଦିବସ ଅବସରରେ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନରେ ବୃକ୍ଷରୋପଣ ଓ ବନ୍ଧୁପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜନ କରାଯିବା ପାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରସ୍ତୁତି ବୈଠକରେ ଟିଟିଲାଗଡ ପୌରାଧ୍ୟକ୍ଷା ମମତା ଦେବୀ ଜୈନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଙ୍କିତା କୁମ୍ଭାର, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡଙ୍ଗୀ, ତହସିଲଦାର ଶୁଭାଶିଷ ଶତପଥୀ, ସହକାରୀ ଜିଲାପାଳ ସନଦୀପ ଚନ୍ଦ୍ରକାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ବୁଦ୍ଧିଜୀବୀ, ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ବିବରଣୀ ପାଠ କରି ଚଳିତବର୍ଷର ସ୍ୱାଧୀନତା ଦିବସ ପାଳନ ସକାଶେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ରେଳ ଅଣ୍ଡର ବ୍ରିଜ୍‌ରେ ଜମୁଛି ପାଣି: ଯାତାୟାତରେ ସମସ୍ୟା


ମହୁଲବାହାଲି ରେଲ ଅଣ୍ଡର ବ୍ରିଜରେ ପାଣି।

**କଣ୍ଟାବାଞ୍ଜି,୩୦।୭(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାକୁ ସଂଯୋଗ କରୁଥିବା ନୁନହାଡ-ତୁରେକେଲା ଭାୟା- ମହୁଲବାହାଲି ପି.ଡବ୍ଲୁ.ଡି. ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ଗମନାଗମନରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଗତ ୨୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଯୋଗୁ ଏହି ରାସ୍ତା ପାଣି ଘେରରେ ରହିଥିଲା। କଣ୍ଟାବାଞ୍ଜି- ରାୟପୁର ରେଳ ସେକ୍ସନ ଅଧୀନସ୍ଥ ମହୁଲବାହାଲିଠାରେ ଥିବା ଏଲ.ସି. ଗେଟକୁ ରେଳବାଇ କର୍ତ୍ତୃପକ୍ଷ ବନ୍ଦ କରି ଏକ ରେଳ ଅଣ୍ଡର ବ୍ରିଜ ନିର୍ମାଣ କରାଯାଇଛି। ଏହି ରେଳ ଅଣ୍ଡର ବ୍ରିଜଟି ନୁନହାଡ- ତୁରେକେଲା ପି.ଡବ୍ଲୁ.ଡି. ରୋଡକୁ ସଂଯୋଗ କରିଛି। ମାତ୍ର ଲଗାଣ ବର୍ଷା ହେଲେ ରେଳ ଅଣ୍ଡର ବ୍ରିଜରେ ୫ ରୁ ୭ ଫୁଟ ପାଣି ଜମି ରହୁଥିବାରୁ ନିକଟସ୍ଥ ନୂଆପଡା,ଝରଣି ଗ୍ରାମର ଲୋକେ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବର୍ଷା ହେଲେ କୁକୁଡାହାଡ, ଝରଣି, କଣ୍ଟାବାଞ୍ଜି,ଦାବିରୀରେ ନିର୍ମାଣ କରାଯାଇଥିବା ଅଣ୍ଡର ବ୍ରିଜରେ ପାଣି ଜମି ରହୁଛି। ରେଳବାଇ କର୍ତ୍ତୃପକ୍ଷ ଜଳ ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ନୂଆପଡା, ଝରଣି ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

**ଖପ୍ରାଖୋଲ,୩୦।୭(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ କାର୍ଯ୍ୟାଳୟ ବାଘଡ଼ିଆ ଗାଁରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର , ଏପିଓ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ପ୍ରଫୁଲ୍ଲ ମାଝୀ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଗ୍ରାମୀଣ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଚାଉଳ ଆଦି ବିଭିନ୍ନ ସମସ୍ୟା ଉପରେ ୪ ଶହରୁ ଅଧିକ ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆର ଏଚ ପି ପି ସି ଗୋବର୍ଦ୍ଧନ ବାଗ, ପି ଇ ଓ ଡୋଳା ମଣି ଦୀପ,ଜିଆର୍ ଏସ ଦିବ୍ୟ ସିଂ ପୁଝାରୀ, ମୋହନ ସୁନା, ମେଘନାଦ ଶବରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ ଘଟଣା: ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ପାଟଣାଗଡ଼,୩୦।୭(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ଲାଠୋର ପୋଲିସ ଝଲିଆଲିଟି ଗ୍ରାମ କେନ୍ଦୁପତ୍ର ଫଡି ନିକଟରେ ଚଢ଼ାଉ କରି ୧୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ ପିକ୍‌ଅପ ଓ ୨ଟି ବାଇକ୍ ଜବତ କରିଥିଲା। ଅଭିଯୁକ୍ତଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ପଟଣାଗଡ ଥାନାରେ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଋଷିକେଶ ଖିଲାରି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, କନ୍ଧମାଳ ଅଞ୍ଚଳରୁ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ଯୋଗେ ୮୦ ବସ୍ତା ଗଞ୍ଜେଇ ଲାଠୋର ଦେଇ ନୂଆପଡା ଅଭିମୁଖେ ଚାଲାଣ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଲାଠୋର ପୋଲିସ ଚଢାଉ କରି ଗଞ୍ଜେଇ ବୋଝେଇ ଉକ୍ତ ଭ୍ୟାନକୁ ଝଲିଆଲିଟି ଗାଁ କେନ୍ଦୁପତ୍ର ଫଡି ଠାରେ ଧରିଥିଲା। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓ ସଦାନନ୍ଦ ପୂଜାରୀଙ୍କ ସମେତ ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା ଉପସ୍ଥିତ ଥିଲେ।

# ବଲାଙ୍ଗୀର ଲୋକ ସଭା ଏମ୍‌ପିଙ୍କ ନୋମିନି ହେଲେ ଦିନେଶ ଶର୍ମା

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ନୋମିନି ଭାବେ ଦିନେଶ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଏମ୍‌ପି ସିଂଦେଓ ଗତ ୧୭ ତାରିଖରେ ତାଙ୍କୁ ନୋମିନି ଦାୟିତ୍ୱ ଦେଇଥିବା ଶର୍ମା ଜଣାଇଛନ୍ତି। ମଙ୍ଗଳବାର ବଲାଙ୍ଗୀର ଜିଲାପାଳଙ୍କୁ ଭେଟି ଶର୍ମା ଏମ୍‌ପିଙ୍କ ଲିଖିତ ପତ୍ର ପ୍ରଦାନ କରିଥିବା ଜଣାଇଛନ୍ତି। ୨୦୨୪ ନିର୍ବାଚନ ବେଳେ ଶର୍ମା ଭାଜପା ଲୋକସଭା ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ବଲାଙ୍ଗୀର ଏମ୍‌ପି ତାଙ୍କୁ ଜିଲାର ବିଭିନ୍ନ ବିଭାଗରେ ନୋମିନି କରିଥିବା ଜଣାଇଛନ୍ତି। ନୋମିନି ଦାୟିତ୍ୱ ପାଇବା ପରେ ଶର୍ମା ବଲାଙ୍ଗୀର ଲୋକସଭା ଏମ୍‌ପି ସିଂଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ନୋମିନି ଭାବେ ଦିନେଶ ଶର୍ମାଙ୍କୁ ଦାୟିତ୍ୱ ଦେଉଛନ୍ତି।

# ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ମହାରାଣୀ ସାଗର ହିଡ଼ ମାପିବା ବେଳେ ଅଘଟଣ**

**ବଲାଙ୍ଗୀର,୩୦।୭(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ମହାରାଣୀ ସାଗର ଉନ୍ନୟନ କାମର ମାଟି ମାପିବା ବେଳେ ମଙ୍ଗଳବାର ଏକ ଅଘଟଣ ଘଟିଛି। ହିଡ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ହେଲେ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ରାମପୁର ଗାଁର ରାଜା ବିହାରୀ (୨୪)। ଏନେଇ ବଲାଙ୍ଗୀର ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା (୧୨୩/୨୪) ରୁଜୁ ହୋଇଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମହାରାଣୀ ସାଗର ଉନ୍ନୟନ କାମର ମାଟି ମପା କାମ ମଙ୍ଗଳବାର କରାଯାଉଥିଲା। ଜଣେ ଇଞ୍ଜିନିୟର ଆଲୁମିନିୟମ ଷ୍ଟିକ୍ ଧରି ସେଠାରେ ମାଟି ମାପୁଥିଲେ। ଆଲୁମିନିୟମ୍ ଷ୍ଟିକ୍‌ଟି ହିଡ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଇଞ୍ଜିନିୟର ଜଣକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛିଟିକି ପଡିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଶ୍ରମିକ ରାଜା ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହାପରେ ଗୁରୁତର ରାଜାଙ୍କୁ ସେଠାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ବ୍ୟବଚ୍ଛେଦ କରିବା ପରେ ରାଜାଙ୍କ ମୃତଦେହକୁ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ରାଜାଙ୍କୁ ମହାରାଣୀ ସାଗର ଉନ୍ନୟନ କାମ କରିବା ପାଇଁ ନିୟୋଜିତ କରାଯାଇଥିଲା। ତେବେ ମଙ୍ଗଳବାର ମହାରାଣୀ ସାଗରରେ କାମ ବନ୍ଦ ରହିଥିଲା। ଏହାସତ୍ତ୍ୱେ ରାଜାଙ୍କୁ କିଏ ନିୟୋଜିତ କଲା ଜାଣି ନାହାନ୍ତି ବୋଲି ଠିକାଦାର ଜଣକ ଗଣମାଧ୍ୟମରେ କହିଛନ୍ତି। ଟାଉନ୍ ଥାନା ପୋଲିସ ଘଟଣାର ତଦନ୍ତ କରୁଛନ୍ତି।


ମୃତ ଶ୍ରମିକ ରାଜା ବିହାରୀଙ୍କ ଫାଇଲ ଫଟୋ।

# ମୋଟର ସାଇକେଲକୁ ପିଟିଲା ଟ୍ରକ, ବାଇକ୍ ଚାଳକ ମୃତ

**ଘଟଣାସ୍ଥଳରେ ଟାପା ଉତ୍ତେଜନା**

**ଖପ୍ରାଖୋଲ,୩୦।୭(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଜୁରିଆ ରାସ୍ତାର କନଗାଁ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ମୋଟର ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ମୋଟର ସାଇକେଲ ଚାଳକ ଜଣକ ହେଲେ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଳପଡ଼ା ଗାଁର ବିଶିଷ୍ଟ ପୁରାଣ ଗାୟକ ବିପିନ ଶତପଥୀ (୫୦)। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁସାରେ, ଖପ୍ରାଖୋଲ ପଟରୁ ଜୁରିଆ ପଟକୁ ଯାଉଥିବା ଏକ ଖାଲି ଟ୍ରକ ନଂ ଓଡି୨୬ ବି ୩୫୧୫)ସାମ୍ନା ପଟରୁ ଆସୁଥିବା ବାଇକ୍‌କୁ ଧକ୍କା ଦେବା ଫଳରେ ଚାଳକ ବିପିନ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଦୁର୍ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଖପ୍ରାଖୋଲ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ବିପିନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା । ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ପଚାରିବାରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଥାନାରେ ଅଟକ ଥିବା ପ୍ରକାଶ କରିଛନ୍ତି।


ଦୁର୍ଘଟଣାସ୍ଥଳରେ ଉତ୍ୟକ୍ତ ଲୋକେ।

# ଅଙ୍ଗନୱାଡ଼ି କେନ୍ଦ୍ର ନଂ ୨କୁ ରାସ୍ତା ନିର୍ମାଣ କରାଯାଉ

**ଖପ୍ରାଖୋଲ ବ୍ଲକ**

**ଲାଠୋର,୩୦।୭(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଙ୍ଗନୱାଡ଼ି କେନ୍ଦ୍ର ନଂ ୨ କୁ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ଥାନୀୟ ଶିଶୁମାନେ କେନ୍ଦ୍ରକୁ ଯିବା ଆସିବା ବେଳେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ୯ ବର୍ଷ ପୂର୍ବେ ଗ୍ରାମର ଶିବମନ୍ଦିର ପଡ଼ାରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ କରି ଶିଶୁ, ଗର୍ଭବତୀ, ପ୍ରସୂତି ମହିଳା ଏବଂ କିଶୋରୀ ବାଳିକାମାନଙ୍କୁ ସରକାରୀ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ହେଲେ ଉକ୍ତ କେନ୍ଦ୍ରକୁ ଆଜିଯାଏ ଏକ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ନାହିଁ। କେନ୍ଦ୍ରକୁ ଯିବା ପାଇଁ ପଡ଼ାର ଦୁଇ ପଟରୁ ଦୁଇଟି ଅସ୍ଥାୟୀ ରାସ୍ତା ରହିଛି। ହେଲେ ରାସ୍ତା ଭଲ ନ ଥିବା ଯୋଗୁ ବର୍ଷା ଦିନେ କାଦୁଅ ହେଉଛି । ନିକଟରେ ହୋଇଥିବା ଲଗାଣ ବର୍ଷାରେ ଉଭୟ ଅସ୍ଥାୟୀ ରାସ୍ତା କାଦୁଅ ପଚପଚ୍ ହୋଇଛି। ସେହି କାଦୁଅ ରାସ୍ତା ଦେଇ ଶିଶୁ , ମହିଳା ଓ କିଶୋରୀ ବାଳିକାମାନେ ବାଧ ହୋଇ ଯିବା ଆସିବା କରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ଲୋକଙ୍କ ଦାବି ଅନୁସାରେ ରାସ୍ତା କଂକ୍ରିଟ କରାଯାଉ ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ମଧ୍ୟ ପଞ୍ଚାୟତ ଠାରୁ ଆରମ୍ଭ କରି ବିଭାଗ ପର୍ଯ୍ୟନ୍ତ କେହି ପଦକ୍ଷେପ ଗ୍ରହଣ କଲେ ନାହିଁ । ଫଳରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ସମସ୍ୟା ବଢ଼ି ଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କେନ୍ଦ୍ର ପରିଦର୍ଶନରେ ଆସି ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।


ଲାଠୋର ଅଙ୍ଗନୱାଡ଼ି କେନ୍ଦ୍ର ନଂ ୨ କୁ ଯିବା ପାଇଁ ଥିବା ଅସ୍ଥାୟୀ ରାସ୍ତା ।

## ସଂକ୍ଷେପରେ

### ୪୩ ଲିଟର ମଦ ଜବତ, ୪ ଗିରଫ

ବିନିକା, ୩୦।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନକା ଅବକାରୀ ବିଭାଗ ଓ ମୋବାଇଲ ୟୁନିଟ ବିଭିନ୍ନ ସ୍ଥାନରେ ଚଢାଉ କରି ୪୩ ଲିଟର ମଦ ଜବତ କରିଛି। ଏଥିରେ ସଂଶ୍ଲିଷ୍ଟ ଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକାରୀ ବଲବୀର ଗଡନାୟକ ନିଜ ଟିମ ସହ ଲିଙ୍ଗମାର୍ଣ୍ଣି ଗ୍ରାମରେ ପାଟ୍ରୋଲିଂ ବେଳେ ରାସ୍ତାରେ ମଦଧରି ଆସୁଥିବା ଅଭୟ ଭୋଇଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କ ପାଖରୁ ୧୫ ଲିଟର ମଦ ଜବତ ହୋଇଥିଲା। ପରେ ବଡଭାଲୁପାଲି ଗ୍ରାମର ଜଗନ୍ନାଥ ବେହେରାଙ୍କଠାରୁ ୧୦ ଲିଟର ମଦ ଜବତ କରାଯାଇଥିଲା। ସେହିପରି ମୋବାଇଲ ୟୁନିଟ ପକ୍ଷରୁ ସହଲା ପଞ୍ଚାୟତ ଗଣ୍ଡପାଲି ଗ୍ରାମର ଗଣେଶ କୁମ୍ଭାରଙ୍କଠାରୁ ୮ ଲିଟର, ବେହେରାମାଲ ଗ୍ରାମର କୁମତି ସେଠଙ୍କଠାରୁ ୧୦ ଲିଟର ମଦ ଜବତ କରାଯାଇଥିଲା। ଉପରୋକ୍ତ ୪ଜଣଙ୍କୁ ଅବକାରୀ ବିଭାଗ ୪ଟି ପୃଥକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଅବକାରୀ ଅଧିକାରୀ ଗଡନାୟକ ସୁଚନା ଦେଇଛନ୍ତି। ଏହି ଚଢ଼ାଉରେ ଏଏସଆଇ ଡୋଲାମଣି ପଧାନ, ପିଣ୍ଟୁ ସାହ ଓ ଷ୍ଟାଫଙ୍କ ସମେତ ମୋବାଇଲ ୟୁନିଟ ଷ୍ଟାପ ସାମିଲ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ସୋନପୁର,୩୦।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଘୋଡାଘାଟପଡା ଅଞ୍ଚଳର ଧର୍ମପରାୟଣ ମହିଳା ସ୍ନେହମଞ୍ଜରୀ ପଣ୍ଡା (୮୫)ଙ୍କ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ସ୍ୱାମୀ ତଥା ମହାରାଜା ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ପ୍ରସନ୍ନ କୁମାର ପଣ୍ଡାଙ୍କ ପୂର୍ବରୁ ମୃତ୍ୟୁ ହୋଇଥିଲା। ଅପରାହ୍ନରେ ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ସ୍ନେହମଞ୍ଜରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ ପୁଅ ତଥା ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପ୍ରାକ୍ତନ ସଭାପତି ପଠାଣି କୁମାର ପଣ୍ଡା ମୁଖାଗ୍ନି



ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନ ପୁଅ ସନ୍ତୋଷ ପଣ୍ଡା, ଝିଅ ରଞ୍ଜିତା ପଣ୍ଡା, ବୋହୂ କଲାଣୀ ଅଗସ୍ତି, ମାଧବୀଲତା ଦାଶ, ଜ୍ୱାଇଁ ଅଚ୍ୟୁତ ପଣ୍ଡା, ନାତି ସ୍ୱରୂପ ପଣ୍ଡା, ସିଦ୍ଧାନ୍ତ ପଣ୍ଡା, ପୁତୁରା ଅଟଳ ମିଶ୍ର ଓ ନାତୁଣୀ ନାତି ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଜୟ କୁମାର ମହଲା, ପ୍ରହଲ୍ଲାଦ ମଲ୍ଲିକ, ଜିଲା କ୍ରିକେଟ ସଂଘର ସଭାପତି ରାମଶଙ୍କର ସାହୁ, ସ୍ୱଚ୍ଛ ଭାରତ ସଙ୍ଗଠନର ମନୋରଞ୍ଜନ ତ୍ରିପାଠୀ, ମହାଦେବ ମଲ୍ଲିକ, ରଞ୍ଜନ ବାରିକ, ପତଞ୍ଜଳି ଯୋଗ ସମିତିର ମନୋଜ ପଣ୍ଡା, ବରିଷ୍ଠ ନାଗରିକ ସଂଘ, ବାପୁଜୀ କ୍ଲବ, କ୍ରିକେଟ୍ ସଂଘ ଓ ସହରର ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତା ବାସଭବନରେ ପହଞ୍ଚି ସ୍ନେହମଞ୍ଜରୀଙ୍କ ଶେଷ ଦର୍ଶନ କରିଥିଲେ।

# ପ୍ରଥମ ପର୍ଯ୍ୟାୟରେ ୩୨୪୮ ଜଣ ନାମ ଲେଖାଇଲେ

ଅମରପାଲି,୩୦।୭(ପୀତାମ୍ବର ସାହୁ)

**ବୀରମହାରାଜପୁର ଉପଖଣ୍ଡରେ ଯୁକ୍ତ ୨ ନାମଲେଖା**

ସରିଛି ପ୍ରଥମ ପର୍ଯ୍ୟାୟ ଯୁକ୍ତ ୨ ନାମ ଲେଖା। ଏହି କ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ଥିବା ଯୁକ୍ତ ୨ କଲେଜମାନଙ୍କରେ ମଧ୍ୟ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଉପଖଣ୍ଡର ଉଭୟ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ଥିବା ସମସ୍ତ କଲେଜରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଭୋକେଶନାଲ ପାଠ୍ୟକ୍ରମରେ ସମୁଦାୟ ୩୨୪୮ ଟି ସିଟ୍ ରହିଛି। ତନ୍ମଧ୍ୟରୁ ୨୧୪୩ ସିଟ୍‌ରେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖା ଶେଷ ହୋଇଛି ଏବଂ ୧୧୦୫ ସିଟ୍ ଖାଲିଥିବା ଜଣା ପଡିଛି।

ବୀରମହାରାଜପୁର ବ୍ଲକରେ ସମୁଦାୟ ପାଞ୍ଚଟି ଯୁକ୍ତ ୨ କଲେଜ ରହିଛି। ଏହି ସବୁ କଲେଜରେ ଉଭୟ କଳା, ବିଜ୍ଞାନ ଓ ଭୋକେଶନାଲ ପାଠ୍ୟକ୍ରମରେ ସମୁଦାୟ ୧୨୬୪ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ନାମ ଲେଖା ପରେ କଳା, ବିଜ୍ଞାନ ଓ ଭୋକେଶନାଲ ପାଠ୍ୟକ୍ରମରେ ୯୬୫ ଜଣ ନାମ ଲେଖାଇଛନ୍ତି। ବୀରମହାରାଜପୁର ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୩୨୦ଟି ସିଟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୯୫ ଜଣ ନାମ ଲେଖାଇଛନ୍ତି। ଉକ୍ତ କଲେଜର ବିଜ୍ଞାନରେ ୬୪ଟି ସିଟ୍‌ରୁ ୨୪ ଜଣ ନାମ ଲେଖାଇଛନ୍ତି। ଭୋକେଶନାଲ ପାଠ୍ୟକ୍ରମରେ ଥିବା ୪୮ଟି ସିଟ୍‌ରୁ ମାତ୍ର ୭ଜଣ ନାମ ଲେଖାଇଛନ୍ତି। ବୀରମହାରାଜପୁର ମହିଳା ହାୟର ସେକେଣ୍ଡାରୀ ସ୍କୁଲରେ କଳା ପାଠ୍ୟକ୍ରମରେ ୧୯୨ଟି ସିଟ୍‌ରୁ ୧୬୮ଟି ସିଟରେ ଛାତ୍ରୀମାନେ ନାମ ଲେଖାଇଛନ୍ତି। ଭୁଡିଆପାଲି ସ୍ଥିତ ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୨୫୬ ଟି ସିଟ୍‌ରୁ ୧୨୭ ଜଣ, ଖଣ୍ଡହତାସ୍ଥିତ ରବୀନ୍ଦ୍ର ନାଥ ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୨୫୬ ସିଟ ରୁ ୨୨୫ ଜଣ ନାମ ଲେଖାଇଛନ୍ତି।

ଉଲୁଣ୍ଡା ବ୍ଲକରେ ୧୦ଟି ଯୁକ୍ତ ୨ କଲେଜ ରହିଛି। ମାତ୍ର ବ୍ଲକର ପୂର୍ଣ୍ଣିମା ହାୟର ସେକେଣ୍ଡାରୀ ସ୍କୁଲ ଓ ଏସ.ପତ୍ରାପାଲିସ୍ଥିତ ସୁବର୍ଣ୍ଣପୁର ହାୟର ସେକେଣ୍ଡାରୀ ସ୍କୁଲ (ଆଶା ଏକାଡେମି)ରେ ଚଳିତ ଶିକ୍ଷା ବର୍ଷରେ କୌଣସି ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଆବେଦନ କରି ନ ଥିଲେ। ବ୍ଲକରେ ସମୁଦାୟ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମରେ ୧୯୮୪ଟି ସିଟ ରହିଛି। ତନ୍ମଧ୍ୟରୁ ୧୧୭୮ ଟି ସିଟ ରେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖା ହୋଇଛି, ୮୦୬ ସିଟ୍ ଖାଲି ରହିଛି। ସିଣ୍ଢୋଲ ଆଞ୍ଚଳିକ ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୩୨୦ଟି ସିଟ୍‌ରୁ ୨୫୬ଟିରେ ନାମଲେଖା ହୋଇଛି । ଉକ୍ତ କଲେଜରେ ବିଜ୍ଞାନ ପାଇଁ ଥିବା ୩୨୦ ସିଟରୁ ୬୮ଟିରେ ନାମଲେଖା ହୋଇଥିବା ବେଳେ ୨୫୨ ସିଟ ଖାଲି ଅଛି। ଧର୍ମଶାଳା ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୧୯୨ ସିଟରୁ ୧୭୨ ଜଣ ନାମ ଲେଖାଇଥିବା ବେଳେ ୨୦ଟି ଖାଲି ରହିଛି। ଜାଲୋଏ ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୯୬ ସିଟ୍‌ରୁ ୬୯ ଜଣ ନାମ ଲେଖାଇଛନ୍ତ। ଉଲୁଣ୍ଡା ମା'ମେଟାକାନୀ ମହିଳା ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୧୨୮ ସିଟରୁ ୧୧୪ ଜଣ ନାମ ଲେଖାଇଛନ୍ତି। କାଦୋବର ମା'ଉମାଦେବୀ ଆଞ୍ଚଳିକ ହାୟର ସେକେଣ୍ଡାରୀ ସ୍କୁଲରେ କଳାରେ ୧୨୮ ସିଟରୁ ୯୮ ଜଣ ନାମ ଲେଖାଇଥିବା ବେଳେ ୩୦ଟି ସିଟ ଖାଲି ରହିଛି। ପବିତ୍ର ମୋହନ ହାୟର ସେକେଣ୍ଡାରୀ ସ୍କୁଲରେ କଳା ପାଇଁ ଥିବା ୧୨୮ଟି ସିଟରୁ ୩୮ଟିରେ ନାମଲେଖା ହୋଇଥିବା ବେଳେ ଅବଶିଷ୍ଟ ସିଟ ଖାଲି ରହିଛି। ଉଲୁଣ୍ଡା ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲରେ କଳା ପାଠ୍ୟକ୍ରମରେ ୧୯୨ ଟି ସିଟରୁ ୧୬୯ ସିଟ ରେ ନାମ ଲେଖା ହୋଇଛି। ବାଣିଜ୍ୟ ପାଠ୍ୟକ୍ରମରେ ୩୨ ସିଟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ମାତ୍ର ୭ ଜଣ ନାମ ଲେଖାଇଛନ୍ତି। କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ କଳା ପାଠ୍ୟକ୍ରମରେ ୧୯୨ଟି ସିଟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୮୫ଜଣ ନାମ ଲେଖାଇଛନ୍ତି। ଆସନ୍ତା ଅଗଷ୍ଟ ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ କଟଅଫ ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ୭ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ।

## ଗୌଡ଼ଗାଡ଼-ଅମରପାଲି ରାସ୍ତା କାଦୁଅ ପଚପଚ



ଗୌଡ଼ଗାଡ଼-ଅମରପାଲି ରାସ୍ତା କର୍ଦ୍ଦମାକ୍ତ ହୋଇପଡିଛି।

ଅମରପାଲି,୩୦।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଞ୍ଚାୟତର ଗୌଡଗାଡ-ଅମରପାଲି ବାଏପାସ ରାସ୍ତାର ଅବସ୍ଥା ସାଂଘାତିକ ହୋଇଛି। ଏହି ରାସ୍ତା ଏବେ କାଦୁଅ ପଚପଚ ହୋଇପଡିଥିବା ବେଳେ ବିଭିନ୍ନ ସ୍ଥାନରେ ଖାଲଖମା ପୂର୍ଣ୍ଣ ହୋଇପଡିଛି। ଏବେ ଚାଷ ସମୟ ହୋଇଥିବାରୁ ଲୁହା ଚକ ଲାଗିଥିବା ଟ୍ରାକ୍ଟର ଯାତାୟତ କରୁଥିବାରୁ ଉକ୍ତ କଚ୍ଚା ରାସ୍ତା ଆହୁରି ସାଂଘାତିକ ହୋଇ ଚାଷ ଜମିର ଭ୍ରମ ସୃଷ୍ଟି କରୁଛି। ଫଳରେ ଗୌଡଗାଡ ଗ୍ରାମର ପ୍ରାୟ ୨୦ ପରିବାର ଏହି ରାସ୍ତାରେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଙ୍ଗନୱାଡି ଓ ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ର ଏବେ ସ୍କୁଲ ଯାଉ ନ ଥିବା ଅଭିଯୋଗ ହେଉଛି। ଏହା ସହିତ ଅମରପାଲି ହାଇସ୍କୁଲକୁ ପଢିବାକୁ ଆସୁଥିବା ଗୌଡଗାଡ, ମାଳିଦାଦର, କୁହିଦାଦର,ଦାଦରପାଲି, କେନ୍ଦୁପାଲ, ସୁରଧାପାଲି(ହୋତାପାଲି), ଦୁର୍ଜନଟୈଲା, ମସିଣାପାଲି ଆଦି ଗ୍ରାମର ଛାତ୍ରୀଛାତ୍ର ଏହି ରାସ୍ତାରେ ଯିବା ଅସିବା କରି ପାରୁ ନାହାନ୍ତି। ଅମରପାଲି ସପ୍ତାହିକ ବଜାରକୁ ମଧ୍ୟ ଲୋକେ ଏହି ରାସ୍ତାରେ ଯାଇ ପାରୁ ନାହାନ୍ତି। ଏହି ରାସ୍ତାର ଉଭୟ ଅମରପାଲି ଓ ଗୌଡଗାଡ ପାଶ୍ୱରୁ କିଛି ଅଂଶ କଂକ୍ରିଟ କରଣ ହୋଇଥିଲେ ମଧ୍ୟ ବାକି ସବୁ ଅଂଶ କାଦୁଅ ପଚ ପଚ ହୋଇଛି। ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ରାସ୍ତାର ମରାମତି କାରିବା ସହିତ କଂକ୍ରିଟ କରଣ କରିବାକୁ ସାଧାରଣରେ ଦାବି ହେଉଛି।

## ଗୁଲାପଡ଼ା ବ୍ରିଜ ଉପରେ ୩ ଫୁଟ ପାଣି ପ୍ରବାହିତ



ବିନିକା ଗୁଲାପଡ଼ାରେ ଜଳ ପ୍ରବାହିତ।

ବିନିକା ୩୦।୭ (ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳର ୩ ନମ୍ବର ୱାର୍ଡ ଗୁଲାପଡା ବ୍ରିଜ ଉପରେ ମଙ୍ଗଳବାର ୩ ଫୁଟ ପାଣି ପ୍ରବାହିତ ହୋଇଛି। ଫଳରେ ଝାରପଡା, ଗୁଲାପଡା ପଡ଼ାବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକର ଏକର ଚାଷ ଜମି ପାଣିରେ ବୁଡି ରହିଛି। ସହରର ୨ ଓ ୩ ୱାର୍ଡର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ହୀରାକୁଦ ଜଳ ଭଣ୍ଡାରରୁ ଜଳ ନିଷ୍କାସନ ହେଉଥିବାରୁ ଏପରି ହୋଇଛି। ବର୍ତ୍ତମାନ ଜମି ଜଳପ୍ଲାବିତ ହୋଇଥିବାରୁ ଚାଷ କାର୍ଯ୍ୟ ବାଧା ସୃଷ୍ଟି ହୋଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ ଡାକବାଜି ଯନ୍ତ୍ର ସାହାଯ୍ୟରେ ଭୟଭୀତ ନ ହୋଇ ପରିସ୍ଥିତିର ସମ୍ମୁଖୀନ ହେବାକୁ ସହରବାସୀଙ୍କୁ ସଚେତନ କରୁଛନ୍ତି।

## ସତ୍ୟନାରାୟଣଙ୍କ ଜୟନ୍ତୀ, ସମ୍ବଲପୁରୀ ଦିନ ନେଇ ପ୍ରସ୍ତୁତି

ସୋନପୁର,୩୦।୭(ମୃତ୍ୟୁଞ୍ଜୟ ଶତପଥୀ)

କୋସଲି-ସମ୍ବଲପୁରୀ ଭାଷା ସାହିତ୍ୟର ଜନକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ତଥା ସମ୍ବଲପୁରୀ ଦିନ ଅଗଷ୍ଟ ୧ ତାରିଖରେ ସୁବର୍ଣ୍ଣପୁରରେ ପାଳନ କରାଯିବ। ସ୍ଥାନୀୟ ବ୍ଲକଛକ ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏହି ଦିବସ ପାଳିତ ହେବ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳର ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶକୁ ଲକ୍ଷ୍ୟରେ ରଖି ନୃତ୍ୟ, ଗୀତ ସହ ଗୁରୁ ସତ୍ୟନାରାୟଣଙ୍କ ଜୀବନୀକୁ ନେଇ ଏକ ବହି ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୁବର୍ଣ୍ଣପୁର ଜିଲା ଶାଖା ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଆବାହକ ଭାଗିରଥି ମିଶ୍ର, ସ୍ୱାଧୀନ ନାଏକ, ଶଙ୍କର୍ଷଣ ବାଘ ଓ ତରୁଣ କୁମାର ବହିଦାର ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି।

## ଜାତୀୟ ହସ୍ତତନ୍ତ ପୁରସ୍କାର ପାଇବେ ଉତ୍ତମ, ଶ୍ୟାମସୁନ୍ଦର



ଉତ୍ତମ କୁମାର ମେହେର



ଶ୍ୟାମସୁନ୍ଦର ମେହେର

ସୋନପୁର,୩୦।୯(ମୃତ୍ୟୁଞ୍ଜୟ ଶତପଥୀ)

୨୦୨୩ ବର୍ଷ ପାଇଁ ଜାତୀୟ ହସ୍ତତନ୍ତ ପୁରସ୍କାର ପାଇବାକୁ ସୋନପୁର ବ୍ଲକ ସାଗରପାଲିର ବୁଣାକାର ଉତ୍ତମ କୁମାର ମେହେର ଓ ସୁବର୍ଣ୍ଣପୁର ସହର ପଟାଭାଡିର ଶ୍ୟାମସୁନ୍ଦର ମେହେର ମନୋନୀତ ହୋଇଛନ୍ତି। ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ସେମାନଙ୍କୁ ପୁରସ୍କୃତ କରିବେ। ଉଭୟଙ୍କୁ ୨ ଲକ୍ଷ ଲେଖାଏ ନଗଦ ପୁରସ୍କାର, ତାମ୍ରପତ୍ର, ସାଲ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯିବ। ଭାରତ ସରକାରଙ୍କ ପକ୍ଷରୁ ନାମ ଘୋଷଣା ପରେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

ଯୁବ ବୁଣାକାର ଉତ୍ତମ(୪୧) ଦୀର୍ଘ ୨୦ ବର୍ଷ ଧରି ନିଜର କୌଳିକ ବୃତ୍ତିକୁ ଅପଣେଇ ନେଇଛନ୍ତି। ସେ ହସ୍ତତନ୍ତ କଳାରେ କିଛି ସ୍ୱତନ୍ତ୍ର କରିବାର ପ୍ରୟାସ ଜାରି ରଖିଛନ୍ତି। ଯୋଗାସନରେ ମଣିଷର ସପ୍ତଚକ୍ର ଓ ସୂର୍ଯ୍ୟ ନମସ୍କାର ଉପରେ ଆଧାରିତ ଶାଢୀ ବୁଣି ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୂର୍ବରୁ ସେ ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ୨୦୨୦ ଟୋକିଓ ଅଲମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ଫେରିବା ପରେ ରାଜ୍ୟ ସରକାର ଖେଳାଳିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏଥିପାଇଁ ହସ୍ତତନ୍ତ କଳାରେ ନିପୁଣ ଉତ୍ତମଙ୍କୁ ଖୋଜା ପଡିଥିଲା। ଖେଳାଳିଙ୍କୁ ସ୍ୱାଗତ ପାଇଁ ସେ ସ୍ୱତନ୍ତ୍ର ଉତ୍ତରୀୟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ। ସେଥିପାଇଁ ସେ ଚର୍ଚ୍ଚାକୁ ଆସିଥିଲେ।

ସେହିପରି ସୁବର୍ଣ୍ଣପୁର ସହର ପଟାଭାଡି ଅଞ୍ଚଳର ଶ୍ୟାମସୁନ୍ଦର ମେହେର(୫୦) ଶ୍ରେଷ୍ଠ ଡିଜାଇନରଭାବେ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଜଣେ ବାନ୍ଧକଳା ଡିଜାଇନର ଓ ଭଲ ଚିତ୍ରକର ଭାବେ ତାଙ୍କର ସୁନାମ ରହିଛି। ସେ ଦୀର୍ଘ ୧୮ ବର୍ଷ ଧରି ଏହି କାମ କରୁଛନ୍ତି। ପୂର୍ବରୁ ଓଡିଶା ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଜାତୀୟ ହସ୍ତତନ୍ତ ପୁରସ୍କାର ପାଇଁ ମନୋନିତ କରାଯାଇଥିବାରୁ ଶ୍ୟାମସୁନ୍ଦରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡିଶାର ପାରମ୍ପରିକ ହସ୍ତତନ୍ତକୁ ଲୋକପ୍ରିୟ କରିବା ସହ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ପାଇଁ ସୁବର୍ଣ୍ଣପୁର ଜିଲାର ବୁଣାକାର ଓ ଡିଜାଇନରଙ୍କ ବଡ ଭୂମିକା ରହିଛି।

## ଜବାହର ନବୋଦୟ ବିଦ୍ୟାଳୟରେ ପ୍ରେରଣା ଉତ୍ସବ

ବଘିଆପଡା, ୩୦।୭( ଶ୍ରୀକାନ୍ତ ସାହୁ)




ପ୍ରେରଣା ଉତ୍ସବରେ ଅତିଥିବୃନ୍ଦ।

ବୌଦ୍ଧ ପାଲଝାରସ୍ଥିତ ଜବାହର ନବୋଦୟ ବିଦ୍ୟାଳୟଠାରେ ମଙ୍ଗଳବାର ଦିନ ପ୍ରେରଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଯୋଗଦେଇ ଆନୁଷ୍ଠାନିକ ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଏସ.କେ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନୋଜ କୁମାର ସେଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୌଦ୍ଧ କମଳାକାନ୍ତ ଦଳବେହେରା ଯୋଗଦେଇଥିଲେ। ଅତିଥିମାନେ ପ୍ରେରଣା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ଜିଲାର ଟେକ ରଖିବା ନିମନ୍ତେ ଆହ୍ୱାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲିପ କୁମାର ବଡତ୍ୟାଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା। ଏହି ଅବସରରେ ପ୍ରବନ୍ଧ ଲିଖନ, କବିତା ଲିଖନ, ଗଳ୍ପ ଲିଖନ, ସଙ୍ଗୀତ, ଚିତ୍ରକଳା ଆଦି କରାଯାଇଥିଲା। ଟେରାକୋଟା ଓ ବାଉଁଶରେ ହାତ ତିଆରି ସାମଗ୍ରୀ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଉତ୍ସବରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଶିଶୁ ଚାଲାଣ ବନ୍ଦ ନେଇ କର୍ମଶାଳା




କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ,୩୦।୭(ଅଜିତ କୁମାର ବାରିକ)

ବୌଦ୍ଧ ଜଳଛାୟା ବିଭାଜନ କାର୍ଯ୍ୟାଳୟର ସଭାଗୃହଠାରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଶିଶୁ ଚାଲାଣ ବନ୍ଦ ସଂପର୍କିତ ଏକ ସଚେତନତା କର୍ମଶାଳା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମନୋଜ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ଭାବେ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦିପ୍ତ କୁମାର ମହାନ୍ତି,ଜିଲା ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ, ହରଭଙ୍ଗା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ କେ.କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ଚାଲାଣ ଏକ ଅପରାଧ ହୋଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ଶିଶୁ ଚାଲାଣ ବୃଦ୍ଧି ପାଇବା ଉଦବେଗର ବିଷୟ। ସେହିପରି ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ଏହାର ନିରାକରଣ ପାଇଁ ସମସ୍ତେ ଆଗେଇ ଆସିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର,ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସ୍ୱେଛା ସେବୀମାନେ ଯୋଗ ଦେଇଥିଲେ।

## ଡିଜିଟାଲ ଫସଲ ସର୍ବେକ୍ଷଣ ତାଲିମ ଶିବିର

ବୌଦ୍ଧ,୩୦।୭(ଅଜିତ କୁମାର ବାରିକ)



ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି।

ଜିଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ତାଲିମ ଶିବିର ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଦିଆଯାଇଥିବା ସୂଚନା ମୁତାବକ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ପାଖାପାଖି ୪ ଲକ୍ଷ ପ୍ଲଟର ସର୍ବେକ୍ଷଣ କରାଯାଇ କେଉଁ ପ୍ଲଟରେ କେଉଁ ଫସଲ ଚାଷ ହେଉଛି ତାହାର ଏକ ବିବରଣୀ ପ୍ରସ୍ତୁତି କରାଯିବ। ଏହି କାର୍ଯ୍ୟକ୍ରମକୁ ରାଜସ୍ୱ ବିଭାଗ, କୃଷି ବିଭାଗ ଓ ପରିସଂଖ୍ୟାନ ବିଭାଗ ମିଳିତ ଉଦ୍ୟମରେ ସଂପାଦନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା ଓ ସହକାରୀ କୃଷି ଅଧିକାରୀ ମଧୁସୂଦନ ପାତ୍ର ତାଲିମ ପ୍ରଦାନ କରିଥିଲେ। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଗୋଷ୍ଠୀ ଉଦ୍ୟାନ ଅଧିକାରୀ, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମିଶନ,ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ତଥା ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୩୦।୭(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରେଳଷ୍ଟେସନରେ ଯୁବକଙ୍କ ଗୋଡ କଟିଯିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ରାତି ପ୍ରାୟ ୧୦ଟାରେ ରାମଶଙ୍କର ଭଗତ (୨୫) ସମଲେଶ୍ୱରୀ ଟ୍ରେନରେ ରାଜଗାଙ୍ଗପୁର ଷ୍ଟେସନରୁ ଟ୍ରେନ ଚଢୁଥିବା ସମୟରେ ତାଙ୍କ ଗୋଡ ଖସିଯାଇଥିଲା। ଟ୍ରେନ ଚକାତଳେ ତାଙ୍କର ଗୋଡ ଜଙ୍ଘ କଟିଯାଇଥିଲା। ଟ୍ରେନ ଅଟକାଯାଇ ତାଙ୍କୁ ଉଦ୍ଧାର କରାଯାଇ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା, ହେଲେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଏନେଇ ରାଜଗାଙ୍ଗପୁର ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଯୁବକ ବିହାର ଗୋପାଳଗଞ୍ଜ ନିବାସି। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ମୃତକଙ୍କ ପରିବାରବର୍ଗ ରାଜଗାଙ୍ଗପୁରରେ ପହଞ୍ଚି ପାରି ନାହାନ୍ତି। ତେଣୁ ଶବ ବ୍ୟବଚ୍ଛେଦ ହୋଇ ନ ପାରି ମର୍ଗ ହାଉସରେ ରଖାଯାଇଛି।

### ବଳଦକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

**କୁଆଁରମୁଣ୍ଡା,୩୦।୭(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚୁଟିଆଟୋଲି ନିକଟରେ ଦୁର୍ଘଟଣାରେ ଭବାନୀ ଶଙ୍କର ମାହାତ(୨୭)ଙ୍କର ମୃତ୍ୟୁ ହୋଇଯାଇଛି। ଖବର ପାଇ କୁଆଁରମୁଣ୍ଡା ପୋଲିସ ରାଉରକେଲା ସରକାରୀ ଡ଼ାକ୍ତରଖାନାରେ ପହଞ୍ଚି ମଙ୍ଗଳବାର ଶବ ଜବତ କରି ବ୍ୟବଚ୍ଛେଦ କରିବା ସହ ଏକ ମାମଲା ରୁଜୁ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଭବାନୀ ସୋମବାର ନିଜ ବାଇକରେ ବନ୍ଧମୁଣ୍ଡା ଆର୍‌ଏସ କଲୋନୀରେ କୁଆଁରମୁଣ୍ଡାର ଏକ ଘରୋଇ କାରଖାନାରେ ରାତ୍ର ଡ୍ୟୁଟି କରିବା ପାଇଁ ବାହାରିଥିଲେ। ହେଲେ ଚୁଟିଆଟୋଲା ନିକଟରେ ଏକ ବଳଦ ସହ ବାଇକ ଧକ୍କା ହେବାରୁ ସେ ଛିଟିକି ପଡ଼ିଥିଲେ। ଏହି ସମୟରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ପୋଖରୀରେ ବୁଡ଼ି ଯୁବକ ମୃତ

**ଲହୁଣୀପଡା, ୩୦।୭(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ଧୂଡି ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସୁରେଶ ନାଏକ (୨୩)। ସୂଚନାରୁ ପ୍ରକାଶ ଧୂଡି ଗ୍ରାମର ସୁରେଶ ଦିନ ୨ଟାରେ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ବେଳେ ଗୋଡ଼ ଖସି ଯିବାରୁ ସେ ପୋଖରୀ ଭିତରେ ପଡ଼ିଯାଇ ଥିଲେ। ଉଠି ନ ପାରିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନେକ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିବା ପରେ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିବା ଜାଣି ପୋଲିସକୁ ଖବର କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବଣେଇ ଡାକ୍ତରଖାନାର ମର୍ଗ ହାଉସ ରଖିଛି। ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ସୁନ୍ଦରଗଡ,୩୦।୭(ଜୟ ନାରାୟଣ ମେଣ୍ଡୁଲି):** ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ



ଯୁଗଳ କିଶୋର ଠାକୁରଙ୍କ ମାଆ ଶୈଳବାଳା ଠାକୁରଙ୍କ ସୋମବାର ସନ୍ଧ୍ୟାରେ ତାଙ୍କ ଗ୍ରାମ ଉଜ୍ଜ୍ୱଳପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ବୟସ ହେଉଥିଲା। ମଙ୍ଗଳବାର ୩୦ ତାରିଖ ଦିବା ୧୦ ଘଟିକା ସମୟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ଅନ୍ତିମ ସତ୍କାର ସମୟରେ ତାଙ୍କର ୫ ପୁଅ ୫ ବୋହୂ, ତାଙ୍କର ୨ ଝିଅ ଓ ଜ୍ୱାଇଁଙ୍କ ସମେତ ନାତି ନାତୁଣୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ,ଧର୍ମ ପରାୟଣା ମହିଳା ଥିଲେ। ତାଙ୍କର ପରଲୋକ ଉଜ୍ଜ୍ୱଳପୁର ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ଜିଲାପାଳଙ୍କ ଅଫିସ ଆଗରେ ଜନ ସମାବେଶ

**ଜବରଦଖଲ ଉଚ୍ଛେଦ ବିଜ୍ଞପ୍ତି ପ୍ରତ୍ୟାହାର, ସ୍ଥାୟୀ ପଟ୍ଟା ଦାବି**

ଭବାନୀପାଟଣା,୩୦।୭ (ଉତ୍ତମ କୁମାର ଦାଶ)



ଜିଲାପାଳଙ୍କ ଅଫିସ ଆଗରେ ବିଶାଳ ଜନ ସମାବେଶ।

ସରକାରଙ୍କ ଜବରଦଖଲ ଉଚ୍ଛେଦ ବିଜ୍ଞପ୍ତିକୁ ପ୍ରତ୍ୟାହାର ଓ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ମଙ୍ଗଳବାର ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବ ବିଜେଡି ସରକାର ସମୟରେ ଜାଗା ମିଶନ, ଜଙ୍ଗଲ ଜମି ଅଧିକାର ଆଇନ ବଳରେ ସହରର ୨୯ ବସ୍ତିରେ ୧୭ ଶହ ଲୋକଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ହେଲେ ବର୍ତ୍ତମାନ ଭାଜପା ସରକାର ସରକାରୀ ଜାଗାରୁ ଲୋକଙ୍କୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଭବାନୀପାଟଣା ସହରର ୨୦ ୱାର୍ଡରେ ଥିବା ୫୨ ବସ୍ତି ବାସିନ୍ଦା ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହ ଭବାନୀପାଟଣା ସହରକୁ ବନ୍ଦୋବସ୍ତ କରିବା ଓ ସମସ୍ତ ବସ୍ତି ବାସିନ୍ଦାଙ୍କୁ ବର୍ଷ ବର୍ଷ ଧରି ରହିଆସିଥିବା ଜାଗାରେ ତୁରନ୍ତ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ଏହି ସମାବେଶକୁ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ସଭାପତି ବିଜୟ ସାହୁ ପରିଚାଳନା କରିଥିଲେ। ଏଥିରେ ସମିତିର ଆବାହକ ଗିରିଧାରୀ ପାତ୍ର, ରାଜେଶ ଦୀପ, ଜନମ ମାଟି ବରିଷ୍ଠ ସାଥୀ ସରୋଜ ବାଗ, ସାମନ୍ତ ଖମାରି, ବଦ୍ରିନାରାୟଣ ପଟ୍ଟନାୟକ, ତ୍ରିଲୋଚନ ପାଣିଗ୍ରାହୀ, ମନିନ୍ଦର ମହାନ୍ତି, ସାଜିଦ୍ ମହମ୍ମଦ, ଦାମୋଦର ବେହେରା, ନାରୀଶକ୍ତି ବର୍ଷା ସରାଫ, ବବିତାରାଣୀ ଦାସ, ତପସ୍ୱିନୀ ମେହେର ପ୍ରମୁଖ ସାମିଲ ହୋଇଥିଲେ।

# ଅନ୍ୱେଷାର ସାମୂହିକ ଜନ୍ମ ମହୋତ୍ସବ ପାଳିତ

ରାଉରକେଲା,୩୦।୭(ଦିନେଶ ମିଶ୍ର)

ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ଚଳିତ ମାସ ଜୁଲାଇରେ ଜନ୍ମିତ ବ୍ୟକ୍ତିମାନଙ୍କୁ ନେଇ ୧୦୩ତମ ସାମୂହିକ ଜନ୍ମ ମହୋତ୍ସବ ସେକ୍ଟର-୮ ସ୍ଥିତ ଆଶାର ଆଲୋକ ଠାରେ ପାଳିତ ହୋଇଯାଇଛି। ଅନ୍ୱେଷାର ସଭାପତି କଳ୍ପନା ଶତପଥୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଆଶାର ଆଲୋକ ଅନ୍ତେବାସୀଙ୍କୁ ମଧ୍ୟରେ ଯେଉଁମାନେ ଚଳିତ ମାସରେ ଜନ୍ମ ଓ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଜନ୍ମ ଗ୍ରହଣ କରିଛନ୍ତି ସେହି ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସାମୁହିକ କେକ୍ କଟାଯିବା ସହ ଭାବବିନିମୟ କରାଯାଇଥିଲା। ପରେ ସମସ୍ତ ଅନ୍ତବାସୀଙ୍କ ସହ ଅନୁଷ୍ଠାନ ପକ୍ଷରୁ ଖ୍ୟାଦ୍ୟ ପରିବେଷଣ କରାଯାଇଥିଲା। ଏଥିପାଇଁ ସିଙ୍ଗାପୁରର ସମ୍ରିନ୍ ଶୁଣ୍ଠିଆ, ଗୌରୀ କୁମ୍ଭାର, ସୁମିତ ନାୟକ, ଅର୍ଚ୍ଚନା ଦେବତା, ତରୁଲତା ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ



ବେହେରା ଡ୍ୟାମ୍‌ର ପ୍ରଥମ ବନ୍ୟା ଜଳ ନିଷ୍କାସନ ହେଉଛି।

କୋକସରା,୩୦।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

**ବେହେରା ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ**

କଳାହାଣ୍ଡି ଜିଲା କୋକସରା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବେହେରା ଡ୍ୟାମରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଗତକିଛି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଡ୍ୟାମରେ ଓଭର ଫ୍ଲୋ ବନ୍ୟାଜଳ ଗେଟ୍ ଦେଇ ନିଷ୍କାସିତ ହେଉଛି। ବନ୍ୟାଜଳ ପ୍ରବାହିତ ସମୟର ଦୃଶ୍ୟ ଉପଭୋଗ କରିବାକୁ ଅନେକ ପ୍ରକୃତିପ୍ରେମୀ ଏଠାକୁ ଆସୁଛନ୍ତି। ତେବେ ଏହି ଡ୍ୟାମ ଅସୁରକ୍ଷିତ ଅବସ୍ଥାରେ ରହିଛି। ପାଣି ନିଷ୍କାସନ ହେଉଥିବା ଗେଟର ଉଭୟ ପାର୍ଶ୍ୱରେ କୌଣସି ଗାର୍ଡ୍‌ୱାଲ ନାହିଁ। ଫଳରେ ବନ୍ୟାଜଳ ଦୃଶ୍ୟ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ବିପଦ ରହିଛି। ଅନ୍ୟପକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଦର୍ଶକଙ୍କ ପାଇଁ କୌଣସି ସତର୍କ ସୂଚନା ମଧ୍ୟ ଦିଆଯାଇନାହିଁ। ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଦାସଙ୍କୁ ପଚାରିବାରୁ ସେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସୁରକ୍ଷା ପାଇଁ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ବାବୁ କେନ୍ଦୁଗୁଡ଼ା ଅଙ୍ଗନୱାଡି କେନ୍ଦ୍ରକୁ ୧ନଂ. ସକ୍ଷମ ମାନ୍ୟତା



ଅଙ୍ଗନୱାଡ଼ି କେନ୍ଦ୍ରରେ ଜିଲାପାଳ ଓ ଅନ୍ୟ ପଦାଧିକାରୀ।

କଲମପୁର, ୩୦।୭(ଗଣେଶରାମ ବାଗ)

କଳାହାଣ୍ଡି ଜଲା କଲମପୁର ବ୍ଲକ ଅନ୍ତର୍ଗତ ବାବୁ କେନ୍ଦୁଗୁଡା ଅଙ୍ଗନୱାଡି କେନ୍ଦ୍ରକୁ ଜିଲାର ୧ନଂ. ସକ୍ଷମ ମାନ୍ୟତା ମିଳିଛି। ଅଙ୍ଗନୱାଡି କର୍ମୀ ଅହଲ୍ୟା ସାହୁ କେନ୍ଦ୍ରରେ ରଙ୍ଗ ବୋଳି ଏକ ରେଳଗାଡିର ଭ୍ରମ ସୃଷ୍ଟି କରିବା ସହ ଖେଳ ସାମଗ୍ରୀ ମାଧ୍ୟମରେ କୁନି କୁନି ପିଲାମାନଙ୍କୁ ଆକୃଷ୍ଟ କରୁଥିବା ଜଣାପଡିଛି। କୋଭିଡ ସମୟରେ ମଧ ସେ ମାସ୍କ ଓ ସାବୁନ ବ୍ୟବହାର ନେଇ ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ। କେନ୍ଦ୍ରର ସାଜସଜ୍ଜା ପରିପାଟୀ ଉପରେ ସେ ବିଶେଷ ଧ୍ୟାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହ ଜିଲାସ୍ତରୀୟ ପଦାଧିକାରୀ ଗସ୍ତ କରି କେନ୍ଦ୍ରର ଛୋଟ ଛୋଟ ଶିଶୁମାନଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ଜିଲାପାଳ ଅଙ୍ଗନୱାଡ଼ି କେନ୍ଦ୍ରର ସୋନ୍ଦର୍ଯ୍ୟକରଣ ପାଇଁ କିଛି ଅନୁଦାନ ପ୍ରଦାନ କରିବା ପାଇଁ କଲମପୁର ବିଡ଼ିଓଙ୍କୁ ନିର୍ଦ୍ଦେଶ କରିଥିଲେ। ଏ ବିଷୟରେ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କୁ ପଚାରିବାରୁ ଜିଲାରେ ବାବୁକେନ୍ଦୁଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ସକ୍ଷମରେ ୧ନଂ. ମାନ୍ୟତା ପାଇଛି। ଏହି କେନ୍ଦ୍ରର ଉନ୍ନତୀକରଣ ପାଇଁ ଆମେ ଯଥାଶୀଘ୍ର ଅନୁଦାନ ପ୍ରଦାନ କରିବୁ ବୋଲି କହିଥିଲେ।

# ମହିଳା ନିଖୋଜ ନେଇ ଥାନାରେ ଅଭିଯୋଗ

ଥୁଆମୂଳ ରାମପୁର,୩୦।୭ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବାଗଡିଆଣି ଗ୍ରାମର ଜଣେ ବିବାହିତା ମହିଳା ନିଖୋଜ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଗ୍ରାମର ଅମିତା ମାଝିଙ୍କ ଝିଅ ପୁଷ୍ପାଞ୍ଜଳି ମାଝି (୨୬) ଶୁଣ୍ଡିଯୋବା ଗ୍ରାମର ଧନସିଂ ମାଝିଙ୍କ ପୁଅ ଉଜ୍ଜ୍ୱଳ ସିଂ ମାଝିଙ୍କୁ ବିବାହ କରିଥିଲେ। ତାଙ୍କର ୨ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। କୌଣସି କାରଣରୁ ଗତ ୨୩ତାରିଖରୁ ପୁଷ୍ପାଞ୍ଜଳି ଘରୁ କେଉଁଆଡେ ଚାଲିଯାଇଥିଲେ। ପୁଷ୍ପାଞ୍ଜଳିଙ୍କ ବାପା ଘରକୁ ଫୋନ ଯୋଗେ ଜଣାଇବା ପରେ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ସେମାନେ ମଙ୍ଗଳବାର ଥୁଆମୂଳ ରାମପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୯/୨୪) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି।

# କୁତ୍ରା ପଞ୍ଚାୟତ ପକ୍ଷରୁ ବନ ମହୋତ୍ସବ



ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ଲୋକେ।

କୁତ୍ରା, ୩୦।୭(ଦେବାଶିଷ ସାହୁ)

କୁତ୍ରା ଗ୍ରାମ ପଞ୍ଚାୟତ ପକ୍ଷରୁ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ସରପଞ୍ଚ ଭୂବନ କୁଜୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ସମୟରେ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ଚାରା ରୋପଣ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ସମିତି ସଭ୍ୟା କୀର୍ତ୍ତି ଏକ୍କା, ନାଏବ ସରପଞ୍ଚ କୌଶଲ୍ୟା ଅମାତ, ଗାଁ ସାଥି ବାସିଲ ସୋରେଙ୍ଗ, ମିଶନ ଶକ୍ତି ବ୍ଲକ ସଭାପତି ତରୁଣୀଲତା ସନାନୀ, ସୁକାନ୍ତି ବାଡ଼ା ପ୍ରମୁଖଙ୍କ ସମେତ ବହୁ ମହିଳା ସଦସ୍ୟା ଯୋଗ ଦେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସର ସମେତ ଗାଁ ର ବିଭିନ୍ନ ସ୍ଥାନରେ ଚାରା ରୋପଣ କରିଥିଲେ।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ସୁନ୍ଦରଗଡ,୩୦।୭
(ଜୟନାରାୟଣ ମେଣ୍ଡୁଲି)




ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି।

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ରବିବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କାଉଟ ଗାଇଡ୍ସ ଏବଂ ଇକୋ କ୍ଲବର ଆବାହକ ଶିକ୍ଷକ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ଛାତ୍ରୀ ଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ସ୍ଥାନୀୟ ଭବାନୀ ଭବନ ପଡିଆରୁ ବାହାରି ସହର ପରିକ୍ରମା କରିଥିଲେ। ଅବସରପ୍ରାପ୍ତ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଇକୋ କ୍ଲବର ସଦସ୍ୟ କିଶୋର ମହାନନ୍ଦିଆ, ଶିକ୍ଷକ ସନ୍ତୋଷ ମହାନ୍ତ, ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ନାୟକ, ତୃପ୍ତି ପଟେଲ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବର୍ଜନ,ଜଳ ଅପବ୍ୟବହାରକୁ ରୋକିବା, ବୃକ୍ଷ ରୋପଣ କରିବା, ଜଙ୍ଗଲ ଓ ଜୀବଜନ୍ତୁର ସୁରକ୍ଷା ଓ ପ୍ରକୃତି ବିରୋଧୀ କାର୍ଯ୍ୟ ଆଦି ନ କରିବା ନେଇ ଛାତ୍ରୀଛାତ୍ରମାନେ ଲୋକଙ୍କୁ ସଚେତନ କରିଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଡାକ୍ତର ସାହୁ ପ୍ରକୃତିକୁ କିଭଳି ସଂରକ୍ଷଣ କରାଯାଇ ପାରିବ ସେ ନେଇ ବୁଝାଇଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁନ୍ଦରଗଡ଼ ସହରରେ ୫୨ ନଜୁଲ ଜମି ରୟତି କିସମରେ ପରିବର୍ତ୍ତନ ହୋଇଛି: ରାଜସ୍ୱ ମନ୍ତ୍ରୀ ପୂଜାରୀ

ସୁନ୍ଦରଗଡ,୩୦।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହରରେ ୫୨ ଗୋଟି ନଜୁଲ କିସମ ଜମି ରୟତି କିସମରେ ପରିବର୍ତ୍ତନ ହୋଇ ସାରିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ ମଙ୍ଗଳବାର ବିଧାନସଭାରେ ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ସୁନ୍ଦରଗଡ଼ ସହରରେ ନଜୁଲ କିସମର ଜମି ଥିବା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟିରେ ରହିଛି। ନିୟମ ଅନୁଯାୟୀ ଏବଂ ସରକାରଙ୍କ ନିର୍ଦ୍ଧାରିତ ଦେୟ ପ୍ରଦାନ କରି ଉତ୍ତରାଧିକାରୀ ଓ ହସ୍ତାନ୍ତର ଯୋଗ୍ୟ ଅଧିକାରୀ ସହିତ ସ୍ଥାୟୀ ବନ୍ଦୋବସ୍ତ ନିମନ୍ତେ ଥିବା ଦରଖାସ୍ତ ଆବେଦନର ସମୟ ସୀମାକୁ ଆସନ୍ତା ୩୧/୩/୨୦୨୫ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୁନଶ୍ଚ ଜିଲା ପ୍ରଶାସନ ଅନୁଯାୟୀ ସୁନ୍ଦରଗଡ ସହରର ଜନ ସାଧାରଣଙ୍କ ଅବଗତି ନିମନ୍ତେ ମାଇକ ଜରିଆରେ ଓ ଡିଣ୍ଡୋରା ପିଟାଇ ସଚେତନ କରାଯାଇ ସେଠାରେ ଥିବା ନଜୁଲ କିସମ ଜମିକୁ ରୟତି କିସମରେ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନିଆଯାଉଛି।ତେଣୁ ଦଖଲରେ ଥିବା ବ୍ୟକ୍ତି ଉପରୋକ୍ତ ବୃଦ୍ଧି ସମୟ ସୀମା ମଧ୍ୟରେ ଆବେଦନ କରି ଦଖଲରେ ଥିବା ନଜୁଲ କିସମ ଜମିକୁ ସ୍ଥିତିବାନ ସତ୍ତ୍ୱରେ ପରିବର୍ତ୍ତନ କରିପାରିବେ। ପ୍ରକାଶ ଥାଉକି, ସୁନ୍ଦରଗଡ ସହରରେ ଅନେକ ଜମି ପଟ୍ଟା ନଜୁଲ କିସମ ରହିଥିବାରୁ ଜନସାଧାରଣ କୌଣସି ସରକାରୀ ସୁବିଧା, ବ୍ୟାଙ୍କ ଋଣ ଆଦି ସୁବିଧାରୁ ବଞ୍ଚିତ ହୋଇ ଆସୁଥିବା ନେଇ ଅଭିଯୋଗ ପରେ ବିଧାୟକ ସିଂହ ବିଧାନସଭାରେ ପ୍ରଶ୍ନ ପଚାରି ସରକାରଙ୍କଠାରୁ ଉତ୍ତର ଚାହିଁ ଥିଲେ।

# ସ୍କୁଲ ପରିଚାଳନାକୁ ନେଇ ପ୍ରଧାନ ଶିକ୍ଷକ ସମ୍ମିଳନୀ

ହେମଗିର,୩୦।୭ (ଚୈତନ୍ୟ ପଟେଲ)



ପ୍ରଧାନ ଶିକ୍ଷକ ସମ୍ମିଳନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ହେମଗିର ଗୋଷ୍ଠୀ ଶିକ୍ଷା କାର୍ଯ୍ୟଳୟ ତରଫରୁ ପ୍ରଧାନ ଶିକ୍ଷକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏବିଇଓ କିଶୋର କୁମାର ଅକ,ଏବିଇଓ କପିଲ ଚନ୍ଦ୍ର ଦାସ,ହାଇସ୍କୁଲ ଶିକ୍ଷକ ସଂଘର ସଭାପତି ପୁହ୍ଲାନନ୍ଦ ପଧାନ, ଲୁଆବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନବନୀତା ନାଏକ, ପ୍ରମୋଦ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରି ପଟେଲ, ହେମଗିର ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍କୁଲଗୁଡିକୁ କିପରି ଭାବରେ ପରିଚାଳନା କରାଯିବ ତଥା ସ୍କୁଲ ଓ ଛାତ୍ରୀଛାତ୍ରମାନଙ୍କର କିପରି ଭାବରେ ଗୁଣାତ୍ମକ ଶିକ୍ଷାର ବିକାଶ କରାଯାଇ ଉତ୍ତମ ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନେକ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିବା ପାଇ ସୁଶ୍ରୀ ସଙ୍ଗିତା ପାଢ଼ି, ରଞ୍ଜନ କୁମାର ଚୌଧୁରୀ, ବିକାଶ ଭୋଇ, ସଞ୍ଜିବ ପଟେଲ, ଟଗର ହଂସ, ଉମେଶ ରାଏ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ରାଲି, ତହସିଲ କାର୍ଯ୍ୟାଳୟ ଘେରାଉ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଝାରସୁଗୁଡ଼ା,୩୦।୭(ସଞ୍ଜୟ ମାଲି)

ଝାରସୁଗୁଡା ଜିଲା ଲଇକେରାଠାରେ ରାଜ୍ୟ ସରକାରଙ୍କ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆଦେଶର ପ୍ରତ୍ୟାହାର କରିବା ଏବଂ ଭୂମିହୀନ ଗରିବଙ୍କୁ ଉଚ୍ଛେଦ ନ କରି ଦଖଲ ଜମିରେ ଭୁସଂସ୍କାର ଆଇନ ଅନୁଯାୟୀ ବନ୍ଦୋବସ୍ତ କରିବା ଦାବି ନେଇ ଲୋକମୁକ୍ତି ସଙ୍ଗଠନ ଲଇକେରା ବ୍ଲକ ପକ୍ଷରୁ ଲଇକେରାଠାରେ ବିରାଟ ରାଲି ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଉକ୍ତ ରାଲି ଲଇକେରା କଲେଜ ଛକଠାରୁ ଆରମ୍ଭ ହୋଇ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭା ପରେ ୬ ଦଫା ଦାବି ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଦିଆଯାଇଥିବା ଆଦେଶକୁ ପ୍ରତ୍ୟାହାର କରିବା, ଭୂମିହୀନ ଗରିବ ପରିବାରଙ୍କୁ ଦଖଲ ଜମିରେ ବନ୍ଦୋବସ୍ତ କରିବା, ଭୂମିହୀନ ପରିବାରଙ୍କୁ ବଣ୍ଟନ କରାଯାଇଥିବା ଜମିର ଚିହ୍ନଟ କରିବା, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ କୃଷି କାର୍ଯ୍ୟ ପାଇଁ ଜମି ପ୍ରଦାନ କରିବା, ଜଙ୍ଗଲ ଅଧିକାର ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରିବା ତଥା ପେସା ଆଇନର ଠିକ କାର୍ଯ୍ୟକାରିତା ଆଦି ୬ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲଇକେରା ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ଦଖଲ ସରକାରୀ ଜମିରେ ବନ୍ଦୋବସ୍ତ ପାଇଁ ୪୫୭ଜଣ ଭୂମିହୀନ ପରିବାର ପୂରଣ କରି ଆଣିଥିବା ଫର୍ମ ନମ୍ବର ୧ ନିୟମ ୫(୨) ତହସିଲଦାରଙ୍କ ପାଖରେ ଦାଖଲ କରିଥିଲେ। ତହସିଲଦାର ମୁରଲୀଧର ଉର୍ମାଲ ଦାବିପତ୍ରକୁ ଗ୍ରହଣ କରି ଭୂମିହୀନମାନଙ୍କୁ ଭୁସଂସ୍କାର ଆଇନ ଅନୁଯାୟୀ ବନ୍ଦୋବସ୍ତ କାର୍ଯ୍ୟ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାଲି ଏବଂ ପ୍ରତିବାଦ ସଭାରେ ଲୋକମୁକ୍ତି ସଙ୍ଗଠନ ଉପଦେଷ୍ଟା ଅନନ୍ତ ନାଏକ, ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ସଂଯୋଜକ ଜିନିତ ସାମାଦ, କୈଳାସ ପିଙ୍ଗ, ସଙ୍ଗଠନ ସଭାପତି ପରମାନନ୍ଦ ଦାରକା, ଉପସଭାପତି ରସାନନ୍ଦ କିଷାନ, ପରମେଶ୍ୱର ବାଘ, କ୍ଷୀରୋଦ କିଷାନ, ପଦ୍ମଲୋଚନ କିଷାନ, ପ୍ରଦୀପ ହେମ୍ବ୍ରମ, ବାଲ୍ମୀକି ଜୟପୁରିଆ, ଦୁର୍ଗା ପ୍ରସାଦ ଭୋଇ, ତପସ୍ୱନୀ ମୁଣ୍ଡା, ମେରି ଟପନୋ ପ୍ରମୁଖ ନେତୃବୃନ୍ଦଙ୍କ ସହିତ ଲଇକେରା ତହସିଲର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଲୋକ ସାମିଲ ହୋଇଥିଲେ।




ଲୋକ ମୁକ୍ତି ସଙ୍ଗଠନ କର୍ମକର୍ତ୍ତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

# ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ

## ପ୍ରଥମ ଦିନରେ ଧରାପଡ଼ିଲେ ୩ ନାବାଳକ

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ବିଭିନ୍ନ ରାସ୍ତା ଓ ଛକ ସ୍ଥାନରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନାବାଳକ ଗାଡି ଚାଳକ ଧରପଗଡ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଯାଇଛି। ଅଭିଯାନର ପ୍ରଥମ ଦିନରେ ସୋମବାର ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିବା ବେଳେ ୩ଜଣ ନାବାଳକ ଗାଡି ଚାଳକ ଧରାପଡିଛନ୍ତି। ରାଞ୍ଚି ବିଜୟୱାଡା ରାସ୍ତା ନବୋଦୟ ବିଦ୍ୟାଳୟ (ସୁନାମୁଣ୍ଡା)ଛକରେ ୨ଜଣ ନାବାଳକ ଏବଂ ଦେବଗଡ ରିଆମାଳ ରାସ୍ତା ଝାଡେଶ୍ୱର ମନ୍ଦିର ଛକରେ ଜଣେ ନାବାଳକ ବାଇକ ନେଇ ଯାଉଥିବା ବେଳେ ଧରାପଡିଛନ୍ତି। ପ୍ରତ୍ୟେକ ବାଇକ ପିଛା ୨୫ ହଜାର ଟଙ୍କାର ଚାଲାଣ କଟାଯାଇଥିବା ବେଳେ ଧରାପଡିଥିବା ନାବାଳକମାନଙ୍କୁ ୨୫ବର୍ଷ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ଦିଆଯିବ ନାହିଁ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ଧରାପଡିଥିବା ନାବାଳକମାନଙ୍କ ଅଭିଭାବକମାନଙ୍କୁ ତାଗିତ କରାଯିବା ସହ ଭବିଷ୍ୟତରେ ଏହାର ପୁନରାବୃତି ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଦିନକୁ ଦୁର୍ଘଟଣା ସଂଖ୍ୟା ବଢୁଥିବାରୁ ଏହାକୁ ନିୟନ୍ତ୍ରଣ ପାଇଁ ପରିବହନ ବିଭାଗ ପକ୍ଷରୁ ରାଜ୍ୟରେ ନାବାଳକ ଗାଡି ଚାଳକ ଧରପଗଡ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ରାଜ୍ୟରେ କଡାକଡି ଚେକିଂ କରାଯାଉଛି। ନାବାଳକ ଗାଡି ଚଳାଉଥିବା ଧରା ପଡିଲେ ଅଭିଭାବକ ୨୫ ହଜାର ଟଙ୍କା ଜରିମାନା ଗଣିବା ସହ ତାଙ୍କ ବିରୋଧରେ ମାମଲା ମଧ ରୁଜୁ ହୋଇପାରେ। ଏଥିସହ ଧରାପଡିଥିବା ନାବାଳକଙ୍କୁ ୨୫ବର୍ଷ ଯାଏଁ ଡିଏଲ ମିଳି ପାରିବନାହିଁ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ କଡାକଡି ଯାଞ୍ଚ କରାଯାଉଥିବା ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ୬ ଦିନ ପରେ ବି ପୋଲିସ ନୀରବ

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ଧକ୍କା, ହତ୍ୟା ଧମକ ଘଟଣା

- କର୍ମଚାରୀ ମହଲରେ ଅସନ୍ତୋଷ, ଭୟଭୀତ ଅବସ୍ଥାରେ ବ୍ଲକ କର୍ମଚାରୀ

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ମାଝିଙ୍କୁ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ରଙ୍କ ସ୍ୱାମୀ ତନୁଚନ୍ଦ୍ର ପାତ୍ର ଧକ୍କା ମାରିବା ସହ ହତ୍ୟା ଧମକ ଦେବା ଘଟଣାର ୬ଦିନ ବିତିଯାଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଫଳରେ ପୋଲିସର କାର୍ଯ୍ୟ ନେଇ ନାନା ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ତନୁଚନ୍ଦ୍ର ସହଯୋଗୀଙ୍କ ସହିତ ଜଣେ ନିର୍ଦ୍ଦିଷ୍ଟ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଛତ୍ରଛାୟା ତଳେ ସୁରକ୍ଷିତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବାରକୋଟ ବ୍ଲକରେ କର୍ଯ୍ୟରତ ବହୁ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀ ଭୟଭୀତ ଅବସ୍ଥାରେ ରହିବା ସହ ପୋଲିସ ନିଷ୍କ୍ରିୟତା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଘଟଣା ଦିନ ତନୁଚନ୍ଦ୍ର ହାତରେ ହକି ଷ୍ଟିକ ଧରି ବ୍ଲକ କାର୍ଯ୍ୟାଳୟରେ ପ୍ରବେଶ କରିଥିବା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୨୪ ତାରିଖ ଅପରାହ୍ନ ପ୍ରାୟ ୫ଟା ୨୫ ମିନିଟରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀଙ୍କ ସ୍ୱାମୀ ତନୁଚନ୍ଦ୍ର ସୂର୍ଯ୍ୟମଣୀ ମହାନ୍ତଙ୍କ ସହିତ କାର୍ଯ୍ୟାଳୟରେ ପହଞ୍ଚି ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତଙ୍କୁ ଧକ୍କା ମାରିଥିଲେ। ଏଥିସହ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ମଧ ଦେଇଥିବା ଯନ୍ତ୍ରୀ ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ସେ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କୁ ଲିଖିତ ଭାବେ ଜଣାଇବା ପରେ ବିଡିଓ ମଧ ଅଭିଯୋଗ ପତ୍ର ଥାନାକୁ ପ୍ରେରଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ। ଏ ନେଇ ସେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ ଅବଗତ କରି କାର୍ଯ୍ୟାନୁଷ୍ଠାନ ସହ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଏତଲା ଆଧାରରେ ବାରକୋଟ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହେଉଛି।

# ଶୋଚନୀୟ ଅବସ୍ଥାରେ ସହର ମୁଖ୍ୟ ରାସ୍ତା



ଶୋଚନୀୟ ଅବସ୍ଥାରେ ବେଦାନ୍ତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା।

ଝାରସୁଗୁଡ଼ା,୩୦।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ମେଘେନା ବିଡି ନିକଟ ମୁଖ୍ୟ ରାସ୍ତା ଦୀର୍ଘ ଦିନରୁ ଛୋଟବଡ଼ ଗାତ ହୋଇଥିବା ତଥା ରାସ୍ତା ମରାମତି ହେଉ ନ ଥିବା ଅଭିଯୋଗ ହେଉଛି। ଏହି ମୁଖ୍ୟ ରାସ୍ତା ଉପରେ ଛୋଟବଡ଼ ଗାତ ଯୋଗୁ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକ ଯିବାଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ବେଦାନ୍ତରୁ ବାହାରୁ ଥିବା ଶହ ଶହ ପାଉଁଶ ତଥା ଆଲୁମିନିୟମ ବୋଝେଇ ଟ୍ରକ ଏହି ରାସ୍ତା ଦେଇଯାଇଥାଏ। ବଡ଼ମାଲ ଓ ସୁନାରମୁଣ୍ଡା ମଝି ଭାଗ ସ୍ଥାନରେ ବେଦାନ୍ତ ରାସ୍ତା ଆରମ୍ଭ ହୋଇଛି। ନିକଟ ମୁଖ୍ୟ ରାସ୍ତା ଉପରେ ବଡ଼ ଗାତ ହେବା ତଥା ଭାରିଯାନ ଚାଲିବା ଯୋଗୁ ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବେଦାନ୍ତ ଅଧିକାରୀ ଚୁପ ହୋଇ ରହିଥିବା ପରିଲକ୍ଷିତ ହେଉଛି। ଗତ କିଛି ମାସ ତଳେ ବେଦାନ୍ତ କର୍ମଚାରୀ ଆସି ବଡ଼ ଗାତ ମରାମତି କରିଥିବା ଭିତରେ ଏବେ ରାସ୍ତା ପୂର୍ବ ଅବସ୍ଥାକୁ ଫେରି ଆସିଛି। ପ୍ରତିଦିନ ଏହି ମୁଖ୍ୟ ରାସ୍ତା ଉପରେ ହଜାର ହଜାର ଗାଡ଼ି ଚଲୁଥିବା ବେଳେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଅନ୍ୟପଟେ ଡମାଲ ବିଜୁପଟ୍ଟନାୟକ ଛକଠାରୁ ସୁନାରି ମୁଣ୍ଡା ଛକ ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ ଲାଇଟ ଦୀର୍ଘ ଦିନରୁ ଜଳୁ ନ ଥିବାରୁ ଗାଡ଼ି ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଏହି ରାସ୍ତାରେ ରାତି ସମୟରେ ଟିଉସନ ପଢି ଆସୁଥିବା ଛାତ୍ରୀଛାତ୍ର ଏବଂ ବିଭିନ୍ନ ଦୋକାନରେ କାମ କରୁଥିବା ଝିଅ ତଥା ମହିଳାମାନେ ଯିବା ଆସିବା ପାଇଁ ନିରାପଦ ମାନୁନାହାନ୍ତି। ଏଥିପ୍ରତି ବେଦାନ୍ତ ଅଧିକାରୀ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଆସୁଛି।

# ଡଁରା ପାକ୍ସରେ ପୂର୍ବତନ ସମ୍ପାଦକଙ୍କ ପୁଅର ଉନ୍ମତ୍ତକାଣ୍ଡ

## ଥାନାରେ ମାମଲା ରୁଜୁ

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାସ୍ଥିତ ଡଁରା ପ୍ରାଥମିକ କୃଷି ସମବାୟ ସମିତି ମିନି ବ୍ୟାଙ୍କରେ ପଶି ପୂର୍ବତନ ସମ୍ପାଦକଙ୍କ ପୁଅ ଉନ୍ମତ୍ତକାଣ୍ଡ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଡଁରା ପ୍ରାଥମିକ କୃଷି ସମବାୟ ସମିତି ମିନି ବ୍ୟାଙ୍କ ସଭାପତି ପ୍ରତାପ ପ୍ରଧାନ ବାରକୋଟ ଥାନାରେ ଅଭିଯୋଗ କରିବାରୁ ପୋଲିସ ମହେଶ୍ୱର ବେହେରାଙ୍କ ବିରୋଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। କୃଷି ସମବାୟ ସମିତି ମିନି ବ୍ୟାଙ୍କ ସଭାପତି ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଡଁରା ଗ୍ରାମର ମହେଶ୍ୱର ବେହେରା ଅବସର ଗ୍ରହଣ କରିବା ପୂର୍ବରୁ ତାଙ୍କ ଦୟେ ଏବଂ ପ୍ରାପ୍ୟ ବାବଦ ହିସାବ କରିବାରୁ ତାଙ୍କ ନାମରେ ୧୯ ଲକ୍ଷ ଟଙ୍କା ବାହାରିଥିଲା। ଅନ୍ୟପକ୍ଷରେ ସେ ଚାକିରି କାଳ ମଧ୍ୟରେ ଗ୍ରାଚ୍ୟୁଇଟି ଟଙ୍କା ପାଇବାର ଥିବା ବେଳେ ତାଙ୍କ ଉପରେ ୧୯ ଲକ୍ଷ ଟଙ୍କା ବାହାରିବାରୁ ଅଡିଟ ଶେଷ ନ ହେବା ପର୍ଯ୍ୟନ୍ତ ଗ୍ରାଚୁଇଟି ଟଙ୍କା ମାଗି ପାରିବି ନାହିଁ ବୋଲି ପୂର୍ବତନ ସମ୍ପାଦକ ବେହେରା ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ମାତ୍ର ମଙ୍ଗଳବାର ମହେଶ୍ୱରଙ୍କ ପୁଅ ମିଟୁ ଓରଫ ଚୋଡଗଙ୍ଗ ବେହେରା ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ମିନିଟରେ କାର୍ଯ୍ୟାଳୟକୁ ଆସି ସଭାପତି ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ କୁଆଡେ ତାଙ୍କ (ମିଟୁଙ୍କ)ବାପାଙ୍କ ଗ୍ରାଚ୍ୟୁଇଟି ଟଙ୍କା ନ ଦେଲେ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ମିନି ବ୍ୟାଙ୍କକୁ ଆସିଥିବା ଚାଷୀମାନଙ୍କୁ ମଧ ଗାଳିଗୁଲଜ କରିଥିଲେ। ଯାହାର ସିସିଟିଭି ଫଟୋ କ୍ୟାମେରାରେ ରେକର୍ଡ ହୋଇଥିଲା। ଏ ନେଇ ସଭାପତି ପ୍ରଧାନ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିରର ଟ୍ରଷ୍ଟ ସଦସ୍ୟ ଚୟନ

ଦେବଗଡ଼,୩୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପ୍ରଧାନପାଟସ୍ଥିତ ଜିଲାର ଅନ୍ୟତମ ପ୍ରସିଦ୍ଧ ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିରର ଟ୍ରଷ୍ଟ ସଦସ୍ୟ ଚୟନ ଦେବୋତ୍ତର ବିଭାଗ ପକ୍ଷରୁ କରାଯାଇଛି। ଆଗାମୀ ୨ ବର୍ଷ ନିମନ୍ତେ ଏହି ମନ୍ଦିର ଟ୍ରଷ୍ଟ ସଦସ୍ୟ ଭାବେ ଦେବୋତ୍ତର ବିଭାଗ ପକ୍ଷରୁ ଆଦେଶ ସଂଖ୍ୟା-୬୧୧(୧୩)୪-ସି-ସମ୍ବଲପୁର-(ଏମ)/ତା-୨୯-୦୭-୨୦୨୪ରିଖ ଦ୍ୱାରା ସରୋଜ କୁମାର ପାତ୍ର, ଈଶ୍ୱର ପ୍ରସାଦ ଦାସ, ସତ୍ୟାନନ୍ଦ ସାହୁ, ଶଶାଙ୍କ ଶେଖର ନାୟକ, ଶ୍ରବଣ ନାୟକ, ବାବୁଲେନ୍ଦ୍ର ନାୟକ, ପ୍ରଭାଶ ଚନ୍ଦ୍ର ମିଶ୍ର, ରଞ୍ଜନ କୁମାର ଦାସ, ସୁଧିର କୁମାର ଦାସ, ବେଣୁଧର ଭଞ୍ଜ ଓ ରାଜେଶ କୁମାର ଦେବଙ୍କୁ ଚୟନ କରାଯାଇଥିବା ସୂଚନା ମିଳିଛି।

# ମୋଟରସାଇକେଲକୁ ପିଟିଲା ଟ୍ରକ୍, ବାଇକ୍ ଚାଳକ ମୃତ

ଖପ୍ରାଖୋଲ,୩୦।୭(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଜୁରିଆ ରାସ୍ତାର କନଗାଁ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ମୋଟର ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ମୋଟର ସାଇକେଲ ଚାଳକ ଜଣକ ହେଲେ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଳପଡ଼ା ଗାଁର ବିଶିଷ୍ଟ ପୁରାଣ ଗାୟକ ବିପିନ ଶତପଥୀ (୫୦)। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁସାରେ, ଖପ୍ରାଖୋଲ ପଟରୁ ଜୁରିଆ ପଟକୁ ଯାଉଥିବା ଏକ ଖାଲି ଟ୍ରକ ନଂ ଓଡି୨୬ ବି ୩୫୧୫)ସାମ୍ନା ପଟରୁ ଆସୁଥିବା ବାଇକ୍‌କୁ ଧକ୍କା ଦେବା ଫଳରେ ଚାଳକ ବିପିନ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଦୁର୍ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଖପ୍ରାଖୋଲ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ବିପିନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା । ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ପଚାରିବାରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଥାନାରେ ଅଟକ ଥିବା ପ୍ରକାଶ କରିଛନ୍ତି।

# ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ ଘଟଣା: ୩ ଅଭିଯୁକ୍ତ କୋର୍ଟ ଚାଲାଣ

ପାଟଣାଗଡ଼,୩୦।୭(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଲାଠୋର ପୋଲିସ ଝଲିଆଲିଟି ଗ୍ରାମ କେନ୍ଦୁପତ୍ର ଫଡି ନିକଟରେ ଚଢ଼ାଉ କରି ୧୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ ପିକ୍‌ଅପ ଓ ୨ଟି ବାଇକ୍ ଜବତ କରିଥିଲା। ଅଭିଯୁକ୍ତଙ୍କୁ ପୋଲିସ ସୋମବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ପଟଣାଗଡ ଥାନାରେ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଋଷିକେଶ ଖିଲାରି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, କନ୍ଧମାଳ ଅଞ୍ଚଳରୁ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ଯୋଗେ ୮୦ ବସ୍ତା ଗଞ୍ଜେଇ ଲାଠୋର ଦେଇ ନୂଆପଡା ଅଭିମୁଖେ ଚାଲାଣ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଲାଠୋର ପୋଲିସ ଚଢାଉ କରି ଗଞ୍ଜେଇ ବୋଝେଇ ଉକ୍ତ ଭ୍ୟାନକୁ ଝଲିଆଲିଟି ଗାଁ କେନ୍ଦୁପତ୍ର ଫଡି ଠାରେ ଧରିଥିଲା। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓ ସଦାନନ୍ଦ ପୂଜାରୀଙ୍କ ସମେତ ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା ଉପସ୍ଥିତ ଥିଲେ।

# ଲଇକେରାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୩୦।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡାକ୍ତର ନିମାଇଁ ଚରଣ ନାୟକ, ବିଡିଓ ଅଲେଖ ଘୁଟାଙ୍କ ସମେତ ଜିଲା ଓ ବ୍ଲକ ସ୍ଥରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୮ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ସାମୂହିକ ୧୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ନିକ୍ତିମାଲ ଉଚ୍ଚ ବିଦ୍ୟାଳୟର ଜମି ଜବରଦଖଲ, ଭୁଲିଆଡିହି ଓ ମୁରାଦୀପାଲି ଗ୍ରାମରେ ଚାଷ ପାଇଁ ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ, ଖଏରଡିହି ଗ୍ରାମର ରାସ୍ତା ମରାମତି, ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି, ରେଙ୍ଗାଲବେଡ଼ା ଗ୍ରାମରେ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର, ନିକ୍ତିମାଲ ଗ୍ରାମରେ ପଡିକାର୍ଡ଼ଧାରୀଙ୍କୁ ଚାଉଳ ବଣ୍ଟନରେ ହେଉଥିବା ଦୁର୍ନୀତି, ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ପାଇଁ ଉଦ୍ଦିଷ୍ଟ କପଡ଼ା ବିକ୍ରୀ, ଗ୍ରୀଷ୍ମ ଋତୁରେ ଗଭୀର ନଳକୂପ ମରାମତି ଜନିତ ପ୍ରାପ୍ୟ ପ୍ରଦାନ ଆଦି ସାମୂହିକ ଅଭିଯୋଗ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ଜଣଙ୍କୁ ଚିକିତ୍ସା ବାବଦକୁ ରେଡକ୍ରସ ପକ୍ଷରୁ ୫ ହଜାର ଟଙ୍କାର ଏବଂ ଅନ୍ୟ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।




ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଜିଲା ପ୍ରଶାସନିକ ଅଧିକାରୀ।

# ସମ୍ବଲପୁରୀ ଦିନ୍ ଉତ୍ସବରେ ହେବ ସାଂସ୍କୃତିକ ଶୋଭାଯାତ୍ରା

## ସମ୍ବଲପୁରୀ ଦିନ ପାଳନ ପାଇଁ ଭାଷା ସାହିତ୍ୟ ସଂସ୍କୃତି ପକ୍ଷରୁ ପ୍ରେସ ବିବୃତି

ଝାରସୁଗୁଡ଼ା,୩୦।୭(ସଞ୍ଜୟ ମାଲି)

ଆସନ୍ତା ୧ ଅଗଷ୍ଟ ଅପରାହ୍ନ ୨ଟାରେ ଏକ ସାଂସ୍କୃତିକ ଶୋଭାଯାତ୍ରା ସହରସ୍ଥିତ ରେଳ ଷ୍ଟେଶନ ପାଖ କନକ ଦୁର୍ଗା ମନ୍ଦିରରୁ ବାହାରି ସତସଙ୍ଗ ଭବନରେ ଶେଷ ହେବ। ଏହି ଉତ୍ସବରେ ଜିଲା ତଥା ଜିଲା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ସହ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ମଧ ଆସିବା ପାଇଁ ସହମତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ହଳଧର ନାଗ ଯୋଗଦେବା ନେଇ ସୂଚନା ମିଳିଛି ବୋଲି ଭାଷା ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ସହର ବେହେରାମାଲସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀ ସୂଚନା ଦିଆଯାଇଛି। ଅଗଷ୍ଟ ୧ ତାରିଖରେ ସମ୍ବଲପୁରୀ ଦିନ ପାଳନ କରିବା ପାଇଁ ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ମହାପାତ୍ର, ସୁବ୍ରତ ତ୍ରିପାଠୀ, ଝାରସୁଗୁଡା ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ସରୋଜ କୁଆଁର, ନିରଞ୍ଜନ ମାଲି ଏବଂ ସାମାଜିକ କର୍ମୀ ମାନସୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଭାଷା ଓ ସଂସ୍କୃତିର ପ୍ରବାଦ ପୁରୁଷ ଗୁରୁଶ୍ରୀ ସତ୍ୟନାରାୟଣ ବୋହିଦାରଙ୍କ ଜନ୍ମ ସତବାର୍ଷିକ ଦିନ ଏହି ସମ୍ବଲପୁରୀ ଦିନ ପାଳନ କରାଯାଇଥାଏ। ସମ୍ବଲପୁରୀ ଦିନ ଉତ୍ସବ ସହରସ୍ଥିତ ସତସଙ୍ଗ ଭବନରେ ପାଳନ କରାଯିବ। ଗୁରୁ ସତ୍ୟନାରାୟଣ ବୋହିଦାର ସମ୍ବଲପୁରୀ ଅବଦାନ ଲେଖିବା, ବ୍ୟାକରଣ ବନେଇବା ଏବଂ ସମ୍ବଲପୁରୀ ଭାଷାକୁ ମାନ୍ୟତା ଦେବା ପାଇଁ ଦୀର୍ଘ ବର୍ଷରୁ ତାଙ୍କର ସଂଘର୍ଷ ଥିଲା। ସେହି ସଂଘର୍ଷ ମନେ ପକାଇ ଏହି ସମ୍ବଲପୁରୀ ଦିନ ଉତ୍ସବ ପାଳନ କରାଯାଇଥାଏ। ୧ ଅଗଷ୍ଟ ଦିନ ସାରା ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର ହେବାକୁ ଯାଉଛି ଏବଂ ଝାରସୁଗୁଡା ସହର ମଧ ଏହାରୁ ବାଦ ପଡିବା ନାହିଁ ବୋଲି ମଞ୍ଚରେ ଉପସ୍ଥିତ ଅତିଥିମାନେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଷା ସାହିତ୍ୟ ସଂସ୍କୃତି କର୍ମକର୍ତ୍ତା।

## ସଂକ୍ଷେପରେ

### ଧର୍ମେଶ ପାଇଲେ ଉତ୍କଳୀୟ ସେବା ସମ୍ମାନ



**ଖଡ଼ିଆଳ,୩୦।୭ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ସହରର ଧର୍ମେଶ ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶକ ଧର୍ମେଶ ମେହେର ଆଉ ଏକ ସମ୍ମାନର ଅଧିକାରୀ ହୋଇଛନ୍ତି। ଗତ ୨୭ ତାରିଖରେ ଉତ୍କଳୀୟ ସେବା ଟ୍ରଷ୍ଟ ଭୁବନେଶ୍ୱର ପକ୍ଷରୁ ତାଙ୍କୁ ଉତ୍କଳୀୟ ସେବା ସମ୍ମାନ ୨୦୨୪ ପ୍ରଦାନ କରାଯାଇଛି। କଟକର କ୍ରାନ୍ତି ଓଡ଼ିଶା ଆଡୋଟୋରିୟମରେ ଏହି ସମାରୋହ ଆୟୋଜିତ ହୋଇଥିଲା। ଧର୍ମେଶ ଜଣେ ନୃତ୍ୟ ଗୁରୁ, କରାଟେ ଗୁରୁ ଓ ଜୁମ୍ବା ଟ୍ରେନର ଭାବେ ଜଣାଶୁଣା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଇ ସେ ନୃତ୍ୟ ଓ କରାଟେ ଶିକ୍ଷା ଦେଇଥାନ୍ତି।

### ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି

**ନୂଆପଡ଼ା,୩୦।୭ (ମକାରୁ ବେମାଲ):** ନୂଆପଡ଼ା ଜିଲା ବୋଡ଼େନ ପଞ୍ଚାୟତ ସମିତି ସଭା ଗୃହଠାରେ ସୋମବାର ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ତତ୍ତ୍ୱାବଧାନରେ ମୋଟ ୧୦୭ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଏସ୍‌ଡିପିଓ ଖଡ଼ିଆଳ ଅରୂପ ଅଭିଷେକ ବେହେରା, ବୋଡ଼େନ ବ୍ଲକ୍ ଅଧକ୍ଷା ପ୍ରେମଶୀଳା ନାଗ ପ୍ରମୁଖ ଉପସ୍ଥିତ ରହି ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ବିଜୁଳି, ପାନୀୟ ଜଳ ଆଦି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, ଜିପିଇଓ ପ୍ରଫୁଲ୍ଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ମହିଳା ନିଖୋଜ ନେଇ ଥାନାରେ ଅଭିଯୋଗ

**ଥୁଆମୂଳ ରାମପୁର,୩୦।୭ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବାଗଡିଆଣି ଗ୍ରାମର ଜଣେ ବିବାହିତା ମହିଳା ନିଖୋଜ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଗ୍ରାମର ଅମିତା ମାଝିଙ୍କ ଝିଅ ପୁଷ୍ପାଞ୍ଜଳି ମାଝି (୨୬) ଶୁଣ୍ଡିଯୋବା ଗ୍ରାମର ଧନସିଂ ମାଝିଙ୍କ ପୁଅ ଉଜ୍ଜ୍ୱଳ ସିଂ ମାଝିଙ୍କୁ ବିବାହ କରିଥିଲେ। ତାଙ୍କର ୨ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। କୌଣସି କାରଣରୁ ଗତ ୨୩ତାରିଖରୁ ପୁଷ୍ପାଞ୍ଜଳି ଘରୁ କେଉଁଆଡେ ଚାଲିଯାଇଥିଲେ। ପୁଷ୍ପାଞ୍ଜଳିଙ୍କ ବାପା ଘରକୁ ଫୋନ ଯୋଗେ ଜଣାଇବା ପରେ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନମିଳିବାରୁ ସେମାନେ ମଙ୍ଗଳବାର ଥୁଆମୂଳ ରାମପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା (ନଂ.୯/୨୪) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି ।

# ଜିଲାପାଳଙ୍କ ଅଫିସ ଆଗରେ ଜନ ସମାବେଶ

**ଜବରଦଖଲ ଉଚ୍ଛେଦ ବିଜ୍ଞପ୍ତି ପ୍ରତ୍ୟାହାର, ସ୍ଥାୟୀ ପଟ୍ଟା ଦାବି**

**ଭବାନୀପାଟଣା,୩୦।୭ (ଉତ୍ତମ କୁମାର ଦାଶ)**


ଜିଲାପାଳଙ୍କ ଅଫିସ ଆଗରେ ବିଶାଳ ଜନ ସମାବେଶ।

ସରକାରଙ୍କ ଜବରଦଖଲ ଉଚ୍ଛେଦ ବିଜ୍ଞପ୍ତିକୁ ପ୍ରତ୍ୟାହାର ଓ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ମଙ୍ଗଳବାର ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବ ବିଜେଡି ସରକାର ସମୟରେ ଜାଗା ମିଶନ, ଜଙ୍ଗଲ ଜମି ଅଧିକାର ଆଇନ ବଳରେ ସହରର ୨୯ ବସ୍ତିରେ ୧୭ ଶହ ଲୋକଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ହେଲେ ବର୍ତ୍ତମାନ ଭାଜପା ସରକାର ସରକାରୀ ଜାଗାରୁ ଲୋକଙ୍କୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଭବାନୀପାଟଣା ସହରର ୨୦ ୱାର୍ଡରେ ଥିବା ୫୨ ବସ୍ତି ବାସିନ୍ଦା ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହ ଭବାନୀପାଟଣା ସହରକୁ ବନ୍ଦୋବସ୍ତ କରିବା ଓ ସମସ୍ତ ବସ୍ତି ବାସିନ୍ଦାଙ୍କୁ ବର୍ଷ ବର୍ଷ ଧରି ରହିଆସିଥିବା ଜାଗାରେ ତୁରନ୍ତ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ଏହି ସମାବେଶକୁ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ସଭାପତି ବିଜୟ ସାହୁ ପରିଚାଳନା କରିଥିଲେ। ଏଥିରେ ସମିତିର ଆବାହକ ଗିରିଧାରୀ ପାତ୍ର, ରାଜେଶ ଦୀପ, ଜନମ ମାଟି ବରିଷ୍ଠ ସାଥୀ ସରୋଜ ବାଗ, ସାମନ୍ତ ଖମାରି, ବଦ୍ରିନାରାୟଣ ପଟ୍ଟନାୟକ, ତ୍ରିଲୋଚନ ପାଣିଗ୍ରାହୀ, ମନିନ୍ଦର ମହାନ୍ତି, ସାଜିଦ୍ ମହମ୍ମଦ, ଦାମୋଦର ବେହେରା, ନାରୀଶକ୍ତି ବର୍ଷା ସରାଫ, ବବିତାରାଣୀ ଦାସ, ତପସ୍ୱିନୀ ମେହେର ପ୍ରମୁଖ ସାମିଲ ହୋଇଥିଲେ।

# ବିଧାୟକଙ୍କୁ ପତ୍ର ମାଧ୍ୟମରେ ଅବଗତ କଲେ ଆଇନ ମନ୍ତ୍ରୀ

**ଖଡ଼ିଆଳରେ ଏଡିଜେ କୋର୍ଟ ଖୋଲିବା ନେଇ ସ୍ୱୀକୃତି**

**ଖଡ଼ିଆଳ,୩୦।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳଠାରେ ନୂତନ ଅତିରିକ୍ତ ଜିଲା ଦୌରା ଜଜ୍‌କୋର୍ଟ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ସ୍ୱୀକୃତି ପ୍ରଦାନ ପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କୁ ପତ୍ର (ସଂ.୧୪୨/୩୦।୦୭।୨୪) ମାଧ୍ୟମରେ ଅବଗତ କରିଛନ୍ତି। ପ୍ରକାଶ ଯେ ଖଡ଼ିଆଳରେ ଅତିରିକ୍ତ ଜିଲା ଦୌରା ଜଜ୍‌କୋର୍ଟ ସ୍ଥାପନ ନେଇ ଓକିଲ ସଂଘ ଆନ୍ଦୋଳନ କରିଆସୁଥିଲା। ଖଡ଼ିଆଳ ବିଧାୟକ ଅଧୀରାଜ ମଧ୍ୟ ଆନ୍ଦୋଳନରେ ସାମିଲ ହେବା ସହ ବିଧାନ ସଭାରେ ପ୍ରସଙ୍ଗ ଉଠାଇଥିଲେ।

# ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ


ବେହେରା ଡ୍ୟାମ୍‌ର ପ୍ରଥମ ବନ୍ୟା ଜଳ ନିଷ୍କାସନ ହେଉଛି।

**ବେହେରା ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ**

**କୋକସରା,୩୦।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବେହେରା ଡ୍ୟାମରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଗତକିଛି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଡ୍ୟାମରେ ଓଭର ଫ୍ଲୋ ବନ୍ୟାଜଳ ଗେଟ୍ ଦେଇ ନିଷ୍କାସିତ ହେଉଛି। ବନ୍ୟାଜଳ ପ୍ରବାହିତ ସମୟର ଦୃଶ୍ୟ ଉପଭୋଗ କରିବାକୁ ଅନେକ ପ୍ରକୃତିପ୍ରେମୀ ଏଠାକୁ ଆସୁଛନ୍ତି। ତେବେ ଏହି ଡ୍ୟାମ ଅସୁରକ୍ଷିତ ଅବସ୍ଥାରେ ରହିଛି। ପାଣି ନିଷ୍କାସନ ହେଉଥିବା ଗେଟର ଉଭୟ ପାର୍ଶ୍ୱରେ କୌଣସି ଗାର୍ଡ୍‌ୱାଲ ନାହିଁ। ଫଳରେ ବନ୍ୟାଜଳ ଦୃଶ୍ୟ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ବିପଦ ରହିଛି। ଅନ୍ୟପକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଦର୍ଶକଙ୍କ ପାଇଁ କୌଣସି ସତର୍କ ସୂଚନା ମଧ୍ୟ ଦିଆଯାଇନାହିଁ। ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଦାସଙ୍କୁ ପଚାରିବାରୁ ସେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସୁରକ୍ଷା ପାଇଁ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ବାବୁ କେନ୍ଦୁଗୁଡ଼ା ଅଙ୍ଗନୱାଡି କେନ୍ଦ୍ରକୁ ୧ନଂ. ସକ୍ଷମ ମାନ୍ୟତା



ଅଙ୍ଗନୱାଡ଼ି କେନ୍ଦ୍ରରେ ଜିଲାପାଳ ଓ ଅନ୍ୟ ପଦାଧିକାରୀ।

**କଳମପୁର, ୩୦।୭(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ବାବୁ କେନ୍ଦୁଗୁଡା ଅଙ୍ଗନୱାଡି କେନ୍ଦ୍ରକୁ ଜିଲାର ୧ନଂ. ସକ୍ଷମ ମାନ୍ୟତା ମିଳିଛି। ଅଙ୍ଗନୱାଡି କର୍ମୀ ଅହଲ୍ୟା ସାହୁ କେନ୍ଦ୍ରରେ ରଙ୍ଗ ବୋଳି ଏକ ରେଳଗାଡିର ଭ୍ରମ ସୃଷ୍ଟି କରିବା ସହ ଖେଳ ସାମଗ୍ରୀ ମାଧ୍ୟମରେ କୁନି କୁନି ପିଲାମାନଙ୍କୁ ଆକୃଷ୍ଟ କରୁଥିବା ଜଣାପଡିଛି। କୋଭିଡ ସମୟରେ ମଧ୍ୟ ସେ ମାସ୍କ ଓ ସାବୁନ ବ୍ୟବହାର ନେଇ ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ। କେନ୍ଦ୍ରର ସାଜସଜ୍ଜା ପରିପାଟୀ ଉପରେ ସେ ବିଶେଷ ଧ୍ୟାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ତାଙ୍କ ସହ ଜିଲାସ୍ତରୀୟ ପଦାଧିକାରୀ ଗସ୍ତ କରି କେନ୍ଦ୍ରର ଛୋଟ ଛୋଟ ଶିଶୁମାନଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ଜିଲାପାଳ ଅଙ୍ଗନୱାଡ଼ି କେନ୍ଦ୍ରର ସୋନ୍ଦର୍ଯ୍ୟକରଣ ପାଇଁ କିଛି ଅନୁଦାନ ପ୍ରଦାନ କରିବା ପାଇଁ କଳମପୁର ବିଡ଼ିଓଙ୍କୁ ନିର୍ଦ୍ଦେଶ କରିଥିଲେ। ଏ ବିଷୟରେ ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କୁ ପଚାରିବାରୁ ଜିଲାରେ ବାବୁକେନ୍ଦୁଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ସକ୍ଷମରେ ୧ନଂ. ମାନ୍ୟତା ପାଇଛି। ଏହି କେନ୍ଦ୍ରର ଉନ୍ନତୀକରଣ ପାଇଁ ଆମେ ଯଥାଶୀଘ୍ର ଅନୁଦାନ ପ୍ରଦାନ କରିବୁ ବୋଲି କହିଥିଲେ।

### ବ୍ୟାଙ୍କ ଜମାଖାତାରୁ ଟଙ୍କା ଗାଏବ, ଜିଲାପାଳଙ୍କୁ ଫେରାଦ

**କଳମପୁର, ୩୦।୭(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ମିନଗୁର ପଞ୍ଚାୟତ ଡେର୍ଲାପଡା ଗ୍ରାମର ନବାଦ ନିଆଲଙ୍କ ବ୍ୟାଙ୍କ ଜମାଖାତାରୁ ଟଙ୍କା ଗାଏବ ହୋଇଥିବା ନେଇ ସେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସୂଚନା ଅନୁଯାୟୀ ନବାଦ ଭାରତୀୟ ଷ୍ଟେଟ ବ୍ୟାଙ୍କ କଳମପୁର ଶାଖାରେ ୪୧ ହଜାର ଟଙ୍କା ଜମା ରଖିଥିଲେ। ଚାଷକାର୍ଯ୍ୟ ପାଇଁ ଦରକାର ହେବାରୁ ସେ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇବା ବେଳକୁ ଜମା ଖାତାରେ ଟଙ୍କା ଶୂନ୍ୟ ହୋଇଥିବା ଦେଖିଥିଲେ। ସେ ଏ ନେଇ ବ୍ୟାଙ୍କ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ। ପରେ ସେ କଳାହାଣ୍ଡି ଜିଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କଠାରେ ଅଭିଯୋଗ କରିଥିଲେ। ଜିଲାପାଳ ତତ୍‌କ୍ଷଣାତ୍ ଏସ୍‌ବିଆଇ ଜିଏମ୍‌ଙ୍କୁ ଘଟଣାର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନୁସନ୍ଧାନରୁ ଜଣାଗଲା ଯେ ବ୍ୟାଙ୍କ କର୍ମଚାରୀ ଯେଉଁ ଏକାଉଣ୍ଟରେ ଟଙ୍କା ଜମା କରିବା କଥା ତାହା ନ କରି ଭିନ୍ନ ଏକ ଏକାଉଣ୍ଟରେ ଜମା କରିଛନ୍ତି। ନବାଦଙ୍କ ଏକାଉଣ୍ଟରେ ଶୀଘ୍ର ଏହି ଟଙ୍କା ଜମା ହେବ ବୋଲି ବ୍ୟାଙ୍କ ସୂତ୍ରରୁ ଜଣାପଡିଛି।

# ଭିନ୍ନକ୍ଷମ ମହିଳାଙ୍କୁ ଥଇଥାନ କଲା ପ୍ରଶାସନ

**ଲାଞ୍ଜିଗଡ଼,୩୦।୭(ରମେଶ ଚନ୍ଦ୍ର ନାୟକ)**




କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ କମର୍ଦ୍ଧା ଗ୍ରାମପଞ୍ଚାୟତ ମୁଣ୍ଡା ଗାଁର ଜଣେ ମାନସିକ ଭିନ୍ନକ୍ଷମ ମହିଳା ଓ ତାଙ୍କର ୫ବର୍ଷର ଝିଅ ସାମାଜିକ ବାସନ୍ଦ ହୋଇ ଅସହାୟ ହୋଇପଡିଥିବା ବେଳେ ସେମାନଙ୍କୁ ବ୍ଲକ ପ୍ରଶାସନ ଉଦ୍ଧାର କରି ଧର୍ମଗଡସ୍ଥିତ ଯଶୋଦା ଅନାଥ ଆଶ୍ରମରେ ଥଇଥାନ କରିଛି। ସୂଚନା ଅନୁଯାୟୀ, ମୁଣ୍ଡା ଗାଁର ମାନସିକ ଭିନ୍ନକ୍ଷମ ସୁଶୀତା ବିଶ୍ୱାଳ ତାଙ୍କର ଏକ ପାଞ୍ଚ ବର୍ଷର ଝିଅକୁ ନେଇ ଏକ ଭଙ୍ଗା ଦଦରା ଘରେ ରହୁଥିଲେ। କିଛିଦିନ ଧରି ଲଘୁଚାପ ଜନିତ ବର୍ଷା ଯୋଗୁ ତାଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଇଥିବାବେଳେ ଗାଁ ଲୋକେ ଉଭୟଙ୍କୁ ନେଇ ଗାଁ କଲ୍ୟାଣ ମଣ୍ଡପରେ ଆଶ୍ରୟ ଦେଇଥିଲେ। ତେବେ ବିପଦସଙ୍କୁଳ କଲ୍ୟାଣ ମଣ୍ଡପରେ ମା'ଝିଅ ରହିବା ଏକ ପ୍ରକାର ମୁସ୍କିଲ ହୋଇ ପଡିଥିଲା। ବ୍ଲକ ପ୍ରଶାସନ ଅବଗତ ହେବାପରେ ବିଡିଓ ଶଶାଙ୍କ ପାତ୍ରଙ୍କ ନିର୍ଦ୍ଦେଶରେ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର ଗାଁରେ ପହଞ୍ଚି ସୁଶୀତାଙ୍କୁ ଉଦ୍ଧାର କରିବା ସହିତ ଧର୍ମଗଡସ୍ଥିତ ଯଶୋଦା ଅନାଥ ଆଶ୍ରମରେ ଥଇଥାନ କରିବାକୁ ପଦକ୍ଷେପ ନେଇଛନ୍ତି। ଏବେ ସୁଶୀତା ଓ ତାଙ୍କ ଝିଅ ଅନାଥ ଆଶ୍ରମରେ ଅନ୍ତେବାସୀ ଭାବେ ରହିବା ସ୍ଥିର ହୋଇଛି।

### ନାଚଗୀତ ମାଧ୍ୟମରେ ଶିକ୍ଷା ସଚେତନତା

**ନୂଆପଡ଼ା,୩୦।୭ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ପଞ୍ଚାୟତ ମେଣ୍ଢାଟାଳ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଉପରେ ଛାତ୍ରୀଛାତ୍ର ନାଚ,ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ଜୁଲାଇ ୨୨ରୁ ୨୯ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ସଭାପତିତ୍ୱରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝି ମୁଖ୍ୟଅତିଥି, ସାଧନା କେନ୍ଦ୍ର ସଂଯୋଜକ ସନ୍ତୋଷ ବାଗ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କଲା ଜାତୀୟ ଟିମ୍


ଆରୋଗ୍ୟ ମନ୍ଦିରରେ ଟିମ୍ ସଦସ୍ୟଙ୍କ ସହ ଅଧିକାରୀମାନେ।

**ନର୍ଲା,୩୦।୭(ସନ୍ତୋଷ ପାତ୍ର)**

ଦିଲ୍ଲୀର ଏନ୍‌କ୍ୟୁଏସ୍ ସାର୍ଟିଫିକେଟ ଟିମ୍ ମଙ୍ଗଳବାର ନର୍ଲା ବ୍ଲକ ଶାନ୍ତପୁରସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଛି। ଏହି ଟିମ୍‌ରେ ଅବନ୍ତିକା ଶୁକ୍ଲା, ଭି. ଶ୍ୱେତା ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ କରିଥିଲେ। ଟିମ୍ ସଦସ୍ୟ ଆରୋଗ୍ୟ ମନ୍ଦିରର ସୁନ୍ଦର କାର୍ଯ୍ୟକଳାପ ଓ ପରିବେଶ ସ୍ୱଚ୍ଛତାକୁ ନେଇ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସରକାରୀ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ଡା. ସୁଚେତା ପାଣି, ନର୍ଲା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ଗୋଛାୟତ, ବ୍ଲକ ମେଡ଼ିକାଲ ପ୍ରୋଗ୍ରାମ ଅଧିକାରୀ ସବିର ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

**ଭବାନୀପାଟଣା,୩୦।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ୨ଦିନ ଧରି ଚାଲିଥିବା ପଞ୍ଚମ ଜିଲା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ଉପଦେଷ୍ଟା ତଥା ଭାଜପା ନେତା ଭାରତ ଭୂଷଣ ଦେଓ, ସିଟିଜେନ ଫୋରମର ସଦସ୍ୟ ସୁମନ ରଥ, ଜୁନାଗଡ ବ୍ୟାଡ୍‌ମିଣ୍ଟନ ସଂଘର ପୂର୍ବତନ ସଭାପତି ତଥା ଜୁନାଗଡ ବାର ଆସୋସିଏଶନ ସଭାପତି ହିମାଂଶୁ ବରାଡ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ହାଇସ୍କୁଲରୁ ଆସିଥିବା କ୍ରୀଡା ଶିକ୍ଷକ ଓ ରାଜ୍ୟ ସଂଘ ଅନୁମୋଦିତ ବୈଷୟିକ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲ। କାର୍ଯ୍ୟକ୍ରମକୁ ସାଙ୍ଗଠନିକ ସମ୍ପାଦକ ମହେଶ କୁକ୍ରେଜା ପରିଚାଳନା କରିଥିଲେ। ସଂଘ ସଭାପତି ପ୍ରଦୀପ ଦାସ, ଉପସଭାପତି ଅରୁଣ ରଥ, ରାଜ୍ୟ ସିଓସି ଅଧକ୍ଷ ମନୋରଞ୍ଜନ ଦାସ ଓ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରିଶେଷରେ ସମ୍ପାଦକ ସନ୍ଦୀପ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଆଗାମୀ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ଭାଗ ନେବାକୁ ଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ସମସ୍ତ କୃତୀ ପ୍ରତିଯୋଗୀ ଓ ଅତିଥିମାନେ।

# ଅର୍ଦ୍ଧନିର୍ମିତ ଅବସ୍ଥାରେ ବରଘାଟ ପୋଲ

**ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ**

**କେସିଙ୍ଗା,୩୦।୭ (ତୁମେଶ୍ୱର ସାହୁ)**


କାଣ୍ଡେଲ-ଜୋଲକୋ ରାସ୍ତା ମଝିରେ ନିର୍ମାଣାଧୀନ ବରଘାଟ ପୋଲ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ଜୋଲକୋ-ଟୁଟିଙ୍ଗ ରାସ୍ତା ନିର୍ମାଣରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି ରାସ୍ତାର କାଣ୍ଡେଲ ଗ୍ରାମଠାରୁ ଲଇତରା ଗ୍ରାମ ମଝିରେ ଥିବା ବରଘାଟ ପୋଲ ମୁଖ୍ୟ ବାଧକ ସାଜିଛି। ପୋଲ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାବେଳେ ଯାତାୟାତ ପାଇଁ ଅସ୍ଥାୟୀ ରାସ୍ତା ତିଆରି କରାଯାଇଛି। ହେଲେ ଲଘୁଚାପଜନିତ ବର୍ଷାରେ ଉକ୍ତ ରାସ୍ତା କାଦୁଅ ହୋଇଯାଇଥିବାରୁ ଗମନାଗମନରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଉକ୍ତ ରାସ୍ତା ଉପରେ କାଣ୍ଡେଲ, ରୁପ୍ରା, ବାଲସି, ରାକ୍ସି ପଞ୍ଚାୟତବାସୀ ଡାକ୍ତରଖାନାଠାରୁ ଆରମ୍ଭକରି ନିତିଦିନିଆ କାମ ପାଇଁ ଭବାନୀପାଟଣା ଓ କେସିଙ୍ଗା ସହରକୁ ଯାତାୟାତ କରିଥାନ୍ତି। ଏହି ରାସ୍ତାର ବରଘାଟ ନାଳ ଉପରେ ଥିବା ପୁରୁଣା ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରାଯାଉଛି। ବିକଳ୍ପ ଭାବେ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ମରଣଯନ୍ତା ପାଲଟିଛି। ଫଳରେ ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ର, ବାଇକ୍, ସାଇକେଲ ଆରୋହୀ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ତୁରନ୍ତ ପୋଲ ଓ ରାସ୍ତାକାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଖିଶ୍ୟାମ ନାୟକଙ୍କୁ ପଚାରିବାରୁ ବରଘାଟ ପୋଲ ନିର୍ମାଣ ପାଇଁ ପ୍ରଥମେ ପଥର ବ୍ଲାଷ୍ଟିଂ କରାଯାଉଛି। ଲୋକଙ୍କ ସୁବିଧା ପାଇଁ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି। ବର୍ଷାଦିନ ପରେ ନିର୍ମାଣ କାମ ଚାଲିବ ବୋଲି ସେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବିଜ୍ଞାନ ମେଳାରେ ୯୨ ପ୍ରକଳ୍ପ ପ୍ରଦର୍ଶିତ



**ଗାଇସିଲେଟ,୩୦।୭(ଦୁର୍ଗା ପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ କମଲାପଦର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ବାରିକ ଦୀପ ପ୍ରଜ୍ୱଳନ କରି ବିଜ୍ଞାନ ମେଳା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଅରକ୍ଷିତସାହୁ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗାଇସିଲେଟ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଦାଶ ଓ କଂସଡୋଲ ସେବାଶ୍ରମ ପ୍ରଧାନ ଶିକ୍ଷକ କୁନା ସେଠ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରେମରାଜ ମଟାରୀ, ଜଗନ୍ନାଥ ପଟେଲ, ସୁନିଲ ସାହୁ, ସରିତା ପଟେଲ, ନନ୍ଦକିଶୋର ପଟେଲ, ପ୍ରଦୀପ ବାଗ ସହଯୋଗ କରିଥିବା ବେଳେ ଅନୁଷ୍ଠାନ ପରିଚାଳନା କମିଟି ସଭାପତି ଦିବ୍ୟକିଶୋର ପଣ୍ଡା, ସମ୍ପାଦକ ସଞ୍ଜୟ କୁମାର ପୁରୋହିତ, କୋଷାଧକ୍ଷ ବୁଦ୍ଧଦେବ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।

### ଅଭିଭାବକ ବୈଠକ

**ପାଇକମାଲ,୩୦।୭(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅଭିଭାବକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବମ ଓ ଦଶମ ଶ୍ରେଣୀର ୬୬ଜଣ ଅଭିଭାବକ ଓ ଅଭିଭାବିକା ଯୋଗଦାନ କରିଥିଲେ। ବୈଠକରେ ଶିକ୍ଷା ସପ୍ତାହ ପାଳନ, ଶୈକ୍ଷିକ, ପରୀକ୍ଷା ଏବଂ ଅନୁଶାସନ ବିଷୟରେ ପ୍ରଧାନ ଶିକ୍ଷକ ଆଲୋଚନା କରିଥିଲେ। ଅଭିଭାବକଙ୍କ ଦ୍ୱାରା ଗଠନ ମୂଳକ ମତାମତ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ତ୍ରିଲୋଚନ ନାୟକ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଜ୍ଞାନବିଜ୍ଞାନ ମେଳା

**ବରପାଲି,୩୦।୭(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସତଲମାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମୋହନଚାନ୍ଦ ପଧାନ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ବିବେକାନନ୍ଦ ପଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଭାପତି ବନବସ ସାହୁ ପରିଚାଳନା କରିଥିବା ବେଳେ ଗୁରୁମା ଅରୁଣା ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ଞାନବିଜ୍ଞାନ ମେଳାରେ ସର୍ବମୋଟ ୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୁଷ୍ମନ୍ତ ସାହୁ, ସହସମ୍ପାଦକ କ୍ଷୀରଜ ସାହୁ, କୋଷାଧକ୍ଷ ପିଣ୍ଟୁ ବାରିକ ଗୁରୁଜୀ ସୁରେନ୍ଦ୍ର ମହାକୁର, ଅନିଲ ସ୍ୱାଇଁ, ରାଜେଶ ଗୌନ୍ତିଆ, ଗୁରୁମା ନଳିନୀ ସାହୁ, ଚନ୍ଦ୍ରିକା ସାହୁ, ସୁନିତା ସାହୁ, ଧରିତ୍ରୀ ସାହୁ ଏବଂ ଦୀପା ସାହୁ ଯୋଗଦାନ କରିଥିଲେ। ବିଚାରକ ଭାବେ ସୁବଳ ଭୋଇ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋନପୁର, ନରେନ୍ଦ୍ର କୁମାର ସାହୁ, ପୂର୍ବତନ ଶିକ୍ଷକ ଏବଂ ନବଘନ ତଣ୍ଡିଆ ଯୋଗଦାନ କରିଥିଲେ।

### ୧୩୫ ବୋତଲ କଫ ସିରପ୍ ଜବତ

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଭୁକ୍ତା ଗ୍ରାମରେ ସୋମବାର ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉରେ ୧୩୫ ବୋତଲ କଫ ସିରପ୍ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ବିନୋଦ ଡୁଙ୍ଗୁରୀଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ବିନୋଦଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଚଢ଼ାଉରେ ଭଟଲି ଏବଂ ଅତାବିରା ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିଲେ।

# ଗଳିକନ୍ଦିରେ ସଟ୍ଟା, ପୋଲିସ ନୀରବଦ୍ରଷ୍ଟା

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**



- ବିଧାୟକଙ୍କ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ
- ପୋଲିସର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ
- ସଟ୍ଟାଖେଳ କରୁଛି ସର୍ବସ୍ୱାନ୍ତ, ଡନ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା

ବରଗଡ଼ ଜିଲାରେ ସଟ୍ଟା(ଜୁଆଖେଳ) ସାଧାରଣରେ ପରିଣତ ହୋଇଯାଇଛି। ଜିଲାର ସଦର ମହକୁମାଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକରେ ଏହା ଅବାଧରେ ଚାଲିଥିବା ଅଭିଯୋଗ ହେଉଛି। ତେବେ ଜିଲାର ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗଳିକନ୍ଦିରେ ସଟ୍ଟାଖେଳ ଚାଲିଥିବାବେଳେ ପୋଲିସ ଏଥିପ୍ରତି ନୀରବଦ୍ରଷ୍ଟା ସାଜିଥିବା ସମସ୍ତଙ୍କୁ ଚକିତ କରି ଦେଇଛି। କେବଳ ସେତିକି ନୁହେଁ, ଖୋଦ୍ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଜିଲାରେ ଚାଲିଥିବା ସଟ୍ଟାଖେଳ ଦମନ ପାଇଁ ଦଳୀୟ ପ୍ରତିନିଧିଙ୍କ ସହିତ ଏସ୍‌ପି ପି.ଏସ୍ ମୀନାଙ୍କୁ ଭେଟିଥିଲେ। ବରଗଡ଼ରେ ଚାଲିଥିବା ସଟ୍ଟାଖେଳ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଏସପିଙ୍କୁ ଅବଗତ କରିଥିଲେ। ଏହାସତ୍ତ୍ୱେ ସଟ୍ଟାଖେଳ ଉପରେ କୌଣସି ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଆହୁରି ଚର୍ଚ୍ଚାର ବିଷୟ ହୋଇଛି। ଏଭଳିସ୍ଥଳେ ପୋଲିସର ଜ୍ଞାତସାରରେ ଜିଲାରେ ସଟ୍ଟାଖେଳ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।

ଜିଲାରେ ସଟ୍ଟାଖେଳ ନୂଆ ନୁହେଁ। ବର୍ଷବର୍ଷ ଧରି ଏହା ଚାଲି ଆସୁଛି। କୌଣସି ପୋଲିସ ପଦାଧିକାରୀ ନୂତନ ଭାବେ ଯୋଗଦେଲେ ଏହି ଜୁଆଖେଳ ଉପରେ ସେମାନଙ୍କ ଆଖି ପଡ଼ିଥାଏ। ଧରପଗଡ଼ ମଧ ହୋଇଥାଏ। ସଟ୍ଟାଖେଳରେ ସମ୍ପୃକ୍ତ ହାତଗଣତି କିଛିଲୋକଙ୍କୁ ପୋଲିସ ଗିରଫ କରି ବାହାବା ନେଇଥାଏ। ଅନ୍ୟପଟେ ତଥାକଥିତ ସଟ୍ଟାଡନ୍‌ମାନେ ଅନାୟାସରେ ଥାଆନ୍ତି ଏବଂ ସେମାନେ ସଟ୍ଟା ଚଢ଼ାଉରେ ଗିରଫ ହୋଇଥିବା ଲୋକ ତଥା ସଟ୍ଟା ଏଜେଣ୍ଟମାନଙ୍କୁ ମୁକୁଳାଇବା ପାଇଁ ଲାଗି ପଡ଼ିଥାନ୍ତି ବୋଲି ସ୍ଥାନୀୟ ଲୋକେ କୁହାକୁହି ହୋଇଥାନ୍ତି। ଶେଷରେ ସଟ୍ଟା ଏଜେଣ୍ଟମାନେ ଜେଲରୁ ମୁକୁଳି ଆସନ୍ତି ଏବଂ ପୂର୍ବବତ୍ ପୁଣି ସଟ୍ଟାଖେଳ ଜିଲାରେ ଜାରି ରହୁଥିବା ଏବଂ ସ୍ଥାନୀୟ ପୋଲିସ ଜାଣିଶୁଣି ସେଥିପ୍ରତି ନୀରବ ରହିବା ସାଧାରଣରେ ଆଲୋଚିତ ହେଉଛି।

ସେହିପରି ପୋଲିସର ସଟ୍ଟା ଚଢ଼ାଉ ମଧ ସେଭଳି ଥରେ କିମ୍ବା ୨ଥରରେ ସୀମିତ ରହି ଯାଉଛି। ଅପରପକ୍ଷେ ଜିଲାର ବିଭିନ୍ନ ପାନ, ଚା, କିରାନା ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଛକସ୍ଥାନରେ ବାଉଁଶରେ ନିର୍ମିତ ଫୁଲତାଟିର ଆବଦ୍ଧ ଅସ୍ଥାୟୀ ଠେଲା ଆଦି ଜାଗାରେ ସଟ୍ଟାଖେଳ ଜୋର୍ ଧରିଥିବା ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ, ବର୍ତ୍ତମାନ ଡିଜିଟାଲ ସଟ୍ଟାଖେଳ ଚାଲିଥିବା ଚର୍ଚ୍ଚାର ବିଷୟ ହୋଇଛି। ସଟ୍ଟାଡନ୍ ଏବଂ ସଟ୍ଟା ଏଜେଣ୍ଟମାନଙ୍କୁ ସେମାନଙ୍କ ଫୋନ ପେ, ଗୁଗୁଲ୍ ପେ ଆକାଉଣ୍ଟରେ ଟଙ୍କା ପଠାଇବା ସହିତ ସଟ୍ଟା ନମ୍ବର ଦେଇ କେତେକ ଏଭଳି ଜୁଆଖେଳକୁ ଆଦରି ନେଇଥିବା ସାଧାରଣରେ ଆଲୋଚିତ ହେଉଛି। କିନ୍ତୁ ଏଥିପ୍ରତି ପୋଲିସ ଯେଭଳି ଚେଇଁ ଶୋଇ ରହିଛି, ସେଥିରୁ ପୋଲିସର କାର୍ଯ୍ୟଦକ୍ଷତା ପଦାରେ ପଡ଼ିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସଟ୍ଟାଡନ୍ ଏବଂ ସଟ୍ଟା ଏଜେଣ୍ଟଙ୍କ ସହିତ କିଛି ଅସାଧୁ ପୋଲିସ କର୍ମଚାରୀଙ୍କ ଅସାଧୁ ମେଣ୍ଟ ରହିଥିବା ଅଭିଯୋଗ ହେଉଛି। କିଛି ପୋଲିସ କର୍ମଚାରୀ ମାସ ପୂରିଲା କି ନାଲି ଲଫାପାରେ ମାସିକିଆ ବଟି ନେଉଥିବା ସାଧାରଣରେ ଆଲୋଚିତ ହେଉଛି। ସେହିପରି କିଛି ତଥାକଥିତ ଗଣମାଧ୍ୟମ ପ୍ରତିନିଧି ଏବଂ ନେତା ମଧ୍ୟ ଅସାଧୁ ଉପାୟରେ ସେଭଳି କଳାଟଙ୍କା ରୋଜଗାର କରୁଥିବା ଚର୍ଚ୍ଚା ଚାଲିଛି। ଏଭଳି ସ୍ଥଳେ ଜାଣିଶୁଣି ପୋଲିସ ସଟ୍ଟା ଚଢ଼ାଉରେ ଅପାରଗ ହୋଇ ପଡ଼ିଛି ବୋଲି ଆଲୋଚିତ ହେଉଛି। ତେବେ ସରକାର ବଦଳିବା ପରେ ଜିଲାରେ ସଟ୍ଟାଡନ୍ ହେବା ପାଇଁ ମଧ୍ୟ କିଛିଲୋକଙ୍କ ମଧ୍ୟରେ ପ୍ରତ୍ୱଦ୍ୱନ୍ଦିତା ଚାଲିଥିବା ଅଭିଯୋଗ ହୋଇଛି। ବଡ଼ବଡ଼ିଆ ନେତା ଏବଂ ପୋଲିସ ଅଧିକାରୀଙ୍କୁ ହାତ କରି ସେମାନେ ଜିଲାରେ ସଟ୍ଟାଖେଳ ଚଲାଇବାକୁ ମସୁଧା ଚଳାଇଥିବା ସାଧାରଣରେ ଆଲୋଚିତ ହେଉଛି। ସଟ୍ଟାଖେଳ ଯୋଗୁ ଗୋଟିଏ ପଟେ ଲୋକେ ସର୍ବସ୍ୱାନ୍ତ ହେବା ସାଙ୍ଗକୁ ଜିଲାରେ ଅନ୍ୟ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି, ଅନ୍ୟପଟେ ସଟ୍ଟାଖେଳ ପ୍ରତି ପୋଲିସର ନୀରବତା ଏବଂ ସଟ୍ଟାଡନ୍ ହେବା ପାଇଁ ପ୍ରତିଦ୍ୱନ୍ଦିତା ଚାଲିବା ଜିଲାରେ ବର୍ତ୍ତମାନ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।



ଶିକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରବୃନ୍ଦ।

## ଶିକ୍ଷା ସପ୍ତାହ ଉଦ୍‌ଯାପିତ

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇକୋ କ୍ଲବ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷୟିତ୍ରୀ ସୌଦାମିନୀ ବାରିକଙ୍କ ଶିକ୍ଷା ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବ, ନେତାଜୀ ସ୍କାଉଟ୍ ଏବଂ ଜୁନିୟର ରେଡ୍‌କ୍ରସର ସଦସ୍ୟମାନେ ସକ୍ରିୟ ଯୋଗଦାନ କରିଥିଲେ।

## ସ୍କୁଲସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**



ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ଆଶ୍ରମ ସ୍କୁଲରେ ସ୍କୁଲସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ବିଦ୍ୟାଳୟର ୩୨ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପରିବେଶବିତ୍ ଦୟାନିଧିପ୍ରଧାନ, ସମାଜସେବୀ ସୌଦାମିନୀ ବନଛୋର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜନ କଲ୍ୟାଣ ସେବା ଟ୍ରଷ୍ଟର ଆଜୀବନ ସଦସ୍ୟ ଶିବାନନ୍ଦ ମଟାରୀ, ବୃନ୍ଦାବନ ସାହୁ, ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଅଗଷ୍ଟ ୧୫ ତାରଖ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ଜନ କଲ୍ୟାଣ ସେବା ଟ୍ରଷ୍ଟର ମୁଖ୍ୟ ମୁକୁନ୍ଦ ଦାଶ ସୂଚନା ଦେଇଛନ୍ତି।

## ଭୂତପୂର୍ବ ସୈନିକ ସଂଘର ସଭା

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**

ବରଗଡ଼ର ଭୂତପୂର୍ବ ସୈନିକ ସଂଘର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୬୦ଜଣ ସେବା ନିବୃତ୍ତ ସୈନିକ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଗୋପବନ୍ଧୁ ସାହୁ ବିବରଣୀ ପାଠ କରିଥିଲେ। ସଭାପତି ପ୍ରଶାନ୍ତ କୁମାର ଦାଶ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। କୋଷାଧକ୍ଷ ବିଭୁତି ଭୂଷଣ ଖାଡ଼ାଙ୍ଗା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସଭାରେ ସମାଜର ଉନ୍ନତିମୂଳକ କାର୍ଯ୍ୟକ୍ରମରେ ସଂଘ ସକ୍ରିୟ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ବିଦ୍ୟୁତ୍ କୁମାର ଦାଶ ସଭାପତି, ସୂର୍ଯ୍ୟପ୍ରକାଶ ଦାଶ ସମ୍ପାଦକ, ସରୋଜ କୁମାର ସାହୁ କୋଷାଧକ୍ଷ ମନୋନୀତ ହୋଇଥିଲେ। ମାନସ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ଉପସ୍ଥିତ ସଂଘର କର୍ମକର୍ତ୍ତା, ସଦସ୍ୟ ବୃନ୍ଦ।

## ମୋ ଗଛ, ମୋ ଜୀବନ କାର୍ଯ୍ୟକ୍ରମ



ମୋ ଗଛ, ମୋ ଜୀବନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଚାରାରୋପଣ କରୁଛନ୍ତି।

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲରେ ମୋ ଗଛ, ମୋ ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟେନ୍ଦ୍ରୀୟ ଦେବତା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ଇକୋ କ୍ଲବ ଭାରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ଦଶମ ଶ୍ରେଣୀର ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଲେଖାଏଁ ଚାରାକୁ ପୋଷ୍ୟବୃକ୍ଷ ଭାବେ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

## ବିଧାନସଭାରେ ପଦ୍ମପୁର ସମସ୍ୟା, ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କଲେ ବିଧାୟିକା

**ପଦ୍ମପୁର,୩୦।୭(ପ୍ରଦୀପ୍ତ ଦାଶ):** ବିଧାନସଭା ଅଧିବେଶନ ବେଶ ସରଗରମ ଥିବା ବେଳେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ନିଜ ଅଞ୍ଚଳର ସମସ୍ୟା ନେଇ ଗୃହରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ସମସ୍ୟାର ସମାଧାନ, କର୍ମ ନିଯୁକ୍ତି କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା, ପାଇକମାଳ ବ୍ଲକ ମାଣ୍ଡିଆଡିପାରେ ପ୍ରସ୍ତାବିତ ନଦୀଗର୍ଭ ଜଳାଶୟ ପ୍ରକଳ୍ପର ସ୍ଥିତାବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ବିଧାନସଭାରେ ପଦ୍ମପୁର ଅଞ୍ଚଳର ସମସ୍ୟା ଉପସ୍ଥାପନା କରିଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ବରଗଡ଼ରେ ଖୋଲିବ ଭିଜିଲାନ୍ସ କୋର୍ଟ

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**

ବରଗଡ଼ରେ ଏକ ଭିଜିଲାନ୍ସ କୋର୍ଟ ସ୍ଥାପନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ଏକ ଚିଠିରେ ଅବଗତ କରିଛନ୍ତି। ଏହା ଜାଣିବା ପରେ ବରଗଡ଼ ଭାଜପା ଲିଗାଲ୍ ସେଲର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବରଗଡ଼ରେ ଭିଜିଲାନ୍ସ କୋର୍ଟ ନ ଥିବା ଯୋଗୁ ସ୍ଥାନୀୟ ଭିଜିଲାନ୍ସ ମାମଲାର ବିଚାର ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ହେଉଥିଲା। ତେବେ ବରଗଡ଼ରେ ଭିଜିଲାନ୍ସ କୋର୍ଟ ସ୍ଥାପନ ହେବା ନେଇ ସୂଚନା ମିଳିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଧାନ ବିକ୍ରିରେ ସ୍ୱଚ୍ଛ, ଦଲାଲମୁକ୍ତ କରିବାକୁ ଦାବିପତ୍ର

**ପଦ୍ମପୁର,୩୦।୭(ପ୍ରଦୀପ୍ତ ଦାଶ)**

ଚଳିତ ଖରିଫ ଧାନ ଫସଲର ବିକ୍ରି ପାଇଁ ପଞ୍ଜୀକରଣ କୃଷି ସମବାୟ ସମିତିରେ କରାଯାଉଛି। ଏହି ପରିପ୍ରେକ୍ଷୀରେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ଲଖମରା ପ୍ରାଥମିକ କୃଷି ସେବା ସମବାୟ ସମିତି ଅନ୍ତର୍ଗତ ସରେଇକେଲା ଧାନ ବିକ୍ରୟ କେନ୍ଦ୍ରରେ ଚାଷୀ ପଞ୍ଜୀକରଣରେ ଦୁର୍ନୀତି ହେଉଥିବାରୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବାକୁ ଦାବି କରିଛନ୍ତି। ଏହିକ୍ରମରେ ମଙ୍ଗଳବାର ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ସହକାରୀ ନିବନ୍ଧକ ପଦ୍ମପୁର ଏବଂ ଲଖମରା ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷ ହୋଇଥିବା ଜମି ଓ ବିଦ୍ୟୁତ୍ ବିଲ ସମାନ ପ୍ଲଟରେ ନ ଥାଇ ଅଧିକ ପରିମାଣର ଧାନ ବିକ୍ରି ପାଇଁ ଅନେକଙ୍କୁ ଅନୁମତି ମିଳିଛି। ଫଳରେ ଅସଲି ଚାଷୀ ଆବଶ୍ୟକ ଜମି ଥାଇ କମ ପରିମାଣର ଧାନ ବିକ୍ରି ପାଇଁ ଅନୁମତି ପାଉଥିବା ବେଳେ କମ ଜମି ଥିବା ଚାଷୀଙ୍କୁ ଅସାଧୁ ଉପାୟରେ ବେଶୀ ଧାନ ବିକ୍ରି ପାଇଁ ଅନୁମତି ଦିଆଯାଉଛି। ଏମାନଙ୍କୁ ଢାଲ କରି ଅସାଧୁ ଦଲାଲ ଲାଭ ଉଠେଇ ଧାନ ବିକ୍ରି କରୁପାରୁଥିବା ବେଳେ ଅସଲି ଜମି ଥାଇ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଉଥିବା ଅଭିଯୋଗ ରହିଛି। ଏପରି ଦୁର୍ନୀତି କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତ ବିଭାଗୀୟ ଅଧିକାରୀ ପ୍ରତିଦୃଷ୍ଟି ଦେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସରେଇକେଲାର ଚାଷୀ ସୁନୀଲ ପ୍ରଧାନ, ବାଲମକୁନ୍ଦ ପ୍ରଧାନ, କୈଳାସ ବାରିକ, ଉଦ୍ଧବ ରଣା, ପୁରୁଷୋତ୍ତମ ସାହୁ, ଅଶୋକ ପ୍ରଧାନ, ଭୀଷ୍ମଦେବ ବେହେରା, ନିରଞ୍ଜନ ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ୧ରୁ ରାଜବୋଡାସମ୍ବର ବ୍ଲକ ପ୍ରାଥମିକ ଶିକ୍ଷକଙ୍କ ପ୍ରମାଣ ପତ୍ର ଯାଞ୍ଚ

**ପଦ୍ମପୁର,୩୦।୭(ପ୍ରଦୀପ୍ତ ଦାଶ)**

ବରଗଡ ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ହୋଇଥିବା ଅଭିଯୋଗ ହେବା ପରେ ଅତାବିରା ବ୍ଲକ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଆଗାମୀ ଅଗଷ୍ଟ ୧ ରୁ ୩ ପର୍ଯ୍ୟନ୍ତ ରାଜବୋଡାସମ୍ବର ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକ, ଶିକ୍ଷା କର୍ମୀ, ୨୦୦୧ରୁ ଅଦ୍ୟାବଧି ନିଯୁକ୍ତ ନୂତନ ପେନସନ ଭୁକ୍ତ ଶିକ୍ଷକ, କନିଷ୍ଠ ଶିକ୍ଷକ, କଳା କ୍ରୀଡା ଶିକ୍ଷକ, ବହୁଭାଷୀ ଶିକ୍ଷକ, ଏକ୍ସ କ୍ୟାଡର ଆଦି ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କ ନିଯୁକ୍ତିପତ୍ର ଓ ଶିକ୍ଷାଗତ ଯୋଗ୍ୟତା, ପ୍ରମାଣପତ୍ର ଯାଞ୍ଚ ହେବ। ରାଜବୋଡା ସମ୍ବର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ପତ୍ର ସଂଖ୍ୟା୨୭୫୯/୩୦.୭ ଅନୁଯାୟୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଓ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଯାଞ୍ଚ ଶିବିରରେ ଶିକ୍ଷକଙ୍କ ନିଯୁକ୍ତି ପତ୍ର, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ତାଲିମ, ଡିଗ୍ରୀ ପ୍ରମାଣ ପତ୍ର, ଭିନ୍ନକ୍ଷମ ଓ ଜାତିଗତ ପ୍ରମାଣପତ୍ର ଯାଞ୍ଚ ହେବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସୂଚନା ଦେଇଛନ୍ତି।

## ଚା ଦୋକାନୀଙ୍କୁ ପୋଲିସର ମାଡ଼ ଅଭିଯୋଗ

**ବରଗଡ଼,୩୦।୭(ପ୍ରେମନନ୍ଦ ଖମାରୀ)**

ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଲାପାଣି ଛକର କେତେକ ଚା' ଦୋକାନୀଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ଚା ଦୋକାନୀମାନେ ଗ୍ରାମାଞ୍ଚଳ ଥାନାରେ ସୋମବାର ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ତେବେ ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ଚା ଦୋକାନୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲା ରଖୁଛନ୍ତି। ଅନ୍ୟପଟେ ସେ ଅଞ୍ଚଳରେ ଅସାମାଜିକତତ୍ତ୍ୱ ବଢ଼ି ଚାଲିଥିବା ଯୋଗୁ ପୋଲିସର ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ବିଳମ୍ବିତ ରାତିରେ ଦୋକାନ ଖୋଲିଥିବା ଯୋଗୁ ପାଟ୍ରୋଲିଂ ଟିମ୍‌ର ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ଚା ଦୋକାନରେ ପହଞ୍ଚିଥିଲେ ଏବଂ ସମ୍ପୃକ୍ତ ଅଞ୍ଚଳରେ ଅସାମାଜିକତତ୍ତ୍ୱ ବଢ଼ୁଥିବା ଯୋଗୁ ଦୋକାନ ସେଭଳି ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଖୋଲିବା ପାଇଁ କହିଥିଲେ ବୋଲି ଥାନା ଅଧିକାରୀ ମୁଣ୍ଡା କହିଛନ୍ତି।



ଗ୍ରାମାଞ୍ଚଳ ଥାନା ଅଧିକାରୀଙ୍କଠାରେ ଅଭିଯୋଗ କରାଯାଉଛି।

ଅନ୍ୟପଟେ ସମ୍ପୃକ୍ତ ଚା ଦୋକାନୀ ମୁନ୍ନା ପାଣିଗ୍ରାହୀ, ଅଭିଷେକ ଗୁପ୍ତା, ତ୍ରିଲୋଚନ ନାଗ, ସ୍ୱାଧୀନ ନାଗ, ଅର୍ଜୁନ ଗୁପ୍ତା ପୋଲିସକୁ ଦେଇଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ଗତ ୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୧ଟାରେ ଗ୍ରାମାଞ୍ଚଳ ଥାନାର ୨ ପୋଲିସ କର୍ମଚାରୀ ଦୋକାନରୁ ଟାଣି ଆଣି ରାସ୍ତା ଉପରେ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ଏପରି କି ଦୋକାନ ବନ୍ଦ ନ କଲେ ମିଛ କେଶରେ ଫସାଇ ଦେବା ପାଇଁ ମଧ ପୋଲିସ କର୍ମଚାରୀମାନେ ଧମକ୍ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି।

## ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ରାଉରକେଲା,୩୦।୭(ଦିନେଶ ମିଶ୍ର)

ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଆସନ୍ତା ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିଷ୍ପତି ଅନୁଯାୟୀ ଆସନ୍ତା ଅଗଷ୍ଟ ୧୦ ତାରିଖ ସକାଳ ସାଢେ ୮ଟାରେ ବୃକ୍ଷରୋପଣ କରାଯିବ। ଏହି କାର୍ଯ୍ୟକ୍ରମରେ ଡିଏଫ୍‌ଓଙ୍କ ସହାୟତା ଲୋଡାଯାଇ ଅନୁନ୍ୟ ୧୦୦ଟି ଔଷଧୀୟ ବୃକ୍ଷ ଚାରା ରୋପଣ ସହ ଏଥିରେ ଟ୍ରିଗାର୍ଡ ସୁରକ୍ଷିତ କରାଯିବ ବୋଲି ନିଷ୍ପତି ହୋଇଛି। ସେହିପରି ଆସନ୍ତା ନଭେମ୍ବରରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ନିଷ୍ପତି ନିଆଯାଇଛି। ଏଥିପାଇଁ ମହାବିଦ୍ୟାଳୟ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀଙ୍କ ସହ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ହ୍ୱାଟସପ୍ ଗ୍ରୁପ କରାଯିବ। ଏହି ପ୍ରସ୍ତୁତି ବୈଠକରେ ପ୍ରାକ୍ତନ ଛାତ୍ର ସଂସଦର ସାଧାରଣ ସମ୍ପାଦକ ତଥା ଅଧ୍ୟାପକ ତ୍ରୈଲକ୍ୟନାଥ ପାଣ୍ଡେ, ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ସୁଦାମ ଦାସ, ପଶୁପତିନାଥ ଚାଟାର୍ଜୀ, ଦେବାଶିଷ ମହାନ୍ତି, ଦେବବ୍ରତ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି ବନ ମହୋତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡକ୍ଟର ସମ୍ପାଦିକ ମହାନ୍ତି, ଡକ୍ଟର ପ୍ରଜ୍ଞାପାରମିତା ପଣ୍ଡା, ଦିବ୍ୟେନ୍ଦୁ କୁମାର ପଣ୍ଡା, କୁଞ୍ଜବିହାରୀ ରାଉତ, ନରେଶ ମହାପାତ୍ର, ରଜନୀକାନ୍ତ ସାହୁ, ତାରିଣି ଦାସ,ପ୍ରକାଶ ରାୟ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ରାଉରକେଲା,୩୦।୭(ବିପ୍ଳବରଞ୍ଜନ ଦାଶ)

- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ
- ନିର୍ମାଣ ଶ୍ରମିକଙ୍କ ଦାବି ପୂରଣ ନେଇ ଗର୍ଜିଲା ମିଳିତ ମଞ୍ଚ

ସୁନ୍ଦରଗଡ ଜିଲା ନିର୍ମାଣ ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ମଙ୍ଗଳବାର ରାଉରକେଲା ଜିଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟଠାରୁ ରାଉରକେଲା ସହର ଏବଂ ସହରର ଆଖପାଖ ବ୍ଲକର ଶହଶହ ସଂଖ୍ୟକ ନିର୍ମାଣ ଶ୍ରମିକ ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ଦାବି ପୂରଣ ନେଇ ପ୍ରବଳ ନାରାବାଜୀ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ଶ୍ରମିକ ନେତା ବୈଦ୍ୟନାଥ ଦାଶଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିସହ ଠିକା ଶ୍ରମିକମାନଙ୍କ ହକ ଦାବି ପୂରଣକୁ ନେଇ ଜିଲାର ସମସ୍ତ ୟୁନିୟନର ନେତୃମଣ୍ଡଳୀ ମିଶି ଯୁଗ୍ମ ଶ୍ରମ ଅଯୁକ୍ତ ପ୍ରଣବ ରଞ୍ଜନ ଜେନା, ଜିଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଜିଲା ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ ୧୨ହଜାର ନିର୍ମାଣ ଶ୍ରମିକ ନିଜର ପ୍ରମାଣପତ୍ର ଖଣ୍ଡିଏ ପାଇଁ ବର୍ଷ ବର୍ଷ ଧରି ଆବେଦନ କରିଆସୁଥିଲେ ହେଁ ୧୨ ହଜାର ନିର୍ମାଣ ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉନାହିଁ। ଏଣୁ ତୁରନ୍ତ ୧୨ହଜାର ଶ୍ରମିକଙ୍କୁ ଶ୍ରମ ପ୍ରମାଣପତ୍ର ପ୍ରଦାନ ହେଉ। ଏଥିସହ ଶ୍ରମିକ ପ୍ରମାଣପତ୍ର ନବୀକରଣ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ସାରଣୀ ମଧ୍ୟେ ଶ୍ରମିକ ହେବା ସ୍ୱିକୃତୀ ପ୍ରଦାନ କରାଯାଉ। ବକେୟା ଥିବା ସମସ୍ତ ସହାୟତା ଯଥା ବିବାହ, ମୃତ୍ୟୁଏବଂ ଶେଷକୃତକାଳୀନ ସହାୟତା ତୁରନ୍ତ ପ୍ରଦାନ, ଶିକ୍ଷା ସହାୟତା ଓ ପ୍ରସୂତିକାଳୀନ ସହାୟତା ଅବଧିକୁ ବର୍ଦ୍ଧିତ, ଜିଲାରେ ଅଫ୍‌ଲାଇନରେ ଥିବା ୩୬ହଜାର ଶ୍ରମ ପ୍ରମାଣପତ୍ର ତୁରନ୍ତ ପଞ୍ଜିକୃତ କରାଯିବା ସହିତ ଅଫଲାଇନରେ ଥାଇ ମୃତ୍ୟୁବରଣ କରିଥିବା ଶ୍ରମିକମାନଙ୍କୁ ତୁରନ୍ତ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା ଉଲ୍ଲେଖ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ସିଆଇଟିୟୁର କେନ୍ଦ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ବିମାନ ମାଇତି, ପ୍ରଭାତ ପଣ୍ଡା, ଯଯାତୀ କେଶରୀ ସାହୁ, ସୁରେନ୍ଦ୍ର ଦାଶ, ଗୌରୀଶଙ୍କର ପାତ୍ର, ବିଶ୍ୱଜିତ ମାଝୀ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଅଜୟ ପାଇକରାୟ, ସଦାନନ୍ଦ ସାହୁ, ଦିଗାମ୍ବର ମହାନ୍ତି, ପଞ୍ଚାନନ ସୁନା, ଅଜିତ ନାୟକ,ବିଷ୍ଣୁ ପଣ୍ଡା, ଗଗନ ବିହାରୀ ସାହୁ, ଛୁଟି ଖାଡିଆ, ସୁନନ୍ଦା ନାଥ ପ୍ରମୁଖ ଜିଲା ନିର୍ମାଣ ଶ୍ରମିକ ମିଳିତ ମଞ୍ଚର ବହୁ ଶ୍ରମିକ ନେତା ସମ୍ମିଳିତ ରହିଥିଲେ। ଅନ୍ୟପଟେ ଶ୍ରମ ବିଭାଗ ପକ୍ଷରୁ ଉପରୋକ୍ତ ସମସ୍ତ ଦାବି ଉପରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବା ନେଇ ମିଳିତ ମଞ୍ଚକୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ସମସ୍ତ ଦାବି ଉପରେ ତୁରନ୍ତ ବିହିତ ପଦକ୍ଷେପ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଭୟାଭୟ ହେବାର ଚେତାବନୀ ଦେଇଛି ଜିଲା ନିର୍ମାଣ ଶ୍ରମିକ ମିଳିତ ମଞ୍ଚ।

## ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ରାଉରକେଲା,୩୦।୭(ବିପ୍ଳବରଞ୍ଜନ ଦାଶ)

**ଆର୍‌ଏସ୍‌ପି ଓ ଆଲମିକୋ ମିଳିତ ସହଭାଗିତା**

ଆର୍‌ଏସ୍‌ପିର ସିଏସ୍‌ଆର୍ ପଦକ୍ଷେପ ଅନୁଯାୟୀ ଆଲିମକୋ (କୃତ୍ରିମ ଅଙ୍ଗ ଉତ୍ପାଦନ)ର ମିଳିତ ସହଭାଗୀତାରେ ବୀରମିତ୍ରପୁର ପୌରପାଳିକାରେ ବସବାସ କରୁଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ୧୧୯ ପ୍ରୋସଥେଟିକ ଏବଂ ସହାୟକ ଉପକରଣ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମ ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୀରମିତ୍ରପୁର ପୌରପାଳିକା ଅଧକ୍ଷ ସନ୍ଦୀପ ମିଶ୍ର, ବୀରମିତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ରଶ୍ମୀରଞ୍ଜନ ଦାସ, ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗର ଏଜିଏମ ଟି.ବି ଟପ୍ପୋ ଓ ଏ.ଏନ୍ ପତି , ବୀରମିତ୍ରପୁର ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତି ଯାଦବ ଏବଂ ଆର୍‌ଏସ୍‌ପି, ଆଲମିକୋ ଓ ପୌରପାଳିକା ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ୬୬ଜଣ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ଯଥା ବ୍ୟାଟେରୀ ଚାଳିତ ମୋଟରାଇଜଡ ଟ୍ରାଇସାଇକେଲ, ହ୍ୟାଣ୍ଡ ପ୍ରୋପେଡ ଟ୍ରାଇସାଇକେଲ, ହ୍ୱିଲ ଚେୟାର , ଶ୍ରବଣ ଯନ୍ତ୍ର, ସ୍ମାର୍ଟ/ସୁଗାମିଆ କେନ୍, ସ୍ମାର୍ଟ ଫୋନ, କ୍ରଚ ଆକ୍ସିଲା ତଥା ଅନ୍ୟ ସହାୟକ ଉପକରଣ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଯେ, ଏହାର ସମସ୍ତ ୟୁନିଟଗୁଡିକରେ ଭିନ୍ନକ୍ଷମଙ୍କୁ ଏହିପରି ଉପଯୋଗୀ ସହାୟତା ଯୋଗାଇବା ନିମନ୍ତେ ସେଲ ଦ୍ୱାରା ଆରମ୍ଭ ହୋଇଥିବା ପଦକ୍ଷେପର ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେ ଥିଲା। ସୂଚନାଯୋଗ୍ୟ ଯେ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକଙ୍କୁ ସହାୟତା ଏବଂ ସହାୟକ ଉପକରଣର ବଣ୍ଟନ ପାଇଁ ଆର୍‌ଏସ୍‌ପି ଆଲମିକୋ ସହିତ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏଭଳି ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ନିର୍ଦ୍ଧାରିତ ରହିଛି।


ସହାୟକ ଉପକରଣ ପ୍ରଦାନ କରାଯାଉଛି।

## ଆର୍‌ଏସ୍‌ପିକୁ ଗ୍ରୀନଟେକ୍ ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର

ରାଉରକେଲା,୩୦।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିକୁ ଗ୍ରୀନଟେକ ପ୍ରତିଷ୍ଠାନ ଦ୍ୱାରା ଆର୍ଥିକ ବର୍ଷ ୨୦୨୩-୨୪ ମଧ୍ୟରେ ପରିବେଶ ସୁପରିଚାଳନା ଓ ଠିକ ବର୍ଜ୍ୟବସ୍ତୁ ଉପଯୋଗ ସହିତ ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର ପ୍ରୟାସ ନିମନ୍ତେ ମିଳିଛି ଗ୍ରୀନଟେକ ପ୍ରଦୂଷଣ ନିୟନ୍ତ୍ରଣ ଓ ପୁନଃ ଉପଯୋଗ ଉତ୍କର୍ଷତା ପୁରସ୍କାର-୨୦୨୪। ଆରଏସ୍‌ପିକୁ ଏହି ପୁରସ୍କାର ଗୌହାଟିରେ ଆସାମର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧକ୍ଷ ଡକ୍ଟର ଅରୁପ କୁମାର ମିଶ୍ରଙ୍କ କରକମଳରୁ ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଆରଏସ୍‌ପି ପକ୍ଷରୁ ସିଓ ଏଣ୍ଡ ସିସିଡି ବିଭାଗର ସିଜିଏମ ତୁଲାରାମ ବେହେରା ଏବଂ ପରିବେଶ ଇଞ୍ଜିନିୟରିଙ୍ଗ ବିଭାଗର ଜି.ଏମ. ଇନଚାର୍ଜ ପି.ସି ଦାସ ଗ୍ରହଣ କରିଥିଲେ। ଏହି ପୁରସ୍କାର ଇସ୍ପାତ ନିର୍ମାଣର ଉପରେ ଆରଏସ୍‌ପିର ପରିବେଶ ଅନୁକୂଳ ପ୍ରୟାସ ସ୍ୱରୁପ ସ୍ୱିକୃତୀ ପ୍ରତିବଦ୍ଧତା ନିମନ୍ତେ ମିଳିଥିଲା। ତେବେ ପ୍ରୟାସମାନଙ୍କରେ ବାୟୁ ପ୍ରଦୂଷଣ ନିର୍ଗମନ ଓ ବର୍ଜ୍ୟ ନିଷ୍କାସନ ନିୟନ୍ତ୍ରଣ, ସର୍ବାଧିକ ବର୍ଜ୍ୟବସ୍ତୁର ପୁନ ବ୍ୟବହାର, ସବୁଜିମାର ବିକାଶ, ଜଳସଂରକ୍ଷଣ ଓ ଲୋକଙ୍କ ଉନ୍ନତି ସାଧନ ପାଇଁ ସିଏସ୍‌ଆର ବିଭାଗର କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ରହିଛି। ପ୍ରକାଶ ଥାଉକି ଗ୍ରୀନଟେକ ଏକ ଖ୍ୟାତିନାମା ଏନଜିଓ। ଯାହା ପରିବେଶ ସୁରକ୍ଷା ତଥା ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ପ୍ରଦୂଷଣ ନିୟନ୍ତ୍ରଣ,ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ବର୍ଜ୍ୟବସ୍ତୁର ପୁନଃବ୍ୟବହାରର ଉଲ୍ଲେଖନୀୟ ଅବଦାନକୁ ସ୍ୱିକୃତୀ ଦେଇ ପ୍ରତ୍ୟେକ ବର୍ଷ କୌଣସି ସଂଗଠନ, କମ୍ପାନୀ ଅଥବା ବ୍ୟକ୍ତି ବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରିଥାଏ।



ଆର୍‌ଏସ୍‌ପିକୁ ମିଳିଥିବା ପୁରସ୍କାର ଗ୍ରହଣ କରୁଛନ୍ତି ଅଧିକାରୀ।

## ଫାଇଲେରିଆ ସଚେତନତା ଶିବିର

ରାଉରକେଲା,୩୦।୭(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ସଭାଗୃହ ପରିସରରେ ମଙ୍ଗଳବାର ଫାଇଲେରିଆ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ମହାବିଦ୍ୟାଳୟର ଅଧକ୍ଷା ଇସ୍ମିତା ଏକ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବରେ ଜିଲା ଏନ୍‌ଭିଡିଏସ ଅଧିକାରୀ ମଧୁସ୍ମିତା ସାହୁ ଯୋଗଦାନ କରିଥିଲେ। ଶିବିର ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୌଜନ୍ୟତାରେ ଚାଲିବ। ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ ରୁପାୟନ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ଶିବିରରେ ମୁଖ୍ୟବକ୍ତା ସାହୁ ଫାଇଲେରିଆର କାରଣ, ଲକ୍ଷଣ ଏବଂ ନିରାକରଣ ଉପରେ ସମ୍ମିଳିତ ଅଧ୍ୟାପିକା/ଅଧ୍ୟାପକ ଓ ଛାତ୍ରୀଙ୍କୁ ବିସ୍ତୃତ ଭାବେ ପରାମର୍ଶ ପ୍ରଦାନ କରିଥିଲେ। ଏହା ପରେ ମହାବିଦ୍ୟାଳୟର ଅଧକ୍ଷା ରାଜ୍ୟ ସରକାରଙ୍କ ପକ୍ଷରୁ ଫାଇଲେରିଆ ନିରାକରଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସହିତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ତେବେ ଏହାର ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନରେ ଡିଇସି ବଟିକା ସହିତ ଆଲବେଣ୍ଡାଜଲ ଏବଂ ଆଇଭରମେକ୍ଟିନ ବଟିକାର ଗୋଟିଏ ମାତ୍ରା ସମସ୍ତଙ୍କୁ ସେବନ କରାଇବାକୁ ପରାମର୍ଶ ଦିଆଯାଇଥିଲା। ଗର୍ଭବତୀ ମହିଳା,୨ବର୍ଷରୁ କମ ବୟସ ଶିଶୁ,ସପ୍ତାହେ ମଧ୍ୟେ ଶିଶୁ ଜନ୍ମ କରିଥିବା ମା' ଓ ଅତ୍ୟନ୍ତ ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏହି ଔଷଧ ସେବନ କରାଇବା ସମ୍ପୂର୍ଣ୍ଣ ନିଷେଧ ବୋଲି ପରାମର୍ଶ ଦିଆଯାଇଥିଲା। ଏହି ଔଷଧ ସମ୍ପୂର୍ଣ୍ଣ ମାଗଣା। ଏଣୁ ଏହାକୁ ସେବନ କରି ଆମର ସମାଜକୁ ଫାଇଲେରିଆରୁ ମୁକ୍ତ କରାଇବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ମୁଖ୍ୟବକ୍ତା ଦର୍ଶାଇଥିଲେ। ପରେ ଏନେଇ ଫାଇଲେରିଆ ନିରାକରଣ ନେଇ ଏକ ସାମୂହିକ ଶପଥ ପାଠ ହୋଇଥିଲା। ଶିବିର ମାନସ ବେହେରା ଓ ରେଡକ୍ରସ ପ୍ରୋଗ୍ରାମ ଅଧିକାରୀ ଶ୍ରୋତସ୍ୱିନୀ ପ୍ରଧାନ ଓ ସ୍ନେହଲତା ଧରୁଆଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।


ସହାୟକ ଉପକରଣ ପ୍ରଦାନ କରାଯାଉଛି।

## ଗ୍ରାଚ୍ୟୁଇଟି ସିଲିଂ ଉପରେ ଶୁଣାଣି ଆରମ୍ଭ

ରାଉରକେଲା, ୩୦।୭ (ସଙ୍ଗୀତା ଜେନା)

ଗତ ୨୯ରେ ଓଡ଼ିଶା ହାଇକୋର୍ଟରେ ଗ୍ରାଚ୍ୟୁଇଟି ସିଲିଂ ଉପରେ ଶ୍ରମ ସଙ୍ଗଠନ ଆରଆଇକେକେଏସ୍ ଦ୍ୱାରା କରାଯାଇଥିବା କେଶ୍‌ର ଶୁଣାଣି ଆରମ୍ଭ ହୋଇଯାଇଛି। ପ୍ରାରମ୍ଭରେ ଶ୍ରମ ସଙ୍ଗଠନର ପକ୍ଷ ଶୁଣିବା ପରେ ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୧ ତାରିଖରେ ହେବ ବୋଲି କହିଥିଲେ କୋର୍ଟ। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଆରଆଇକେକେଏସ୍ ପକ୍ଷରୁ ସେକ୍ଟର-୪ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ହିମାଂଶୁ ବଳ, ରାଜେନ୍ଦ୍ର ମହାନ୍ତ, ପ୍ରଦୋଷ ପଣ୍ଡା, ସୁରେନ୍ଦ୍ର କଂସାରୀ, ସମିତା ମିଶ୍ର, ଅନୱାରୀ ବେଗମ, ଦିପେନ୍ ଶର୍ମା, ଉମାକାନ୍ତ ସାମଲ, ମୁରଲୀ ସାମଲ, ସରୋଜ ପଣ୍ଡା, ଅକ୍ଷୟ ଧଳ, ନିରଞ୍ଜନ ପଟେଲ, ଅମର ଭୂୟାଁ, ଦୀପକ କୁମାର, ତୁଷାର ଲେଙ୍କା, ବାଦୀ ଚରଣ ଦାସ, ମାନସ ଦାସ, ଶ୍ରୀଧର ବେହେରା, ପଦ୍ମନ ମହାପାତ୍ର, ପ୍ରତାପ ଜେନା, ସୁବାସ ପାଢ଼ୀ, ଗୌତମ ପ୍ରଧାନ, ପ୍ରବୋଧ ସାହୁ, ଲଳିତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ବଳ କହିଲେ, ସେଲ୍‌ରେ ପ୍ରଥମ ଥର ଗ୍ରାଚ୍ୟୁଇଟି ସିଲିଂ ୨୦୧୪ ଜୁଲାଇ ୧ ତାରିଖରେ ଲାଗୁ କରାଗଲା। ସେହି ସମୟରେ କୌଣସି ଶ୍ରମ ସଙ୍ଗଠନ ଆପତ୍ତି କଲେ ନାହିଁ। ୨୦୧୫ ମସିହାରେ ଆରଆଇକେକେଏସ୍ ସ୍ୱୀକୃତି ପାଇବା ପରେ ଏହାର ବିରୋଧ କରିବା ଆରମ୍ଭ କଲା। ଏହା କୋର୍ଟରେ ବିଚାରଧୀନ ଥିବା ବେଳେ ପୁନର୍ବାର ସେଲ୍ କର୍ତ୍ତୃପକ୍ଷ ଏନଜେସିଏସ୍ ଜରିଆରେ ପୁରୁଣା ଶ୍ରମ ସଙ୍ଗଠନ ସହାୟତାରେ ସେଲ୍ କର୍ମଚାରୀଙ୍କ ଉପରେ ୨୦୨୧ ମସିହାରେ ଗ୍ରାଚ୍ୟୁଇଟି ସିଲିଂ ଲଗାଇଲେ। ପୁନଃ ଆରଆଇକେକେଏସ୍ କୋର୍ଟରେ ଏହି ମାମଲାକୁ ନେଇ କୋର୍ଟରେ ଦ୍ୱାରସ୍ଥ ହେଲା। ହାଇକୋର୍ଟ ଏହାର ଶୁଣାଣି କରି ସେଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଥିଲେ। ହେଲେ କର୍ତ୍ତୃପକ୍ଷ ଏହାର ଜବାବ ନ ଦେଇ ୯ ମାସ ପରେ ଉତ୍ତର ଦେଇଥିଲେ। ଶ୍ରମ ସଙ୍ଗଠନଗୁଡ଼ିକ ସହାୟତାରେ ସିଲିଂ ଲାଗଯାଇଛି ବୋଲି କୋର୍ଟକୁ କର୍ତ୍ତୃପକ୍ଷ ଜବାବ ଦେଇଥିଲେ। ସମ୍ପ୍ରତି ଗ୍ରାଚ୍ୟୁଇଟି ଦ୍ୱାରା ଅବସରଗ୍ରହଣ କରୁଥିବା କର୍ମଚାରୀମାନେ ୧୪-୧୫ ଲକ୍ଷ ଟଙ୍କା ଓଲଟା କମ୍ପାନୀକୁ ଦେଇ ଯାଉଛନ୍ତି। ଏପରି ଅନ୍ୟାୟ ବିରୋଧରେ ଆରଆଇକେକେଏସ୍ ସ୍ୱର ଉତ୍ତୋଳନ କରିଥିଲା। ବିଳମ୍ବରେ ହେଲେ ମଧ୍ୟ ହାଇକୋର୍ଟ ଏହାର ଶୁଣାଣି ଆରମ୍ଭ କରିଛନ୍ତି। ଏଥିରେ ଶ୍ରମିକମାନେ ହିଁ ବିଜୟୀ ହେବେ ବୋଲି ବଳ କହିଥିଲେ। ସୂଚନାଯୋଗ୍ୟ, ଭାରତୀୟ ମଜଦୁର ସଂଘ( ବିଏମ୍‌ଏସ୍) ସହବନ୍ଧିତ ଆରଆଇକେକେଏସ୍ ଏକ ଶ୍ରମିକ ସଙ୍ଗଠନ ଅଟେ। ଯାହାକି ସେଲର ବିଭିନ୍ନ ୟୁନିଟ୍ ଯଥା ରାଉରକେଲା, ଭିଲାଇ, ଦୁର୍ଗାପୁର ଭଳି ଅନେକ ୟୁନିଟ୍‌ରେ ସକ୍ରିୟ ରହିଛି। ଆଗାମୀ ଦିନରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ନିର୍ବାଚନ ହେବାକୁ ରହିଛି ସେଲ ରାଉରକେଲା ଇସ୍ପାତ କାରଖାନା ୟୁନିଟ୍‌ରେ।ଏଥିରେ ଆରଆଇକେକେଏସ୍ ସମେତ ୭ରୁ ଉର୍ଦ୍ଧ୍ୱ ଶ୍ରମ ସଙ୍ଗଠନ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଛନ୍ତି।



ଆରଆଇକେକେଏସ୍ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ଆରଆଇକେକେଏସ୍ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା**

## ରୋଟାରୀ କ୍ଲବ ରିଭର ସାଇଡ ପକ୍ଷରୁ ବୃକ୍ଷରୋପଣ

ରାଉରକେଲା,୩୦।୭(ଦିନେଶ ମିଶ୍ର)

ରାଉରକେଲା ରିଭରସାଇଡ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଠିକଟା ସ୍ଥିତ ଇକୋ ଓ ଆଗ୍ରୋଟିରୁଜିମ୍ ସେଣ୍ଟର ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟମାନେ ସପରିବାର ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ଜିତେନ୍ଦ୍ର ପ୍ରସାଦ ସା, ଡାକ୍ତର ସୁଧାରାଣୀ ପ୍ରଧାନ, ଭଗବାନ ପାଢୀ, ପ୍ରତିମା ମହାପାତ୍ର, ଶଙ୍କର ପ୍ରସାଦ ତ୍ରିପାଠୀ, ଶରତ କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ଜେନା, ଶଶିକାନ୍ତ ସ୍ୱାଇଁ, ମଞ୍ଜୁଲା ପାତ୍ର, ସୁଖବିନ୍ଦର ସିଂହ ଓ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଫଳ ଚାରା ରୋପଣ କରିଥିଲେ।

# ଟ୍ରେନ୍ ଦୁର୍ଘଟଣା ପରେ ରାଉରକେଲା ଷ୍ଟେଶନରେ ଗହଳି

ରାଉରକେଲା,୩୦।୭ (ସଙ୍ଗୀତା ଜେନା)

ହାଓ୍ୱଡ଼ାରୁ ମୁମ୍ବାଇ ଛତ୍ରପତି ଶିବାଜୀ ଟର୍ମିନାସ୍କୁ ଯାଉଥିବା ମୁମ୍ବାଇ ମେଲ୍ ଟ୍ରେନ୍ ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ରାଉରକେଲାରେ ହେଲ୍ପ ଲାଇନ୍ ଡେସ୍କ ନିକଟରେ ବେଶ୍ ଗହଳି ଦେଖାଯାଇଥିଲା। ଉକ୍ତ ଟ୍ରେନ୍ ହାଓ୍ୱଡାରୁ ରାଉରକେଲା ଦେଇ ମୁମ୍ବାଇ ଯାଉଥିବାରୁ ଏଥିରେ ରାଉରକେଲାର ଅଧିକ ସଂଖ୍ୟକ ଯାତ୍ରୀ ଯାଉଥିବା ଅନୁମାନ କରାଯାଉଥିଲା। ରାଉରକେଲା ହେଲ୍ପ ଲାଇନ୍ ନିକଟକୁ ଶତାଧିକ ଲୋକଙ୍କ ଫୋନ୍ କଲ୍ ଆସୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ରାଉରକେଲା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ କହିଛନ୍ତି, ଭୋର ସମୟରେ ଏହି ଦୁର୍ଘଟଣା ହୋଇଛି। ଏହା ଯୋଗୁ ରାଉରକେଲା ଦେଇ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି। ୫ଟି ଏକ୍ସପ୍ରେସ ଟ୍ରେନ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବାବେଳେ ୧୭ଟି ଯାତ୍ରୀବାହୀ ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ସ୍ୱତନ୍ତ୍ର ରିଲିଫ୍ ଟ୍ରେନରେ ଯାତ୍ରୀମାନେ ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ରେଳ ବିଭାଗ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଦିଆଯାଇଥିଲା। ଦୁର୍ଘଟଣାରେ କେତେଜଣ ଆହତ ହୋଇଛନ୍ତି ଓ ରାଉରକେଲାରୁ ଆହତଙ୍କ ମଧ୍ୟରେ କିଏ ଅଛନ୍ତି ବୋଲି ପଚାରିବାରୁ ସେ ନେଇ ତାଙ୍କ ପାଖରେ ତଥ୍ୟ ନ ଥିବା ଷ୍ଟେଶନ ମ୍ୟାନେଜର ଦାସ କହିଛନ୍ତି।

## ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବନ୍ଧମୁଣ୍ଡା, ୩୦।୭(ସୁବ୍ରତ ଦେ):** ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରେଳଯାତ୍ରୀଙ୍କୁ ଜରାଇକେଲାସ୍ଥିତ ଦୁର୍ଗା ପୂଜା ମଣ୍ଡପ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଜେଡି ନେତା ତଥା ଜରାଇକେଲା ସମିତି ସଦସ୍ୟ ସୋମନାଥ ରାହାଙ୍କ ନେତୃତ୍ୱରେ ଦୁର୍ଗା ମଣ୍ଡପରେ ରେଳଯାତ୍ରୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକ ଦୁଃଖ ପ୍ରକାଶ କରିବା ସହ ପ୍ରଦୀପ ଜାଳି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶେଖର ସେନ, ରାଜ କୁମାର ଶୁକ୍ଳା, ପର୍ଶୁରାମ ମହାପାତ୍ର, ନିଆଜ ଅହମ୍ମଦ, ଉତ୍କଳ ଦୁବେ, ସପନ ସେନ, ଦିବାଂଶୁ ପାଣ୍ଡେ, ସୁରେନ ଗୋପ, ସୁବ୍ରତ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଦୀପ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସଂକ୍ଷେପରେ

### ୧୫୦ ବଣ୍ଡଲ କେନ୍ଦୁପତ୍ର ସହ ପିକ୍‌ଅପ୍ ଜବତ

ରେଢାଖୋଲ,୩୦।୭(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡ ବଡମାଳ ରେଞ୍ଜ ଅଧୀନ ମୋଚିବାହାଲ ଗ୍ରାମରୁ ମଙ୍ଗଳବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନରେ ଚୋରାଚାଲାଣ ହେଉଥିବା ୧୫୦ ବଣ୍ଡଲ କେନ୍ଦୁପତ୍ରକୁ ବନ ବିଭାଗ ଜବତ କରିଛି। ତେବେ ଚୋରାଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ସକାଳେ ପିକ୍‌ଅପ ଭ୍ୟାନ (ନଂ ଓଡି୧୯ ଇ ୮୦୩୧) ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ନେଇ ଡିଏଫଓ ଅରବିନ୍ଦ ମହାନ୍ତି ସୂଚନା ପାଇ ଚଢାଉ ନିର୍ଦ୍ଦେଶ ଦେଇଥିଲେ। ବଡମାଳ ରେଞ୍ଜର ପ୍ରଦୀପ ସେଠୀ, ଫରେଷ୍ଟର ବିଜୟ ବିଶ୍ୱାଳ, ଦିଲ୍ଲୀପ ଖିଲାରୀ, ସୁନୀଲ ମିର୍ଦ୍ଧା ସଦଳବଳ ଚଢଉ କରିଥିଲେ। ଏ ନେଇ ବଡମାଳ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି।

### ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ: ଲିପସନ ରନର ଅପ



ଲିପସନ ବର।

କୁଚିଣ୍ଡା,୩୦।୭(ବିରଞ୍ଚି ଦର୍ଜୀ)

ସମ୍ବଲପୁରଠାରେ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ସିଙ୍ଗଲରେ ରନର ଅପ ହୋଇଛନ୍ତି କୁଚିଣ୍ଡାର ଲିପସନ ବର। ସନରାଇଜ ପକ୍ଷରୁ ଚାଲିଥିବା ଏହି ଚାମ୍ପିୟନଶିପ ସବ୍‌ଜୁନିୟର(୧୩) ପ୍ରତିଯୋଗିତାରେ ରନର ଅପ ଲିପସନ ବର ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୁରେଇନିକ୍ରିମାଲର ହର ବରଙ୍କ ପୁଅ। କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧ୍ୟୟନ କରିଥିବା ଲିପସନ ବର୍ତ୍ତମାନ ଭୁବନେଶ୍ୱର ସାଇ ରିଜିଓନାଲ ଏକାଡେମୀରେ ବ୍ୟାଡମିଣ୍ଟନ ଶିକ୍ଷାଲାଭ କରୁଛନ୍ତି। ୟୋନେକସ ପକ୍ଷରୁ ସମ୍ବଲପୁରଠାରେ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ ଚାଲିଥିଲା। ତାଙ୍କୁ ଟ୍ରଫି ସହ ଚେକ୍ ମାଧ୍ୟମରେ ଅର୍ଥରାଶି ପ୍ରଦାନ କରାଯାଇଛି। ଲିପସନଙ୍କ ଏଭଳି ସଫଳତା ପାଇଁ ତାଙ୍କୁ ବିଭିନ୍ନ କ୍ଷେତ୍ରରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

### ହୀରାକୁଦ ଜଳଭଣ୍ଡାରରୁ ୨୦ ଗେଟ୍‌ଦେଇ ଜଳ ନିଷ୍କାସନ ଜାରି

ସମ୍ବଲପୁର,୩୦।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଉଥିବା ବେଳେ ମଙ୍ଗଳବାର ମଧ୍ୟ ୨୦ଟି ସ୍ଲୁଇସ୍ ଗେଟ୍ ମଧ୍ୟ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଅବ୍ୟାହତ ରହିଛି। ରାତି ସାଢ଼େ ୯ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୨.୯୧ ଫୁଟ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୮୯ ହଜାର ୩୨୩ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ପ୍ରତି ସେକେଣ୍ଡରେ ୩ଲକ୍ଷ ୪୧ ହଜାର ୭୯୧ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ଡାହାଣ ପଟେ ୬ଟି ଓ ବାମ ପଟେ ୧୪ଟି ମିଶି ମୋଟ ୨୦ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ୩ ଲକ୍ଷ ୦୨ ହଜାର ୩୬୦ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର କେନାଲରେ ୩୫ ହଜାର ୯୦୨ ଘନଫୁଟ, ବରଗଡ଼ କେନାଲରେ ୨ ହଜାର ୨୦୦ଘନଫୁଟ, ଶାସନ କେନାଲରେ ୬୩୦ଘନଫୁଟ, ସମ୍ବଲପୁର କେନାଲରେ ୯୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୫ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ଘଣ୍ଟା ମଧ୍ୟରେ ହୀରାକୁଦ ଉପରମୁଣ୍ଡରେ ୦.୫୪ ମିଲିମିଟର ଓ ତଳମୁଣ୍ଡରେ ୧.୯୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

# ଘର କଲେଣି, ପଟ୍ଟା ମିଳିନି

ସମ୍ବଲପୁର,୩୦।୭(ବି.ଶଙ୍କର)


ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ଅସନ୍ତୁଷ୍ଟ ପୂଜକମାନେ।

**ସମଲେଶ୍ୱରୀ ପ୍ରକଳ୍ପ ବିସ୍ଥାପିତ ପୂଜକ ଅସନ୍ତୋଷ ଝାଡ଼ିଲେ**

ଐତିହାସିକ ସମ୍ବଲପୁର ସହର ଶକ୍ତିପୀଠଭାବେ ସ୍ୱତନ୍ତ୍ର ପରିଚୟ ରହିଛି। ପୂର୍ବ ରାଜ୍ୟ ବିଜେଡି ସରକାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୀଠକୁ ଆକର୍ଷଣୀୟ କରିବାକୁ ପୂଜକ ଓ ୪ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହୁଥିବା ଘୁନଘୁଟି ପଡାବାସୀଙ୍କୁ ବିସ୍ଥାପିତ କରିଥିଲେ। ସେମାନଙ୍କୁ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଦୁର୍ଗାପାଲିଠାରେ ଜମି ପ୍ରଦାନ କରାଯାଇଛି। ଅପରପକ୍ଷେ ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱସ୍ଥ ଶ୍ରୀକୃଷ୍ଣ ଗୋଶାଳାରେ ମନ୍ଦିରର ୨୯ଜଣ ପୂଜକଙ୍କୁ ୨.୫ଡିସିମିଲ ଜମି ଘର ତିଆରି କରିବାକୁ ଆବଣ୍ଟନ କରାଯାଇଛି। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ପୂଜକମାନେ ସରକାର ଆବଣ୍ଟନ କରିଥିବା ଜମିରେ ସେମାନେ ଘର ତିଆରି କରି ରହୁଛନ୍ତି। କିନ୍ତୁ ପରିତାପର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ ପୂଜକମାନଙ୍କୁ ଜମିର ପଟ୍ଟା ମିଳିନାହିଁ। ମଙ୍ଗଳବାର ସେମାନେ ପରିବାର ସହ ସମ୍ବଲପୁର ସଦର ତହସିଲ ଅଫିସ ଯାଇଥିଲେ। କିନ୍ତୁ ପଟ୍ଟା ଅସମ୍ପୂର୍ଣ୍ଣ ରହିଥିବାରୁ ପୂଜକମାନେ ଫେରି ଆସିଥିଲେ। ଏହାକୁ ନେଇ ପୂଜକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳ ସ୍ୱରୂପ ସେମାନେ ମଙ୍ଗଳବାର ରାତି ୭ଟାରେ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ଖବରଦାତାଙ୍କୁ କ୍ଷୋଭର ସହ ଜମି ପଟ୍ଟା ବିଷୟରେ ସୂଚନା ଦେଇଥିଲେ।

ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି ଯେ, ବହୁ ବର୍ଷ ହେଲା ସମଲେଶ୍ୱରୀ ମନ୍ଦିରରେ ମା’ଙ୍କ ପୂଜା କରି ଆସୁଥିବା ୨୯ଜଣ ପୂଜକଙ୍କୁ ସମଲେଇ ଯୋଜନାରେ ବିସ୍ଥାପିତ କରି ଥଇଥାନ କରାଯାଇଛି। ହେଲେ ସେହି ଜମିର ପଟ୍ଟା ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନାହିଁ। ସେମାନେ ମିଳିଥିବା ଜମିରେ ପ୍ରାୟ ୧ ବର୍ଷ ହେଲା ଘର କରି ରହିଲା ପରେ ମଧ୍ୟ ପ୍ରଶାସନ ଜମିପଟ୍ଟା ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ନେଉନାହିଁ। ଏ ନେଇ ପୂଜକଙ୍କ ଏକ ପ୍ରତିନିଧି ଦଳ ତହସିଲଦାର, ଜିଲାପାଳ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କଲା ପରେ ବି କୌଣସି ସୁଫଳ ମିଳିନାହିଁ। ଯଦ୍ୱାରା ଆମେ ଜମି ପଟ୍ଟକୁ ନେଇ ସନ୍ଦେହ କରୁଛୁ। ଅପରପକ୍ଷେ ତତ୍କାଳୀନ ସରକାର ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅସମ୍ପୂର୍ଣ୍ଣ ସମଲେଇ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଚାଲି ରହିଛି। ଆଉ ଅନେକ କାର୍ଯ୍ୟ ବାକି ରହିଛି ବୋଲି ମୁଖ୍ୟ ପୂଜକ ରାୟ କହିଛନ୍ତି। ଦେବେନ୍ଦ୍ର ରାୟ, ରବିନ୍ଦ୍ର ରାୟ, ଓକିଲ ରାୟ, ଗଙ୍ଗାଧର ରାୟ, ବାହାଦୁର ରାୟ, ମଧୁସୂଦନ ରାୟ, ପ୍ରସନ୍ନ ଦେଓ, ପବିତ୍ର ଦେଓ, ବିକ୍ରମ ରାୟ, କୋଦଣ୍ଡ ରାୟ, ବୀରେନ୍ଦ୍ର ରାୟ, ମନ୍ତ୍ରରାମ ରାୟ, ଚୂଡାମଣୀ ରାୟ ଜମି ପଟ୍ଟ ଓ ସମଲେଇ ପ୍ରକଳ୍ପ ବିଷୟରେ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏ ନେଇ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କୁ ପଚାରିବାରୁ ଅଗଷ୍ଟ ଦ୍ୱିତୀୟ ସପ୍ତାହ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ କାମ ଶେଷ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ କାମର ଶୁଭାରମ୍ଭ ହେବ ବୋଲି କହିଛନ୍ତି।

## ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟରେ ଜେଆର୍‌ଡି ଟାଟାଙ୍କ ଜନ୍ମଦିନ ପାଳିତ

ସମ୍ବଲପୁର,୩୦।୭(ବି.ଶଙ୍କର)

ଟିପି ପଶ୍ଚିମଓଡ଼ିଶା ବିତରଣ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ)ର ବୁର୍ଲା ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଭାରତୀୟ ଶିଳ୍ପାୟନ ଅଭିବୃଦ୍ଧିର ମହାନାୟକ ଭାରତ ରତ୍ନ ଜାହାଙ୍ଗୀର ରତନଜୀ ଦାଦାଭୋୟ ଟାଟା (ଜେଆରଡି)ଙ୍କ ୧୨୦ତମ ଜନ୍ମଦିନ ପାଳିତ ହୋଇଯାଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ବାଣିଜ୍ୟିକ ମୁଖ୍ୟ ପି.ପି. ତେନ୍ଦୁଲକର, ଆଇନ ବିଭାଗ ମୁଖ୍ୟ ସୁବୋଧ ମୋହାଲିକ ଯୋଗଦେଇ ଜେଆରଡି ଟାଟା ଏବଂ ଟାଟା ଗ୍ରୁପର ଅନ୍ୟ ପ୍ରତିଷ୍ଠାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏଥିରେ କମ୍ପାନୀର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। କମ୍ପାନୀର ଆଇନ ବିଭାଗ ମୁଖ୍ୟ ମୋହାଲିକ ଭାରତୀୟ ଶିଳ୍ପାୟନ ଅଭିବୃଦ୍ଧିରେ ଜେଆରଡି ଟାଟାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ ସମସ୍ତ କର୍ମଚାରୀମାନଙ୍କୁ ତାଙ୍କ ପଥ ଅନୁକରଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କମ୍ପାନୀର ବାଣିଜ୍ୟିକ ମୁଖ୍ୟ ତେନ୍ଦୁଲକର ନୈତିକବୋଧର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ମା କହିଥିଲେ ଜେଆରଡି ଟାଟାଙ୍କ ନୀତି ହେଉଛି ନବସୃଜନ ଏବଂ ସାମାଜିକ ଦାୟିତ୍ୱର ଏକ ଆଲୋକ ବର୍ତ୍ତିକା। ଆମକୁ ସେ ଆମ ଭିତରେ ପ୍ରବର୍ତ୍ତାଇଥିବା ମଲ୍ୟବୋଧ ବିଷୟରେ ମନେ ପକାଇବା ଜରୁରୀ। ଏହି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ବରଂ ଜେଆରଡି ଟାଟାଙ୍କ ନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃପ୍ରତିଷ୍ଠା କରୁଛି। କମ୍ପାନୀର ମାନବ ସମ୍ବଳ ମୁଖ୍ୟ କସମସ ଲାକ୍ରା ଧନ୍ୟବାଦ ଅବିଭାଷଣ ପ୍ରଦାନ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ କାର୍ଯ୍ୟାଳୟ ସହିତ ସମସ୍ତ ପାଞ୍ଚ ମଣ୍ଡଳ କାର୍ଯ୍ୟାଳୟରେ ମଧ୍ୟ ଭାରତ ରତ୍ନ ଜେଆରଡି ଟାଟାଙ୍କ ଜନ୍ମବାର୍ଷିକ ପାଳନ ହୋଇଛି।


ବୁର୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର କର୍ପୋରେଟ କାର୍ଯ୍ୟାଳୟଠାରେ ଭାରତ ରତ୍ନ ଜାହାଙ୍ଗୀର ରତନଜୀ ଦାଦାଭୋୟ ଟାଟାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଉଛି।

# ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ


ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଏକତା ମଞ୍ଚ କର୍ମକର୍ତ୍ତା।

ସମ୍ବଲପୁର,୩୦।୭(ବି.ଶଙ୍କର)

**ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ଗଙ୍ଗାଧର ମୁକ୍ତ ମଣ୍ଡପ**

- କଣ୍ଠଶିଳ୍ପୀ ବର୍ଣ୍ଣାଳି ମୁଖ୍ୟ ଆକର୍ଷଣ
- ନାଟ୍ୟକାର ବ୍ରଜେନ୍ଦ୍ର, ଗବେଶକ ତୁଳାରାମଙ୍କୁ ସମ୍ବଲପୁରୀ ସମ୍ମାନ

ସମ୍ବଲପୁରୀ ଭାଷା ଓ ସାହିତ୍ୟର ଅନ୍ୟତମ ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତି ତଥା ସମ୍ବଲପୁରୀ ଦିନ ଆସନ୍ତା ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଗଙ୍ଗାଧର ମୁକ୍ତ ମଣ୍ଡପରେ ପାଳିତ ହେବ। ଏଥିସହ ସକାଶେ ବିଗତ ୧ମାସ ଚାଲିଥିବା ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଦିନକ ପରେ ସମ୍ବଲପୁରୀ ଦିନରେ ମଙ୍ଗାଧର ମୁକ୍ତି ମଣ୍ଡପ ଦୁଲୁକି ଉଠିବ। କାଳାକାରମାନଙ୍କ ନୃତ୍ୟ, ଗୀତ ଓ ବାଦ୍ୟରେ ମୁଖରିତ ହେବ ଅଞ୍ଚଳ। ମଙ୍ଗଳବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଏକତା ମଞ୍ଚ ସଭାପତି ସମିର ରଞ୍ଜନ ବାବୁ ଓ ସଂଯୋଜକ ଡାକ୍ତର ସଞ୍ଜିବ ମିଶ୍ର ଏହା କହିଛନ୍ତି।

ସେମାନେ କହିଛନ୍ତି, ଚଳିତ ଗଙ୍ଗାଧର ମୁକ୍ତ ମଣ୍ଡପରେ ଅପରାହ୍ନ ୨ଟାରୁ ରାତି ୧୦ଟାରେ ସମ୍ବଲପୁରୀ ଦିନରେ ବିବିଧ କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି। ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ସାମିଲ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଭାରତ କେ ଅମୃତ କଳସ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା ମୁଖ୍ୟ ଆକର୍ଷଣ ଅଛନ୍ତି। ଏହି ଅବସରରେ ବର୍ଣ୍ଣାଳୀ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଓ ସଂସ୍କୃତି ଗବେଷକ ତୁଳାରାମ କଲେତଙ୍କୁ ସମ୍ବଲପୁରୀ ସମ୍ମାନ-୨୦୨୪ରେ ସମ୍ମାନୀତ କରାଯିବ। ସେହିପରି ସମ୍ବଲପୁରୀ ଆଲବମ କଳାକାର ଅଙ୍କିତ ରାଜ, କମଲେଶ ଚକ୍ରବର୍ତ୍ତୀ, ସାଇସ୍ମିତା ନାଏକ, ପ୍ରିୟଦର୍ଶୀନୀ ନାଥ, ସୂର୍ଯ୍ୟପ୍ରକାଶ ଗୁରୁ, ଈଶ୍ୱରୀ ବେହେରା, ରାଜ କୁମାର ଜାଲ, ହମିଦ ରେହେମାନ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ସମ୍ବଲପୁରୀ ଖାନା, ସମ୍ବଲପୁରୀ ପିନ୍ଧନ ପଟା ସମେତ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ସମ୍ବଲପୁରୀ ଦିନକୁ ଜନସାଧାରଣ ଉତ୍ସାହର ସହ ପାଳନ କରିବା ସକାଶେ ମଞ୍ଚ ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଅଗଷ୍ଟ ୧ ତାରିଖକୁ ସମଗ୍ର ପଶ୍ଚିମ ଓଡ଼ିଶାରେ ଛୁଟି ଘୋଷଣା କରିବାକୁ ଦାବିପତ୍ର ଦିଆଯାଇଛି ବୋଲି କର୍ମକର୍ତ୍ତାମାନେ ସୂଚିତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାଂସ୍କୃତିକ ସଂଗଠକ ଓ ଗବେଷକ, ସାହିତ୍ୟିକମାନେ ଅତିଥି ଭାବେ ଦେବେ। ଖବରଦାତା ସମ୍ମିଳନୀରେ ଗୁରୁ ସୂର୍ଯ୍ୟ ପ୍ରକାଶ ଗୁରୁ, ଅରୁଣ ଦାଶ ଓ କମଳଲୋଚନ ପଣ୍ଡା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

## ଧାନ ବିକ୍ରିରେ ସ୍ୱଚ୍ଛ, ଦଲାଲମୁକ୍ତ କରିବାକୁ ଦାବିପତ୍ର

ପଦ୍ମପୁର,୩୦।୭(ପ୍ରଦୀପ୍ତ ଦାଶ)

ଚଳିତ ଖରିଫ ଧାନ ଫସଲର ବିକ୍ରି ପାଇଁ ପଞ୍ଜୀକରଣ କୃଷି ସମବାୟ ସମିତିରେ କରାଯାଉଛି। ଏହି ପରିପ୍ରେକ୍ଷୀରେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧୀନ ଲଖମରା ପ୍ରାଥମିକ କୃଷି ସେବା ସମବାୟ ସମିତି ଅନ୍ତର୍ଗତ ସରେଇକେଲା ଧାନ ବିକ୍ରୟ କେନ୍ଦ୍ରରେ ଚାଷୀ ପଞ୍ଜୀକରଣରେ ଦୁର୍ନୀତି ହେଉଥିବାରୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବାକୁ ଦାବି କରିଛନ୍ତି। ଏହିକ୍ରମରେ ମଙ୍ଗଳବାର ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ସହକାରୀ ନିବନ୍ଧକ ପଦ୍ମପୁର ଏବଂ ଲଖମରା ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷ ହୋଇଥିବା ଜମି ଓ ବିଦ୍ୟୁତ୍ ବିଲ ସମାନ ପ୍ଲଟରେ ନ ଥାଇ ଅଧିକ ପରିମାଣର ଧାନ ବିକ୍ରି ପାଇଁ ଅନେକଙ୍କୁ ଅନୁମତି ମିଳିଛି। ଫଳରେ ଅସଲି ଚାଷୀ ଆବଶ୍ୟକ ଜମି ଥାଇ କମ ପରିମାଣର ଧାନ ବିକ୍ରି ପାଇଁ ଅନୁମତି ପାଉଥିବା ବେଳେ କମ ଜମି ଥିବା ଚାଷୀଙ୍କୁ ଅସାଧୁ ଉପାୟରେ ବେଶୀ ଧାନ ବିକ୍ରି ପାଇଁ ଅନୁମତି ଦିଆଯାଉଛି। ଏମାନଙ୍କୁ ଢାଲ କରି ଅସାଧୁ ଦଲାଲ ଲାଭ ଉଠେଇ ଧାନ ବିକ୍ରି କରୁପାରୁଥିବା ବେଳେ ଅସଲି ଜମି ଥାଇ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଉଥିବା ଅଭିଯୋଗ ରହିଛି। ଏପରି ଦୁର୍ନୀତି କାର୍ଯ୍ୟରେ ସମ୍ପୃକ୍ତି ଥିବା ସମସ୍ତ ବିଭାଗୀୟ ଅଧିକାରୀ ପ୍ରତିଦୃଷ୍ଟି ଦେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଜିଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ

ସମ୍ବଲପୁର,୩୦।୭(ପ୍ରମୋଦ ବହିଦାର)

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ସଡ଼କ ସୁରକ୍ଷା କମିଟର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଘଟିଥିବା ଦୁର୍ଘଟଣା ସମ୍ପର୍କରେ ମିଳିତ ପ୍ରବର୍ତ୍ତନ ରିପୋର୍ଟ, ଜାତୀୟ ରାଜପଥ ଓ ରାଜ୍ୟ ରାଜପଥର ନିର୍ମାଣ ତଥା ମରାମତି, ନକ୍ସାପାଲିରୁ ସିନ୍ଦୁରପଙ୍କ ଅଞ୍ଚଳ, ପଡ଼ିଆବାହାଲରୁ ଗୋଶାଳା, ରେମେଡରୁ ଅଇଁଠାପାଲି ଛକ ଆଦି ପର୍ଯ୍ୟନ୍ତ ଜାତୀୟ ରାଜପଥର ବିପର୍ଯ୍ୟସ୍ତ ଅବସ୍ଥା, ସର୍ଭିସ ରୋଡରେ ପାର୍କିଂ ସମସ୍ୟା, ରାଜପଥ ଉପରେ ବୁଲା ଗୋରୁଙ୍କ ବିଚରଣ ଜନିତ ସମସ୍ୟା, ଟ୍ରାଫିକ୍ ଲାଇଟ୍ ସମସ୍ୟା ସହିତ ଗୁଡ୍ ସମରିଟାନ୍ ଆୱାର୍ଡ ବିଷୟରେ ଆଲୋଚନା ହୋଇଥିଲା। ଜିଲାପାଳ ଅଗ୍ରୱାଲ ବୈଠକରେ ଉପସ୍ଥିତ ବିଭିନ୍ନ ସରକାରୀ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଅଧିକାରୀ, ନାଗରିକ ସମାଜଙ୍କୁ ସମସ୍ୟାର ବ୍ୟବହାରିକ ସମାଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଲୋକଙ୍କ ଧନ ଜୀବନ ବଞ୍ଚାଇବାରେ କର୍ତ୍ତବ୍ୟ ନିର୍ବାହ କରିବା, ଏନଫୋର୍ସମେଣ୍ଟ ଟିମକୁ ସୁଦୃଢ଼ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହିତ ସେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପୋଲିସର ମିଳିତ ସହଯୋଗରେ ସପ୍ରାଇଜ ଭିଜିଟ୍, ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସିଗ୍ନାଲ୍ ବୋର୍ଡ ଲଗାଇବା ଓ ଉଭୟ ଜାତୀୟ ଓ ରାଜ୍ୟ ରାଜପଥରେ ଥିବା ଗର୍ତ୍ତ ଗୁଡ଼ିକର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଲବିନସ କେର୍କେଟା, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କାହ୍ନୁ ଚରଣ ବନରା ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା କମିଟିର ସମୀକ୍ଷା ବୈଠକରେ ବିଭିନ୍ନ ଅଧିକାରୀ।

## ଘୁନଘୁଟି ପଡ଼ାବାସୀ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୩୦।୭(ପ୍ରମୋଦ ବହିଦାର)

**ବାସହୀନ ହୋଇ ବର୍ଷାରେ ଦୁର୍ବିଷହ ଜୀବନ ଜିଉଁଛନ୍ତି**

ସମଲେଇ ଯୋଜନାରେ ବିସ୍ଥାପିତ ଘୁନଘୁଟି ପଡ଼ାବାସୀ ମଙ୍ଗଳବାର ପୁଣିଥରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କ ଦାବି ଦୋହରାଇଛନ୍ତି। ସହାୟତା ରାଶି ପାଇଁ ସେମାନଙ୍କ ଦାବିକୁ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଛି। ସେଠାରୁ କୌଣସି ଉତ୍ତର ଆସିନାହିଁ। ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ସୂଚନା ନ ଆସିବା ଯାଏ କୌଣସି ନିଷ୍ପତ୍ତି ନିଆଯାଇ ପାରିବ ନାହିଁ ବୋଲି ଜିଲାପାଳ କହିଥିବା ବିସ୍ଥାପିତ ପରିବାରଙ୍କ ପକ୍ଷରୁ କୁହାଯାଇଛି। ସେଠାରୁ ବିସ୍ଥାପିତମାନେ ଜିଲା ଜମି ଅଧିଗ୍ରହଣ ଅଧିକାରୀଙ୍କ ପାଖକୁ ଯାଇ ସାକ୍ଷାତ୍ କରିଥିଲେ। ଜିଲା ଜମି ଅଧିଗ୍ରହଣ ଅଧିକାରୀ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବୈଠକ ଡକାଯିବ ବୋଲି କହିବାରୁ ବିସ୍ଥାପିତ ପରିବାର ଫେରି ଯାଇଥିଲେ।

ସମଲେଇ ଯୋଜନାରେ ବିସ୍ଥାପିତ ପରିବାରଙ୍କୁ ଉପଯୁକ୍ତ ଥାଇଥାନ ଓ କ୍ଷତିପୂରଣ ପ୍ରଦାନ ଦାବିରେ ୯୨ଦିନ ଘୁନଘୁଟି ପଡାବାସୀ ଅହରାତ୍ର ଧାରଣା ଦେଇଥିଲେ। ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସମ୍ବଲପୁର ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଧାରଣାସ୍ଥଳକୁ ଆସି ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରିଥିଲେ। ପରବର୍ତ୍ତୀ କାଳରେ ସେମାନଙ୍କ ଏକ ପ୍ରତିନିଧି ଯାଇ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତ କରି ସମସ୍ୟା ଜଣାଇଥିଲେ। ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆସି ସମ୍ବଲପୁରର ଜିଲାପାଳଙ୍କଠାରୁ ବିଭିନ୍ନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନୟାନ୍ତ ହୋଇ ସାରିଛନ୍ତି ବୋଲି ବିସ୍ଥାପିତ ପରିବାରଙ୍କ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସେମାନେ ପିଲାଛୁଆ ଧରି ବର୍ଷାଋତୁରେ ପ୍ଲାଷ୍ଟିକ ପାଲତଳେ ଦୁର୍ବିସହ ଜିଉଁଛନ୍ତି। ସେମାନଙ୍କୁ ମିଳିଥିବା ୩ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ଘର ତିଆରି ପାଇଁ ଯଥେଷ୍ଟ ନଥିବା କହିଛନ୍ତି ବିସ୍ଥାପିତ ପରିବାର।

# ଜବରଦଖଲ ଉଚ୍ଛେଦ ଆଦେଶ ପ୍ରତ୍ୟାହାର କର

କୁଚିଣ୍ଡା,୩୦।୭(ବିରଞ୍ଚି ଦର୍ଜୀ)



ବାମରା ତହସିଲ ଅଫିସ ଅଭିମୁଖେ ବାହାରିଥିବା ଶୋଭାଯାତ୍ରାରେ ସାମିଲ ମହିଳା ପୁରୁଷ।

**ବାମରାରେ ଲୋକମୁକ୍ତି ସଙ୍ଗଠନର ବିଶାଳ ରାଲି**

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆଦେଶର ପ୍ରତ୍ୟାହାର ଦାବି କରିଛି ଲୋକମୁକ୍ତି ସଙ୍ଗଠନ। ମଙ୍ଗଳବାର ସଙ୍ଗଠନ ପକ୍ଷରୁ ସମ୍ବଲପୁର ଜିଲା ବାମରାଠାରେ ମଙ୍ଗଳବାର ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ବାମରା ପୂର୍ତ୍ତ ବିଭାଗ ବଙ୍ଗଳାରୁ ସହସ୍ରାଧିକ ମହିଳା ପୁରୁଷଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ ପହଞ୍ଚିଥିଲା। ସେଠାରେ ସଙ୍ଗଠନର ବାମରା ବ୍ଲକ ସଭାପତି ପାତ୍ର ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ରବିନ୍ଦ୍ର ନାୟକ ପରିଚାଳନା କରିଥିଲେ। ସଙ୍ଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲଶପାଳମାନଙ୍କୁ ଦେଇଥିବା ଆଦେଶ ସମ୍ପୂର୍ଣ୍ଣ ବେଆଇନ ଓ ଏହାର ପ୍ରତ୍ୟାହାର ଦାବି କରିଥିଲେ। ସଂଯୋଜକ ଜିନିତ ସାମାଦ ଏବଂ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ଜିଲା ପରିଷଦ ସଭ୍ୟା କୁମୁଦିନୀ ନାୟକ, କୃଷ୍ଣଚନ୍ଦ୍ର ଟପ୍ପୋ, ପୂର୍ବତନ ଜିଲା ପରିଷଦ ଖତୁନାଥ ପିଙ୍ଗ, ପୂର୍ବତନ ବାମରା ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ପୂର୍ବତନ ଜମନକିରା ବ୍ଲକ ଅଧ୍ୟକ୍ଷ କେଦାରନାଥ ବରିହା, ସଗରା ସମିତି ସଭ୍ୟ ହାବିଲ ଏକ୍କା, ଇରାତ ନାଏକ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, କିଶୋର କୁମାର ନାଏକ, ନାବର କୁଲୁ ପ୍ରମୁଗ ଯୋଗଦେଇ ଜବର ଦଖଲ ଉଚ୍ଛେଦ ଆଦେଶକୁ ପ୍ରତ୍ୟାହାର ଦାବି କରିଥିଲେ। ପରେ ତହସିଲଦାର ଦିଲୀପ ପ୍ରଧାନଙ୍କୁ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟସରକାରଙ୍କ ଦ୍ୱାରା ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ଆଦେଶକୁ ପ୍ରତ୍ୟାହାର କରିବା, ଭୂମିହୀନ ଗରୀବ ପରିବାରଙ୍କୁ ଭୂସଂସ୍କାର ଆଇନ ଅନୁଯାୟୀ ଦଖଲ ଜମିରେ ବନ୍ଦୋବସ୍ତ କରିବା, ଭୂମିହୀନ ପରିବାରଙ୍କୁ ବଣ୍ଟନ କରାଯାଇଥିବା ଜମିର ଚିହ୍ନଟ କରିବା, ଭୂମିହୀନ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଜମି ପ୍ରଦାନ କରିବା, ଜଙ୍ଗଲ ଅଧିକାର ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରି ପେସା ଆଇନ ଲାଗୁ କରିବ ଏବଂ ଅନୁସୁଚିତ ଅଞ୍ଚଳରେ ବେଆଇନ ଜମି ଅଧିଗ୍ରହଣ, ବେଆଇନ ଜମି ହସ୍ତାନ୍ତରଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ଧାନଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା



## ଅଗଷ୍ଟ ମାସ କୃଷି ସୂଚନା

ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କର୍ନାଳୀଗୁଡ଼ିକୁ ସଫାକରନ୍ତୁ। ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହେଳୀ ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ । ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ । ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲ ସାର ହିସାବରେ ହେକ୍ଟର ପ୍ରତି ୪୦ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ । ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ଡିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩–୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣିଦିଅନ୍ତୁ ।

**ମକା :** ମକା ଫସଲ ୬–୭ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରନ୍ତୁ । ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ :** ମାଣ୍ଡିଆ ରୁଆ ହେବାର ୨–୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ । ବର୍ଷା ଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣା ଯାଇଥିବା ଫସଲ ୩୫–୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ଝୋଟ :** ନଳିତା ଚାଷ କରୁଥିଲେ ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ ସହ ମାନ୍‌କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ା କରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଅଳସୀ :** ଅଳସୀର ଉତ୍କଳ ନାଇଜର–୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବରଖତ ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

**ଜାଣିରଖନ୍ତୁ :** ମାଛ ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି,
ଭୁବନେଶ୍ୱର–୩

## ମୁଗଚାଷରେ ରୋଗ ପୋକ ଦମନ



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କପାରେ ପତ୍ରଡିଆଁ ପୋକ ଲାଗିଲେ...



ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପା ଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

## ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...



ଜମିରୁ ପାଣି କାଟି ଦିଅନ୍ତୁ। ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳ ଶଢ଼ା ରୋଗ ଲାଗିଲେ ମେଟାଲାକ୍ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

# ଯାଆଁଳ ଛାଡ଼ିବା ସମୟରେ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧–୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଫଳଚାଷ



ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜରରେ ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ । ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ ।

## ଆଖୁଚାଷରେ କାଣ୍ଡବିନ୍ଧା ପୋକ ଦମନ

ଆଖୁଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩–୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।

## ଜାଣିରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗ ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ–ମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଗୋ–ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ୨ଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ପ୍ରାଣୀଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪–୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଙ୍ଗଳବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ମୁକ୍ତି ଦାବିରେ ଇଣ୍ଡିଆ ମେଣ୍ଟର ନେତାମାନେ ଏକଜୁଟ ହୋଇଛନ୍ତି।

# କେଜ୍‌ରିୱାଲଙ୍କ ମୁକ୍ତି ଦାବିରେ ଇଣ୍ଡିଆ ମେଣ୍ଟ ନେତାଙ୍କ ସମାବେଶ

**ନୂଆଦିଲ୍ଲୀ,୩୦।୭(ପି.ଟି.)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଥିବାରୁ ତାଙ୍କୁ ତୁରନ୍ତ ତିହାର ଜେଲରୁ ମୁକ୍ତ କରିବା ଦାବିରେ ମଙ୍ଗଳବାର ଦିଲ୍ଲୀର ଯନ୍ତରମନ୍ତରଠାରେ ଇଣ୍ଡିଆ ବ୍ଲକ୍‌ର ନେତାମାନେ ଏକାଠି ହୋଇଥିଲେ। ବିରୋଧୀଙ୍କ ସ୍ୱର ଚାପି ଦେଉଥିବା କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରକୁ ଇଣ୍ଡିଆ ବ୍ଲକ୍ ନେତାମାନେ ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ରାଜେନ୍ଦ୍ର ନଗର କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ପାଣି ପଶି ୩ ଆଇଏଏସ୍ ଆଶାୟୀଙ୍କ ଜୀବନ ଗଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଡକାଯାଇଥିବା ଏହି ବିକ୍ଷୋଭ ରାଲିରେ ଏକଚ୍ଛତ୍ରବାଦର ଅବସାନ ପାଇଁ ସ୍ଲୋଗାନ ଦିଆଯାଇଥିଲା। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଷଡ଼ଯନ୍ତ୍ର କରି ଆପ୍‌ର ୩ ବରିଷ୍ଠ ନେତା କେଜ୍‌ରିୱାଲ, ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ଜେଲରେ ପୂରାଇଥିବା ସିପିଆଇ(ଏମ୍‌ଏଲ୍) ଲିବରେଶନ ନେତା ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଥିଲେ। କୋଚିଂ ସେଣ୍ଟର ଟ୍ରାଜେଡି ପାଇଁ କେନ୍ଦ୍ରକୁ ଦାୟୀ କରାଯିବାକୁ ସେ ଦାବି କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ପାଇଁ କେଜ୍‌ରିୱାଲଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯାଉ ବୋଲି କମ୍ୟୁନିଷ୍ଟ ପାର୍ଟି ସାଧାରଣ ସମ୍ପାଦକ ଡି. ରାଜା ଦାବି କରିଥିଲେ। ଭାଜପା କ୍ଷମତାକୁ ଆସିବା ପରେ ଗଣତନ୍ତ୍ର ଆଉ ଲୋକଙ୍କର କି ଲୋକଙ୍କ ପାଇଁ ରହିନାହିଁ। ଦେଶର ଏଭଳି ସ୍ଥିତିକୁ କେତେଦିନ ବରଦାସ୍ତ କରାଯିବ ବୋଲି ରାଜା ପ୍ରଶ୍ନ କରିଥିଲେ। ଭାଜପା କେଜ୍‌ରିୱାଲଙ୍କୁ ଜେଲରେ ମାରିଦେବା ପାଇଁ ଷଡ଼ଯନ୍ତ୍ର ଚଳାଇଥିବା ଆପ୍‌ର ଦିଲ୍ଲୀ ଆବାହକ ଗୋପାଳ ରାୟ ଅଭିଯୋଗ କରିଛନ୍ତି। ଜୁନ୍ ୩ରୁ ଜୁଲାଇ ୭ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶର୍କରା ସ୍ତର ୩୪ ଥର ହ୍ରାସ ପାଇଥିବା ସେ କହିଛନ୍ତି। ଏହି ସମାବେଶରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଏନ୍‌ସିପି(ଏସ୍‌ପି) ମୁଖ୍ୟ ଶରଦ ପାୱାର, ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, କଂଗ୍ରେସ ରାଜ୍ୟ ସଭା ସଦସ୍ୟ ପ୍ରମୋଦ ତିୱାରୀ, କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା ପ୍ରମୁଖ ଉପସ୍ଥିତ ଥିଲେ।

# ହତାଶହୋଇ ଓଡ଼ିଶାବାସୀ ସରକାର ପରିବର୍ତ୍ତନକଲେ: ମୋହନ

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

## ସାଧାରଣ ବଜେଟ ଆଲୋଚନାର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

ବିଧାନସଭାରେ ଗତ ୨୫ ତାରିଖରେ ୨୦୨୪-୨୫ ବର୍ଷର ପୂର୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ କହିଛନ୍ତି। ୨୯ତାରିଖଠାରୁ ଏହି ବଜେଟ ଉପରେ ସାଧାରଣ ଆଲୋଚନା ଆରମ୍ଭ ହୋଇ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଲୋଚନାରେ ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ଭାଗ ନେଇଛନ୍ତି। ଏଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ ସେ ତାଙ୍କ ଉତ୍ତରରେ କହିଛନ୍ତି, ଗତ ନିର୍ବାଚନରେ ନିର୍ଣ୍ଣାୟକ ମତଦାନ କରି ରାଜ୍ୟବାସୀ ଆମକୁ ସରକାର ଗଠନ କରିବାର ସୁଯୋଗ ଦେଇଥିବାରୁ ଅଶେଷ ଧନ୍ୟବାଦ। ଓଡ଼ିଶାବାସୀ ଲମ୍ବା ସମୟ ଧରି ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ କରିବାକୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲେ, କିନ୍ତୁ ଲୋକଙ୍କ ଭାଗ୍ୟ ପରିବର୍ତ୍ତନ ହେଲାନାହିଁ। ହତାଶ ହୋଇ ଓଡ଼ିଶାବାସୀ ସରକାର ପରିବର୍ତ୍ତନ କଲେ। ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଏହି ବଜେଟ ହେଉଛି ଲୋକଙ୍କ ବଜେଟ। ନିର୍ବାଚନୀ ଇସ୍ତାହାରରେ ଆମେ ଓଡ଼ିଶାବାସୀଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲୁ। ଏହି ବଜେଟ ତା'ର ଏକ ପ୍ରତିଫଳନ। ଏଥିରେ ସାମାଜିକ ନ୍ୟାୟ, ଭିତ୍ତିଭୂମିର ଉନ୍ନତି, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ବଞ୍ଚିତଙ୍କ ପାଇଁ ସାମାଜିକ ନିରାପତ୍ତା, ମହିଳା, ଯୁବବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ସଂଖ୍ୟାଲଘୁ, ଭିନ୍ନକ୍ଷମ ତଥା ବରିଷ୍ଠ ନାଗରିକଙ୍କ ସଶକ୍ତୀକରଣ ମାଧ୍ୟମରେ ସାମୂହିକ ତଥା ଦୃଢ଼ ଅଭିବୃଦ୍ଧି ଉପରେ


ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଆଲୋଚନାର ଉତ୍ତର ରଖୁଛନ୍ତି।

ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଥର ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଅଟକଳ ମଧ୍ୟରୁ କାର୍ଯ୍ୟକ୍ରମ ବ୍ୟୟ ୧ ଲକ୍ଷ ୫୫ ହଜାର କୋଟି ଟଙ୍କା ଆକଳନ କରାଯାଇଛି, ଯାହା ୨୦୨୩-୨୪ ବର୍ଷ ତୁଳନାରେ ୨୪% ଅଧିକ । ପୁଞ୍ଜି ବ୍ୟୟ ବାବଦକୁ ୫୮ ହଜାର ୧ ଶହ ୯୫ କୋଟି ଟଙ୍କା ଅଟକଳ ହୋଇଛି ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬.୩% । ଦେଶର ସମସ୍ତ ପ୍ରମୁଖ ରାଜ୍ୟ ତୁଳନାରେ ଓଡ଼ିଶାର ମୋଟ ବଜେଟରେ ପୁଞ୍ଜି ବ୍ୟୟର ଅନୁପାତ ସର୍ବାଧିକ । କେନ୍ଦ୍ର ବଜେଟରେ ମଧ୍ୟ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ଖର୍ଚ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟଗୁଡ଼ିକୁ ପୁଞ୍ଜି ଖର୍ଚ୍ଚ ପାଇଁ ସହାୟତା ରାଶିକୁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିରୁ ଓଡ଼ିଶା ପ୍ରାୟ ୬ ହଜାର କୋଟି ଟଙ୍କାର ସହାୟତା (୫୦ ବର୍ଷୀୟ ସୁଧବିହୀନ ଋଣ) ପାଇବ, ଯାହାକି ଆମେ ଆମର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିପାରିବୁ। ବିରୋଧୀ ଦଳ ନେତା ଏହି ବଜେଟକୁ ଏକ ନେମ୍ ଚେଞ୍ଜିଙ୍ଗ୍ ବଜେଟ କହିଛନ୍ତି। ଏହାକୁ ଜୁମ୍‌ଲା ବି କହିଛନ୍ତି। କିଏ ନେମ୍ ଚେଞ୍ଜର ଆଉ କିଏ ଗେମ୍ ଚେଞ୍ଜର। ପୂର୍ବରୁ ରାଜ୍ୟରେ ଜୁମ୍‌ଲା ସରକାର ଥିଲା। ଭୋଟବ୍ୟାଙ୍କ ପାଇଁ ଯୋଜନା କରୁଥିଲେ। ଅନେକ ଯୋଜନା ଆରମ୍ଭ ହୋଇ ବନ୍ଦ ହୋଇଯାଉଥିଲା। ତେଣୁ ଲୋକମାନେ ସେ ସରକାରକୁ ବଦଳାଇଦେଲେ। ଆମ ସରକାର ଓଡ଼ିଆ ଅସ୍ମିତାର ସରକାର। ସେହିପରି ଇଂରାଜୀ ଶବ୍ଦ ବ୍ୟବହାର କରି ନାମିତ ହୋଇଥିବା ଯୋଜନାକୁ ଓଡ଼ିଆ ଶବ୍ଦ ଦ୍ୱାରା ନାମିତ କରିବା କ'ଣ ଭୁଲ୍। ଆମର ଚିର ନମସ୍ୟ ପଞ୍ଚସଖାଙ୍କ ସମ୍ମାନାର୍ଥେ ମୋ ସ୍କୁଲ ଯୋଜନାକୁ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଭାବେ ନାମିତ କରିବା କ'ଣ ଭୁଲ୍ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ତଥା 'ଓଡ଼ିଆ ଅସ୍ମିତା' ଆମର ପରିଚୟ। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ତଥା ଯାତ୍ରୀ ସୁବିଧା ପାଇଁ ଜଗନ୍ନାଥ ମନ୍ଦିର ପ୍ରଶାସନ ପାଇଁ ୫ ଶହ କୋଟି ଟଙ୍କାର କର୍ପସ ପାଣ୍ଠି ତଥା ଓଡ଼ିଆ ଅସ୍ମିତା ପାଇଁ ୨ ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ନିମନ୍ତେ ଏହି ବଜେଟରେ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ଘଟଗାଁ ସ୍ଥିତ ମା' ତାରିଣୀ ପୀଠର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ପୂର୍ବ ସରକାର କ'ଣ ଏହା କରିପାରି ନ ଥାଆନ୍ତେ। ଏହା ନ କରି ସମାଲୋଚନା କରିବା ହେଉଛି ତାଙ୍କର ଅସହିଷ୍ଣୁତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯଥାର୍ଥ ଉତ୍ତର ଦେବା ମୋର ଧର୍ମ। କେବଳ ଅର୍ଥମନ୍ତ୍ରୀ ନୁହେଁ, ମୁଁ ମୁଖ୍ୟମନ୍ତ୍ରୀ। ସେଥିରେ ଯଦି ବିରୋଧୀ ଦଳ କକ୍ଷ ତ୍ୟାଗକରି ଚାଲିଯିବେ, ତେବେ ସେଥିପାଇଁ ଦୁଃଖିତ। ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ବିଶ୍ୱର ସର୍ବବୃହତ୍ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା। କିନ୍ତୁ ପରିତାପର ବିଷୟ ହେଉଛି,ଏ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତକରି ରଖାଯାଉଥିଲା। ଆମ ସରକାର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନ ମାଧ୍ୟମରେ ଯୋଗ୍ୟ ପରିବାରମାନଙ୍କୁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ନଗଦ ବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବହୁ ବର୍ଷ ଧରି ଚାଷୀମାନଙ୍କର ନିରନ୍ତର ଦାବି ତଥା ବିଧାୟକମାନେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ଧାନ କ୍ରୟ ମୂଲ୍ୟ କୁଇଣ୍ଟାଲ ପିଛା ବୃଦ୍ଧି କରିବା ପାଇଁ ଦାବିକରି ଆସୁଥିଲେ। ଆମ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମ କ୍ୟାବିନେଟ୍‌ରେ ଆମ ସରକାର ଧାନ କ୍ରୟ ମୂଲ୍ୟ କୁଇଣ୍ଟାଲ ପିଛା ୩୧ ଶହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ, ଯାହା ବର୍ତ୍ତମାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ଠାରୁ କୁଇଣ୍ଟାଲ ପିଛା ୮ ଶହ ଟଙ୍କା ଅଧିକ ହେବ। ଏଥିଲାଗି ବଜେଟରେ ୫ ହଜାର କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ଆମର ସଂକଳ୍ପପତ୍ର ଅନୁଯାୟୀ ପ୍ରଥମ କ୍ୟାବିନେଟ୍ ବୈଠକରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟରେ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଅଧିକ ବ୍ୟୟ ବରାଦ କରାଯିବ। ସେହିପରି ଭତ୍ତା ବୃଦ୍ଧି ପାଇଁ ଭାଜପା ତା'ର ନିର୍ବାଚନୀ ପ୍ରତିଶ୍ରୁତି ଯାହା ଦେଇଥିଲା ତାହା ପର୍ଯ୍ୟାୟକ୍ରମେ ପୂରଣ କରିବ। କେତେଜଣ ସଦସ୍ୟ ରାଜ୍ୟର ମୁଣ୍ଡ ପିଛା ଋଣ ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଋଣ ଭାରର ପୋଷଣୀୟତା ମାପିବା ପାଇଁ ଦୁଇ ଗୋଟି ପରିମାପକର ବ୍ୟବସ୍ଥା କରାଯାଇଛି। ଋଣ ଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ ୨୫% ମଧ୍ୟରେ ସୀମିତ ରହିବା ଆବଶ୍ୟକ ଏବଂ ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୧୫% ମଧ୍ୟରେ ରଖିବା ଆବଶ୍ୟକ। ନୂଆ ଓଡ଼ିଶା ଗଠନ ନେଇ ଆମ ସରକାର ଯେଉଁ ପ୍ରତିଶ୍ରୁତି ଦେଇଛି ତାହା ନିଶ୍ଚୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବଜେଟକୁ ଗୃହର ଅନୁମୋଦନ ଦେବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ବିରୋଧୀ ଦଳ ନେତାଙ୍କୁ ଟାର୍ଗେଟ କଲେ ହରିଚନ୍ଦନ

**ଭୁବନେଶ୍ୱର, ୩୦।୭(ସୁନିତ୍ ମିଶ୍ର)**

ବିଧାନସଭାରେ ସାଧାରଣ ବଜେଟ ନେଇ ମଙ୍ଗଳବାର ଅପରାହ୍ଣରେ ଚାଲିଥିବା ଆଲୋଚନା ସମୟରେ ପଏଣ୍ଟ ଅଫ୍ ଅର୍ଡର ଆଣି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ୨୪ ବର୍ଷ ସରକାର ପରେ ମାତ୍ର ୨ ମାସ ଧରି ବିରୋଧୀ ଦଳରେ ବସିବାର ସୁଯୋଗ ପାଇଥିବା ବିଜେଡି ସଦସ୍ୟ ବନ୍ଧୁମାନଙ୍କୁ ଅନୁରୋଧ ଯେ, ବିରୋଧୀ ଦଳରେ ବସିବାର ଅଭ୍ୟାସ କରନ୍ତୁ। ଆପଣମାନଙ୍କ ୨୪ ବର୍ଷର କୁଶାସନର ପ୍ରଭାବ ଏ ପର୍ଯ୍ୟନ୍ତ ଶାସନତନ୍ତ୍ର ଉପରୁ ଯାଇନାହିଁ। ଧୈର୍ଯ୍ୟ ଧରନ୍ତୁ ଖୁବ୍‌ଶୀଘ୍ର ଭାଜପା ତା'ର ବିକଶିତ ଓଡ଼ିଶା ଏଜେଣ୍ଡାର କ୍ରିୟାନ୍ୱୟନ ପ୍ରକ୍ରିୟାକୁ ଗତିଶୀଳ କରିବ। ମାତ୍ର ବର୍ଷକ ଭିତରେ ଲୋକ ଆପଣଙ୍କ ସରକାରକୁ ଏବଂ ଆପଣଙ୍କୁ ମଧ୍ୟ ଭୁଲିଯିବେ। ଏ ଗ୍ୟାରେଣ୍ଟି ପବିତ୍ର ଗୃହରେ ଦେଉଛି। ଅତୀତରେ ୨୦୦୦ ମସିହାର କଂଗ୍ରେସକୁ ମଧ୍ୟ ଆମେ ଦେଖିଥିଲୁ। ଶାସନ ଗାଦିରୁ ହଟିଯିବା ପରେ ମଧ୍ୟ ସେମାନେ ଛାୟା ଶାସକ ଦଳ ଭଳି ବ୍ୟବହାର ପ୍ରଦର୍ଶନ କରୁଥିଲେ। ପରବର୍ତ୍ତୀ ସମୟରେ ଯେତେ ନିର୍ବାଚନ ହେଲା ସେମାନଙ୍କ ସ୍ଥିତି କ'ଣ ହେଲା କହିବାର ଆବଶ୍ୟକତା ନାହିଁ। ତେଣୁ ରାଜନୀତିରେ ଅହଂକାରର ସ୍ଥାନ ନାହିଁ। ଯିଏ ଅହଂକାର କରିଛି ତା'ର ରାଜନୀତି ଶେଷ ହୋଇଯାଇଛି। ବିରୋଧୀ ଦଳ ନେତା ଯେଉଁ ଆଚରଣ ଗୃହରେ ଦେଖାଇଛନ୍ତି ତାହା ଅଶୋଭନୀୟତାକୁ ପ୍ରଦର୍ଶନ କରିଛି। ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ପଏଣ୍ଟ ଅଫ୍ ଅର୍ଡର ଉଠାଇବା ହେଉ କିମ୍ବା ବଜେଟ ଭାଷଣର ଉତ୍ତରରେ 'ଜୁମ୍‌ଲା' ଶବ୍ଦର ବ୍ୟବହାର କରିବା ୨୪ ବର୍ଷର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ମର୍ଯ୍ୟାଦାର ଅସମ୍ମାନ କରିଛି। ବିରୋଧୀ ଦଳ ନେତାଙ୍କ ଭାଷାରେ ଯଦି ରାଜ୍ୟର ବଜେଟ ଏକ


ପୃଥ୍ୱୀରାଜ ହରିଚନ୍ଦନ

ଜୁମ୍‌ଲା, ତେବେ ସେ ୨୪ ବର୍ଷ ଧରି ଏହି ପବିତ୍ର ଗୃହରେ ଯେଉଁ ଜୁମ୍‌ଲା ଉପସ୍ଥାପନ କରିଥିଲେ ତା'ର ଉତ୍ତର କିଏ ଦେବେ। ସେ ପ୍ରଥମ ପୂର୍ବତନ ମୁଖ୍ୟମନ୍ତ୍ରୀ ନୁହନ୍ତି ଯିଏ ବିରୋଧୀ ଦଳ ଆସନରେ ବସିଛନ୍ତି। ବିରୋଧୀ ଦଳ ନେତାଙ୍କ ଆଚରଣ ଓ ଉଚ୍ଚାରଣରେ ସଂଯମ ରହୁ। ଆପଣଙ୍କ ସରକାର ସମୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ୫୦ ଲକ୍ଷ ଟଙ୍କା ପ୍ରତି ପଞ୍ଚାୟତକୁ ଦେବା କଥା ହେଉ, ୧୪୦ଟି ଯୋଜନାର ଘୋଷଣା, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ୪୦୦ କୋଟିର କର୍ପସ ଫଣ୍ଡ, ଚାଷୀଙ୍କୁ ଏମ୍‌ଏସ୍‌ପି ୨,୭୦୦ ଟଙ୍କା ଦେବା ପାଇଁ ବାରମ୍ବାର ଚିତ୍କାର କରୁଥିଲେ, ହେଲେ ତାହା କରାଯାଉ ନ ଥିଲା। ଏଭଳି ବହୁ ମିଛ ପ୍ରତିଶ୍ରୁତି ତତ୍କାଳୀନ ବିଜେଡି ସରକାର ଦେଇଯାଇଛନ୍ତି। ଏବର ସରକାର ନିଷ୍ପତ୍ତି ନେବାର ଶକ୍ତି ରଖିଛନ୍ତି। ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ଜଗନ୍ନାଥ ମନ୍ଦିର ଲାଗି କର୍ପସ ପାଣ୍ଠି, ରତ୍ନଭଣ୍ଡାର ଖୋଲିବା, ଓଡ଼ିଆ ଅସ୍ମିତା ପାଇଁ କର୍ପସ ପାଣ୍ଠି, ସୁଭଦ୍ରା ଯୋଜନା ଆଦି ନିଷ୍ପତ୍ତି ଭାଜପା ସରକାର ନେଇପାରିଛି। ଭାଜପା ସରକାର ପ୍ରଚାର ସର୍ବସ୍ୱ ନୁହେଁ। କଥାରେ ନୁହେଁ, କାମରେ ବିଶ୍ୱାସକରେ। ଗୋଟିଏ ବର୍ଷ ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ତୃଣମୂଳ ସଙ୍ଗଠନ ଉପରେ ବିଜେଡି, ଭାଜପାର ନଜର

**ରସୁଲପୁର,୩୦।୭(ରଞ୍ଜିତ ରାଉତ)**

## ଯାଜପୁର ଜିଲା ରାଜନୀତି

ଯାଜପୁର ଜିଲାରେ ବଡ଼ଚଣା, ଧର୍ମଶାଳା, କୋରେଇ, ଯାଜପୁର, ବିଞ୍ଝାରପୁର, ବରୀ ଓ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୨୪ ସାଧାରଣ ନିର୍ବାଚନରେ ଯାଜପୁର ଜିଲାର ବିଜେଡିକୁ ବଡ଼ ଝଟକା ଲାଗିଛି। ଜିଲାର ୪ଟି ନିର୍ବାଚନମଣ୍ଡଳୀ ଧର୍ମଶାଳା, କୋରେଇ, ସୁକିନ୍ଦା, ବଡ଼ଚଣାରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବାକି ଆସନରେ ବିଜେଡି ଜିତିଛି। ଫଳରେ ବିଜେଡି ଦୀର୍ଘବର୍ଷର ଶାସନ କାଳରେ ସଜାଡି ଆସିଥିବା ତୃଣମୂଳ ସଙ୍ଗଠନର ମୂଳଦୁଆ ଏବେ ଦୋହଲି ଯାଇଥିବା ଲକ୍ଷ୍ୟ କରାଯାଉଛି। ସାଙ୍ଗଠନିକ ସ୍ଥିତିକୁ ନେଇ ବିଜେଡି ନେତା ଓ କର୍ମୀ ନିଶ୍ଚିତ ବିଜୟର ଦାମ୍ଭିକତା ରଖି ଆସିଥିଲେ। ହେଲେ ନେତାମାନଙ୍କ ମଧ୍ୟରେ ଗୋଡ଼ଟଣାଟଣି ଯୋଗୁ ବିପର୍ଯ୍ୟୟ ଘଟିଲା ବୋଲି କୁହାଯାଉଛି। ଏହି କଥାକୁ ଦଳୀୟ ନେତାମାନେ ବର୍ତ୍ତମାନ ଗ୍ରହଣ କରିବା ସହ ତୃଣମୂଳ ସାଙ୍ଗଠନିକ ସ୍ଥିତିକୁ ଅକ୍ଷୁଣ୍ଣ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

ରାଜ୍ୟରେ ଦୀର୍ଘବର୍ଷର ବିଜେଡି ଶାସନର ଅନ୍ତଘଟାଇ ଏବେ ଭାଜପା ଏକାକୀ ସରକାର ଗଠନ କରିଛି । ପ୍ରାୟ ଅଢ଼େଇ ଦଶନ୍ଧି ଧରି ପଞ୍ଚାୟତରୁ ବ୍ଲକ, ଜିଲାପରିଷଦ ପର୍ଯ୍ୟନ୍ତ ସବୁଆଡ଼େ ବିଜେଡି ନେତା ଓ କର୍ମୀଙ୍କ ପ୍ରଭାବ ରହିଆସିଥିଲା । ବର୍ତ୍ତମାନ ଭାଜପା ସରକାର ଗଠନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ବିଜେଡି ପ୍ରତି ସମର୍ଥନ ଥିବା ଶାସକଦଳ ଜାଣିଛି । ସେଥିପାଇଁ ଏବେଠାରୁ ଭାଜପା ତୃଣମୂଳ ସ୍ତରର ସଙ୍ଗଠନକୁ ସଜାଡ଼ି ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ, ବ୍ଲକ, ଜିଲାପରିଷଦକୁ ଅକ୍ତିଆର କରିବାକୁ ପ୍ରୟାସ ଆରମ୍ଭ କରିଛି।

ଅନ୍ୟପକ୍ଷରେ ବିଜେଡି ତା'ର ହାତଗଢ଼ା ସଙ୍ଗଠନ ଓ ଦଳୀୟ ସମର୍ଥନରେ ଜିତିଥିବା ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲାପରିଷଦ ସଦସ୍ୟମାନଙ୍କୁ ହାତଛଡ଼ା କରିବାକୁ ଚାହୁଁନାହିଁ । ସେଥିଲାଗି ଦଳ ପକ୍ଷରୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ପରାଜିତ ନେତାମାନେ ପୁରୁଣା ସଙ୍ଗଠନକୁ ଧରି ରଖିବା ପାଇଁ ଘନଘନ ବୈଠକ ଆୟୋଜନ କରୁଛନ୍ତି । ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନଙ୍କ ମନୋବଳକୁ ଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ସ୍ଥାନୀୟ ବିଧାୟକମାନଙ୍କର ସମର୍ଥନ ନ ମିଳିଲେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିବ ବୋଲି ଆକଳନ କରି ବିଜେଡି ସମର୍ଥିତ ଜନପ୍ରତିନିଧିମାନେ ଭାଜପା ବିଧାୟକଙ୍କ ସହ ଭିତିରି ସମ୍ପର୍କ ରଖୁଥିବା ବିଷୟ ସାଧାରଣରେ ଆଲୋଚନା ହେଉଛି । ଏଭଳି ମଉକା ଦେଖି ଭାଜପା ମଧ୍ୟ ପଞ୍ଚାୟତ ପ୍ରତିନିଧି, ଛାମୁଆଁ ସଙ୍ଗଠକମାନଙ୍କୁ ଦଳରେ ସାମିଲ କରି ତୃଣମୂଳସ୍ତରେ ନିଜ କଳେବର ବୃଦ୍ଧି ଘଟାଇବାକୁ ପ୍ରୟାସ ଆରମ୍ଭ କରିଛି । ଏହି ପ୍ରକ୍ରିୟା ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସମାନ ସ୍ଥିତି କୋରେଇ, ବଡ଼ଚଣା, ସୁକିନ୍ଦା ଆଦି ନିର୍ବାଚନମଣ୍ଡଳୀରେ ଘଟିବ ବୋଲି ଅନୁମାନ କରାଗଲାଣି। ଇତିମଧ୍ୟରେ କେତେକ ବିଜେଡି ସମର୍ଥିତ ସ୍ଥାନୀୟ ଜନପ୍ରତିନିଧି, ଛାମୁଆଁ ସଙ୍ଗଠକ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବା ବେଳେ ଆଗକୁ ସଂଖ୍ୟା ବଢ଼ିବ ବୋଲି ଆଭାସ ମିଳିଲାଣି।

ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସାଧାରଣ ନିର୍ବାଚନ ସରିବାକୁ ମାତ୍ର ୨ମାସ ଯାଇଛି । ଦଳର ଆଭିମୁଖ୍ୟ ଅନୁସାରେ ପ୍ରତ୍ୟେକ ଦିନ ସଙ୍ଗଠନକୁ ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏ ଦିଗରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତ ନିର୍ବାଚନକୁ ବହୁ ସମୟ ରହିଛି। ସେତେବେଳକୁ ଦଳର ସାଙ୍ଗଠନିକ ସ୍ଥିତି ତୃଣମୂଳ ସ୍ତରରେ ସୁଦୃଢ଼ ହୋଇଯିବ।

ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର କହିଛନ୍ତି, ଆଗଭଳି ଦଳୀୟ କାର୍ଯ୍ୟକ୍ରମ ଜାରି ରହିବ । ବିରୋଧୀ ଦଳ ହିସାବରେ ଭାଜପା ସରକାରଙ୍କ ପ୍ରତିଶ୍ରୁତି ପାଳନରେ ଖିଲାପକୁ ନେଇ ରାସ୍ତାକୁ ଓହ୍ଲାଇବୁ । ଆଗକୁ ବିଜେଡି ତା'ର ତୃଣମୂଳସ୍ତରର ସଙ୍ଗଠନକୁ ଧରି ରଖିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା ଜାରି ରଖିବ ବୋଲି ମତ ଦେଇଛନ୍ତି ।


କଟକ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ପରମାନନ୍ଦ



@ ସୁନିଲ



@ ବାଦଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଣି ନ ପାଇ ଜଳକର

**ନୂଆପଡ଼ା,୩୦।୭ (ମକାରୁ ବେମାଲ)**

ଜଳକର ନ ଦେଲେ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି ପ୍ରାଥମିକ କୃଷି ସମବାୟ ସମିତି କହିବାରୁ ନୂଆପଡ଼ା ସଦର ବ୍ଲକ ବିଶୋରା ପଞ୍ଚାୟତବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ମୁତାବକ ନୂଆପଡା ସଦର ବ୍ଲକ ଉପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ତଳମୁଣ୍ଡରେ ଖରଖରା ବ୍ୟାରେଜ ନିର୍ମାଣ ହୋଇଥିଲେ ମଧ୍ୟ ପାଣି ଆସୁ ନ ଥିବାରୁ କେନାଲ ପୋତି ହେବାକୁ ବସିଲାଣି। ବିଶୋରା ପଞ୍ଚାୟତର ଚାଷୀ ଗୋଟିଏ ଦିନ ମଧ୍ୟ କେନାଲ ପାଣି ପାଇ ନାହାନ୍ତି। ଏପରିସ୍ଥଳେ ଚଳିତ ବର୍ଷ ଏକା ଥରକେ ୧୫ ବର୍ଷର ଜଳକର ଦେବା ପାଇଁ ନୋଟିସ ହୋଇଛି। ଏହି ଜଳକର ରାଶି ପୈଠ ନ କଲେ ଖରିଫ ଧାନ ବିକ୍ରୟ ପାଇଁ ନାମ ପଞ୍ଜିକରଣ ହୋଇପାରିବ ନାହିଁ। ଅଗଷ୍ଟ ୧୫ରେ ଶେଷ ତାରିଖ ରହିଛି। ଏହାର ଆଶୁ ସମାଧାନ ଦାବିରେ ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରଏତ ଚାଷୀମାନଙ୍କ ସହ ଆଲୋଚନା କରି ଦାବି ପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ବିଶୋରା ସରପଞ୍ଚ ମନୋଜ ଦଣ୍ଡସେନା, ନୂଆପଡା ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ, କମଲେସ ଦୀକ୍ଷିତ, ସୁଶାନ୍ତ ପତି, ସଦାନନ୍ଦ ଯୋଶୀଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ**

## ଯୁବକଙ୍କ ଆକ୍ରମଣରେ ଜଣେ ମୃତ: ଜଣେ ଗୁରୁତର

**ପାଟଣାଗଡ,୩୦।୭(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ଲରମ୍ଭା ଥାନା ଘସିଏନ ଗାଁରେ ମଙ୍ଗଳବାର ଯୁବକଙ୍କ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅଜୁ ତାଣ୍ଡି। ଗୁରୁତର ଆହତ ତାଙ୍କ ଭାଇ ଉଜ୍ଜ୍ୱଳ ତାଣ୍ଡିଙ୍କୁ ବଲାଙ୍ଗୀର ଭୀମଭୋଇ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।
ସନ୍ଧ୍ୟା ସମୟରେ ଘସିଏନ୍ ଗାଁର ଉଜ୍ଜ୍ୱଳ, ଅଜୁ ଓ ଫକୀର ମହାନନ୍ଦ କୌଣସି କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ହାଟପଦା ନିକଟରେ ଜଣେ ଯୁବକ ଧାରୁଆ ଅସ୍ତ୍ରରେ ଅଜୁ ଓ ଉଜ୍ଜ୍ୱଳଙ୍କୁ କୌଣସି କାରଣରୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପାଟଣାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଅଜୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲରମ୍ଭା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ଡ୍ରାଇଭରଙ୍କୁ ରାସ୍ତାରେ ଛାଡ଼ି ଗାଡ଼ି ନେଇ ଦୁର୍ବୃତ୍ତ ଫେରାର

**ବୌଦ୍ଧ,୩୦।୭(ଅଜିତ କୁମାର ବାରିକ)**

ବୌଦ୍ଧ ବାଇପାସ୍‌ରୁ କେତେଜଣ ଯୁବକ ଏକ ଗାଡି ନେଇ ଯାଇଥିବା ବେଳେ ଡ୍ରାଇଭରଙ୍କୁ ରାସ୍ତାରେ ଛାଡି ଗାଡି ନେଇ ଫେରାର ହୋଇଯାଇଥିବା ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି।
ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ବଲୁଆଘରା ଗ୍ରାମର ଯୋଗେଶ୍ୱର ସାହୁଙ୍କ ମାକ୍ସ ପିକଅପ କୁ ବୌଦ୍ଧ ଥାନା ମଙ୍ଗଳପୁରର କେତେଜଣ ଯୁବକ ରାୟଗଡ(ଛତିଶଗଡ)କୁ ଯିବାକୁ ଡକାଇଥିଲେ। ଗାଡି ମାଲିକଙ୍କ ଗ୍ରାମ ବଲୁଆଘରାର ଡ୍ରାଇଭର ଯାଦବ ବାଘ ଓ ସହଯୋଗୀ ଅରକ୍ଷିତ ଛତ୍ର ଗାଡି ନେଇ ଗତ ଶନିବାର ବୌଦ୍ଧ ଥାନା ମଙ୍ଗଳପୁର ଗ୍ରାମରୁ ବୋଲବମ୍ ଭକ୍ତଙ୍କୁ ନେଇ ରାୟଗଡ ଯାଇଥିଲେ। ରାୟଗଡରୁ ବୋଲବମ ଭକ୍ତଙ୍କୁ ନେଇ ମଙ୍ଗଳପୁରରେ ଛାଡି ଗତ ସୋମବାର ରାତିରେ ଡ୍ରାଇଭର ନିଜ ଗ୍ରାମକୁ ଫେରୁଥିବାବେଳେ ବୌଦ୍ଧ ବାଇପାସ୍ ନିକଟରେ କେତେଜଣ ଯୁବକ ଏକ କଳା ରଙ୍ଗର ଗାଡିରେ ଆସି ତାଙ୍କୁ ଅଟାଇଥିଲେ। ଡ୍ରାଇଭର ଗାଡି ଅଟକାଇବା ପରେ ଅନ୍ୟ ଗାଡିରେ ଥିବା ଯୁବକମାନେ ତାଙ୍କୁ ମାଡ ମାରିଥିଲେ। ପରେ ଗାଡି ସହ ଡ୍ରାଇଭରଙ୍କୁ ନେଇ ଭୁବନେଶ୍ୱର ରାସ୍ତାରେ ପଳାଇଥିଲେ। ପ୍ରାୟ ୩୫ କିଲୋମିର ଯିବା ପରେ ଚାରିଛକ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କୁ ଓହ୍ଲାଇ ଯୁବକମାନେ ଗାଡି ନେଇ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଗାଡିମାଲିକ ସୂଚନା ପାଇ ମଙ୍ଗଳବାର ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ ।

## ହୃଦ୍‌ଘାତରେ କାଉଡ଼ିଆଙ୍କ ମୃତ୍ୟୁ

**ମୃତଦେହ ନେଇ ଯାଉଥିବା ଆମ୍ବୁଲାନ୍ସ ଅଟକାଇଲା ପୋଲିସ**

**କୋରାପୁଟ,୩୦।୭(ଅମିତାଭ ବେହେରା)**

ଶ୍ରାବଣ ଦ୍ୱିତୀୟ ସୋମବାରରେ ପାଣି ଢାଳି ଫେରିଲା ବେଳେ ଜଣେ କାଉଡିଆଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ବରଗଡ଼ ଜିଲା ବରପାଲି ଅଞ୍ଚଳର ସୁକେଶ ଦୀପ(୨୧)। ବରଗଡ଼ ଜିଲା ବରପାଲି ଅଞ୍ଚଳର ୧୪ଜଣ କାଉଡ଼ିଆ ପାଣି ଢାଳିବା ପାଇଁ ଗୁପ୍ତେଶ୍ୱର ଆସିଥିଲେ। ସେମାନେ ପାଣି ଢାଳି ଗୋଟିଏ ଗାଡ଼ିରେ ମାଛକୁଣ୍ଡ ଓ କୋଲାବ ବୁଲି ଫେରିବା ସମୟରେ ବାଟରେ ସୁକେଶ ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ମେଡିକାଲରୁ ଏକ ଆମ୍ବୁଲାନ୍ସ ଯୋଗେ ସାଥିରେ ଆସିଥିବା ଅନ୍ୟ କାଉଡ଼ିଆମାନେ ବରପାଲିକୁ ନେଇଯାଉଥିଲେ। ଆମ୍ବୁଲାନ୍ସରେ ଯାଉଥିବା ସମୟରେ ନବରଙ୍ଗପୁର ପାଖରେ ଡ୍ରାଇଭରଙ୍କୁ ପୋଲିସ ଫୋନ କରି ମୃତଦେହ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଫେରାଇ ଆଣିବାକୁ କହିଥିଲେ। ରାତିରେ ମୃତଦେହ ମେଡିକାଲରେ ଆସି ପହଞ୍ଚିଥିଲା। ମେଡିକାଲ କର୍ତ୍ତୃପକ୍ଷଙ୍କ ଅଜାଣତରେ ମୃତଦେହ କିପରି ବାହାରକୁ ଗଲା ଏ ନେଇ କର୍ତ୍ତୃପକ୍ଷଙ୍କ ପାଖରେ ଖବର ନ ଥିଲା। ଘଟଣା ଜଣାପଡିବା ପରେ ମେଡିକାଲ କର୍ତ୍ତୃପକ୍ଷ ଏ ନେଇ ଥାନାକୁ ଜଣାଇଥିଲେ। ପୋଲିସ ହସ୍ତକ୍ଷେପ ପରେ ମୃତଦେହ ନବରଙ୍ଗପୁରରୁ ପୁଣି କୋରାପୁଟ ଫେରିଥିଲା। ଆସିଥିବା ସାଙ୍ଗମାନେ ମଙ୍ଗଳବାର କୋରାପୁଟ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କୋରାପୁଟ ସଦର ଥାନା ଅଧିକାରୀ ରୁନୁବାଳା ମାଝି ସୂଚନା ଦେଇଛନ୍ତି।

## ଛାତ୍ରୀଛାତ୍ରଙ୍କ ଖାଦ୍ୟର ମାନ ଯାଞ୍ଚ ଦାବି

**ଭବାନୀପାଟଣା,୩୦।୭(ଉତ୍ତମ କୁମାର ଦାଶ)**

**ସ୍ୱାସ୍ଥ୍ୟ ସଚିବଙ୍କୁ ଲିଖିତ ଅଭିଯୋଗ କଲା ଛାତ୍ର ସଂଘ**

କଳାହାଣ୍ଡି ଜିଲାରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ କଳାହାଣ୍ଡି ଛାତ୍ର ସଂଘ ଦାବି କରିଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଓ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ଡ. ପୋମା ଟୁଡୁଙ୍କୁ ଏକ ପତ୍ର ମାଧ୍ୟମରେ ଛାତ୍ର ସଂଘ ପକ୍ଷରୁ ଲିଖିତ ଅଭିଯୋଗ ଦିଆଯାଇଛି। ଜିଲାରେ ଦୀର୍ଘ ଦିନ ଧରି ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାବେଳେ ଅସ୍ୱାସ୍ଥ୍ୟକର ଖାଦ୍ୟ, କଳାବଜାରି,ଏକ୍ସପାଇରୀ ଔଷଧ ମିଳୁଥିବା ଅଭିଯୋଗ ଆଣିଛି ଛାତ୍ର ସଂଘ। ଏହାର ପ୍ରଭାବ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ଦୁଗ୍ଧ ଜାତୀୟ ଖାଦ୍ୟ ପନିର ଯାହାକି ସମସ୍ତ ହଷ୍ଟେଲରେ ରୋଷେଇ କରାଯାଏ। କିନ୍ତୁ କେଉଁ ପନିର ଅସଲି ଓ କେତେଦିନର ପନିର ଏହା ଉପରେ ଖାଦ୍ୟ ବିଭାଗର ନିଘା ନାହିଁ। ଜିଲାର ପ୍ରମୁଖ ସହରର ପନିର ଦୋକାନ ସହ ହୋଟେଲ ଖାଦ୍ୟ ଉପରେ ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ବିଭାଗ ଚଢାଉ କରିବାକୁ ସଂଘ ଦାବି କରିଛି।


**ସର୍ବସାଧାରଣ ବିଜ୍ଞପ୍ତି**

**ତା୩୦।୦୭।୨୦୨୪ରିଖ ୦୩.୪୩ ଘଟିକା** ସମୟରେ ଚକ୍ରଧରପୁର ଡିଭିଜନର ରାଜଖରସୁଆଁ–ବଡ଼ାବାମ୍ବୋ ସେକ୍ସନଠାରେ କି.ମି. ନଂ. ୨୯୯/୩ଏଠାରେ **ଟ୍ରେନ୍ ନଂ.୧୨୮୧୦ (ହାଓଡା-ସିଏସ୍‌ଏମ୍‌ଟି ମେଲ୍)**ର ପାର୍ଶ୍ୱ ଧକ୍କା ସଂକ୍ରାନ୍ତରେ ଭାରତୀୟ ରେଳବାଇ ଅଧିନିୟମ, ୧୯୮୯ର ଧାରା ୧୧୩ ଅଧୀନରେ ରେଳପଥ ସୁରକ୍ଷା ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ) **ତା୦୧।୦୮।୨୦୨୪ରିଖ (ଗୁରୁବାର) ୧୦.୦୦ ଘଟିକାରେ ଡିଆର୍‌ଏମ୍ କାର୍ଯ୍ୟାଳୟ, ଚକ୍ରଧରପୁରଠାରେ** ଏକ ବୈଧାନିକ ତଦନ୍ତ ସଞ୍ଚାଳନ କରିବେ।
ରେଳ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ନିକାୟଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସେମାନେ ପ୍ରଦତ୍ତ ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଦୁର୍ଘଟଣା ମାମଲା ସମ୍ବନ୍ଧରେ ନିଜର ସାକ୍ଷ୍ୟ ଉପସ୍ଥାପନ କରିପାରନ୍ତି।

**ମୁଖ୍ୟ ସୁରକ୍ଷା ଅଧିକାରୀ, ଦ.ପୂ. ରେଳପଥ**

**ଦକ୍ଷିଣ ପୂର୍ବ ରେଳପଥ** (PR-434)
ହର୍ଷର ସହିତ ଆମେ ସେବାରତ


## ମାରଣାସ୍ତ୍ର ଦେଖାଇ ଆଇନଜୀବୀଙ୍କଠାରୁ ଲୁଟ୍

**ଭବାନୀପାଟଣା,୩୦।୭(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଚିଟୈଗୁଡା ପିଡ୍‌ଗୁଡି ରାସ୍ତାରେ ମଙ୍ଗଳବାର ସୁଦୀପ ପୂଜାରୀ ନାମକ ଜଣେ ଆଇନଜୀବୀ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ସୁନା ଚେନ୍ ଓ ପର୍ସ ଲୁଟିନେଇଛନ୍ତି। ଏ ନେଇ ସେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜୁନାଗଡ କନ୍ୟାଶ୍ରମ ପଡାର ଆଇନଜୀବୀ ସୁଦୀପ ପ୍ରତ୍ୟୁଷରେ ଚିଟୈଗୁଡା ଶିବ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ସେଠାରୁ ସେ ଘରକୁ ଫେରୁଥିବା ସମୟରେ ବାଟରେ ପରିସ୍ରା ଲାଗିବାରୁ ବାଇକ୍ ଅଟକାଇଥିଲେ। ପରେ ସେ ଘରକୁ ବାହାରିବା ସମୟରେ ଜୁନାଗଡ ପଟରୁ ୨ଟି ପଲ୍‌ସର ବାଇକ୍‌ରେ ଚାରିଜଣ ଦୁର୍ବୃତ୍ତ ହାତରେ ଛୁରି ଓ ପିସ୍ତଲ ଧରି ପହଞ୍ଚିଥିଲେ। ସେମାନେ ତାଙ୍କୁ ଧକ୍କାଦେଇ ପିନ୍ଧିଥିବା ସୁନା ଚେନ୍ ଓ ପର୍ସ ଲୁଟିନେଇଥିଲେ। ପର୍ସରେ ପାଖାପାଖି ୧୫ ହଜାର ଟଙ୍କା, ଏଟିଏମ୍ କାର୍ଡ ସମେତ ଅନ୍ୟାନ କାଗଜ ପତ୍ର ରହିଥିଲା। ଦୁର୍ବୃତ୍ତମାନେ ମୁହଁରେ ଗାମୁଛା ବାନ୍ଧିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ମର୍ଜାକୁଦ ଘାଟରେ କୁମ୍ଭୀର, ଲୋକେ ଆତଙ୍କିତ



ମର୍ଜାକୁଦ ଘାଟରେ କୁମ୍ଭୀର।

**ବୌଦ୍ଧ,୩୦।୭(ଅଜିତ କୁମାର ବାରିକ)**

ଗତ କିଛି ଦିନ ହେବ ବୌଦ୍ଧ ଜିଲାରେ ଲଗାଣ ବର୍ଷା ହେବା ଫଳରେ ମହାନଦୀରେ ବନ୍ୟାପାଣି ଆସିଛି। ଏବେ ଜିଲା ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରେ ଏକ ବଡ ଘଡିଆଳ କୁମ୍ଭୀର ଦେଖିବାକୁ ମିଳିଛି। କୁମ୍ଭୀରଟି ସୋମବାରଠାରୁ ବୌଦ୍ଧ ସହର ନିକଟ ମର୍ଜାକୁଦ ଦ୍ୱୀପାଞ୍ଚଳର ବିଭିନ୍ନ ଘାଟରେ ବୁଲୁଥିବାର ଲୋକେ ଦେଖି ଆତଙ୍କିତ ହୋଇ ପଡିଛନ୍ତି। ସାତ ଦିନ ହେବ ଏହି କୁମ୍ଭୀର ହରଭଙ୍ଗା ବ୍ଲକର କରଡି, ହାଟଗାଁ ଘାଟରେ ଚଳପ୍ରଚଳ ହେଉଥିବା ବେଳେ ଏବେ ମର୍ଜାକୁଦ ଘାଟରେ ଦେଖାଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ଲୋକେ କୁମ୍ଭୀର ଭୟରେ ନଦୀକୁ ଯିବାକୁ ଉଚିତ ମଣୁନାହାନ୍ତି। ସେପଟେ ବନ ବିଭାଗ କର୍ମଚାରୀ କୁମ୍ଭୀରର ସୁରକ୍ଷା ପାଇଁ ମହାନଦୀରେ ଜଗି ରହିଛନ୍ତି। ଲୋକଙ୍କୁ କୁମ୍ଭୀର ଚଳପ୍ରଚଳ କରୁଥିବା ପଟକୁ ନ ଯିବା ପାଇଁ ବାରଣ କରୁଛନ୍ତି। ମହାନଦୀରେ ହୀରାକୁଦ ଡ୍ୟାମ୍ ପାଣି ଆସିବା ଯୋଗୁ କୁମ୍ଭୀରଟି ଟିକରପଡାରୁ ଚାଲି ଆସିଥିବା ଅନୁମାନ କରାଯାଉଛି। ମତ୍ସ୍ୟଜୀବୀମାନେ ପ୍ରତିଦିନ ମାଛ ମାରି ଗୁଜୁରାଣ ମେଣ୍ଟାଉଥିବା ବେଳେ କୁମ୍ଭୀର ଯୋଗୁ ସେମାନେ ମଧ୍ୟ ନଦୀକୁ ଯିବାକୁ ଭୟ କରୁଛନ୍ତି। ବଡ କୁମ୍ଭୀର ହୋଇଥିବାରୁ ନଦୀକୁ ଗଲେ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି ।

## ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ସହାୟତା

**ନୂଆପଡ଼ା,୩୦।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଗାଁର ଏକ୍ସ କ୍ୟାଡର ଶିକ୍ଷକ ମନୋଜ କୁମାର ଗହିରଙ୍କ ରବିବାର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଦଶାହ କାର୍ଯ୍ୟରେ ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ ଯୋଗଦେଇ ପରିବାରକୁ ସମବେଦନା ଜଣାଇଛି। କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏବିଇଓ ରାଧାକାନ୍ତ ତାଣ୍ଡି, ଜିଲା ସମ୍ପାଦକ ଭୋଜରାମ ଅହିର, କୋମନା ଏକ୍ସ କ୍ୟାଡର ମହାସଂଘ ସଭାପତି ଗୌରାଙ୍ଗ ଚରଣ ସାହୁ, ସମ୍ପାଦକ ଗେନ୍ଦରାମ ନାଏକ, ଉପଦେଷ୍ଟା ମଧୁସୂଦନ ପାଣିଗ୍ରାହୀ, ସୁନୀଲ କୁମାର ପଣ୍ଡା, ଲଳିତା ସାହୁ, ନିର୍ମଳା ଅହିର, ଅନନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଶିକ୍ଷକଙ୍କ ପରିବାରକୁ ନଗଦ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ୧ ମାସ ପୂରିବ, କ୍ଷତିପୂରଣ ମିଳିଲାନି

**ମୁରିବାହାଲ,୩୦।୭(ଶ୍ରୀବତ୍ସ ବେହେରା)**

**ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ଘଟଣା**

- **କେବଳ ଗାଡ଼ି ଜବତ କରି କାମ ସାରିଦେଲା ପୋଲିସ**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲି (ଖ) ଗ୍ରାମର ୫୯ ନମ୍ବର ଜାତୀୟ ରାଜପଥରେ ସଡକ ଦୁର୍ଘଟଣାରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିବାର ଏକ ମାସ ପୁରିବାକୁ ବସିଲାଣି । ହେଲେ ଏହାମଧ୍ୟରେ ମୁରିବାହାଲ ପୋଲିସ କେବଳ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଦେଇ ନିଜର କର୍ତ୍ତବ୍ୟ ଶେଷ କରିଥିବା ବେଳେ ପରିବାର ଲୋକକୁ ଏଯାଏଁ କ୍ଷତିପୂରଣ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ୩ ତାରିଖ ଦିନ ନିଜର ଜମିକୁ ଚାଷ କରିବା ପାଇଁ ପତ୍ରାପାଲି (ଖ) ଗ୍ରାମର ଗମ୍ଭୀର ରଣା ଓ ସ୍ତ୍ରୀ ଗୀତା ବଳଦ ଧରି ଯାଉଥିବା ସମୟରେ ପଛପଟୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଫଳରେ ଘଟଣାସ୍ଥଳରେ ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣା ନେଇ ଅଞ୍ଚଳବାସୀ ୫୯ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ଆନ୍ଦୋଳନକାରୀମାନେ ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ପରେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ରୋହନ କ୍ଷେତ୍ରୀ, ମୁରିବାହାଲ ତହସିଲଦାର, କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ ଉପସ୍ଥିତ ରହି ମୃତକ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୪୦ ହଜାର ଟଙ୍କା ଦିଆଯିବା ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧରୁ ଓହରି ଯାଇଥିଲେ। କିନ୍ତୁ ଏହି ଘଟଣା ଏବେ ଭିନ୍ନ ମୋଡ ନେଲାଣି । ମୁରିବାହାଲ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି (ନଂ ଓଡ଼ି – ୦୩– ଏ –୮୦୦୭ )କୁ ଜବତ କରିଥିଲା । ତଦନ୍ତରୁ ଦୁର୍ଘଟଣା ଘଟାଇଥିବା ଗାଡି ବଙ୍ଗୋମୁଣ୍ଡା ବ୍ଲକର ଜଣେ ଜଣାଶୁଣା ଠିକାଦାରଙ୍କର ବୋଲି ଜଣାପଡିଛି । ଯଥାଶୀଘ୍ର ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇ ଦିଆ ନ ଗଲେ ମୁରିବାହାଲ ବ୍ଲକର ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

**अल्पकालीन ई-निविदा आमंत्रण सूचना**
**संख्या – EE/RDSD/LATEHAR/07/2024-25**

1. कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड महुआडांड़ में पंचायत परहा टोली ग्राम टुनटोली में टुनटोली नदी पर पुल निर्माण। | 4,20,06,600 | 8,40,200 | 10,000 | 18 माह |
| 2 | लातेहार जिलान्तर्गत प्रखण्ड मनिका अंतर्गत पंचायत दुन्दु के पुराने दुन्दु में बहेर नाला पर पुल निर्माण। | 3,21,53,600 | 6,43,100 | 10,000 | 18 माह |

2. वेबसाइट में निविदा प्रकाशन की तिथि – 01.08.2024
3. ई–निविदा प्राप्ति की तिथि एवं समय – दिनांक 01.08.2024 से दिनांक 15.08.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –17.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.331205 Rural Development(24-25):D



**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, चाईबासा।**

**ई० निविदा आमंत्रण सूचना।**

ई०–निविदा संख्या:–**06/2024-25/RWD/EE/CHAIBASA** दिनांक : 29.07.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CBSA/ STPKG/ 04/2024-25 | 1. पुरनियाँ से संजय नदी तक पथ का सुदृढ़ीकरण कार्य। (ल0–3.000कि0मी)<br>2. आर0ई0ओ0 मुख्य सड़क बासाकुटी से बड़ा लगिया से अयोध्या गाँव तक पथ का सुदृढ़ीकरण कार्य। (ल0–7.400कि0मी)<br>3. एन0एच0–75 खूंटपानी से पुरनीया गांव तक पथ का सुदृढ़ीकरण कार्य। (ल0–6.500 कि0मी)<br>4. L028 बड़ाचिरू से उनचुड़ी तक पथ का सुदृढ़ीकरण कार्य। (ल0–4.000कि0मी)<br>5. L021 बादिया से कायाचलम तक पथ का सुदृढ़ीकरण कार्य। (ल0–3.500कि0मी) | 143491200 | चौदह करोड़ चौंतीस लाख इक्यानवे हजार दो सौ रू0 मात्र। | 15 (पन्द्रह) माह |
| 2 | RWD/ CBSA/ STPKG/ 05/2024-25 | 1. कुआपाड़ा से गोरियाडुबा भाया मध्य विद्यालय गुमुरिया, मासाबिला तक पथ का सुदृढ़ीकरण कार्य। (ल0–10.910कि0मी)<br>2. गोरियाडुबा से बेलपोसी तक पथ का सुदृढ़ीकरण कार्य। (ल0–3.970कि0मी)<br>3. लक्खीपाई से करंजिया तक पथ का सुदृढ़ीकरण कार्य। (ल0–3.300कि0मी)<br>4. दामोदरपुर पी0डब्लू0डी0 पथ से पाताहातु भाया सपरमगुटू तक पथ का सुदृढ़ीकरण कार्य। (ल0–5.650कि0मी) | 145422800 | चौदह करोड़ चौवन लाख बाईस हजार आठ सौ रू0 मात्र। | 15 (पन्द्रह) माह |

1. वेबसाईट में निविदा प्रकाशन की तिथि :– **10.08.2024**
2. ई–निविदा प्राप्ति की अंतिम तिथि एवं समय :– **20.08.2024** अपराह्न **05:00** बजे तक।
3. निविदा खोलने की तिथि एवं समंय :– **21.08..2024** अपराह्न **05:00** बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– **833201**
6. ई निविदा प्रकोश्ठ का दूरभाश सं0– **06582–359406**

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, चाईबासा।

PR 331180 (West Singhbhum) 24-25 (D)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଅଗଷ୍ଟରେ ୧୩ ଦିନ ବ୍ୟାଙ୍କ ବନ୍ଦ

**ନୂଆଦିଲ୍ଲୀ,୩୦।୭:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବ୍ୟାଙ୍କ ଛୁଟି ନିର୍ଦ୍ଦେଶନାମା ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୪ ଅଗଷ୍ଟରେ ମୋଟ ୧୩ ଦିନ ଛୁଟି ବୋଲି ଆର୍‌ବିଆଇ ନିର୍ଦ୍ଦେଶାବଳୀ ଓ ଛୁଟିସୂଚୀରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୩୦।୭

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ନିକଟରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ପ୍ରଥମ ତ୍ରୈମାସରେ ମୋଟ ୫,୭୮,୧୪୩ ଟନ୍ ବିକ୍ରି ରେକର୍ଡ କରିଛି, ଯାହା ଚଳିତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସ ତୁଳନାରେ ୧.୪% ଅଧିକ ବୋଲି କୁହାଯାଉଛି।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀର ଏକକ ମୋଟ ରାଜସ୍ୱ ତ୍ରୈମାସିକ ଭିତ୍ତିରେ ୦.୭% ବୃଦ୍ଧି ପାଇ ୯,୫୮୫ କୋଟି ଟଙ୍କା ରେକର୍ଡ କରାଯାଇଛି। ଏପରିକି ଏକକ ଏବିଆଇଟିଡିଏ ଓ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧୦୦୪ କୋଟି ଟଙ୍କା ଓ ୫୭୮ କୋଟି ଟଙ୍କା ରହିଛି। ଉଭୟ ପକ୍ଷରେ ପ୍ରାୟ ୨୧% ବୃଦ୍ଧି ତ୍ରୈମାସିକ ଭିତ୍ତିରେ ହୋଇଛି। କମ୍ପାନୀ ୩,୨୧୭କୋଟି ଟଙ୍କାର ମୋଟ ଋଣ ଏବଂ ମୋଟ ଋଣ-ଇକ୍ୱିଟି ଅନୁପାତ ପ୍ରାୟ ୦.୨୩ ସହ ଏକ ସୁଦୃଢ଼ ବାଲାନ୍ସ ସିଟ୍ ବଜାୟ ରଖିଛି। ଏକୀକୃତ ଏବିଆଇଟିଡିଏ ୯,୪୩୦ କୋଟି ଟଙ୍କା ଥିବାବେଳେ ଟିକସ ପରବର୍ତ୍ତୀ ଲାଭ ୬୪୬ କୋଟି ଟଙ୍କା ରେକର୍ଡ କରାଯାଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଫେରୋ ନିକେଲ ଉପରେ ସୀମା ଶୁଳ୍କ ହଟାଇଥିବାରୁ ଆମେ ସମଗ୍ର ଶିଳ୍ପଜଗତ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ। କାରଣ ଏହା ଘରୋଇ ଶିଳ୍ପର ପ୍ରତିଦ୍ୱନ୍ଦ୍ୱିତାରେ ବେଶ୍ ସହାୟକ ହେବ। ଏପରିକି ପ୍ରଥମ ତ୍ରୈମାସରେ ଆମର ସାମ୍ପ୍ରତିକ ସମ୍ପ୍ରସାରଣ ଯୋଜନାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉପରେ କମ୍ପାନୀର ବିଶେଷ ଧ୍ୟାନ ରହିଥିଲା।

# କାନାରା ବ୍ୟାଙ୍କର ନୂତନ ଶାଖା



ଭୁବନେଶ୍ୱର,୩୦।୭

କାନାରା ବ୍ୟାଙ୍କର ନୂତନ ଶାଖା ବ୍ରହ୍ମପୁରସ୍ଥିତ ପାର୍ଲର ହିଲ୍‌ସ ଇନ୍‌ଷ୍ଟିଚ୍ୟୁଟ ପାର୍କ ନିଷ୍ଟ ୟୁନିର୍ଭିସିଟି ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କର ଜିଏମ୍ ତଥା ରାଜ୍ୟ ମୁଖ୍ୟ ଜଗଦିଶ ଚନ୍ଦ୍ରର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି (ଭିସି) ଡ. ପି. ରାଜେଶ କୁମାର, କାନାରା ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ଏବଂ ଏଜିଏମ୍ ଜି. ଭେଙ୍କଟା ରଘୁ ସେଣ୍ଟୁଙ୍କ ସମେତ ଉଭୟ ବ୍ୟାଙ୍କ ଓ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


# ମନେ ପଡ଼ନ୍ତି

**୧୭ତମ ଶ୍ରାଦ୍ଧବାର୍ଷିକୀ**



**୰ଶରତ କୁମାର ମିଶ୍ର**

ଆବିର୍ଭାବ: ୧୯।୦୫।୧୯୩୬
ତିରୋଧାନ: ୨୦।୦୭।୨୦୦୬

ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)।

ଧ-୮୭୯

**EKADASAHA RE SHRADHANJALI**



**PURNA CHANDRA DAS**
**Dramatist & Playwright**
**8 July, 1935 - 21 July, 2024**
**Satyabadi, Sakhigopal**

"Your memories flood the eyes and we will continue to savour every moment spent with you, in this beautiful journey called life".

**Forever yours-** Wife- Bina, Brothers- Pravat, Pratap, Pravas, Son & Daughter in laws- Subrat - Sibani, Sambit- Jhooma; Daughter & Son in law- Sucheta - Bijay; Grand Children- Bunty, Niku, Chiku, Family & Friends.

D-890

**୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ**

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।

ଧ-୭୧୫୮୫


# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୩୦।୭

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୦ (୯୯.୫୬) ପଏଣ୍ଟ ବଢ଼ି ୮୧,୪୫୫ (୮୧,୪୫୫.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୧ (୨୧.୨୦) ପଏଣ୍ଟ ବୃଦ୍ଧି ଘଟି ୨୪,୮୫୭ (୨୪,୮୫୭.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଜେଏସ୍‌ପିକୁ ସମ୍ମାନଜନକ ଖଣି ନିରାପତ୍ତା ପୁରସ୍କାର



ଭୁବନେଶ୍ୱର,୩୦।୭

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ସମ୍ମାନଜନକ ଜାତୀୟସ୍ତରର ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର ଓଡ଼ିଶା ପ୍ରଦେଶରେ ଥିବା ଖଣିଗୁଡ଼ିକର ନିରାପତ୍ତା ବ୍ୟବସ୍ଥା ନିମନ୍ତେ ଖଣି ନିରାପତ୍ତା ମହାନିର୍ଦ୍ଦେଶକଙ୍କ ପକ୍ଷରୁ ସର୍ବଭାରତୀୟ ଖଣି ନିରାପତ୍ତା ପୁରସ୍କାର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ବଡ଼ ଓପନ୍ କାଷ୍ଟ ମେଟାଲ ଖଣି ବର୍ଗରେ ଜେଏସ୍‌ପିର କାସିଆ ଲୁହାପଥର ଖଣି ୨ୟ ଶ୍ରେଷ୍ଠ ପୁରସ୍କାର ହାସଲ କରିଥିବା ବେଳେ ମଧ୍ୟମ ଓପନ୍‌କାଷ୍ଟ ମେଟାଲ ଖଣି ବର୍ଗରେ ଟେନ୍‌ସା ଲୁହାପଥର ଖଣି ୨ୟ ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ, ଓଡ଼ିଶାର କେନ୍ଦୁଝର ଜିଲା ଅନ୍ତର୍ଗତ ଯୋଡ଼ା ଓ କୋଇଡା ଖଣି ଅଞ୍ଚଳରୁ କେବଳ ଜେଏସ୍‌ପିକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ କୁରୁକ୍ଷେତ୍ର ସାଂସଦ ତଥା ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଜେଏସ୍‌ପି ପାଇଁ ସୁରକ୍ଷା ହିଁ ପ୍ରଥମ ମାନଦଣ୍ଡ ହୋଇଥିଲାବେଳେ ଖଣି ନିରାପତ୍ତା ପୁରସ୍କାର ୨୦୨୪ ପାଇବା ଆମ ପାଇଁ ଏକ ବଡ଼ ସମ୍ମାନ ପାଲଟିଛି। ଏହି ପୁରସ୍କାର ଦ୍ୱୟ କାସିଆ ଏବଂ ଟେନ୍‌ସା ଖଣିରେ ନିରାପତ୍ତା ଉତ୍କର୍ଷ ହାସଲ କରିବା ଏବଂ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

# ଓପୋର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩୦।୭

ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'କେ୧୨ଏକ୍ସ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଏଥିରେ ଏମ୍‌ଆଇଏଲ୍-ଏସ୍‌ଟିଡି-୮୧୦ଏଚ୍ ମିଲିଟାରୀ ଗ୍ରେଡ୍ ସାର୍ଟିଫିକେଶନ ସହିତ ସେଗ୍‌ମେଂଟ୍-ଅଗ୍ରଣୀ ସ୍ଥାୟିତ୍ୱ, ଧୂଳି ଓ ଜଳ ପ୍ରତିରୋଧ ପାଇଁ ଆଇପି୫୪ ରେଟିଂ ଏବଂ ସେଗ୍‌ମେଂଟ୍‌ର ପ୍ରଥମ ସ୍ପ୍ଲାଶ୍ ଟଚ୍ ଟେକ୍ନୋଲୋଜି ଆଦି ସାମିଲ ରହିଛି, ଯାହାଫଳରେ ଉପଭୋକ୍ତାମାନେ ଓଦା ଆଙ୍ଗୁଠିରେ ମଧ୍ୟ ଏହାର ଟଚ୍‌ସ୍କ୍ରିନ୍‌କୁ ପରିଚାଳନା କରିପାରିବେ। ସେହିଭଳି ଏହି ଫୋନ୍ ବକ୍ସରେ ଏକ ଆଂଟି-ଉପ୍ରସିଲ୍ଡ କେସ୍ ଓ ଏକ ମଜବୁତ ବ୍ୟାକ୍ ସେଲ୍ ସହ ଆସୁଛି। ଏପରିକି ୭.୬୮ଏମଏମ ଅଲଟ୍ରା-ସ୍ଲିମ ଓପୋ କେ୧୨ଏକ୍ସ ୫ଜିର ଓଜନ କେବଳ ୧୮୬ଗ୍ରାମ ଏବଂ ଏହା ଏକ ଫ୍ରିଙ୍ଗରପ୍ରିଂଟ୍-ରେଜିଷ୍ଟାଂଟ୍ ମିଡ୍-ଫ୍ରେମ୍ ସହ ଆସୁଛି। ସେହିପରି ଓପୋର ଏହି ନୂତନ ଫୋନ ଦୁଇଟି ଆକର୍ଷଣୀୟ ରଙ୍ଗ ଯଥା ବ୍ରିଜ ବ୍ଲୁ ଓ ମିଡ୍‌ନାଇଟ ଭାୟୋଲେଟ୍‌ରେ ଉପଲବ୍ଧ ହେଉଛି ଏବଂ ଏହା ଓପୋ ଇ-ଷ୍ଟୋର୍ ଓ ଫ୍ଲିପ୍‌କାର୍ଟରେ ୨୦୨୪ ଅଗଷ୍ଟ ୨ରୁ ଉପଲବ୍ଧ ହେବ।

# ଫ୍ଲିପ୍‌କାର୍ଟ ପେ'ର ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୭

ଦେଶର ପ୍ରମୁଖ ଘରୋଇ ଇ-କମର୍ସ ମାର୍କେଟ ପ୍ଲେସ୍ ଫ୍ଲିପ୍‌କାର୍ଟ ର ନୂତନ ଅଭିଯାନ 'ଫ୍ଲିପ୍‌କାର୍ଟ ପେ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଗାମୀ ପାର୍ବଣ ଋତୁ ପୂର୍ବରୁ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟ ପେ ଅଧୀନ ଆପ୍ ଜରିଆରେ ବ୍ରାଣ୍ଡର ସମସ୍ତ ଫାଇନାନ୍ସିଆଲ ଓ ପେମେଣ୍ଟ ଅଫରିଂଗୁଡିକୁ ଏକତ୍ରିତ କରିଛି। ସେହିଭଳି ଏହି ନୂଆ ଫିନ୍‌ଟେକ୍ ପ୍ଲାଟ୍‌ଫର୍ମକୁ ଗ୍ରାହକଙ୍କ ଯୋଗଦାନ ବୃଦ୍ଧି କରିବା ଏବଂ ଗ୍ରାହକଙ୍କ ପାଇଁ ଏକ ବାଧାମୁକ୍ତ ପେମେଣ୍ଟ ଅନୁଭୂତିକୁ ପରିଚାଳନା କରିବା ପାଇଁ ଏହାକୁ ଡିଜାଇନ କରାଯାଇଛି। ସେହିପରି ବ୍ରାଣ୍ଡର ନୂଆ ଟ୍ୟାଗ୍‌ଲାଇନ 'ଫ୍ଲିପ୍‌କାର୍ଟ ପେ-ପେ, ସେଭ୍ ଆଣ୍ଡ ୟର୍ନ' ସହିତ ଫ୍ଲିପ୍‌କାର୍ଟ ପେ'ଗ୍ରାହକଙ୍କୁ ଟଚ୍ ପଏଣ୍ଟରୁ ଏକ ଉନ୍ନତ ଅଭିଜ୍ଞତା ଉପଭୋଗ କରିବା ପାଇଁ ଅନୁମତି ଦେଉଛି। ଉଲ୍ଲେଖଯୋଗ୍ୟ, ଗିଫ୍ଟ କାର୍ଡସ ସହ ୨୦୧୩ରେ ଫିନ୍‌ଟେକ୍ ସର୍ଭିସେସ୍ କ୍ଷେତ୍ରରେ ପ୍ରବେଶ ପରଠାରୁ ଫ୍ଲିପ୍‌କାର୍ଟ ବାଧାମୁକ୍ତ ପେମେଣ୍ଟ ବିକଳ୍ପଗୁଡିକ ପାଇଁ ପହଞ୍ଚକୁ ଗଣତାନ୍ତ୍ରିକ କରିବା ଲାଗି ଏହାର ଆର୍ଥିକ ଉତ୍ପାଦଗୁଡିକୁ ପ୍ରଗତିଶୀଳ ଭାବେ ବିସ୍ତାରକରି ଆସିଛି। ଏହି ଯାତ୍ରା ଫ୍ଲିପ୍‌କାର୍ଟ ଆକ୍ସିସ ବ୍ୟାଙ୍କ କୋ-ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡରେ ଶୁଭାରମ୍ଭ ସହିତ ଜାରି ରହିଥିଲା,ଯାହାକୁ ବର୍ତ୍ତମାନ ୪ ମିଲିୟନରୁ ଅଧିକ ଉପଭୋକ୍ତା ବ୍ୟବହାର କରୁଛନ୍ତି। ଏହି କୋ-ବ୍ରାଣ୍ଡେଡ୍ କ୍ରେଡିଟ କାର୍ଡ ଏହାର ଆକର୍ଷଣୀୟ ରିୱାର୍ଡ ଓ ସଞ୍ଚୟ ଲାଭ ପାଇଁ ଅନ୍ୟତମ ପସନ୍ଦର କ୍ରେଡିଟ୍ କାର୍ଡରେ ପରିଣତ ହୋଇଛି।


# Classified Everyday 0674-2580101, 2549949



**MATRIMONIAL**

**BRIDE WANTED**

Kayastha Groom, 30 Yrs./5'8", B.Tech (IIT) and M.Tech (IIT), Software Engineer Bangalore, Father Retd. Govt. Officer, Well settled at BBSR, Prefer for Kayastha, Khandayat, Kshatriya, suitable Bengali Bride. Contact Whatsapp- 9438479926. D-783

**GROOM WANTED**

ବୟସ 29 Primary Schoolରେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-75344



**REAL ESTATE**

**SALE**

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-888



**CONSTRUCTION**

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680





Kerala body Massage best Therapist Bhubaneswar. 9337672475. D-849

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75764

ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) **only ladies. 9827119799.** D-847

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits spa by expert therapist. Contact: 6371861658. D-76139

**AFFIDAVIT**

I am KANIZ FATMA, W/o Shaikh Gufran Ali, Village- Denga, P.O.- Piteipur, P.S./Dist.- Jagatsinghpur, that before my marrige my name MONIKA DAS, D/o Bijaya Kumar Das, Village- Bhogapur. That I have married to Shaikh Gufran Ali, S/o Usman Ali, Village- Denga, that after my marriage I want to change my name MONIKA DAS to KANIZ FATMA for all purpose and to correct my name in any document. D-876

By virtue of an affidavit No. 63/04, dated 29.07.2024, I, Madhuleeta Mohapatra, aged 46 years, W/o Sagarendra Mohapatra, At- Plot No.-605, Madhukunj Apartment, Gobindaprasad, Rasulgarh, Bhubaneswar have changed my name from Madhuleeta Mohapatra to Madhulita Mohapatra. Henceforth, I shall be known as MADHULITA MOHAPATRA for all future purposes. D-76138

I, Sibani Smita Panda, D/o Pabitra Mohan Sahoo resident of Bankuala, Mahishapat, Dhenkanal Municipality, P.O./P.S.- Dhenkanal Sadar, Dist.- Dhenkanal, Pin- 759001, Odisha declare by this affidavit No.6245 dtd. 30.07.2024 that now onwards I shall be known as SIBANI SMITA SAHOO for all future purposes. D-75442

By virtue of an affidavit sworn before the Executive Magistrate, Sadar, Sundargarh, I, Lochan Patel, R/o. Village/P.O.- Kanaktura, Dist.- Sundargarh declare that my wife's correct name is Nabina Patel. That in the death certificate vide Regd. No.2978/2020, dt.6.11.2020 issued by Rourkela Municipal Corporation wherein her name has been mentioned as Basanti Patel, which is her nick name. Hence Nabina Patel and Basanti Patel stands for same and one person. D-882

By virtue of an affidavit sworn before Notary Public, Sambalpur, dated 22.07.2024 I, SHIRISHA AMUDALA, D/o Duvasi Murali, Address: Qtr.No. C-61, Jagruti Vihar, MCL HQ, Burla, Sambalpur, Odisha state that my maiden name is Duvasi Shirisha. Consequent upon my marriage with Jeevan Amudala, I have adopted the surname of my husband and known as Shirisha Amudala. Henceforth, I shall be known as SHIRISHA AMUDALA for all purposes. - SHIRISHA AMUDALA. D-881

By virtue of an affidavit sworn before the Notary Public, Bhubaneswar on 30th July 2024, I, Rasana Sarangi, aged about 69 years, W/o- Rabindra Sarangi and D/o- Late Raghunath Mishra, presently residing at Mallha Sahi, Mangalabag, Cuttack, Odisha have changed my name from Rasa Mishra to Rasana Sarangi. Henceforth, I shall be known as Rasana Sarangi for all the future purposes. (Rasana Sarangi) D-885

By virtue of an affidavit before the Executive Magistrate, Saintala on dt.30.07.2024, I , Suresh Nanda, S/o- Bhika Nanda, R/o Village At:- Bhorpada, P.O.- Siskela, P.S.- Saintala, Dist.- Balangir have changed my son's name Yaqub Nanda to Yedudeva Nanda & his address as At/P.O.- Turlakhaman, P.S.- Kesinga, Dist.- Kalahandi to At- Bhorpada, P.O.- Siskela, P.S.- Saintala, Dist:- Balangir . Henceforth, my son shall be known as Yedudeva Nanda, R/o Bhorpada, P.O.- Siskela, P.S.- Saintala, Dist:- Balangir for all purpose. D-889

By virtue of an affidavit sworn before the Notary Public, Bhubaneswar on 30th July 2024, I Sushama Kumari Devi, aged about 66 years, W/o- Late Rabindra Kumar Dash and D/o- Late Raghunath Mishra, presently residing at Chandaka, Khurda, Odisha have changed my name from Sishu Mishra to Sushama Kumari Devi. Henceforth, I shall be known as Sushama Kumari Devi for all the future purposes. (Sushama Kumari Devi) D-886

By virtue of an affidavit sworn before the Notary Public, Bhubaneswar on 30th July 2024, I, Tilattma Mohapatra, aged about 77 years, W/o- Late Surendra Mohapatra and D/o- Late Raghunath Mishra, presently residing at Gauratisahi, Nirakarpur, Khordha, Odisha have changed my name from Usha Mohapatra to Tilattma Mohapatra. Henceforth, I shall be known as Tilattma Mohapatra for all the future purposes. (Tilattma Mohapatra) D-884

Your classified advertisement published in Dharitri will be listed free in Dharitri online edition: **dharitriepaper.in**

See Career Appointment on every **Wednesday & Saturday**

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫେନ୍‌ସିଂରେ ୭ମାସର ଗର୍ଭବତୀ

ପ୍ୟାରିସ, ୩୦।୭ (ଏପି)

ପ୍ୟାରିସ ଅଲିମ୍ପିକ୍ସରେ ଭାଗନେଇଥିବା ଇଜିପ୍ଟର ଜଣେ ମହିଳା ଫେନ୍‌ସର ନାଦା ହାଫିଜ୍ ୭ ମାସର ଗର୍ଭବତୀ। ସୋମବାର ମହିଳା ସାବର ଇଭେଣ୍ଟର ପ୍ରି-କ୍ୱାର୍ଟରରେ ପ୍ରବେଶ କରିବାର ଏକ ଘଣ୍ଟା ପରେ ତାଙ୍କର ଏକ ଇନଷ୍ଟାଗ୍ରାମ୍




ପୋଷ୍ଟରେ ଏହି ସୂଚନା ଦେଇଛନ୍ତି। କାଇରୋର ଏହି ୨୬ ବର୍ଷୀୟ ଫେନ୍‌ସର ପ୍ରି-କ୍ୱାର୍ଟରରେ ଦକ୍ଷିଣ କୋରିଆର ଜିଅନ୍ ହେୟଙ୍ଗଙ୍କଠାରୁ ପରାଜିତ ହେବା ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ଏଲିଜାବେଥ ଟାର୍ଟାକୋଭସ୍କିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ କହିଛନ୍ତି, ସେ ଓ ତାଙ୍କ ପିଲା ଉଭୟ ଶାରୀରିକ ଓ ଭାବନାତ୍ମକ ଦୃଷ୍ଟିରୁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏହି ପରିସ୍ଥିତିରେ ପ୍ରିକ୍ୱାର୍ଟରରେ ପ୍ରବେଶ କରିପାରିଥିବାରୁ ସେ ନିଜେ ଗର୍ବ ଅନୁଭବ କରୁଛନ୍ତି। ୩ଥର ଅଲିମ୍ପିଆନ ହାଫିଜ ଜଣେ ପୂର୍ବତନ ଜିମ୍ନାଷ୍ଟ। ୨୦୧୯ ଆଫ୍ରିକାନ ଗେମ୍ସରେ ସେ ଉଭୟ ଟିମ୍ ଓ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ସୋମବାର ସେ ପ୍ରତିଯୋଗିତାର ଅଫିସିଆଲ ର୍‍ୟାଙ୍କିଙ୍ଗରେ ୧୬ତମ ସ୍ଥାନରେ ଥିଲେ। ସେ ଏପର୍ଯ୍ୟନ୍ତ ଭାଗ ନେଇଥିବା ୩ଟି ଅଲିମ୍ପିକ୍ସ ମଧ୍ୟରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ।



ପ୍ୟାରିସ୍ ଅଲିମ୍ପିକ୍ସର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ପରେ (ବାମରୁ) ରୌପ୍ୟ ବିଜୟୀ ତୁର୍କୀର ସାଭାଲ ଲୟଡା ଓ ୟୁସୁଫ ଡିକେକ୍, ସ୍ୱର୍ଣ୍ଣ ବିଜେତା ସର୍ବିୟାର ଜୋରାନା ଅରୁନୋଭିଚ୍ ଓ ଡାମିର ମିକେକ୍ ଏବଂ ବ୍ରୋଞ୍ଜ ବିଜୟୀ ନିଜ ପାର୍ଟନର ମନୁ ଭାକରଙ୍କ ସହ ପୋଡିୟମ ଉପରେ ସେଲ୍‌ଫି ନେଉଛନ୍ତି ଭାରତର ସରବଜୋତ ସିଂ।

# ଦୁଇ ପଦକ ବିଜୟୀ ଭାରତୀୟ ଆଥ୍‌ଲେଟ



ନର୍ମାନ ପ୍ରିଚାର୍ଡ



ସୁଶୀଲ କୁମାର



ପି.ଭି. ସିନ୍ଧୁ

ନୂଆଦିଲ୍ଲୀ,୩୦।୭(ପି.ଟି.)

**ଅଲିମ୍ପିକ୍ସରେ ପଦକ ଜିତିବା ସମସ୍ତ ଆଥଲେଟଙ୍କ ପାଇଁ ସୌଭାଗ୍ୟର ବିଷୟ। ତେବେ ଏହି ସଫଳତାକୁ ଦ୍ୱିତୀୟ ଥର ଦୋହରାଇଥିବା ଭାରତୀୟଙ୍କ ସଂଖ୍ୟା ମାତ୍ର ୩ ଜଣ। ଚଳିତ ଅଲିମ୍ପିକ୍ସରେ ମନୁ ଭାକର ଦୁଇଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ମହିଳା ତଥା ସ୍ୱାଧୀନ ଭାରତର ପ୍ରଥମ ଖେଳାଳି ଭାବରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ଅନ୍ୟ ପକ୍ଷରେ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରୁଥିବା ନର୍ମାନ ପ୍ରିଚାର୍ଡ ପ୍ରଥମ ଖେଳାଳି ଭାବରେ ସମାନ ସଫଳତା ହାସଲ କରିଥିଲେ। ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ଅନ୍ୟ ଖେଳାଳିଙ୍କ ଉପରେ ଏକ ନଜର..**

**ସୁଶୀଲ କୁମାର:** ଭାରତୀୟ ରେସ୍‌ଲର ସୁଶୀଲ କୁମାର ଅଲିମ୍ପିକ୍ସରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସୁଶୀଲ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ପରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସୁଶୀଲ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବା ସହ ରୌପ୍ୟ ପଦକ ଜିତିଥିଲେ। ତେବେ ଜୁନିୟର ରେସ୍‌ଲର ସାଗର ଧନକରଙ୍କ ହତ୍ୟା ଅଭିଯୋଗରେ ସୁଶୀଲ ବର୍ତ୍ତମାନ ତିହାର ଜେଲ୍‌ରେ ରହିଛନ୍ତି।

**ପି.ଭି. ସିନ୍ଧୁ:** ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଏହି ତାଲିକାରେ ଦ୍ୱିତୀୟ ଖେଳାଳି ରହିଛନ୍ତି। ୨୦୧୯ରେ ବିଶ୍ୱ ଚାମ୍ପିୟନ ହୋଇଥିବା ସିନ୍ଧୁଙ୍କୁ ପ୍ରଥମ ସଫଳତା ମିଳିଥିଲା ୨୦୧୬ ରିଓ ଡି ଜେନେରିଓ ଅଲିମ୍ପିକ୍ସରେ। ଏଠାରେ ସିନ୍ଧୁ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ଟୋକିଓ ଅଲିମ୍ପିକ୍ସରେ ସିନ୍ଧୁ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ସହିତ ଏକମାତ୍ର ଖେଳାଳି ଭାବରେ ୩ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ସିନ୍ଧୁଙ୍କୁ ମିଳିପାରେ। ପ୍ୟାରିସ୍ ୨୦୨୪ରେ ପଦକ ଜିତିଲେ ସେ ଏହି ମାଇଲଖୁଣ୍ଟ ହାସଲ କରି ପାରିବେ।

## ଗୋଟିଏ ସଂସ୍କରଣରେ ପଦକ

**ମନୁ ଭାକର:** ଶୁଟିଂ ସେନସେଶନ ମନୁ ଭାକର ପ୍ୟାରିସ୍ ୨୦୨୪ରେ ଦୁଇଟି ବ୍ରୋଞ୍ଜ ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍‌ରେ ମନୁ ଉଭୟ ପଦକ ହାସଲ କରିଥିଲେ। ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ବିଫଳ ହୋଇଥିଲେ ମଧ୍ୟ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରି ସେ ସଫଳ ହୋଇ ଇତିହାସ ରଚିଛନ୍ତି।

**ନର୍ମାନ୍ ପ୍ରିଚାର୍ଡ:** ତେବେ ଏହି ତାଲିକାରେ ଥିବା ପ୍ରଥମ ନାମ ହେଉଛି ନର୍ମାନ ପ୍ରିଚାର୍ଡ। ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା ପ୍ରିଚାର୍ଡ ମଧ୍ୟ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିଲେ। ୧୯୦୦ ମସିହାରେ ସମାନ ପ୍ୟାରିସ୍‌ରେ ଅଲିମ୍ପିକ୍ସ ହେଉଥିବା ବେଳେ କୋଲକାତାରେ ଜନ୍ମିତ ପ୍ରିଚାର୍ଡ ୨୦୦ ମିଟର ସ୍ପ୍ରିଣ୍ଟ ଓ ହର୍ଡଲ୍ସରେ ଗୋଟିଏ ଲେଖାଏ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତେବେ ଅନେକ ସମୟରେ ପ୍ରିଚାର୍ଡଙ୍କ ଜାତୀୟତାକୁ ନେଇ ପ୍ରଶ୍ନ ଉଠିଥାଏ। ତାଙ୍କୁ ଆଥଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ହଲ୍ ଅଫ୍ ଫେମ୍‌ରେ ମଧ୍ୟ ସାମିଲ କରାଯାଇଛି।

# ଚାଷୀ ପରିବାରରୁ ଅଲିମ୍ପିକ୍ସ ପୋଡିୟମ

ପ୍ୟାରିସ୍,୩୦।୭(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତ ପାଇଁ ଦ୍ୱିତୀୟ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଖେଳାଳି ସରବଜୋତ ସିଂ ଓ ମନୁ ଭାକର। ମନୁଙ୍କ ପାଇଁ ଏହା ଅଲିମ୍ପିକ୍ସରେ ଦ୍ୱିତୀୟ ପଦକ ରହିଥିବା ବେଳେ ସରବଜୋତଙ୍କ ପାଇଁ ଥିଲା ପ୍ରଥମ ପଦକ। ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ସରବଜୋତ୍ ପଦକ ଜିତି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ଏକ ସାଧାରଣ ଚାଷୀ ପରିବାରରୁ ଆସିଥିବା ସରବଜୋତ ଅଲିମ୍ପିକ୍ସ ପୋଡିୟମରେ ପହଞ୍ଚିବାର ଉପଲବ୍ଧି ହାସଲ କରିଛନ୍ତି। ସରବଜୋତ ହରିୟାଣାର ଅମ୍ବାଲା ଅନ୍ତର୍ଗତ ଧୀନା ଜାଟ ଗ୍ରାମର ବାସିନ୍ଦା। ଖେଳକୁ ନେଇ ସର୍ବଦା ଉତ୍ସାହିତ ରହୁଥିବା ସରବଜୋତ ୧୩ ବର୍ଷ ବୟସ ଯାଏ ଫୁଟବଲର ହେବାର ସ୍ୱପ୍ନ ଦେଖୁଥିଲେ। ଅମ୍ବାଲାର ଭଗୀରଥ ପବ୍ଲିକ୍ ସ୍କୁଲରେ ପଢୁଥିବା ସମୟରେ ସମର କ୍ୟାମ୍ପରେ କିଛି ପିଲାଙ୍କ ସହ ମିଶି ଏୟାର ଗନ୍‌ରେ ଶୁଟିଂ ଅଭ୍ୟାସ କରିଥିଲେ। ଏହା ପରଠାରୁ ଶୁଟିଂ ପ୍ରତି ତାଙ୍କର ଦୁର୍ବଳତା ବଢ଼ିବାରେ ଲାଗିଥିଲା। ପିତା ଜିତେନ୍ଦର ସିଂଙ୍କ ନିକଟରେ ସରବଜୋତ ଶୁଟିଂ ଶିଖିବା ପାଇଁ ଜିଦ୍ କରିଥିଲେ। ତେବେ ଏହାକୁ ପିତା ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଶୁଟିଂ ବହୁତ ମହଙ୍ଗା ଖେଳ ହୋଇଥିବା ବେଳେ ଏକ ସାଧାରଣ କୃଷକ ପକ୍ଷରେ ଏସବୁ ଯୋଗାଡ କରିବା ସହଜ ନ ଥିଲା। ଶେଷରେ ସରବଜୋତଙ୍କ ଦୀର୍ଘ ଦିନର ଅନୁରୋଧ ପରେ ଜିତେନ୍ଦର ମଧ୍ୟ ମାନି ଯାଇଥିଲେ। ସେଦିନ ଜଣେ କୃଷକ ଭାବରେ ଜିତେନ୍ଦର ନେଇଥିବା କଷ୍ଟସାଧ୍ୟ ନିଷ୍ପତ୍ତି ଆଜି ଦେଶକୁ ଅଲିମ୍ପିକ୍ସରେ ଏକ ମେଡାଲ ବିଜୟୀ କରିବାରେ ସଫଳ ହୋଇଛି। ଚଣ୍ଡିଗଡରେ କୋଚ୍ ଅଭିଷେକ ରାଣାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିବା ସରବଜୋତ୍ ଦୁଇ ଦୁଇ ଥର ଜାତୀୟ ଚାମ୍ପିୟନ ମଧ୍ୟ ହୋଇ ସାରିଛନ୍ତି।

ଅଲିମ୍ପିକ୍ସ ପଦକ ଜିତିବା ଆଗରୁ ସରବଜୋତ୍ ବିଶ୍ୱକପରେ ଦୁଇଟି ସ୍ୱର୍ଣ୍ଣ ଓ ବିଶ୍ୱ ଚାମ୍ପିୟନଶିପରେ ଗୋଟିଏ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ସହିତ ହାଙ୍ଗଝୋ ଏସିଆନ୍ ଗେମ୍ସରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଜୁନିୟର ବିଶ୍ୱକପରେ ସରବଜୋତଙ୍କ ନାମରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ଥିବା ବେଳେ ଏସିଆନ୍ ଚାମ୍ପିୟନଶିପରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ସଂକ୍ଷେପରେ କ୍ୟାରିୟର

ଅଲିମ୍ପିକ୍ସ-୧ ବ୍ରୋଞ୍ଜ
ଏସିଆନ୍ ଗେମ୍ସ-୧ ସ୍ୱର୍ଣ୍ଣ, ୧ ରୌପ୍ୟ
ବିଶ୍ୱକପ-୨ ସ୍ୱର୍ଣ୍ଣ
ଏସିଆନ୍ ଚାମ୍ପିୟନଶିପ୍-୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ
ବିଶ୍ୱ ଚାମ୍ପିୟନଶିପ-୧ ସ୍ୱର୍ଣ୍ଣ
ଜୁନିୟର ବିଶ୍ୱକପ-୧ ସ୍ୱର୍ଣ୍ଣ, ୨ ରୌପ୍ୟ।



ପ୍ୟାରିସ୍ ଅଲିମ୍ପିକ୍ସରେ ମନୁ ଭାକର ଡବଲ ବ୍ରୋଞ୍ଜ ପଦକ ଜିତିବା ପରେ ଫରିଦାବାଦରେ ତାଙ୍କ ମା' ଓ ବାପା ଖୁସି ମନାଉଛନ୍ତି।



ଗୋଲ ଦେବାପରେ ହରମନପ୍ରୀତ୍ ସିଂ(ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ହରମନପ୍ରୀତ୍‌ଙ୍କ ଡବଲରେ ଭାରତ ବିଜୟୀ

## ଆୟର୍ଲାଣ୍ଡକୁ ୨-୦ ଗୋଲରେ ହରାଇଲା

ପ୍ୟାରିସ, ୩୦।୭

ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ପ୍ୟାରିସ ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ପୁରୁଷ ହକି ମ୍ୟାଚରେ ଆୟର୍ଲାଣ୍ଡକୁ ୨-୦ ଗୋଲରେ ପରାସ୍ତ କରିଛି। ପୁଲ୍ 'ବି'ର ଏହି ମ୍ୟାଚରେ ଭାରତ ପକ୍ଷରୁ ହରମନପ୍ରୀତ ୧୧ ଓ ୧୯ଶ ମିନିଟରେ ଗୋଲ ୨ଟି ଦେଇଥିଲେ। ପୂରା ମ୍ୟାଚ ଦେଖିବାକୁ ଗଲେ ଆୟର୍ଲାଣ୍ଡ ଖରାପ ପ୍ରଦର୍ଶନ କରି ନ ଥିଲା। ତେବେ ଗୋଲ ପରିଶୋଧ କରିବାକୁ ସକ୍ଷମ ନ ହୋଇ ପରାଜୟ ବରଣ କରିଥିଲା। ୨ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ଭାରତ ୭ ପଏଣ୍ଟ ପାଇଛି। ଫଳରେ କ୍ୱାର୍ଟର ଫାଇନାଲ ପ୍ରବେଶ ଦିଗରେ ଆଉ ଏକପାଦ ଆଗକୁ ବଢ଼ିଛି। ପୂର୍ବ ୨ଟି ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇଥିବାବେଳେ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚକୁ ୧-୧ ଗୋଲରେ ଡ୍ର ରଖିଥିଲା। ଏହାକୁ ମିଶାଇ ହରମନପ୍ରୀତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୪ ଗୋଲ କରି ଅଗ୍ରଣୀ ତାଲିକାରେ ରହିଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଅଗଷ୍ଟ ୧ରେ ବେଲଜିୟମ ବିପକ୍ଷରେ ଖେଳିବ।

ଗ୍ରୁପ୍ 'ଏ'ରେ ଅନୁଷ୍ଠିତ ୩ଟି ମ୍ୟାଚରେ ଜର୍ମାନୀ ୫-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବାବେଳେ ସ୍ପେନ୍-ଫ୍ରାନ୍ସ ମ୍ୟାଚ ୩-୩ ଓ ବ୍ରିଟେନ-ନେଦରଲାଣ୍ଡ୍ସ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଏହି ଗ୍ରୁପ୍‌ରେ ନେଦରଲାଣ୍ଡ୍ସ ୩ ମ୍ୟାଚରୁ ସର୍ବାଧିକ ୭ ପଏଣ୍ଟ ପାଇ ଅଗ୍ରଣୀ ରହିଛି। ସମାନ ସଂଖ୍ୟକ ମ୍ୟାଚ ଖେଳି ଜର୍ମାନୀ ୬ ଓ ବ୍ରିଟେନ ୫ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛି। ସ୍ପେନ୍ ୪ ପଏଣ୍ଟ ପାଇଛି। ୨ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ୩ଟି ଲେଖାଏ ମ୍ୟାଚ ଖେଳି ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଫ୍ରାନ୍ସ ୧ ପଏଣ୍ଟ ଲେଖାଏ ପାଇଥିବାରୁ ଆପାତତଃ ଆଶା ମଉଳିଛି।

## ଭାରତର କାର୍ଯ୍ୟସୂଚୀ (ବୁଧବାର)

**ଶୁଟିଂ**: ୫୦ ମିଟର ରାଇଫଲ୍ ଥ୍ରୀ ପୋଜିଶନ୍ ପୁରୁଷ ଯୋଗ୍ୟତା ପର୍ଯ୍ୟାୟ
ଐଶ୍ୱରୀ ପ୍ରତାପ ସିଂ, ସ୍ୱପ୍ନିଲ କୁଶାଲେ(ମଧ୍ୟାହ୍ନ ୧୨.୩୦)
ମହିଳା ଟ୍ରାପ୍ ଯୋଗ୍ୟତା ପର୍ଯ୍ୟାୟ
ଶ୍ରେୟାସୀ ସିଂ ଓ ରାଜେଶ୍ୱରୀ କୁମାରୀ(ମଧ୍ୟାହ୍ନ ୧୨.୩୦)
**ବ୍ୟାଡ୍‌ମିଣ୍ଟନ**: ମହିଳା ସିଙ୍ଗଲ୍ସ
ପି.ଭି. ସିନ୍ଧୁ ବନାମ କ୍ରିଷ୍ଟିନ୍ କୁବା। (ମଧ୍ୟାହ୍ନ ୧୨.୫୦)
ପୁରୁଷ ସିଙ୍ଗଲ୍ସ
ଲକ୍ଷ୍ୟ ସେନ୍ ବନାମ ଜୋନାଥନ କ୍ରିଷ୍ଟି (ଅପରାହ୍ନ ୧.୨୦)
ଏଚ୍. ଏସ୍. ପ୍ରଣୟ ବନାମ ଡୁକ୍ ଫାଟ ଲି(ରାତି ୧୧.୦୦)
**ଟେବୁଲ ଟେନିସ୍** : ମହିଳା ସିଙ୍ଗଲ୍ସ ରାଉଣ୍ଡ ଅଫ ୩୨
ଶ୍ରୀଜା ଆକୁଳା ବନାମ ଜିଆନ୍ ଜେଙ୍ଗ (ଅପରାହ୍ନ ୨.୩୦)
**ବକ୍ସିଂ**: ମହିଳା ୭୫ କି.ଗ୍ରା. ରାଉଣ୍ଡ ଅଫ୍ ୧୬
ଲଭଲିନା ବୋର୍ଗୋହେନ୍ ବନାମ ସୁନିଭା ହଫଷ୍ଟାଡ(ଅପରାହ୍ନ ୩.୫୦)
ପୁରୁଷ ୭୧ କିଗ୍ରା ରାଉଣ୍ଡ ଅଫ୍ ୧୬
ନିଶାନ୍ତ ଦେବ ବନାମ ଜୋଶ ଗାବ୍ରିଏଲ ରୋଡ୍ରିଗୁଏଜ (ରାତି ୧୨.୧୮)
**ଆର୍ଚେରୀ**: ମହିଳା ବ୍ୟକ୍ତିଗତ
ଦୀପିକା କୁମାରୀ ବନାମ ରୀନା ପର୍ନତ (ଅପରାହ୍ନ ୩.୫୬ )
ପୁରୁଷ ବ୍ୟକ୍ତିଗତ ରାଉଣ୍ଡ
ତରୁଣଦୀପ ରାୟ ବନାମ ଟମ୍ ହଲ୍ (ରାତି ୯.୧୫)।
**ଇକ୍ୱେଷ୍ଟ୍ରିଆନ୍**: ଡ୍ରେସେଜ୍ ଇଣ୍ଡିଭିଜୁଆଲ୍ ଗ୍ରାଁ ପ୍ରି
ଅନୁଶ ଅଗ୍ରୱାଲା (ଅପରାହ୍ନ ୧.୩୦)।



ପ୍ୟାରିସ୍ ଅଲିମ୍ପିକ୍ସର ମହିଳା ୫୪ କେଜି ପ୍ରିଲିମିନାରି ବକ୍ସିଂ ଲଢ଼େଇରେ ବୁଲ୍‌ଗାରିଆର ଷ୍ଟାନିମିରା ପେଟ୍ରୋଭାଙ୍କୁ ପଞ୍ଚ୍ ମାରୁଛନ୍ତି ତାଇୱାନ୍‌ର ୱେନ୍ ହ୍ୱାଙ୍ଗ୍ ହାସିଓ।

## ମୋହସିନ ନକ୍‌ଭି ହେବେ ଏସିସି ସଭାପତି

**ଲାହୋର, ୩୦।୭ (ପି.ଟି.):** ରୋଟେଶନ ପଲିସି ଅନୁସାରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ମୋହସିନ ନକ୍‌ଭି ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ପରବର୍ତ୍ତୀ ଚେୟାରମ୍ୟାନ ହେବେ। ତାଙ୍କ କାର୍ଯ୍ୟକାଳ ଅବଧି ୨ବର୍ଷ ରହିବ। ନିକଟରେ ଅନୁଷ୍ଠିତ ଏକ ଏସିସି ବୈଠକରେ ନକ୍‌ଭିଙ୍କୁ ପରବର୍ତ୍ତୀ ମୁଖ୍ୟ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ତାଙ୍କ କାର୍ଯ୍ୟକାଳ ଅବଧି ଦୁଇ ବର୍ଷ ରହିବ। ବର୍ତ୍ତମାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏସିସି ସଭାପତି ରହିଛନ୍ତି। ଗତ ଜାନୁଆରୀରେ ତାଙ୍କ କାର୍ଯ୍ୟକାଳ ମିଆଦ ଆଉ ଏକ ବର୍ଷ ବୃଦ୍ଧି କରାଯାଇଥିଲା। ଶାହା ପଦ ତ୍ୟାଗକରିବା ପରେ ପିସିବି ମୁଖ୍ୟ ଦାୟିତ୍ୱ ଗ୍ରହଣ କରିବେ। ଏସିସି ନିକଟରେ ଏସିଆକପ୍ ୨୦୨୫ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରିଛି। ଟୁର୍ନାମେଣ୍ଟର ଫର୍ମାଟ ଟି୨୦ ରହିବ। ୨୦୨୭ରେ କିନ୍ତୁ ଏହା ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଖେଳାଯିବ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଜାପାନ | ୭ | ୨ | ୪ | ୧୩ |
| ଚାଇନା | ୬ | ୬ | ୨ | ୧୪ |
| ଫ୍ରାନ୍ସ | ୫ | ୮ | ୪ | ୧୭ |
| ଅଷ୍ଟ୍ରେଲିଆ | ୫ | ୪ | ୦ | ୯ |
| ଦ.କୋରିଆ | ୫ | ୩ | ୩ | ୧୧ |
| ଆମେରିକା | ୩ | ୮ | ୯ | ୨୦ |
| ବ୍ରିଟେନ | ୩ | ୫ | ୩ | ୧୧ |
| ଇଟାଲୀ | ୨ | ୩ | ୩ | ୮ |
| କାନାଡା | ୨ | ୧ | ୨ | ୫ |
| ହଂକଂ | ୨ | ୦ | ୧ | ୩ |
| ଜର୍ମାନୀ | ୨ | ୦ | ୦ | ୨ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୦ | ୨ | ୩ |
| ବେଲଜିୟମ | ୧ | ୦ | ୧ | ୨ |
| ଆଜରବୈଜାନ | ୧ | ୦ | ୦ | ୧ |
| ରୋମାନିଆ | ୧ | ୦ | ୦ | ୧ |
| ଭାରତ | ୦ | ୦ | ୨ | ୨ |

(ରାତି ୧୦ଟା ସୁଦ୍ଧା)

# ସମ୍ମାନ ରଖିଲେ ଗିଲ୍, ପରାଗ

**କାଣ୍ଡି,୩୦।୭**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଟି୨୦ ମ୍ୟାଚ୍‌ରେ ଶୁବମାନ ଗିଲ୍ ଓ ରିୟାନ ପରାଗ ଭାରତର ସମ୍ମାନ ରକ୍ଷା କରିଛନ୍ତି। ପ୍ରାରମ୍ଭିକ ବିପର୍ଯ୍ୟୟ ପରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ୍ ସ୍କୋର କରିଛି। ଜବାବରେ ଶ୍ରୀଲଙ୍କା ଖବର ପ୍ରସ୍ତୁତ ହେବା ବେଳକୁ ୭ ଓଭରରେ ବିନା ଉଇକେଟରେ ୪୫ ରନ୍ କରିଛି। ବର୍ଷା କାରଣରୁ ମ୍ୟାଚ୍ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ଶ୍ରୀଲଙ୍କା ଟସ୍ ଜିତି ବୋଲିଂ ନେଇଥିଲା। ଭାରତ ଏହି ମ୍ୟାଚ୍‌ରେ ୪ ପରିବର୍ତ୍ତନ ସହ ଓହ୍ଲାଇଥିଲା। ବୋଲିଂ ସହାୟକ ପିଚ୍‌ରେ ଶ୍ରୀଲଙ୍କା ବୋଲର ଭାରତକୁ ହାତଖୋଲା ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ (୧୦) ଓ ଶୁବମାନ ଗିଲ୍(୩୯) ଓପନ କରି ପ୍ରଥମ ଉଇକେଟରେ ୧୨ ରନ୍ ଯୋଡିଥିଲେ। ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇଥିବା ସଞ୍ଜୁ ସାମସନ୍(୦) ଓ ରିଙ୍କୁ ସିଂ(୧) ଶସ୍ତାରେ ଆଉଟ ହେବା କାରଣରୁ ଭାରତ ୧୪ ରନ୍‌ରେ ୩ ଉଇକେଟ ହରାଇଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୮) ରନ୍ କରି ପ୍ୟାଭିଲିୟନ ଫେରିବା ବେଳକୁ



ମହୀଷ ଥିକ୍‌ସାନା

ଭାରତର ସ୍କୋର ରହିଥିଲା ୩୦। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଖେଳିଥିବା ଶିବମ ଦୁବେ ମଧ୍ୟ ମାତ୍ର ୧୩ ରନ୍ ସ୍କୋର କରିଥିଲେ। ଦଳୀୟ ସ୍କୋର ୪୮ ରନ୍‌ରେ ଶିବମ ଦୁବେ ପଞ୍ଚମ ଖେଳାଳି ଭାବରେ ପ୍ୟାଭିଲିୟନ ଫେରିଥିଲେ। ତେବେ ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିବା ଶୁବମାନ ଗିଲ୍ (୩୯) ଓ ରିୟାନ୍ ପରାଗ (୨୬) ଷଷ୍ଠ ଉଇକେଟରେ ୫୪ ରନ୍ ଯୋଡିଥିଲେ।

ଗିଲ୍ ୩୭ ବଲ୍ ଖେଳି ୩ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ରିୟାନ ପରାଗ ୧୮ ବଲ୍ ଖେଳି ୧ ଚୌକା ଓ ୨ ଛକା ମାରିଥିଲେ। ମାତ୍ର ୩ ରନ୍ ବ୍ୟବଧାନରେ ଉଭୟ ସେଟ୍ ବ୍ୟାଟର ଆଉଟ ହେବା ପରେ ନିମ୍ନକ୍ରମରେ ୱାଶିଂଟନ୍ ସୁନ୍ଦର ଚମତ୍କାର ବ୍ୟାଟିଂ କରିଥିଲେ। ୧୮ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିବା ସହ ସେ ଭାରତୀୟ ସ୍କୋର ୧୩୭ରେ ପହଞ୍ଚାଇ ଥିଲେ। ଶ୍ରୀଲଙ୍କା ପକ୍ଷରୁ ମହୀଷ ଥିକ୍‌ସାନା ୩, ୱାନିନ୍ଦୁ ହସରଙ୍ଗା ୨, ରମେଶ ମେଣ୍ଡିସ୍, ଆସିଥା ଫର୍ନାଣ୍ଡୋ ଓ ଚାମିନ୍ଦୁ ୱିକ୍ରମସିଂଘେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୭/୯ (ଶୁବମାନ ଗିଲ୍-୩୯, ରିୟାନ ପରାଗ-୨୬, ୱାଶିଂଟନ୍ ସୁନ୍ଦର-୨୫, ମହୀଷ ଥିକ୍‌ସାନା-୩/୨୮, ୱାନିନ୍ଦୁ ହସରଙ୍ଗା-୨/୨୯, ଆସିଥା ଫର୍ନାଣ୍ଡୋ-୧/୧୧)।

# କ୍ୱାର୍ଟରରେ ସାତ୍ୱିକ-ଚିରାଗ, ପ୍ରି କ୍ୱାର୍ଟରରେ ଭଜନ

**ପ୍ୟାରିସ୍,୩୦।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ମଙ୍ଗଳବାରରେ ଭାରତୀୟ ଖେଳାଳିଙ୍କ ଚମତ୍କାର ଫଳ ମିଳିଛି। ପୁରୁଷ ଡବଲ୍ସ ବ୍ୟାଡମିଣ୍ଟନ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡି-ଚିରାଗ ସେଟ୍ଟୀ ଗ୍ରୁପ୍ ଟପ୍ପର ଭାବରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ବ୍ୟକ୍ତିଗତ ରିକର୍ଭ ଆର୍ଚେରୀରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଭଜନ କୌର।

## କ୍ୱାର୍ଟରରେ ସାତ୍ୱିକ-ଚିରାଗ

ଭାରତୀୟ ଡବଲ୍ସ ଯୋଡି ଚିରାଗ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଗ୍ରୁପ୍ ଟପ୍ପର ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଗ୍ରୁପ୍‌ର ଅନ୍ତିମ ମ୍ୟାଚ୍‌ରେ କାନାଡାର ଆଲ୍‌ଫିଆନ୍ ଫଜର ଓ ଆର୍ଡିଆଣ୍ଟୋ ମହମ୍ମଦ ରିଆନଙ୍କୁ ଭାରତୀୟ ଯୋଡି ୨୧-୧୩, ୨୧-୧୩ ସେଟରେ ପରାସ୍ତ କରିଥିଲେ। ମ୍ୟାଚ୍‌ଟି



ଭଜନ କୌର

ସମୁଦାୟ ୪୨ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍ ୧୭ ମିନିଟ ଧରି ଖେଳା ଯାଇଥିବା ବେଳେ ପରବର୍ତ୍ତୀ ସେଟ୍‌ଟି ୨୪ ମିନିଟ ଚାଲିଥିଲା। ପ୍ରଥମ ଥର ପାଇଁ କୌଣସି ଭାରତୀୟ ଡବଲ୍ସ ଯୋଡି ନକ୍‌ଆଉଟରେ ପ୍ରବେଶ କରିଛନ୍ତି।



ମଙ୍ଗଳବାର ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ମ୍ୟାଚ ଅବସରରେ ଭାରତର ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

ଭାରତୀୟ ମହିଳା ଡବଲ୍ସ ଯୋଡି ଅଶ୍ୱିନୀ ପୋନାପ୍ପା-ତନିଶା କାଷ୍ଟ୍ରୋ କ୍ରମାଗତ ତୃତୀୟ ପରାଜୟ ସହ ବିଦାୟ ନେଇଛନ୍ତି। ଅଷ୍ଟ୍ରେଲିଆର ମାପାସା ସେଟ୍ୟାନା ଓ ୟୁ ଆଞ୍ଜେଲାଙ୍କ ଠାରୁ ପରାଜିତ ହୋଇଥିଲେ ଭାରତୀୟ ଯୋଡି।

## ଭଜନଙ୍କ ଚମତ୍କାର ପ୍ରଦର୍ଶନ

ଭାରତୀୟ ମହିଳା ରିକର୍ଭ ଆର୍ଚର ଭଜନ କୌର ଚମତ୍କାର ପ୍ରଦର୍ଶନ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅଙ୍କିତା ଭକତ ଓ ଭଜନ କୌର ମୁକାବିଲାକୁ ଓହ୍ଲାଇଥିଲେ। ଅଙ୍କିତା ପ୍ରଥମେ ୱିଲୋଟା ମିଜସୋରଙ୍କ ବିପକ୍ଷରେ ଖେଳି ୬-୪ରେ ହାରି ବିଦାୟ ନେଇଥିଲେ। ତେବେ ଭଜନ ଚମତ୍କାର ପ୍ରଦର୍ଶନ କରି ନିଜର ଦୁଇଟି ଯାକ ମ୍ୟାଚ୍ ଜିତି ନେଇଥିଲେ। ନୁରାଫିଫା କମାଲଙ୍କ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ଭଜନ ୭-୩ରେ ବିଜୟୀ ହୋଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ୱିଲୋଟା ମିଜସୋରଙ୍କୁ ୬-୦ରେ ହରାଇ ସେ ରାଉଣ୍ଡ ଅଫ୍ ୧୬ରେ ସାମିଲ ହୋଇଥିଲେ।

## ବଲରାଜ ନିରାଶ

ଭାରତୀୟ ରୋୟର ବଲରାଜ ପନୱର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। କ୍ୱାର୍ଟର ହିଟ୍‌ସରେ ବଲରାଜ ଚତୁର୍ଥ ସ୍ଥାନରେ ରହିଥିଲେ। ବଲରାଜ ବ୍ୟକ୍ତିଗତ ୭:୫.୧୦ ସେକେଣ୍ଡର ଟାଇମିଂ ହାସଲ କରିଥିଲେ ମଧ୍ୟ ୨୫ ବର୍ଷୀୟ ବଲରାଜଙ୍କୁ ନିରାଶ ହେବାକୁ ପଡିଛି।

## ପୃଥ୍ୱୀରାଜ ୨୧

ଭାରତୀୟ ଟ୍ରାପ୍ ଶୁଟର ପୃଥ୍ୱୀରାଜ ଟୋଣ୍ଡାଇମାନ ୨୧ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ମଙ୍ଗଳବାର ଅନ୍ତିମ ଦୁଇ ରାଉଣ୍ଡରେ ପର୍ଫେକ୍ଟ ୨୫ ସ୍କୋର କରିଥିଲେ ମଧ୍ୟ ୨୧ ନମ୍ବର ସ୍ଥାନରେ ରହିଥିଲେ। ୧୨୫ ଶଟ୍ ମଧ୍ୟରୁ ସେ ୧୧୮ ଟାର୍ଗେଟ୍ ହିଟ କରିଥିଲେ। ୩୭ ବର୍ଷୀୟ ପୃଥ୍ୱୀରାଜ ପ୍ରଥମ ଦିନ ଶେଷରେ ୩୦ ନମ୍ବର ସ୍ଥାନରେ ରହିଥିଲେ।

## ମନିକା ପ୍ରଥମ ଭାରତୀୟ

ଟେବୁଲ ଟେନିସ୍ ତାରକା ମନିକା ବାତ୍ରା ପ୍ରଥମ ଭାରତୀୟ ଟିଟି ଖେଳାଳି ଭାବରେ ଅଲିମ୍ପିକ୍ସର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ଭାରତୀୟ ବଂଶୋଦ୍ଭବ ପ୍ରୀତିକା ପାଭଡେଙ୍କୁ ୪-୦ରେ ପରାସ୍ତ କରିବା ସହ ମନିକା ଏହି କୃତିତ୍ୱ ହାସଲ କରିଛନ୍ତି। ୨୯ ବର୍ଷୀୟା ମନିକା ୧୧-୯, ୧୧-୬, ୧୧-୯ ଓ ୧୧-୭ରେ ପ୍ରୀତିକାଙ୍କୁ ହରାଇଥିଲେ। ଟୋକିଓରେ ମନିକା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଥିବା ବେଳେ ଚଳିତ ଥର ଆଉ ଗୋଟିଏ ପାଦ ଆଗକୁ ବଢିଛନ୍ତି।

## ଅମିତ ପଂଘାଲ ବିଦା

ପୁରୁଷ ୫୧ କିଗ୍ରା ବକ୍ସିଂରେ ଭାରତକୁ ନିରାଶ ହେବାକୁ ପଡିଛି। ଅନ୍ୟତମ ଶ୍ରେଷ୍ଠ ପଦକ ସମ୍ଭାବନା କୁହାଯାଉଥିବା ଅମିତ ପଙ୍ଘାଲ ଜାମ୍ବିଆର ପ୍ୟାଟ୍ରିକ୍ ଚିନ୍ୟେମ୍ବାଙ୍କ ନିକଟରୁ ୪-୧ରେ ପରାଜିତ ହୋଇଛନ୍ତି।

# ଅଲିମ୍ପିକ୍ସରେ ଭାଗ ନେଇପାରିଲେ ଦୁଇ ମହିଳା ବକ୍ସର

**ପ୍ୟାରିସ, ୩୦।୭ (ଏପି)**

### ଲିଙ୍ଗ ପରୀକ୍ଷା ପ୍ରସଙ୍ଗ

ଲିଙ୍ଗ ପରୀକ୍ଷାରେ ବିଫଳ ହୋଇଥିବାରୁ ବିଶ୍ୱ ଚାମ୍ପିୟନଶିପ୍ ୨୦୨୩ ପାଇଁ ଅଯୋଗ୍ୟ ହୋଇଥିବା ଦୁଇ ମହିଳା ବକ୍ସର କିନ୍ତୁ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଗେମ୍ସରେ ଭାଗନେବା ଲାଗି ଉଭୟେ ସମସ୍ତ ନିୟମ ପାଳନ କରିଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପ୍ରକାଶ କରିଛି। ଏହି ଦୁଇଜଣ ହେଲେ ତାଇୱାନର ଲିନ୍ ୟୁ-ତିଙ୍ଗ୍ ଏବଂ ଆଲ୍‌ଜେରିଆ ଇମେନ୍ ଖେଲିଫ୍। ଗ୍ରୀଷ୍ମକାଳୀନ କ୍ରୀଡ଼ାରେ ସେମାନେ ଦ୍ୱିତୀୟ ଥର ପାଇଁ ଭାଗ ନେଉଛନ୍ତି। ୨୦୨୧ ଟୋକିଓ ଅଲିମ୍ପିକ୍ସ ଉଭୟେ ପଦକ ଶୂନ୍ୟ ଥିଲେ। ଅଲିମ୍ପିକ ଗେମ୍ସ ପ୍ୟାରିସ ୨୦୨୪ର ବକ୍ସିଂ ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ ବକ୍ସର ପ୍ରବେଶ ନିୟମ ବ୍ୟତୀତ ପ୍ରତିଯୋଗିତା ପାଇଁ ଡାକ୍ତରୀ ନିୟମ ସମେତ ଯୋଗ୍ୟତା ହାସଲ କରିଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କହିଛି। ୨୮ ବର୍ଷୀୟା ଲିନ୍ ଦୁଇଥର ବିଶ୍ୱ ସ୍ୱର୍ଣ୍ଣ ଜିତିଥିବା ବେଳେ ୨୫ ବର୍ଷୀୟା ଖେଲିଫ ୨୦୨୨ ଟୁର୍ନାମେଣ୍ଟରେ ଏକ ରୌପ୍ୟ ହାସଲ କରିଥିଲେ। ଗତବର୍ଷ ଦିଲ୍ଲୀରେ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ)ଦ୍ୱାରା ପରିଚାଳିତ ବିଶ୍ୱ ଚାମ୍ପିୟନଶିପ୍‌ରୁ ଉଭୟଙ୍କୁ ବାଦ୍ ଦିଆଯାଇଥିଲା। ବର୍ଷ ବର୍ଷ ଧରି ଆଇଓସି ଓ ରୁଷୀୟ ନେତୃତ୍ୱାଧୀନ ଆଇବିଏ ମଧ୍ୟରେ ବିବାଦ ଲାଗି ରହିଛି। ଫଳତଃ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ଲିନ୍ ଓ ଖେଲିଫ୍‌ଙ୍କର ଭିନ୍ନ ଷ୍ଟାଟସ ଦେଖିବାକୁ ମିଳୁଛି।




ପ୍ୟାରିସ ଅଲିମ୍ପିକ୍ସର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ମନୁ ଭାକର ଓ ସରବଜୋତ ସିଂ ଯୋଡ଼ିଙ୍କୁ ଅଭିନନ୍ଦନ ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ

**ଭୁବନେଶ୍ୱର, ୩୦।୭ (ତପନ ସ୍ୱାଇଁ)**

### ଇଣ୍ଡିଆନ ଚ୍ୟାଲେଞ୍ଜର୍ସ କପ୍ ଅନ୍ତର୍ଜାତୀୟ କରାଟେ

କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୮ମ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ କପ୍ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ମୋଟ ୪ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ସାମିଲ। ପୁରୁଷ ସିନିୟର ୬୦ କେଜିରୁ କମ୍ ଫାଇଟିଂରେ ରିତେଶ ମହାନ୍ତି ଏବଂ ମହିଳା ୫୦ କେଜିରୁ କମ୍ ଫାଇଟିଂରେ ବ୍ରତତି ବିଶ୍ୱପ୍ରଭା ପତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୫୫ କେଜିରୁ କମ୍ ସିନିୟର ପୁରୁଷ ଫାଇଟିଂରେ



ପଦକ ବିଜୟୀ ଓଡ଼ିଶାର ୪ କରାଟେକା।

ଭଗବାନ ରେଡ୍ଡୀ ରୌପ୍ୟ ଓ ମହିଳା ୪୫ କେଜିରୁ କମ୍ ଫାଇଟିଂରେ ସୁସ୍ମିନ ପାଲଟାସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଦକ ବିଜୟୀ କରାଟେକାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ